

ପୂର୍ବତନ ଗୁଗଲ୍ ଅଧିକାରୀଙ୍କୁ ଗୁଳିକଲେ ସ୍ୱାମୀ

ପୃଷ୍ଠା ୫


# ସଂଚାର
THE SANCHAR

Website: sanchar.live mail Id: sancharodisha@gmail.com

RNI NO :ODIODI/2001/04811 Postal Regd No : BN/249/15-17

Vol. 34 | ISSUE 112 ଭାଗ ୩୪ | ସଂଖ୍ୟା ୧୧୨ | Monday 13 July 2026 | Page 8 Rs. 5.00 | ● ଭୁବନେଶ୍ୱର ସୋମବାର, ୧୩ ଜୁଲାଇ ୨୦୨୬ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା


## 'ନିଶାମୁକ୍ତ ଓଡ଼ିଶା' ଗଠନ ପାଇଁ ମେଗା ପ୍ଲାନ୍

- ସ୍କୁଲରୁ ପଞ୍ଚାୟତ ଯାଏଁ ସଚେତନତାର ବାର୍ତ୍ତା
- କେନ୍ଦ୍ରର ଅନୁମତି ପରେ କାର୍ଯ୍ୟକାରୀ କରାଯିବ
- ସ୍କୁଲ, କଲେଜରେ ଗଠନ ହେବ ଆଣ୍ଟି-ଡ୍ରଗ୍ କ୍ଲବ
- ପ୍ରତି ଜିଲ୍ଲାରେ ନିୟୋଜିତ ହେବେ ନିଶାମୁକ୍ତ ମିତ୍ର




**ଭୁବନେଶ୍ୱର, ୧୨।୭ (ସଂଚାର ବ୍ୟୁରୋ):** ରାଜ୍ୟରେ ଦିନକୁଦିନ ବଢ଼ୁଥିବା ନିଶା କାରବାର ଉପରେ ଲଗାମ କଷିବା ଓ ଯୁବପିଢ଼ିଙ୍କୁ ନିଶା କବଳରୁ ରକ୍ଷା କରିବା ପାଇଁ ରାଜ୍ୟ ସରକାର ଏକ ବଳିଷ୍ଠ ପଦକ୍ଷେପ ହାତକୁ ନେଇଛନ୍ତି। ଓଡ଼ିଶାକୁ ସମ୍ପୂର୍ଣ୍ଣ 'ନିଶାମୁକ୍ତ' କରିବା ଲକ୍ଷ୍ୟରେ ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ୪ କୋଟି ୬୨ ଲକ୍ଷ ଟଙ୍କାର ଏକ ସ୍ୱତନ୍ତ୍ର ତଥା ସଂଶୋଧିତ ରାଜ୍ୟ କାର୍ଯ୍ୟଯୋଜନା ପ୍ରସ୍ତୁତ କରାଯାଇଛି। ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ପ୍ରସ୍ତୁତ ଏହି ମାଷ୍ଟର ପ୍ଲାନ୍‌କୁ ଅନୁମୋଦନ ନିମନ୍ତେ କେନ୍ଦ୍ର ସରକାରଙ୍କ ନିକଟକୁ ପଠାଯାଇଛି। କେନ୍ଦ୍ରର ସବୁଜ ସଙ୍କେତ ମିଳିବା କ୍ଷଣି ଏହା ସାରା ରାଜ୍ୟରେ ଯୁଦ୍ଧକାଳୀନ ଭିତ୍ତିରେ କାର୍ଯ୍ୟକାରୀ ହେବ।

ନୂଆ ଖସଡ଼ା ଅନୁଯାୟୀ, କେବଳ ସଚେତନତା ସୃଷ୍ଟି ଓ ନିରାକରଣ ପାଇଁ ୧ କୋଟି ୬୫ ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇଛି। ପ୍ରାଥମିକ ପର୍ଯ୍ୟାୟରେ ରାଜ୍ୟର ୧୫୦ଟି ସ୍କୁଲ ଏବଂ କଲେଜକୁ ଚିହ୍ନଟ କରାଯାଇ ସେଠାରେ 'ଗୁଡ୍ ଚଏସ୍ କ୍ଲବ୍' (ଆଣ୍ଟି-ଡ୍ରଗ୍ କ୍ଲବ୍) ଗଠନ କରାଯିବ। ପିଲାମାନଙ୍କୁ ନିଶାର କୁପ୍ରଭାବ ସମ୍ପର୍କରେ ଜାଗ୍ରତ କରିବା ପାଇଁ ପ୍ରବନ୍ଧ, ଚିତ୍ରାଙ୍କନ, ବିତର୍କ ଓ କୁଇଜ୍ ଭଳି ବିଭିନ୍ନ ପ୍ରତିଯୋଗିତା କରାଯିବ। ଏହାସହ ସମସ୍ତ ୩୦ଟି ଜିଲ୍ଲାରେ ମାରାଥନ, ସାଇକେଲ ରାଲି ଓ ୱାକାଥନ ଭଳି କାର୍ଯ୍ୟକ୍ରମ ଆୟୋଜନ ହେବ। ମେଡିକାଲ କଲେଜ ଏବଂ ବିଶ୍ୱବିଦ୍ୟାଳୟଗୁଡ଼ିକରେ ଯୁବବର୍ଗଙ୍କୁ ସିଧାସଳଖ ଏହି ଅଭିଯାନରେ ସାମିଲ କରାଯିବ।

ଏହି ଯୋଜନାକୁ ତୃଣମୂଳସ୍ତରରେ ପହଞ୍ଚାଇବା ପାଇଁ ପଞ୍ଚାୟତଗୁଡ଼ିକୁ ମୁଖ୍ୟ ଅସ୍ତ୍ର କରାଯାଇଛି। ରାଜ୍ୟର ସମସ୍ତ ୩୧୪ଟି ବ୍ଲକରେ ଆଣ୍ଟି-ଡ୍ରଗ୍ କମିଟି ବୈଠକ ବସିବା ସହ ୩୦୦ଟି ଗ୍ରାମପଞ୍ଚାୟତରେ ବ୍ୟାପକ ସଚେତନତା ଅଭିଯାନ ଚାଲିବ। ଏଥିପାଇଁ ପ୍ରତି ଜିଲ୍ଲାରୁ ୫୦ ଜଣ ହିସାବରେ ମୋଟ ୧,୫୦୦ ସ୍ୱେଚ୍ଛାସେବୀଙ୍କୁ 'ନିଶାମୁକ୍ତ ମିତ୍ର' ଭାବେ ନିୟୋଜିତ କରାଯିବ। ଏହି ଗୋଷ୍ଠୀଭିତ୍ତିକ କାର୍ଯ୍ୟକ୍ରମ ପାଇଁ ୭୬.୪୦ ଲକ୍ଷ ଟଙ୍କା ଖର୍ଚ୍ଚ କରାଯିବ। ଆଇନଗତ କାର୍ଯ୍ୟାନୁଷ୍ଠାନକୁ ଆହୁରି ସୁଦୃଢ଼ କରିବା ପାଇଁ ପୋଲିସ ଏବଂ ଅବକାରୀ ଅଧିକାରୀମାନଙ୍କୁ ସ୍ୱତନ୍ତ୍ର ପ୍ରଶିକ୍ଷଣ ଦିଆଯିବ। ନିଶାଗ୍ରସ୍ତ ➪ପୃଷ୍ଠା-୬

## ସୁସ୍ଥ ହେଲେ ଶ୍ରୀଜିଉ



**ପୁରୀ, ୧୨।୭ (ସଂଚାର ବ୍ୟୁରୋ):** ଲକ୍ଷଲକ୍ଷ ଭକ୍ତଙ୍କ ପାଇଁ ଆଶ୍ୱସ୍ତିକର ଖବର। ଅଣସର ଘରେ ଦୀର୍ଘଦିନର ଗୁପ୍ତ ଉପଚାର ପରେ ଏବେ ସମ୍ପୂର୍ଣ୍ଣ ସୁସ୍ଥ ହୋଇଛନ୍ତି ମହାବାହୁ। ବୈଦ୍ୟଙ୍କ ପରାମର୍ଶକ୍ରମେ ମହାପ୍ରଭୁଙ୍କୁ ବିଶେଷ 'ଦଶମୂଳ ଓଷୁଅ' ଲାଗି ହେବା ପରେ ଶ୍ରୀଜିଉମାନେ ଆରୋଗ୍ୟ ଲାଭ କରିଛନ୍ତି। ମହାପ୍ରଭୁଙ୍କ ସୁସ୍ଥତାର ଶୁଭ ଖବର ଗଜପତି ମହାରାଜାଙ୍କ ପାଖରେ ପହଞ୍ଚିବା ପରେ ସରିଛି ରାଜପ୍ରସାଦ ବିଜେ। ସେପଟେ ରଥଯାତ୍ରା ପାଇଁ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ। ଆଉ ଦିନକ ପରେ ନବଯୌବନ ଦର୍ଶନ। ବିଶ୍ୱପ୍ରସିଦ୍ଧ ରଥଯାତ୍ରା ପାଇଁ ସଜେଇ ହେଲାଣି ପୁରୀ ସହର।

**ସରିଲା ରାଜପ୍ରାସାଦ ବିଜେ ନୀତି**

**ଶେଷ ପର୍ଯ୍ୟାୟରେ ରଥ ନିର୍ମାଣ**

ଅନବସର ସମୟରେ ଶ୍ରୀଅଙ୍ଗରୁ ବାହାରିଥିବା ପ୍ରସାଦ ଚନ୍ଦନ, କରାଳ ଓ ପାଟଡୋରିକୁ ଧରି ଦଇତାପତିମାନେ ଶ୍ରୀନଅର ବିଜେ କରିଛନ୍ତି। ଗଜପତି ମହାରାଜାଙ୍କୁ ଦିଆଯାଇଛି ମହାପ୍ରଭୁଙ୍କ ସୁସ୍ଥ ହେବା ଖବର। ରାଜପ୍ରସାଦ ବିଜେ ନୀତି ସମ୍ପନ୍ନ ପରେ ଦଇତାପତି ସେବାୟତଙ୍କ ସହ ଆଲୋଚନା କରିଛନ୍ତି ଗଜପତି ମହାରାଜା। ରଥଯାତ୍ରା କିଭଳି ଶାନ୍ତିଶୃଙ୍ଖଳାର ହେବ ସେନେଇ ଆଲୋଚନା କରିଛନ୍ତି। ନିର୍ଦ୍ଧାରିତ ନୀତି ନିର୍ଘଣ୍ଟ ଅନୁପାଳନ କରିବା ପାଇଁ ଗଜପତି ପରାମର୍ଶ ଦେଇଛନ୍ତି। ମହାପ୍ରଭୁଙ୍କ ସୁସ୍ଥତା ଖବର ପରେ ଏବେ ଶ୍ରୀକ୍ଷେତ୍ର ପୁରୀ ସମ୍ପୂର୍ଣ୍ଣ ଚଳଚଞ୍ଚଳ ହୋଇଉଠିଛି। ରଥଖଳାରେ ରଥ ନିର୍ମାଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ତିନି ରଥର 'ପ୍ରଭା' ଏବଂ 'ସିଂହାସନ' କାର୍ଯ୍ୟ ➪ପୃଷ୍ଠା-୬

## ଜାରି ହେଲା ଟ୍ରାଫିକ୍ ଆଡଭାଇଜରୀ

**୨୭ଟି ସ୍ଥାନରେ ପାର୍କିଂ ବ୍ୟବସ୍ଥା**

ରଥଯାତ୍ରାରେ ପୁରୀ ଆସୁଥିବା ସବୁ ଭକ୍ତ ଓ ଯାତ୍ରୀଙ୍କ ପାଇଁ ଜାରି ହୋଇଛି ଟ୍ରାଫିକ ଆଡଭାଇଜରୀ। ଭୁବନେଶ୍ୱର ପଟୁ ଆସୁଥିବା ସମସ୍ତ ପର୍ଯ୍ୟଟକ ବସ୍ ମାଳତୀପାଟପୁର ବସଷ୍ଟାଣ୍ଡରେ ରହଣି କରିବେ। ସେଠାରୁ ବଡ଼ଦାଣ୍ଡକୁ ଯିବା ପାଇଁ ସଟଲ୍ ସର୍ଭିସ୍ ବ୍ୟବସ୍ଥା କରାଯାଇଛି। ବ୍ରହ୍ମଗିରି ପଟୁ ଆସୁଥିଲେ ସମଙ୍ଗ ପାର୍କିଂ ଓ କୋଣାର୍କ ପଟୁ ଆସୁଥିବା ସମସ୍ତ ପର୍ଯ୍ୟଟକ ଯାତ୍ରୀବାହୀ ବସ୍ ତାଳବଣିଆ ଓ ନାଗାପାଟଣା ପାର୍କିଂରେ ଗାଡ଼ି ରଖିବେ। ଭୁବନେଶ୍ୱର ପଟୁ ଆସୁଥିବା ସମସ୍ତ ନିୟମିତ ଯାତ୍ରୀବାହୀ ବସ୍ ➪ପୃଷ୍ଠା-୬

ତୈଳବାହୀ ଜାହାଜ ଉପରେ ଇରାନ୍‌ର ଆକ୍ରମଣ

## ୧୦ ଭାରତୀୟ ନାବିକ ଉଦ୍ଧାର, ଜଣେ ନିଖୋଜ



**ନୂଆଦିଲ୍ଲୀ, ୧୨।୭:** ଓମାନ ଉପକୂଳ ନିକଟବର୍ତ୍ତୀ ହର୍ମୁଜ୍ ପ୍ରଣାଳୀରେ ସାଇପ୍ରସର ପତାକାଧାରୀ ବାଣିଜ୍ୟିକ ଜାହାଜ ଜିଏଫ୍ଏସ୍ ଗାଲାକ୍ସି ଉପରେ ଇରାନ ପକ୍ଷରୁ ଆକ୍ରମଣ କରାଯାଇଛି। ଆକ୍ରମଣ ଯୋଗୁଁ ଜାହାଜରେ ନିଆଁ ଲାଗିଯାଇଥିଲା। ଏହି ଜାହାଜରେ ଥିବା ୧୧ ଜଣ ଭାରତୀୟ ନାଗରିକଙ୍କ ମଧ୍ୟରୁ ୧୦ ଜଣଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଥିବା ବେଳେ ଜଣେ ଭାରତୀୟ ଏବେ ମଧ୍ୟ ନିଖୋଜ ଅଛନ୍ତି। ଭାରତୀୟ ବୈଦେଶିକ ମନ୍ତ୍ରଣାଳୟ ଏହି ଘଟଣାକୁ ନେଇ ଗଭୀର ଚିନ୍ତା ପ୍ରକାଶ କରିବା ସହ ଆକ୍ରମଣକୁ ଦୃଢ଼ ନିନ୍ଦା କରିଛି। ବୈଦେଶିକ ମନ୍ତ୍ରଣାଳୟ କହିଛି ଯେ, ଓମାନରେ ଥିବା ଭାରତୀୟ ଦୂତାବାସ ପରିସ୍ଥିତି ଉପରେ କଡ଼ା ନଜର ରଖିଛି ଏବଂ ସନ୍ଧାନ ଓ ଉଦ୍ଧାର କାର୍ଯ୍ୟରେ ଓମାନ କର୍ତ୍ତୃପକ୍ଷଙ୍କ ସହିତ ସକ୍ରିୟ ଭାବରେ ସହଯୋଗ କରୁଛି। ତେବେ ଇରାନ ଏହି ଆକ୍ରମଣକୁ ଯଥାର୍ଥ ଦର୍ଶାଇଛି। ଇରାନ ପକ୍ଷରୁ କୁହାଯାଇଛି ଯେ, ଜାହାଜଟି ➪ପୃଷ୍ଠା-୬

## ବିଜେପି ଜୟଯାତ୍ରାରେ ଯୋଡ଼ି ହେଲା ଆଉ ଏକ ଫର୍ଦ୍ଦ

**ଭୁବନେଶ୍ୱର, ୧୨।୭ (ସଂଚାର ବ୍ୟୁରୋ):** ଦୀର୍ଘଦିନର କଳ୍ପନାଜଳ୍ପନାର ଅନ୍ତ ଘଟାଇ ବିଜେଡିର ପ୍ରତିଷ୍ଠାତା ସଦସ୍ୟ ତଥା କଟକ-ଚୌଦ୍ୱାରର ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ ଶେଷରେ ଭାରତୀୟ ଜନତା ପାର୍ଟି (ବିଜେପି)ରେ ସାମିଲ

- ପଦ୍ମ ଧରିଲେ ପ୍ରଭାତ ବିଶ୍ୱାଳ
- ବଣିଆ ହୋଇ ସୁନା ଚିହ୍ନିଲାନି ବିଜେଡି
- ଗୁଣ୍ଡୁଚି ମୂଷା ଭଳି ବିଜେପି ପାଇଁ କାମ କରିବି

ହୋଇଛନ୍ତି। ଭୁବନେଶ୍ୱରସ୍ଥିତ ରାଜ୍ୟ ବିଜେପି କାର୍ଯ୍ୟାଳୟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ରାଜ୍ୟ ସଭାପତି ମନମୋହନ ସାମଲଙ୍କ ଉପସ୍ଥିତିରେ ସେ ବିଧିବଦ୍ଧ ଭାବେ ପଦ୍ମ ଟୋପି ପିନ୍ଧିଛନ୍ତି। ବିଜେପିରେ ମିଶିବା ପରେ ପ୍ରଭାତ ବିଶ୍ୱାଳ ନିଜ ପୂର୍ବତନ ଦଳ ବିଜେଡି ଉପରେ ପ୍ରବଳ ବର୍ଷିବା ସହ ଓଡ଼ିଶା ରାଜନୀତିକୁ ଗରମ କରିଦେଲା ଭଳି ବୟାନ ଦେଇଛନ୍ତି।ମିଶ୍ରଣ ପର୍ବ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି ଯେ, ରାଜ୍ୟରେ ବିଜେପିର ଜୟଯାତ୍ରାର ଆଉ ଗୋଟିଏ ଫର୍ଦ୍ଦ ଆଜି ଯୋଡି ହୋଇଛି। ବରିଷ୍ଠ ନେତା ପ୍ରଭାତ



ବିଶ୍ୱାଳଙ୍କ ଯୋଗଦାନ ପରେ ବିଜେପିର ସଂଗଠନ ସଶକ୍ତ ହୋଇଛି। ତାଙ୍କର ସାଂଗଠନିକ ଦକ୍ଷତା ତଥା ଲୋକସଂପର୍କ ଆମ ଦଳକୁ ଜିଲ୍ଲାରେ ଶକ୍ତିଶାଳୀ କରିବ। ପ୍ରଥମେ ରାଷ୍ଟ୍ର, ତାପରେ ଦଳ, ଶେଷରେ ବ୍ୟକ୍ତି ହେଉଛି ଆମ ଦଳର ମୁଳମନ୍ତ୍ର। ଏହି ବିଚାରାଧାରାରୁ ଆମେ ତିଳେହେଲେ ବିଚ୍ୟୁତ ନହୋଇ ➪ପୃଷ୍ଠା-୬

### ପୋକା ବାଇଗଣ ଆସିବେ ଯିବେ

**ଚିଟଫଣ୍ଡ ଅଭିଯୁକ୍ତଙ୍କୁ ନେଇଛି ବିଜେପି**



ବିଜେପିରେ ମିଶିଲେ କ'ଣ ଭାସିଗଲା। ଏଇଭଳିଆ କେତେ ଆସିବେ କେତେ ଯିବେ। ପୋକା ବାଇଗଣ କେତେ ଆସୁଛନ୍ତି କେତେ ଯାଉଛନ୍ତି। ନବୀନ ପଟ୍ଟନାୟକଙ୍କର ଆଜି ବି ସେହିଭଳି ଦବଦବା ଅଛି। ଓଡ଼ିଶାର ଲୋକେ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଟାଣିହୋଇ ତାଙ୍କ ପାଖକୁ ଆସିବେ। କଟକ ବିଜେଡି

ପ୍ରଭାତ ବିଶ୍ୱାଳ ବିଜେପିରେ ଯୋଗଦେବା ପରେ ପ୍ରତିକ୍ରିୟା ରଖିଛନ୍ତି ବିଜେଡି ବିଧାୟକ ପ୍ରମିଳା ମଲ୍ଲିକ। ସେ କହିଛନ୍ତି, ପ୍ରଭାତ ବିଶ୍ୱାଳ ➪ପୃଷ୍ଠା-୬

■ ଇସ୍କନ ଦେଉଛି ମିଛ ଓ ଅପ୍ରାସଙ୍ଗିକ ତଥ୍ୟ

## ଆଜି ଜବାବ ଦେବ ଶ୍ରୀମନ୍ଦିର ପ୍ରଶାସନ



ବିରୋଧ ପରେ ବିଭ୍ରାନ୍ତ କରୁଛି ଇସ୍କନ

**ପୁରୀ, ୧୨।୭ (ସଂଚାର ବ୍ୟୁରୋ):** ଶ୍ରୀଜଗନ୍ନାଥ ସଂସ୍କୃତିକୁ ନେଇ ଇସ୍କନର ମନମୁଖୀ କାର୍ଯ୍ୟକୁ ନେଇ ରାଜ୍ୟରେ ଅସନ୍ତୋଷର ନିଆଁ କୁହୁଳିବାରେ ଲାଗିଛି। ଗଜପତି ମହାରାଜ ଦିବ୍ୟସିଂହଦେବଙ୍କଠୁ ନେଇ ସାଧାରଣ ଜନତାଙ୍କ ମଧ୍ୟରେ ଇସ୍କନ ପ୍ରତି ଅସନ୍ତୋଷ ବଢ଼ିବାରେ ଲାଗିଛି। ଏହା ମଧ୍ୟରେ ଇସ୍କନ ପକ୍ଷରୁ ଜାରି ଏକ ପ୍ରେସ ବିଜ୍ଞପ୍ତିକୁ ନେଇ ଗଜପତି ଦିବ୍ୟସିଂହଦେବ କଡ଼ା ଜବାବ ଦେଇଛନ୍ତି। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଲିଖିତ ଭାବେ ଆସନ୍ତାକାଲି ଏହାର ଜବାବ ଦିଆଯିବ ବୋଲି ମହାରାଜ ଦିବ୍ୟସିଂହଦେବ କହିଛନ୍ତି। ଦିବ୍ୟସିଂହଦେବ କହିଛନ୍ତି, ଇସ୍କନ ମୁମ୍ବାଇସ୍ଥିତ ଜୁହୁ ଶାଖା ପକ୍ଷରୁ ଦିଆଯାଇଥିବା ପ୍ରେସ ରିଲିଜରେ ରହିଥିବା ତଥ୍ୟ ସମ୍ପୂର୍ଣ୍ଣ ମିଥ୍ୟା ଓ ଅପ୍ରାସଙ୍ଗିକ। ଶ୍ରୀନଅରରେ ପୁରୀର ବିଦ୍ୱାନ ଓ ଇସ୍କନ ବିଦ୍ୱାନଙ୍କ ମଧ୍ୟରେ ଆଲୋଚନା ଓ ତର୍କ ହୋଇଥିଲା। ତେବେ ପୁରୀ ବିଦ୍ୱାନ ତର୍କରେ ହାରି ଯାଇଥିଲେ ବୋଲି ଇସ୍କନ ସମ୍ପୂର୍ଣ୍ଣ ମନଗଢ଼ା କାହାଣୀ କହୁଛି। ୧୯୯୧ ମସିହାରେ ଇସ୍କନର ନିମନ୍ତ୍ରଣକ୍ରମେ ସେ ଜର୍ମାନୀର ବର୍ଲିନ୍ ସହରକୁ ଯାଇଥିଲେ। ସେତେବେଳେ ସେଠାରେ ରଥଯାତ୍ରା ଆୟୋଜିତ ହେଉଥିଲା। ତେବେ ଗଜପତି ସେଠାକାର ରଥଯାତ୍ରାକୁ ପ୍ରଶଂସା କରି ନଥିଲେ କି ସେଠାରେ ରଥଯାତ୍ରା ଆୟୋଜନ ପାଇଁ ସ୍ୱୀକୃତି ଦେଇ ନଥିଲେ। ପ୍ରେସ ରିଲିଜରେ ଗଜପତିଙ୍କ ନାଁ ଯୋଡ଼ିବା ନେଇ ରବିବାର ➪ପୃଷ୍ଠା-୬

ସ୍ପଷ୍ଟକଲା କେନ୍ଦ୍ର ଗୃହ ମନ୍ତ୍ରଣାଳୟ

## ପ୍ରଥମେ ରାଷ୍ଟ୍ରଗୀତ ଓ ପରେ ବୋଲାଯିବ ରାଷ୍ଟ୍ରଗାନ



**ନୂଆଦିଲ୍ଲୀ,୧୨।୭:** ପ୍ରଥମେ ରାଷ୍ଟ୍ରୀୟ ଗାନ ଗାଇବେ ନା ରାଷ୍ଟ୍ରୀୟ ଗୀତ ଗାଇବେ ତାହାକୁ ନେଇ କେନ୍ଦ୍ର ଗୃହ ମନ୍ତ୍ରଣାଳୟ ସ୍ପଷ୍ଟତା ପ୍ରଦାନ କରିଛନ୍ତି। ପ୍ରଥମେ ରାଷ୍ଟ୍ରଗୀତ ଓ ପରେ ରାଷ୍ଟ୍ରଗାନ ବୋଲାଯିବ ବା ବାଜିବ ବୋଲି ମନ୍ତ୍ରାଳୟ ସ୍ପଷ୍ଟ କରିଛନ୍ତି। ଭାରତର ରାଷ୍ଟ୍ରଗୀତ ହେଉଛି 'ବନ୍ଦେ ମାତରମ'। 'ଜନ-ଗଣ-ମନ' ହେଉଛି ରାଷ୍ଟ୍ରୀୟ ଗାନ। କେନ୍ଦ୍ର ଗୃହ ମନ୍ତ୍ରାଳୟ ଆଦେଶ ଜାରି କରି କହିଛନ୍ତି ଯେ, ରାଷ୍ଟ୍ରୀୟ ଗୀତ କିମ୍ବା ରାଷ୍ଟ୍ରଗାନ ସମୟରେ ସମସ୍ତ ନିୟମ କାନୁନ ପାଳନ କରିବା ଦରକାର। ଏସବୁକୁ ସଠିକ୍ ଭାବେ ବୋଲିବା ଆବଶ୍ୟକ। ଉଚ୍ଚାରଣ ଶୁଦ୍ଧ ହେବା ଜରୁରୀ। ଏନେଇ ସମସ୍ତ ସରକାରୀ କାର୍ଯ୍ୟାଳୟ ଓ ରାଜ୍ୟପାଳଙ୍କ କାର୍ଯ୍ୟାଳୟକୁ କେନ୍ଦ୍ର ସରକାର ନିର୍ଦ୍ଦେଶନାମା ଜାରି କରିବା ସହ ନିୟମକୁ ଦୋହରାଇଛନ୍ତି। ନିର୍ଦ୍ଦେଶନାମାରେ କୁହାଯାଇଛି ଯେ, କିଛି ରାଜ୍ୟରେ ରାଷ୍ଟ୍ରୀୟ ଗୀତ ଓ ରାଷ୍ଟ୍ରୀୟ ଗାନ ସହ ରାଜ୍ୟ ସଙ୍ଗୀତ ଗାନ କରାଯାଏ। ଯଦି କୌଣସି ରାଜ୍ୟଗୀତ ଗାନ ହୁଏ କିମ୍ବା ବଜାଯାଏ ତାହାଲେ ➪ପୃଷ୍ଠା-୬

## ସକ୍ରିୟ ରାଜନୀତିରେ ନାହାନ୍ତି, କିନ୍ତୁ ଏବେ ବି ପ୍ରାଥମିକ ସଦସ୍ୟ

**ଭୁବନେଶ୍ୱର, ୧୨।୭ (ସଂଚାର ବ୍ୟୁରୋ):** ଭି.କେ. ପାଣ୍ଡିଆନ ସକ୍ରିୟ ରାଜନୀତିରୁ ଇସ୍ତଫା ଦେଇଛନ୍ତି। ହେଲେ ଏବେ ସେ ବିଜେଡିର ପ୍ରାଥମିକ ସଦସ୍ୟ ଅଛନ୍ତି। ସେ ରାଜନୀତି କରୁନଥିଲେ ମଧ ବିଜେଡି ଦଳରେ ଅଛନ୍ତି। ଆଜି ଏଭଳି ସୂଚନା ଦେଇଛନ୍ତି

- ପାଣ୍ଡିଆନଙ୍କୁ ନେଇ ସଂତୃପ୍ତ ମିଶ୍ର କଲେ ବଡ଼ ଖୁଲାସା
- ଓଡ଼ିଶା ସ୍ୱାର୍ଥ ସୁରକ୍ଷିତ ହେଲେ ସମ୍ବିଧାନ ସଂଶୋଧନକୁ ସମର୍ଥନ
- ଦଳ ବଦଳ ଆଇନର ଦୁରୁପଯୋଗ କରାଯାଉଛି

ନବୀନ ପଟ୍ଟନାୟକଙ୍କ ରାଜନୈତିକ ସଚିବ ତଥା ସାଂସଦ ସଂତୃପ୍ତ ମିଶ୍ର। ସଂସଦର ଆସନ୍ତା ଅଧିବେଶନରେ ଓଡ଼ିଶା ସମ୍ପର୍କୀତ କେଉଁ କେଉଁ ପ୍ରସଙ୍ଗ ଉଠାଯାଇପାରିବ ସେନେଇ ଗଣମାଧ୍ୟମ ପ୍ରତିନିଧିଙ୍କ ପରାମର୍ଶ ପାଇଁ ଆୟୋଜିତ କାର୍ଯ୍ୟକ୍ରମ ପରେ ସାମ୍ବାଦିକଙ୍କୁ ସେ ଏହି ସୂଚନା ଦେଇଛନ୍ତି।

୨୦୨୪ ନିର୍ବାଚନରେ ବିଜେଡି ହାରିଯିବା ପରେ ଭି.କେ. ପାଣ୍ଡିଆନ ପ୍ରଚାର ସମୟରେ କରିଥିବା ଘୋଷଣା ଅନୁଯାୟୀ ସକ୍ରିୟ ରାଜନୀତିରୁ ଇସ୍ତଫା ଦେଇଥିଲେ। ଏ ସମ୍ପର୍କରେ ସେ ଏକ ଭିଡିଓ ବାର୍ତ୍ତା ମଧ୍ୟ ଜାରି କରିଥିଲେ। ତା' ପରଠାରୁ ତାଙ୍କୁ ଦଳର କୌଣସି କାର୍ଯ୍ୟକ୍ରମରେ ଏପରିକି ଶଙ୍ଖ ଭବନରେ ମଧ୍ୟ ଦେଖିବାକୁ ମିଳୁ ନଥିଲା। ତେବେ ସେ ସକ୍ରିୟ ରାଜନୀତିରୁ ସନ୍ୟାସ ନେବା ପରେ ମଧ୍ୟ ନବୀନ ପଟ୍ଟନାୟକଙ୍କ ସହ ରହିଥିଲେ। କୋକିଲାବେନ ହସ୍ପିଟାଲ ହେଉ କି ଭୁବନେଶ୍ୱର ସମ୍ ଅଲଟିମେଟ୍ ହେଉ, ନବୀନଙ୍କ ଦେହ ଖରାପ ସମୟରେ ସେ ତାଙ୍କ ପାଖେ ରହି ସେବା କରୁଥିଲେ। ତେବେ ସେ ରାଜନୀତିରୁ ସନ୍ୟାସ ନେବା ଘୋଷଣା କରିବା ପରେ ସେ ଆଉ ବିଜେଡିରେ ନାହାନ୍ତି ବୋଲି ଚର୍ଚ୍ଚା ହେଉଥିଲା। ଏଭଳି ଚର୍ଚ୍ଚାରେ ଆଜି ସଂତୃପ୍ତ ମିଶ୍ର ପୂର୍ଣ୍ଣଛେଦ ପକାଇଛନ୍ତି। ସେ ସ୍ପଷ୍ଟ ଭାବେ କହିଛନ୍ତି ଯେ, 'ପାଣ୍ଡିଆନ ବାବୁ ସକ୍ରିୟ ରାଜନୀତିରେ ନାହାନ୍ତି। କିନ୍ତୁ ବିଜେଡିର ପ୍ରାଥମିକ ସଦସ୍ୟ ଅଛନ୍ତି'। ଏପରିକି ପାଣ୍ଡିଆନ ଭେନିଜୁଏଲା ଯିବା ପୂର୍ବରୁ ମଧ୍ୟ ମୁମ୍ବାଇରେ ତାଙ୍କ ସହ ସଂତୃପ୍ତଙ୍କ ଦେଖା ହୋଇଥିବା ସେ କହିଛନ୍ତି।



ସେହିଭଳି ସଂସଦର ଆଗାମୀ ଅଧିବେଶନରେ ସୀମା ପୁନଃନିର୍ଦ୍ଧାରଣ ସମ୍ପର୍କୀତ ସମ୍ବିଧାନ ସଂଶୋଧନ ବିଲ ପୁଣି ଥରେ ଆସିବା ଚର୍ଚ୍ଚା ହେଉଛି। ଏହି ପ୍ରସଙ୍ଗରେ ଯଦି ଓଡ଼ିଶାର ସ୍ୱାର୍ଥ ପ୍ରଭାବିତ ନହୁଏ ଏବଂ ସବୁ ରାଜ୍ୟ ମଧ୍ୟରେ ସମାନ ଭାବେ ପ୍ରତିନିଧିତ୍ୱ ବୃଦ୍ଧି ପାଏ ତେବେ ବିଜେଡି ଏହି ବିଲକୁ ସମର୍ଥନ କରିବ। ଏଥିସହିତ ବର୍ତ୍ତମାନର ଦଳ ବଦଳ ଆଇନରେ ସଂଶୋଧନ ଅଣାଯିବା ➪ପୃଷ୍ଠା-୬



## ଶିଖ୍ ପ୍ରବାସୀଙ୍କୁ ପ୍ରଧାନମନ୍ତ୍ରୀ ସମ୍ବୋଧନ

**ୱେଲିଂଟନ୍, ୧୨।୭:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନ୍ୟୁଜିଲାଣ୍ଡ ଗସ୍ତ ଅବସରରେ ସେଠାକାର ପ୍ରବାସୀ ଶିଖ୍ ସମ୍ପ୍ରଦାୟକୁ ସମ୍ବୋଧିତ କରିଛନ୍ତି। ଭାରତ ସରକାର ଶିଖ୍ ସମାଜର କଲ୍ୟାଣ ପାଇଁ ନେଇଥିବା ବିଭିନ୍ନ ପଦକ୍ଷେପ ବିଷୟରେ ଉଲ୍ଲେଖ କରିବା ସହ ଅମୃତସରସ୍ଥିତ ସ୍ୱର୍ଣ୍ଣମନ୍ଦିର ପାଇଁ ବିଦେଶୀ ଅନୁଦାନ ଗ୍ରହଣ ସମ୍ପର୍କିତ ନିୟମରେ ଦିଆଯାଇଥିବା ଛାଡ଼କୁ ସେ ଗୁରୁତ୍ୱ ଦେଇଥିଲେ। ଏଥିସହ ଶିଖ୍ ସମ୍ପ୍ରଦାୟର ଐତିହ୍ୟ, ପରମ୍ପରା ଓ ଭାରତର ବିକାଶରେ ସେମାନଙ୍କ ଅବଦାନକୁ ମଧ ସେ ପ୍ରଶଂସା କରିଥିଲେ। ମୋଦୀ ତାଙ୍କ ଅଭିଭାଷଣରେ ଗୁରୁ ନାନକ ଦେବ, ଗୁରୁ ଗୋବିନ୍ଦ ସିଂହ ଓ ଅନ୍ୟ ଶିଖ୍ ଗୁରୁମାନଙ୍କ ଆଦର୍ଶର କଥା ମଧ ଉଲ୍ଲେଖ କରିଥିଲେ। ଶେଷରେ ସେ ପ୍ରବାସୀ ଭାରତୀୟଙ୍କୁ ଭାରତ ସହ ସେମାନଙ୍କ ସମ୍ପର୍କକୁ ଆହୁରି ସୁଦୃଢ଼ କରିବା ସହ ଦେଶର ବିକାଶ ଯାତ୍ରାରେ ସହଭାଗୀ ହେବାକୁ ଆହ୍ୱାନ ଜଣାଇଥିଲେ।

## ଜମ୍ମୁ-କାଶ୍ମୀରରେ ବାଦଲଫଟା ବର୍ଷା

**ଶ୍ରୀନଗର, ୧୨।୭:** ଦକ୍ଷିଣ କାଶ୍ମୀର ଅନନ୍ତନାଗ ଜିଲ୍ଲାର ଚିତ୍ରଗୁଲକ୍ଷେତ୍ର ନାଲା ଛୋଟିହାଲରେ ବାଦଲ ଫଟା ବର୍ଷାରେ ବନ୍ୟା ସହ ବ୍ୟାପକ କ୍ଷୟକ୍ଷତି ଘଟିଛି। କୃଷି ଭୂମି, ସେଓ ବଗିଚା, ଧାନ ଫସଲ ଓ କେତେକ ଆବାସିକ ଅଞ୍ଚଳ ବ୍ୟାପକ ପ୍ରଭାବିତ ହୋଇଛି। ବିତ ହୋଇଛି। ବାଦଲଫଟା ବର୍ଷା ପରେ ଅଞ୍ଚଳରେ ଆତଙ୍କ ଖେଳି ଯାଇଛି। ସ୍ଥାନୀୟ ଲୋକଙ୍କ ଅନୁସାରେ ଅଚାନକ ଆସିଥିବା ବନ୍ୟାପାଣି ଅନେକ ଘରେ ପଶି ଯାଇଛି। ବର୍ଷା ଓ ବନ୍ୟାରେ ବାଗବଗିଚା, ଚାଷଜମି, ପଶୁଧନ ଓ ସଡ଼କ ସମ୍ପର୍କକୁ ବ୍ୟାପକ କ୍ଷତି କରିଛି। ଲୋକେ ଅଧିକ ବିପ୍ୱାତ ଭୟରେ ଘର ଛାଡି ସଡ଼କ ଉପରେ ଓ ମସଜିଦରେ ଆଶ୍ରୟ ନେଇଛନ୍ତି। ତେବେ ପ୍ରଭାବିତ ଅଞ୍ଚଳକୁ ରିଲିଫ ଓ ଉଦ୍ଧାରକାରୀ ଦଳ ପହଞ୍ଚିଥିବା ଜିଲ୍ଲା ପ୍ରଶାସନ ସୂଚନା ଦେଇଛି। ବାଦଲଫଟା ବର୍ଷା ଯୋଗୁ କ୍ଷୟକ୍ଷତି ଆକଳନ କରାଯାଉଥିବା ଓ ଅନ୍ୟ ସତର୍କତା ପଦକ୍ଷେପ ଗ୍ରହଣ କରାଯାଉଥିବା ପ୍ରଶାସନ କହିଛି।



### କାନ ଡେରିଆ

ଦୁଇ ବର୍ଷ କାଳ ଶାସନ ଭିତରେ
ବିରୋଧ ଆରମ୍ଭ ହେଲା
କିଏ ଦେଖାଇଲା କଳା ପତାକାକୁ
କିଏ ବାଟ ଓଗାଳିଲା
କହିବା ଲୋକ କହିଲା...
ଯାହା ଭାବି ଆମେ ତମକୁ ବାଛିଲୁ
ସେ ବାଟ ଭୁଲ ଥିଲା ।

■ ଦେବାଶିଷ

## ଚିଠାଦାରଙ୍କ ପାଇଁ ଠିକାଦାର ବଦନାମ

**ଭୁବନେଶ୍ୱର, ୧୨।୭ (ସଂଚାର ବ୍ୟୁରୋ):** ରାଜଧାନୀର ଚିଠାଦାର (ଚିଠା ବଳରେ ଠିକା କାର୍ଯ୍ୟ କରୁଥିବା)ମାନଙ୍କ ପାଇଁ ଏବେ ପ୍ରକୃତ ଠିକାଦାରମାନେ ବଦନାମ ମୁଣ୍ଡାଇବାରେ ଲାଗିଛନ୍ତି। ଏହି ଚିଠାଦାରମାନେ ଏବେ ସରକାରଙ୍କୁ ବଦନାମ କରିବା ପାଇଁ ରାସ୍ତାକୁ ଓହ୍ଲାଇ ଥିବାବେଳେ ଏମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରସ୍ତୁତି ଚାଲିଥିବା ସୂଚନା ମିଳିଛି।

- ସରକାରଙ୍କ ବିରୁଦ୍ଧରେ ଚଳାଇଛନ୍ତି ଷଡ଼ଯନ୍ତ୍ର
- ସାବାଡ଼ ପାଇଁ ରଣନୀତି ପ୍ରସ୍ତୁତ

ରାଜଧାନୀରେ ବିଭିନ୍ନ ଛୋଟ ମୋଟ ନିର୍ମାଣ କାର୍ଯ୍ୟ ଚଳାଇଥିବା ଅଧିକାଂଶ ବ୍ୟକ୍ତି ହେଉଛନ୍ତି ଚିଠାଦାର। ଏମାନେ ରାଜନୈତିକ ଓ ପ୍ରଶାସନିକ ବିଶେଷକରି କିଛି ଯନ୍ତ୍ରୀଙ୍କ ଛତ୍ରଛାୟା ତଳେ ରହି ଦୀର୍ଘଦିନରୁ ଠିକାକାର୍ଯ୍ୟ କରୁଛନ୍ତି। ଏହି ଚିଠାଦାରମାନଙ୍କ ମଧ୍ୟରୁ ଅଧିକାଂଶଙ୍କର ଲାଇସେନ୍ସ ନାହିଁ କି ଖାତା ଖତିୟାନ ବି ନାହିଁ। ଯେଉଁଠି ଚିଠା ପାଇଲେ ସେଠି କାମରେ ଲାଗିଲେ। ଚିଠାଦାରମାନେ ସବୁସ୍ତରରେ ପାଉଣା ଦେଉଥିବାରୁ ପ୍ରାୟତଃ ନିମ୍ନମାନର କାମ କରିଥାନ୍ତି ଓ ପାଉଣା ନେଉଥିବା ବାବୁମାନେ ଏଥିପ୍ରତି ଆଖିବୁଜି ଦେଇଥାନ୍ତି।

ଗତ ସରକାର ସମୟରେ ରାଜଧାନୀରେ ସୃଷ୍ଟି ହୋଇଥିବା ମାଳ ମାଳ ଚିଠାଦାର ଏବକାର ସରକାରଙ୍କ ବିରୁଦ୍ଧରେ ବାହାରିଛନ୍ତି। ସେମାନଙ୍କର ଚିଠାକାମର ଯାଞ୍ଚ ପାଇଁ ନିର୍ଦ୍ଦେଶ ଦିଆଯିବା ପରେ ସିଧାସଳଖ ରାସ୍ତାକୁ ଓହ୍ଲାଇଛନ୍ତି। କିଏ ସରକାରଙ୍କ ବିରୁଦ୍ଧରେ ବିବୃତ୍ତି ଦେଉଛି ତ ଆଉ କିଏ ଘଣ୍ଟ ପିଟି ନିଜର ଦାବି ରଖୁଛନ୍ତି। ହେଲେ ଏମାନଙ୍କର ଦାବି କ'ଣ ତାହା କେହି ଜାଣିପାରୁ ନାହାନ୍ତି। ଯେହେତୁ ପ୍ରଥମଥର ପାଇଁ ସଚିବାଳୟ ନିକଟରେ ଘଣ୍ଟ ପିଟା ଚାଲିଛି ଲୋକେ ଘଡ଼ିଏ ଅଟକି ଯେଝା ବାଟରେ ଯିଏ ଯାଉଛନ୍ତି।



ତେବେ ସାଧାରଣରେ ହେଉଥିବା ଆଲୋଚନା ଅନୁଯାୟୀ ଏହି ଚିଠାଦାରମାନେ ହଠାତ୍ ସରକାରଙ୍କ ବିରୁଦ୍ଧରେ କାହିଁକି ଗର୍ଜନ କରୁଛନ୍ତି। ଏହା ପଛରେ ନିଶ୍ଚିତ ଭାବରେ ➪ପୃଷ୍ଠା-୬

# ପୁରୁଷ ଦେହଜୀବୀ

ଡ.ଚନ୍ଦ୍ରକଳା ନାୟକ





କୁଆଖାଇ ନଦୀ ଉପର ଦେଇ ଭାସି ଯାଉଥିଲା ସେତୁଆରି ମାଉର ସଞ୍ଜ ବେଳୁଆ ପବନ। ବେଶି ଖରା ନଥିଲେ ବି ଛାଇ ଆଲୁଅର ଖେଳ ଅବସରେ ଏଠି ପ୍ରତିଫଳିତ ହୁଏ। ରାଜଧାନୀର ରାସ୍ତା ସବୁ କିନ୍ତୁ ସର୍ବଦା କର୍ମତତ୍ପର। ଜୟଦେବ ବିହାରରୁ ଲାଗି ପାର୍ଥର ଛୋଟିଆ ଆପାର୍ଟମେଣ୍ଟ। ଦିକ ଦିକ ଆଲୁଅରେ ହୋଟେଲଗୁଡିକ ସଜ୍ଜର ପସରା ମେଲାଇ। ବାଲକୋନି ଓ ଝରକା ପଟ ଦେଇ ଛିଞ୍ଚି ହୋଇ ପଡ଼ିଥାଏ ରଙ୍ଗ ବେରଙ୍ଗ ଆଲୋକର ପ୍ରତିଛବି। ସେ ଆଲୋକ କିନ୍ତୁ ମନରେ ନିଆଁ ଲଗାଏ ନାହିଁ। ସେ ଆଲୋକ ଦେହରେ ନିଆଁ ଲଗାଏ। ସେ ଆଲୋକକୁ ନିଆଁ ଲଗା ପାହାଚର ଦୃଶ୍ୟ ବି ମନୋଜ୍ଞ କରାଉନାହିଁ।

ସନ୍ଧ୍ୟା ବେଳେ ଖୁବ ଭିଡ଼। ସହରଟା ଲାଗେ ଯେମିତି କୌଣସି ମେଳାର ଦୃଶ୍ୟ ପରି। ଯାନ୍ତ୍ରିକ ଯାନର ଗତି ମଣିଷର ଜଡ଼ତାକୁ ଦୂନା କରିଦିଏ। ରାସ୍ତା ଉପରେ ଠିଆ ହୋଇ ଆପାର୍ଟମେଣ୍ଟର ରାସ୍ତାକୁ ଚାହିଁ ରହିବା ବୋଧେ ଜୀବନକୁ ଅଧିକ ଭଲ ପାଇବାର ନିଦର୍ଶନ। ପାର୍ଥକୁ ଲାଗେ ଯେମିତି ପାଣି ଉପରେ ଆଲୋକ ଭାସିଉଠି ଖେଳୁଛି। ଓଭରବ୍ରିଜ ଉପର ସ୍ଥଳରେ ଯୁବକ ଯୁବତୀ ମାନେ ନୂଆ ନୂଆ ପୋଷାକରେ ଗାଡ଼ିରେ ସାନ୍ଧ୍ୟ ଭ୍ରମଣ କରିବାକୁ ବାହାରନ୍ତି। ବେଳେବେଳେ ଏମାନେ ବ୍ୟସ୍ତ ହୋଇ ଅନ୍ଧକାରରେ ସାଗରୀ ଖୋଜି ବୁଲନ୍ତି। ପ୍ରତିଦିନ ଏହି ପ୍ରେମ ଆଶକୁ ବଢ଼େ, ଠିକ ପ୍ରଜାପତି ପରି ଦୋଳାନି, ତାର ବିକାଳୀ ଓ ପାରୋଭାଟିନ ସକଳ ନୟନରେ ଛୋଟ ଛିଟ ପରି ରଙ୍ଗୀନ କାଫେ ତଳେ ବ୍ୟସ୍ତ ହୋଇ ଉଠେ, ପୁଣି ସ୍ଥିର ହୋଇଯାଏ ଏ ସଞ୍ଜବେଳେ।

ପାର୍ଥ ଖୁବ ପ୍ରଶିକ୍ଷଣ ମଣିଷ। ଏକୋଇଶି ବର୍ଷର ଯୁବକ ହେଲେ ବି ମଧ୍ୟ ବୟସ୍କା ମହିଳାଙ୍କ ସହ ତାର ବେଶି ସମ୍ପର୍କ। ରାଜଧାନୀର ଗାଳଗାଲ୍ଲରେ ସନ୍ଧ୍ୟା ହେଲେ ତା ପାଇଁ ଭିନ୍ନ ଭିନ୍ନ ଗାଡ଼ି ଆସେ। ପାର୍ଥ ଆଉ ସେ ଗାଁଲି ପିଲା ହୋଇ ନାହିଁ। ପାର୍ଥର ବେଳେବେଳେ ତା'ର ଗାଁ 'ବାଙ୍ଗାଳ' କଥା ଭାରି ମନେପଡ଼େ। ଗାଁର ସେ ପାର୍ଥର ସରଳୀମା ଯାଣଣ ଦେହଟା ଶିରେଇ ଉଠେ। ସେ କିନ୍ତୁ ତାର ସେ ଇତିହାସକୁ ମନେ ପକାଇବାକୁ ଇଚ୍ଛା କରେ ନାହିଁ। ପାର୍ଥ କେବେଠାରୁ ତା ନିଜ ଭିତରେ ପୁରୁଣା ପାର୍ଥକୁ କବର ଦେଇ ସାରିଛି। ରାଜଧାନୀର କୁହୁକମୟୀ ଭିତରେ ସବୁ ପରିବର୍ତ୍ତନକୁ ଆପଣେଇ ନେଇଛି। ବଦଳି ଯାଇଛି ବେଳି ତ ଖୁବ ଜୀବନକୁ ଉପଭୋଗ କରିଛି। ତାଙ୍କର ଅଭାବ ନାହିଁ। ସେଥିପାଇଁ ତ ସେ କିଛିଦିନ ଭିତରେ ଦେହ ନୂଆ ଜିମରେ ଜୀବନ କରିଛି। ତା ପୁଣି ରାଜଧାନୀର ସବୁଠାରୁ ଦାମୀ ଜିମ ଟ୍ରେନର ପାଖରେ। ରାଜଧାନୀରେ ନିଜର ପ୍ରତିଷ୍ଠା ବଢ଼ାଇବାକୁ ହେଲେ ତାର ଶରୀର ଫିଟ ରହିବା ନିହାତି ଆବଶ୍ୟକ। ସଞ୍ଜ ଆସିଲେ ତା ଜୀବନର ଗତିପଥ ପରିବର୍ତ୍ତନ ହୁଏ। ହଠାତ ଏ କଥା ଭାବୁ ଭାବୁ ତା ଆପାର୍ଟମେଣ୍ଟର ରାସ୍ତା ପାଖରେ ଧଳା କାରଟିଏ ତାକୁ ଅପେକ୍ଷାରେ ଥିଲା। ପାର୍ଥ ଅଣ ନିଶ୍ୱାସୀ ହୋଇ ଧଳାଟି ଯାଇ କାର ଭିତରେ ବସିଗଲା। କାର ପଛର ସିଟରେ ମିସେସ ପଟ୍ଟନାୟକ ଅପେକ୍ଷା କରିଛନ୍ତି। ମିସେସ ପଟ୍ଟନାୟକ ଡ୍ରାଇଭରକୁ ନିର୍ଦ୍ଦେଶ ଦେଲେ..... ଚଲୋ। କାର ଗତି ବଢ଼ିବା ସହ ପାର୍ଥର ମନର ଅବସ୍ଥା ଉଦବେଳିତ ହେଉଥିଲା। ମିସେସ ପଟ୍ଟନାୟକ ହେଉଛନ୍ତି, ଏ ସହରର ପ୍ରତିଷ୍ଠିତ ବ୍ୟକ୍ତି ତଥା ରାସ୍ତା ଓ ଗୃହ ନିର୍ମାଣ ବିଭାଗର ମୁଖ୍ୟଯନ୍ତ୍ରୀ ସଦାଶିବ ପଟ୍ଟନାୟକଙ୍କ ସ୍ତ୍ରୀ। ସଦାଶିବ ପଟ୍ଟନାୟକ ଅଫିସର୍ସ କ୍ଲବର ଜଣେ ଭଲ ସମ୍ପାଦକ ଭାବରେ ଜଣାଶୁଣା। ପାର୍ଥ ମନେ ମନେ ଭାବୁଥାଏ, ଓ ହୋ କି ଭାଗ୍ୟ ମୋର। ଏମିତି ଜଣେ ଜଣେ ଅଫିସରଙ୍କ ସ୍ତ୍ରୀ ମାନେ ଦିନାସରେ ମୋର ସାନିଧ୍ୟ ଖୋଜିବା ବୋଧେ ମୋର ଅହୋଭାଗ୍ୟ। ସେମାନେ ଆଳିସାନ ବଙ୍ଗଳାକୁ ଅନେକରେ ପ୍ରବେଶ କରିବା ମୋ ପାଇଁ ଏକ ନିଆରା ଅନୁଭୂତି ଆଣିଦିଏ। ହଠାତ କାରଟି ଛାଡ ଖସିଗଲା ବେଳେ ଦଲକାଏ ପବନ ପଶି ଆସିଲା। ସେ ପବନରେ ମିସେସ ପଟ୍ଟନାୟକଙ୍କ ଅଳକା କେଶଗୁଚ୍ଛ ଫର ଫର ହୋଇ ବିଦ୍ରୋହ କରୁଥିଲେ। ଠିକ ସେତିକି ବେଳେ ଆଙ୍ଗେ କି ପାର୍ଥର ହାତକୁ ସେ ଧରିନେଲେ। ରାସ୍ତା ଆଲୋକମାଳା ଗୁଡ଼ା ସ୍ଥିର ଥିଲେ ଠିକ ପାର୍ଥର ଆଖିତୋଳା ପରି। ଏଥର ଅନ କାରଟି ରାଜଭବନ ଅତିକ୍ରାନ୍ତ କରି ମିସେସ ପଟ୍ଟନାୟକଙ୍କ ଅଟ୍ଟାଳିକା ନିକଟରେ ପହଞ୍ଚିଲା। ଏ ଘର ତ ପାର୍ଥର ସ୍ୱପ୍ନ ଠାରୁ ବି ଖୁବ ଉଚ୍ଚା। ଏଠି ସବୁ ବସ୍ତୁ ଦାମୀ। ତା ସହ ମିସେସ ପଟ୍ଟନାୟକ ବି।

ପାର୍ଥ ମିସେସ ପଟ୍ଟନାୟକଙ୍କ ପଛେ ପଛେ ଘର ଭିତରକୁ ପ୍ରବେଶ କଲା। ଡ୍ରଇଁ ରୁମରେ ବସି ଏକାନ୍ତରେ ବାହାରକୁ ଚାହିଁଥିଲା। ମିସେସ ପଟ୍ଟନାୟକ ବେଡରୁମରୁ ଗୋଟେ ଟ୍ରାନ୍ସପେରେଣ୍ଟ ନାଇଟ ସୁଟ ପିନ୍ଧି ପାର୍ଥ ସାମନାରେ ଉପସ୍ଥିତ ହେଲେ। ଆଖିରେ ଆଖିଏ ଭୋକ, ଓଠରେ ଶରାବର ତୃଷ୍ଣା, ମନରେ ବେହୋସ ହେବାର ଠାଣି, ବେଲଗାମ ଚାଲିବାର ଗତି।

ପାର୍ଥ ବି ଖୁବ ଚାଲାକ। ସେ ଜାଣେ ଏହି ଅଫିସର ମାନଙ୍କ ସ୍ତ୍ରୀ ମାନଙ୍କୁ କେମିତି ସନ୍ତୁଷ୍ଟ କରିବାକୁ ହେବ। ସନ୍ତୁଷ୍ଟ କରିବାର କୌଶଳ ପ୍ରତିଦିନ ରାତ୍ରିର ନିଶାର ପ୍ରହରରେ ଶିଖିଥାଏ। ମାୟାବିନୀ ନଗରୀର ଅନ୍ଧାରୀ ରାତ୍ରି ଭିତରେ ପାର୍ଥ ନିଜ ଜୀବନକୁ ଖୁବ ପ୍ରାକ୍ତିକ କରି ଗଢ଼ି ତୋଳିଛି। ରାଜଧାନୀର ଏଇ ଦୁଇ ବର୍ଷର ରହଣୀ ତାକୁ ଜୀବନର ନୂଆ ନୂଆ ଶିକ୍ଷା ଶିଖାଇଛି।

ପାର୍ଥର ଶରୀର ଖୁବ ଆକର୍ଷଣୀୟ। ସେ କିନ୍ତୁ ପୂର୍ବରୁ ଜାଣିଥିଲା, ନାରୀ ମାନଙ୍କ ଶରୀର କେବଳ ଆକର୍ଷଣୀୟ। ଏଠି କିନ୍ତୁ ଦୁଇ ବର୍ଷ ଭିତରେ ତା ଚିନ୍ତା ଧାରାର ପରିଭାଷା ବଦଳି ଯାଇଛି। ପ୍ରାୟ ମିସେସ ପଟ୍ଟନାୟକଙ୍କ ବୟସର ଆଉ ଚାରି ଜଣ ସମ୍ଭ୍ରାନ୍ତ ମହିଳାଙ୍କ ସହ ସେ ଶାରିରୀକ ସମ୍ପର୍କ ବିତେଇ ସାରିଛି। ତାର ଜିମନାଷ୍ଟିକ ବଡ଼ି, ଚଉଡ଼ା ଛାତି, ଗୋରା ବର୍ଣ୍ଣ, କଳା ମଚ ମଚ ଛାତିର ବାଳ ଓ ତା ସହ ଫେଞ୍ଚକଟ ଧାଡି ମହିଳା ମାନଙ୍କୁ ଖୁବ ବିଭୋର କରେ। ପାର୍ଥର ହସରେ ମତୁଆଲା ହୁଅନ୍ତି, ମିସେସ ପଟ୍ଟନାୟକ। ପାର୍ଥ ବି ଖୁବ ଉପଭୋଗ କରେ ନାରୀ ମନର ନିବିଡ ଆସକ୍ତିକୁ।

ମିସେସ ପଟ୍ଟନାୟକ ପଇଞ୍ଚାଳିସ ବର୍ଷର ମହିଳା ହେଲେ ବି, ସେ ହରାଇ ନାହାନ୍ତି ତାଙ୍କର ଯୌବନ। ସେ ଯୌବନରେ ନିଆଁ ଧରାଇବାକୁ ପାର୍ଥ ସର୍ବଦା ଏକ ଉଲକା ପିଣ୍ଡ। ମିସେସ ପଟ୍ଟନାୟକ ବି ନାଗୁଣୀ ପରି ପାର୍ଥ ଦେହରେ ଗୁଡେଇ ହୋଇ ଯାଆନ୍ତି। ଏମିତି କେତେ ସନ୍ଧ୍ୟା ଆସେ ଆଉ ଯାଏ। ମିସେସ ପଟ୍ଟନାୟକଙ୍କ ଦେହରେ ବସା ବାନ୍ଧିଥିବା ସବୁତକ ମାଧୁର୍ଯ୍ୟକୁ ପ୍ରଜାପତି ପରି ପାର୍ଥ ଶୋଷିନିଏ।

ମିସେସ ପଟ୍ଟନାୟକଙ୍କ ସ୍ୱାମୀ ସଦାଶିବ ପଟ୍ଟନାୟକ ସିଙ୍ଗାପୁର ଅଫିସିଆଲ ଟୁରରେ ଏବେ ଅଛନ୍ତି। କାର୍ଯ୍ୟବ୍ରସ୍ତତା ହେତୁ ତାଙ୍କ ପତ୍ନୀକୁ ସେ ସମୟ ଦେଇ ପାରନ୍ତି ନାହିଁ। ଅଣଦେଖା କରନ୍ତି, ପତ୍ନୀଙ୍କ ମନକୁ ଏବଂ ଦେହର କ୍ଷୁଦାକୁ। ମିସେସ ପଟ୍ଟନାୟକ ଆଜି ପାର୍ଥ ଉପରେ ବହୁତ ଖୁସି। ଦଶ ହଜାର ପରିବର୍ତ୍ତେ ପନ୍ଦର ହଜାର ଗିଫ୍ଟ ଦେଇଛନ୍ତି। ଖୁବ ପ୍ରଶଂସା କରି ପାର୍ଥକୁ କହିଥିଲେ- 'ପାର୍ଥ ୟୁ ଆର ଏ ଷ୍ଟାର, ଆଇ ଜଷ୍ଟ ଏଞ୍ଜଏ ଏ ଲଟ'। ଏଥର ତୁମେ ଆସିପାର। ଏମିତି ବି ମୋ ଝିଅ ଆସିବା ସମୟ ହୋଇ ଗଲାଣି। ଠିକ ନଅ ଟା ବେଳେ ସେ ପହଞ୍ଚିବ। ତୁମେ ଶିଘ୍ର ଚାଲିଯାଅ। ମିସେସ ପଟ୍ଟନାୟକଙ୍କ ଝିଅ ସୁରଭି ବିଟେକ କମ୍ପ୍ଲିଟ କଲାପରେ ଏବେ ସଙ୍ଗୀତ ଶାସ୍ତ୍ରରେ ମନୋନିବେଶ କରୁଛି। ସନ୍ଧ୍ୟା ଛ ଟାରୁ ସେ ଗୁରୁଙ୍କ ନିକଟକୁ ସଙ୍ଗୀତ ଅଭ୍ୟାସ କରିବାକୁ ଯାଏ। ପାର୍ଥ ହାତରେ ଟଙ୍କା ପ୍ୟାକେଟ ଧରି ଓହ୍ଲାଇ ଆସିଲା। ମନରେ ଅନେକ ଅସମାହିତ ପ୍ରଶ୍ନ। କ୍ଷଣିକର ଆକର୍ଷଣ ମାତ୍ର ମୁହୁର୍ତ୍ତକରେ କିପରି ସରିଯାଏ। ପାର୍ଥର ଗାଁ ସାଙ୍ଗ ଅରୁଣ କଥା ତା'ର ଆଜି ମନେପଡେ। ବହୁବାର ଅରୁଣ ତା'କୁ କହିଛି, ନାରୀର ମନକୁ ପଢ଼ିବା କାଠିକର ପାଠ। ପାର୍ଥ ଭାବୁଛି, ମିସେସ ପଟ୍ଟନାୟକ ସତରେ ମାୟା ନଗରୀର ମାୟାବିନୀ। ପାର୍ଥକୁ ନେବାବେଳେ ସାଙ୍ଗରେ ଯୋଉ ଆକର୍ଷଣ ଥାଏ ତାହା ସେ ଫେରିବା ବେଳେ ଉଭାନ ହୋଇଯାଏ। ଦେହର ଭୋକ ମରିଗଲା ପରେ ମିସେସ ପଟ୍ଟନାୟକଙ୍କ ବ୍ୟବହାର ବି ବଦଳି ଯାଏ। ପାର୍ଥ ଭାବେ- ଛାଡ ସେସବୁ କଥା। ମାଲିକାଣୀଙ୍କ ନିର୍ଦ୍ଦେଶ ଅନୁସାରେ ଡ୍ରାଇଭର ପାର୍ଥଙ୍କୁ ତାର ଗନ୍ତବ୍ୟ ସ୍ଥଳରେ ଛାଡି ଦେଇ ଆସେ। ପାର୍ଥ କାରରେ ବସିବା ବେଳେ ଖୁବ ଗମ୍ଭୀର ଥାଏ। ତା ଭାବନାରେ ଆସେ- ଆରେ ଅନେକ ସମୟ ମିଶିଲେ, ପଶୁ ପକ୍ଷୀ ଜୀବଜନ୍ତୁ ବି ଆପଣାର ହୋଇ ଯାଆନ୍ତି। କିନ୍ତୁ ମିସେସ ପଟ୍ଟନାୟକ ଛ ମାସ ସମ୍ପର୍କ ଭିତରେ କୌଣସି ଆତ୍ମିୟତା ତାର ଫେରିବା ବେଳେ ଦେଖାନ୍ତି ନାହିଁ। ରାତି ପ୍ରାୟ ଦଶଟା ବାଜିଲାଣି। ସହରର ଭିଡ ବି ଟିକେ କମି ଆସିଲାଣି। ପାର୍ଥ କ୍ଳାନ୍ତ ଓ ଅବଶ ହୋଇ ଯାଇଥିଲା। କଫି କପଟେ ପିଇଦେଲେ, ତା କ୍ଳାନ୍ତିରୁ ତାକୁ ମୁକ୍ତି ମିଳେ। ସୁଦୁର କେଉଁଝରରୁ ଯୁକ୍ତ ଦୁଇ ପାସ କଲା ପରେ ସବୁ ବାନ୍ଧି ବୁନ୍ଧି ଏ ସହରର ମାୟାରେ ରାଜଧାନୀକୁ ଧଉଡି ଆସିଥିଲା। ଭାବିଥିଲା- ଏ ସ୍ୱପ୍ନର ଦୁନିଆରେ ଖୁବ ସୁନ୍ଦର କରି ଜୀବନକୁ ଗଢ଼ି ତୋଳିବ। କିନ୍ତୁ ସେ ଦୁନିଆଟା ଯେ କେବଳ ଦେହ ଭୋକ ମେଣ୍ଟାଇବ ଏ କଥା ସେ ବିଶ୍ୱାସ କରି ପାରୁ ନଥିଲା। ପାର୍ଥ ବେଶ ଜାଣେ ନାରୀର ଦେହ ବିଷୟରେ, ତାର ଭୋକ ବିଷୟରେ, ସ୍ୱପ୍ନ ଓ ବାସ୍ତବତାକୁ ନିଜ ଦି ମୁଠାକୁ ଜାବୋଡି ଧରିବାରେ। ନାରୀ ମାନଙ୍କ ଦେହ ସମ୍ପର୍କ ଭିତରେ ନାରୀର ସ୍ୱାଧୀନତା, ସମର୍ପଣ ଓ ସ୍ୱେଚ୍ଛାଚାରିତା ବିଷୟରେ ସେ ଜାଣି ସାରିଛି।

ଦୀର୍ଘ ଦୁଇବର୍ଷ ଭିତରେ କେତେ ନାରୀ ତା ବାହୁ ମଧ୍ୟରେ ସମାହିତ ହୋଇଛନ୍ତି। ସେମାନଙ୍କ ନିକଟରୁ ସେ ପାଇଛି ଅନ୍ଧାରରେ ଧୂଆଁ ପରି ଅଦୃଶ୍ୟ ନାରୀର ଚରିତ୍ର। ଡିବି ଆଲୁଅରେ ଖୁବ ନିକଟକୁ ଫେରୁଥିବା ଇଗୋ ଓ ଘୋଡାଇ ଦେଉଥିବା ଛଳନାର ଆବରଣ। ଏଭଳି ନାରୀ ତ ଏ ରାଜଧାନୀର ପ୍ରତିଷ୍ଠିତ ବ୍ୟକ୍ତି ମାନଙ୍କ ଘରୁ ପ୍ରତିଦିନ ସନ୍ଧ୍ୟାରେ ପଦାକୁ ଗୋଡ ବଢ଼ାନ୍ତି। ସେମାନଙ୍କ ମନସ୍ତତ୍ତ୍ୱକୁ ଖୁବ ବିଶ୍ଳେଣେ କରି ସେମାନଙ୍କୁ ନିଜର ବନାଇ ନିଅନ୍ତି ଏମିତି ମୋ ପରି ଅନେକ ପାର୍ଥ।

ପାର୍ଥ ପାଇଁ ନାରୀର ଦେହ ତା ପାଇଁ ଆକର୍ଷଣ ହୋଇ ରହିନାହିଁ। କେବଳ ବେଡରେ ସେମାନଙ୍କ ଆବଶ୍ୟକତା ବୁଝିବା ଏବଂ ସେମାନେ ଦେଉଥିବା ଟଙ୍କା ଅନୁସାରେ ସେମାନଙ୍କୁ ଦେହ ସୁଖ ଯୋଗାଇ ଦେବା ତା ପାଇଁ ଗୋଟେ ଚ୍ୟାଲେଂଜ। ଏହା ହୋଇପାରେ ତା ପାଇଁ ଗୋଟିଏ କଳା କିମ୍ବା ନୂଆ ଏକ ପ୍ରଫେସନ। ପାର୍ଥ ଏ ସବୁ ଭାବି ଭାବି ଅସ୍ତବ୍ୟସ୍ତ ହେଉଥିଲା। ଭୋକିଲା ପେଟରେ କଫି କପଟା ଧରି ମୁଣ୍ଡବିନ୍ଧାରୁ ନିସ୍ତାର ପାଇ ପାରୁ ନଥିଲା। ସେ ବନ୍ଦ ଘରର ଗୋପନୀୟ ନାରୀ ଚରିତ୍ର ମାନଙ୍କୁ ଭାବୁଥିଲା। ଯେଉଁ ମାନଙ୍କ ପାଇଁ ପାର୍ଥମାନେ ଏ ରାଜଧାନୀରେ ପାଲଟି ଯାଆନ୍ତି ଗୋଟିଏ ଗୋଟିଏ- ପୁରୁଷ ଦେହଜୀବି।

ଅଧ୍ୟାପିକା, ମହାପୁରୁଷ ହାଡିଦାସ ମହାବିଦ୍ୟାଳୟ,
ଛତିଆ, ଯାଜପୁର,
ମୋବାଇଲ୍: ୯୪୩୭୯୫୭୬୧୭

ସମୟର ଛାୟାଚିତ୍ର

# ଜୀବନ ଯଦି ଏକ 'ଟ୍ରୁ ମ୍ୟାନ୍ ଶୋ' ହୁଏ





ଡକ୍ଟର ଲକ୍ଷ୍ମଣ ସାହୁ

ବହୁ ଶତାବ୍ଦୀ ଧରି ମଣିଷ ଗୋଟିଏ ପ୍ରଶ୍ନର ଉତ୍ତର ଖୋଜୁଛି, " ମୁଁ ଯାହା ଦେଖୁଛି ତାହା କ'ଣ ପ୍ରକୃତରେ ବାସ୍ତବ ? ନା ଏହି ଦୃଶ୍ୟ ଭିତରେ ଅନ୍ୟ କୌଣସି ସ୍ରଷ୍ଟା, ଅନ୍ୟ କୌଣସି ଦର୍ଶକ, ଅନ୍ୟ କୌଣସି ଅଦୃଶ୍ୟ ଶକ୍ତି ଲୁଚି ରହିଛି ? " ଏହି ରଙ୍ଗମଞ୍ଚରେ ଏଭଳି ପ୍ରଶ୍ନ ଥରେ ଦର୍ଶନର ମହଲରେ ଉଠାଯାଇଥିଲା। ଯଦିଓ ପରବର୍ତ୍ତୀ ସାହିତ୍ୟ ଏହାକୁ ଆଶ୍ରୟ ଦେଇଥିଲା। ଆଧୁନିକ ସମୟରେ ସିନେମା ଏହାକୁ ଦୃଶ୍ୟମାନ କରିଛି। ୧୯୯୮ ମସିହାରେ ମୁକ୍ତିଲାଭ କରିଥିବା ହଲିଉଡ୍ ଚଳଚ୍ଚିତ୍ର 'ଦି ଟ୍ରୁମ୍ୟାନ୍ ଶୋ' ନୂତନ ଭାଷାରେ ଏହି ପ୍ରଶ୍ନ ପଚାରୁଛି। ବାରମ୍ବାର ଉଚ୍ଚାରଣ କରାଯାଇଛି। ଆଜି ପ୍ରାୟ ତିନି ଦଶନ୍ଧି ପରେ, ଆମେ ଆଶ୍ଚର୍ଯ୍ୟ ହେଉଛେ, ଚଳଚ୍ଚିତ୍ରଟି କେବଳ ଏକ କଳ୍ପନା ଥିଲା, ନା ବର୍ତ୍ତମାନ ଆମେ ନୂତନ ସଭ୍ୟତାର ପୂର୍ବାନୁମାନ କରୁଛେ ?

ଆଜି କାଲିର ଦୁନିଆରେ ଆମେ ପ୍ରତ୍ୟେକେ ଗୋଟିଏ ଅଦୃଶ୍ୟ ମଞ୍ଚ ଚରିତ୍ର ପରି ଅଭିନୟ କରି ଚାଲିଛେ। କେବଳ ପାର୍ଥକ୍ୟ ହେଉଛି ଟ୍ରୁମ୍ୟାନ୍ ଜାଣି ନଥିଲେ ଯେ ସେ ଅଭିନୟ କରୁଛନ୍ତି। ଯଦିଓ ଆମେ ଜାଣିଛେ ତଥାପି ଆମେ ଆମ ଅଭିନୟ ଏବେ ବନ୍ଦ କରିପାରିବା ନାହିଁ।

ଗ୍ରୀକ୍ ଦାର୍ଶନିକ 'ପ୍ଲେଟୋ' ତାଙ୍କ ପ୍ରସିଦ୍ଧ ରୂପକରେ କହିଥିଲେ, 'ମାନବ ପ୍ରାୟତଃ ଏକ ଛାଇ ଦ୍ୱାରା ଭିଜୁଥାଏ।' ଏହାକୁ ବାସ୍ତବ ଭାବରେ ବିଶ୍ୱାସ କରନ୍ତୁ। ସେ ଗୁମ୍ଫା କାନ୍ଥରେ ପ୍ରତିଫଳିତ ଛାଇକୁ ସତ୍ୟ ବୋଲି ଭାବି ତାଙ୍କ ଜୀବନ ବିତାଇ ଦିଅନ୍ତି। କିନ୍ତୁ ପ୍ରକୃତ ଆଲୋକ ଓ ସତ୍ୟ ତାଙ୍କ ନିୟନ୍ତ୍ରଣ ବାହାରେ ଅଜଣା ରହିଯାଏ। ଆଶ୍ଚର୍ଯ୍ୟଜନକ ଭାବରେ ଡିଜିଟାଲ୍ ଯୁଗରେ ଏହି ଉପମା ଅଧିକ ପ୍ରାସଙ୍ଗିକ ହୋଇଥିବା ମନେହୁଏ। ଏବେ ଆମର ଗୁମ୍ଫା ନାମ ମୋବାଇଲ୍ ଏପିସୋଡ୍ ଆମ ଛାଇର ନାମରେ ସାମାଜିକ ଗଣମାଧ୍ୟମର ପ୍ରୋଫାଇଲ୍ ରେ ଆବଦ୍ଧ।

ଫରାସୀ ଦାର୍ଶନିକ ଆର୍ଟିନ୍ ବଣ୍ଡିୟାର୍ଡ ତାଙ୍କ ପୁସ୍ତକ ' ସିସେଯୁଲାଜା ଓ ସିମୁଲେସନ ମୁଲେସନ' ରେ ଲେଖିଛନ୍ତି- ଗୋଟିଏ ଦିନ ମଣିଷ ଏପରି ଏକ ଦୁନିଆରେ ପ୍ରବେଶ କରିବ ଯେଉଁଠାରେ ଆଭାସୀ ପ୍ରକୃତ ବାସ୍ତବକୁ ଅସଲିକୁ ଗ୍ରହଣ କରିବ। ସେଠାରେ ଅନୁକରଣ ଏତେ ସିଦ୍ଧ ହେବ ଯେ ମଣିଷ ପ୍ରକୃତ ଅସଲି ଓ ନକଲି ମଧ୍ୟରେ ପାର୍ଥକ୍ୟ ବାଛିପାରିବ ନାହିଁ।

ଆଜି ଆମେ ଯେଉଁ ଆଭାସୀ ପରିଚୟ ସୃଷ୍ଟି କରୁଛେ, ପରିଷ୍କୃତ ପ୍ରତିଛବି, ଚୟନିତ ମୁହୂର୍ତ୍ତ, ସଜ୍ଜିତ ହସ, ସଂପାଦିତ ଜୀବନ, ଏହା କ'ଣ ଠିକ୍ ସେହି ସିମୁଲେସନ ନୁହେଁ ?

ସ୍ମାର୍ଟଫୋନ୍ ଆଉ କେବଳ ଏକ ଉପକରଣ ନୁହେଁ; ଏହା ମଣିଷର ଦ୍ୱିତୀୟ ଚେତନା। ଅନେକଙ୍କ ପାଇଁ ଉଠିବା ପରେ ପ୍ରଥମ ଝଲକ ପରିବାର ନୁହେଁ, ବରଂ ମୋବାଇଲ୍। ଦିନର ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ନୋଟିଫିକେସନ୍, ରିଲ୍, ଅସ୍ଥାୟୀ ଭିଡିଓ, ନିରନ୍ତର ସ୍କ୍ରୋଲ୍, ସବୁକିଛି ଆମ ଧ୍ୟାନକୁ ଖଣ୍ଡ ଖଣ୍ଡ କରି ଦେଉଛି। ଆଉ ଲୋକମାନେ ସମୟ ନଷ୍ଟ କରନ୍ତି ନାହିଁ; ବରଂ ସମୟକୁ ବ୍ୟବହାର କରନ୍ତି।

ମନସ୍ତତ୍ତ୍ୱବିତ୍ତମାନେ ବହୁ ପୂର୍ବରୁ ସତର୍କ କରିଆସିଛନ୍ତି ଯେ ଅତ୍ୟଧିକ ସ୍କ୍ରିନ୍ ନିର୍ଭରଶୀଳତା ଧ୍ୟାନ ସ୍ଥିରତାକୁ ବାଧା ଦେଇପାରେ। ଏହା ଚିନ୍ତାକୁ ହ୍ରାସ କରେ, ଚିନ୍ତାକୁ ବୃଦ୍ଧି କରେ ଓ ପ୍ରକୃତ ସାମାଜିକ ସମ୍ପର୍କକୁ ଦୁର୍ବଳ କରେ। ଡିଜିଟାଲ ଚିହ୍ନଟର କ୍ଷଣିକ ଆନନ୍ଦ ଧୀରେ ଧୀରେ ବାହ୍ୟ ପ୍ରତିକ୍ରିୟା ଉପରେ ଆଧାରିତ କରି ମାନବ ଆତ୍ମ-ସ୍ୱୀକୃତି ଉପରେ ନିର୍ମାଣ ପାଇଁ ନିର୍ଭରଶୀଳ କରିଥାଏ। ଫଳସ୍ୱରୂପ ଲୋକମାନେ ନିଜକୁ ନିଜ ଆଖିରେ ନୁହେଁ, ବରଂ ଅନ୍ୟମାନଙ୍କ ଆଖିରେ ଦେଖିବା ଶିଖନ୍ତି।

ଅଭିନେତାମାନେ 'ଦି ଟ୍ରୁମ୍ୟାନ୍ ଶୋ'ର ଟ୍ରୁମ୍ୟାନ୍ ପାଖରେ ଥିବା ଲୋକ ଥିଲେ। ପ୍ରାୟତଃ ଆଜି ଆମ ଚାରିପାଖରେ ଥିବା ଲୋକମାନେ ଯଦିଓ ପ୍ରକୃତରେ ଅସଲି, ତଥାପି ସେମାନଙ୍କର ଡିଜିଟାଲ୍ ସଂସ୍କରଣ ଭାବରେ ଚିତ୍ରିତ ହୁଅନ୍ତି। କେତେକ ନିଜର ଦୁଃଖକୁ ଲୁଚାଇ ନିଜ ହସ ପ୍ରକାଶ କରନ୍ତି। ଆଉ କେତେକ ନିଜର ଖୁସିକୁ ଅତିରଞ୍ଜିତ କରନ୍ତି। ଏପରି କେତେକ ନିଜ ଜୀବନର ପ୍ରତ୍ୟେକ ମୁହୂର୍ତ୍ତକୁ ଉପଭୋଗ କରନ୍ତି। ଦର୍ଶକଙ୍କ ପାଇଁ ନିଜେ ନିଜେ ପ୍ରସ୍ତୁତ ହୁଅନ୍ତି। ବାସ୍ତବ ଜୀବନ ଧୀରେ ଧୀରେ ଏକ ପ୍ରଦର୍ଶନୀରେ ପରିଣତ ହେଉଛି। ଏହି ପରିପ୍ରେକ୍ଷୀରେ ବ୍ରିଟିଶ ଲେଖକ ଟାର୍ଜି ଆର୍ୱେଲ୍ଙ୍କ ଦ୍ୱାରା ଲିଖିତ ଉପନ୍ୟାସ " ଔନାଇନଟିନ ଏଟି-ଫୋର୍ଡ " ମୋ ମନକୁ ଆସେ। ସେଠାରେ ସବୁବେଳେ ନଜର ରଖିବାର ଧାରଣା ରାଜ୍ୟ-କେନ୍ଦ୍ରିକ ଥିଲା। ଆଜି ସେହି ନଜର ରଖିବା ଅଧିକ ସଠିକ୍। ଆମେ ସ୍ୱେଚ୍ଛାକୃତ ଭାବରେ ଆମର ସୂଚନା, ସ୍ଥାନ, ଫଟୋ, ଅଭ୍ୟାସ ଓ ପସନ୍ଦ ସବୁ ସମୟରେ ପ୍ରକାଶ କରୁଛେ। ଆମ ଉପରେ ନଜର ରଖିବା ପାଇଁ ଆଉ କୌଣସି ସର୍ବଶକ୍ତିମାନ ପରଦାର ଆବଶ୍ୟକତା ନାହିଁ। ପ୍ରତ୍ୟେକ ମୁହୂର୍ତ୍ତରେ ବିନା ସଂକୋଚରେ ନିଜକୁ ଦୃଶ୍ୟମାନ କରିପାରୁଛେ।

ହଲିଉଡ୍ ବାସ୍ତବତା ଓ ସିମୁଲେସନ୍ ମଧ୍ୟରେ ସୀମା ବିଷୟରେ ବାରମ୍ବାର ପ୍ରଶ୍ନ ଉଠାଇଛି। 'ଦି ମ୍ୟାଟ୍ରିକ୍ସ' ଏପରି ଏକ ଦୁନିଆକୁ ଦର୍ଶାଏ ଯେଉଁଠାରେ ମଣିଷ ଏକ କୃତ୍ରିମ ବାସ୍ତବତାରେ ଫସି ରହିଛି। 'ଇନସେପ୍ସନ୍' ପ୍ରଶ୍ନ ଉଠାଇଛି, ଯେ ସ୍ୱପ୍ନ ଓ ବାସ୍ତବତାର ସୀମା କେଉଁଠି ? 'ଏକ୍ସ ମେସିନ୍' ମଣିଷ ଓ କୃତ୍ରିମ ବୁଦ୍ଧିମତ୍ତା ମଧ୍ୟରେ ସମ୍ପର୍କକୁ ଏକ ନୂତନ ଆଲୋକରେ ଦେଖାଇଛି। 'ହାରା' ଦେଖାଇଛି ଯେ ମଣିଷ କିପରି ପ୍ରଯୁକ୍ତିବିଦ୍ୟା ସହିତ ଏକ ଭାବପ୍ରବଣ ସମ୍ପର୍କ ବିକଶିତ କରିପାରିବ। 'ବ୍ଲାକ୍ ମିରର୍'ର ପ୍ରତ୍ୟେକ ଏପିସୋଡ୍ ଆମର ପ୍ରଯୁକ୍ତିବିଦ୍ୟା-ନିର୍ଭରଶୀଳ ଭବିଷ୍ୟତର ଏକ ଅସହଜ ଝଲକ ପରି ଅନୁଭବ କରେ। ମିରର୍ 'ରେଡି ପ୍ଲେୟାର୍' ଏହାକୁ ଉଠାଇବା ଦ୍ୱାରା, ଏହା ବାସ୍ତବତାରୁ ପୃଥକ ହେବାର ବିପଦକୁ ମଧ୍ୟ ଦର୍ଶାଉଛି।

ଏହି ଚଳଚ୍ଚିତ୍ରଗୁଡ଼ିକ ମଧ୍ୟରେ ଆଉ ଏକ ମୌଳିକ ସମାନତା ଅଛି। ପ୍ରତ୍ୟେକଙ୍କ ମନରେ ଗୋଟିଏ ପ୍ରଶ୍ନ ଅଛି , ଆମେ ପ୍ରଯୁକ୍ତିବିଦ୍ୟା ବ୍ୟବହାର କରୁଛୁ କି ନାହିଁ , ନା, ପ୍ରଯୁକ୍ତିବିଦ୍ୟା ଆମକୁ ବ୍ୟବହାର କରୁଛି ? ଜର୍ମାନୀ ଦାର୍ଶନିକ ଆର୍ଟିନ୍ ହାଇଡେଗର ପ୍ରଯୁକ୍ତିବିଦ୍ୟାକୁ ଏକ ମାତ୍ର ଉପକରଣ ଭାବରେ ଦେଖିଥିଲେ। ସେ ବିଶ୍ୱାସ କରୁଥିଲେ ଯେ ପ୍ରଯୁକ୍ତିବିଦ୍ୟା ଲୋକଙ୍କ ବିଶ୍ୱାସ ଦେଖିବାର ଧାରାକୁ ପରିବର୍ତ୍ତନ କରେ। ଆଜି ସେହି ଉକ୍ତିର ସତ୍ୟ ସ୍ପଷ୍ଟ ହୋଇଛି। ଆମେ ପ୍ରକୃତିକୁ ଆଖିରେ ଦେଖିବା ପୂର୍ବରୁ କ୍ୟାମେରାରେ କଏଦ କରୁ। ସୂର୍ଯ୍ୟାସ୍ତ ଉପଭୋଗ କରିବା ପୂର୍ବରୁ ଏକ ଫଟୋ ଉଠାଇଥାଉ। ଖାଦ୍ୟ ଚାଖିବା ପୂର୍ବରୁ ଏହାର ଚିତ୍ର ପ୍ରକାଶ କରୁ। ଏପରି ଅନୁଭବ କରୁ ଯେପରି ଆଉ କୌଣସି ଅଭିଜ୍ଞତା ନାହିଁ , ଏହା କେବଳ ପ୍ରଦର୍ଶନ ପାଇଁ ଏକ ମାଧ୍ୟମ ପାଲଟିଛି।

ଅନ୍ୟପକ୍ଷରେ 'ଶୋରି ଟର୍କଲ୍' ତାଙ୍କ ଗବେଷଣାରେ ଦର୍ଶାଇଛନ୍ତି ଯେ ପ୍ରଯୁକ୍ତିବିଦ୍ୟା ଲୋକଙ୍କୁ ସଂଯୋଗ କରେ ଓ ଏହା ଏକ ପ୍ରକାର ନିଃସଙ୍ଗତାକୁ ଜନ୍ମ ଦିଏ। ଅନଲାଇନ୍ ରେ ହଜାର ହଜାର ଲୋକଙ୍କ ସହିତ ଯୋଡ଼ି ହେବା ଦ୍ୱାରା, ଜଣେ ବ୍ୟକ୍ତି ଗଭୀର ନିଃସଙ୍ଗତାରେ ପୀଡିତ ହୁଏ। କଥାବାର୍ତ୍ତାର ଓ ଅନଲାଇନ୍ ଉପସ୍ଥିତିର ସ୍ଥାନ ନେଉଛି।

ବର୍ତ୍ତମାନ ପିଢ଼ିର ସବୁଠାରୁ ବଡ଼ ସଙ୍କଟ ହେଉଛି ପଠନ ପ୍ରତି ଧ୍ୟାନର ସଙ୍କଟ। କିଛି ସେକେଣ୍ଡ ପାଇଁ ଭିଡିଓ ଦେଖିବାର ଅଭ୍ୟାସ ଲମ୍ବା ଲେଖା ପ୍ରତି ଘୃଣା ସୃଷ୍ଟି କରୁଛି। ଦ୍ରୁତ ଉତ୍ତେଜନା ମସ୍ତିଷ୍କକୁ ଅଧୈର୍ଯ୍ୟ କରିଦିଏ। ଫଳସ୍ୱରୂପ ସାହିତ୍ୟ, ଦର୍ଶନ, ଗଭୀର ଚିନ୍ତନ କିମ୍ବା ଦୀର୍ଘ ଆଲୋଚନା ପ୍ରତି ଆଗ୍ରହ ହ୍ରାସ ପାଉଛି। ସଭ୍ୟତାରେ ଯେତେ ଅଧିକ ସୂଚନା ସମୃଦ୍ଧ ହେଉଛି, ମନ ସେତେ ଖଣ୍ଡ ବିଖଣ୍ଡିତ ହେଉଛି।

ତଥାପି କହିବି ପ୍ରଯୁକ୍ତିବିଦ୍ୟା ଶତ୍ରୁ ନୁହେଁ। ଶତ୍ରୁ ହେଉଛି ଅନିୟନ୍ତ୍ରିତ ବ୍ୟବହାର। ଯେପରି ନିଆଁ ରାସ୍ତାକୁ ନଷ୍ଟ କରେ, ସେହିପରି ଏହା ଲୋକଙ୍କୁ ଚାପି ଦିଏ। ପ୍ରଯୁକ୍ତିବିଦ୍ୟା ସୃଷ୍ଟି ଓ ବିନାଶ ପରି; ଉଭୟ ସମ୍ଭାବନା ବହନ କରେ। ପ୍ରଶ୍ନ ପ୍ରଯୁକ୍ତିବିଦ୍ୟାର ନୁହେଁ, ପ୍ରଶ୍ନ ବ୍ୟବହାରକାରୀଙ୍କ ବୁଦ୍ଧିମତ୍ତାର।

'ଦି ଟ୍ରୁମ୍ୟାନ୍ ଶୋ'ର ଶେଷ ଦୃଶ୍ୟରେ ଯେତେବେଳେ ଟ୍ରୁମ୍ୟାନ୍ କୃତ୍ରିମ ଆକାଶର ଦ୍ୱାରରେ ହାତ ରଖନ୍ତି, ସେ କେବଳ ଏକ ଷ୍ଟୁଡିଓରୁ ବାହାରକୁ ଯାଆନ୍ତି ନାହିଁ। ସେ ମାୟା ବିରୁଦ୍ଧରେ ମଣିଷର ଅନନ୍ତ ସ୍ୱାଧୀନତା ଘୋଷଣା କରନ୍ତି। ସେହି ଦ୍ୱାର ଆଜି ଆମ ସମ୍ମୁଖରେ ଅଛି। ତାହା କାଠର ଦ୍ୱାର ନୁହେଁ; ତାହା ହେଉଛି ସଚେତନତାର ଦ୍ୱାର। ଆଜି ଯଦି ଆମେ ଗୋଟିଏ ଘଣ୍ଟା ପାଇଁ ଆମର ମୋବାଇଲ୍ ଫୋନ୍ ବନ୍ଦ କରିପାରିବା ନାହିଁ, ଯଦି ଆମେ ଜଣେ ପ୍ରକୃତ ବ୍ୟକ୍ତିଙ୍କ ସହିତ କଥାବାର୍ତ୍ତା କରିବାକୁ ଚାହୁଁ, ତେବେ ଭର୍ଚୁଆଲ୍ ମତାମତକୁ ଅଧିକ ମୂଲ୍ୟ ଦିଅ, ଯଦି ଏହାର ପ୍ରଦର୍ଶନ ଆପଣଙ୍କ ନିଜ ଖୁସି ଅପେକ୍ଷା ଅଧିକ ଗୁରୁତ୍ୱପୂର୍ଣ୍ଣ। ଭାବୁଛି ଏହା ଗୁରୁତ୍ୱପୂର୍ଣ୍ଣ , କିନ୍ତୁ ଆମ ଜୀବନ ଓ ଟ୍ରୁମ୍ୟାନ୍ ଙ୍କ ଜୀବନ ମଧ୍ୟରେ ପାର୍ଥକ୍ୟ କେଉଁଠି ? ହୁଏତ ଆମେ ସମସ୍ତେ କୌଣସି ନା କୌଣସି ଭାବରେ ଦର୍ଶକ ଓ ତା'ପରେ ଚରିତ୍ର। ଆମେ ଅନ୍ୟମାନଙ୍କ ଜୀବନ ଦେଖୁ। ସେପରି ଅନ୍ୟମାନେ ମଧ୍ୟ ଆମର ଜୀବନ ଦେଖନ୍ତି। ଏହି ନିରନ୍ତର ଦେଖିବା ମଧ୍ୟରେ, ନାୟକ ଧୀରେ ଧୀରେ ତାଙ୍କର ବ୍ୟକ୍ତିଗତ ନୀରବତା, ତାଙ୍କର ଆନ୍ତରିକ ସ୍ୱାଧୀନତା ହରାଇ ବସିଥାଏ ଓ ବେଳେ ବେଳେ ଏକାନ୍ତ ମାନବିକତା ହଜିଯାଏ।

୧୭ଶ ଶତାବ୍ଦୀର ପ୍ରସିଦ୍ଧ ଫରାସୀ ଦାର୍ଶନିକ ରେନେ ଡେସକାର୍ଟସ୍ ତାଙ୍କର ଶେଷ ଶବ୍ଦ ଲେଖିଥିଲେ: ଭାବ, ସେଥିପାଇଁ ମୁଁ କୋଗିଟୋ-ଏର୍ଗୋ ସମ କହିଥିଲି। ତେବେ ଏହା ମୂଳତଃ ମାନବ ଅସ୍ତିତ୍ୱର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ। ତେଣୁ କୌଣସି ସନ୍ଦେହ ବିନା ତାଙ୍କର ସ୍ୱାଧୀନ ଚିନ୍ତା ଶକ୍ତିକୁ ମୌଳିକ ପ୍ରମାଣ ଭାବରେ ସ୍ୱୀକାର କରିବା।

ଏବେ ଅତ୍ୟନ୍ତ ଉନ୍ନତ ଡିଜିଟାଲ୍ ଯୁଗରେ ଡେସକାର୍ଟସ୍ଙ୍କ ଅଗଣିତ ଦର୍ଶନ ଏକ ନୂତନ ପରିମାଣରେ ଦେଖାଯାଉଛି। ଏକ ସମ୍ପୂର୍ଣ୍ଣ ନୂତନ ମନୋଭାବ ଉଚ୍ଚାରଣ କରିବାର ଏକ ଦୃଢ଼ ଦାବି କରୁଛି। ସେଥିପାଇଁ ମୁଁ ସଚେତନ, ତେଣୁ ମୁଁ ମୁକ୍ତ। ବର୍ତ୍ତମାନ ଆମର ଦୈନନ୍ଦିନ ଚିନ୍ତାଧାରା, ବ୍ୟକ୍ତିଗତ ପସନ୍ଦ ଓ ନିଷ୍ପତ୍ତି ନେବାର ଜଟିଳ ପ୍ରକ୍ରିୟାଗୁଡ଼ିକ କୃତ୍ରିମ ବୁଦ୍ଧିମତା ମାଧ୍ୟମରେ କ୍ରମାଗତ ଭାବରେ ବିକଶିତ ହେଉଛି ଓ ଡାଟା-ଚାଳିତ ପ୍ରଯୁକ୍ତିବିଦ୍ୟା ଏକ ଅଦୃଶ୍ୟ ହାତରେ ଗତି କରୁଛି।

ଯେଉଁଠାରେ ଆମର ଅବଚେତନ ମନ ସର୍ଭରରେ ବସିଥିବା ଅନେକ ଆଲଗୋରିଦମକୁ ଅନବରତ ନିୟନ୍ତ୍ରଣ କରୁଛି। ଏହି ଏକକ ପ୍ରଯୁକ୍ତିବିଦ୍ୟା ପ୍ରାଧାନ୍ୟର ପରିପ୍ରେକ୍ଷୀରେ, 'ଚିନ୍ତା' ଓ ଅସ୍ତିତ୍ୱ କେବଳ ସାଧାରଣ ଅର୍ଥରେ ବଜାୟ ରଖିବା ପାଇଁ ଯଥେଷ୍ଟ ନୁହେଁ। ବରଂ ଆମେ ପ୍ରକୃତରେ କ'ଣ ଭାବୁଛେ, କେଉଁ ପ୍ରଭାବରେ ଆମେ ଭାବୁଛେ ଓ ସେହି ଚିନ୍ତାଧାରାର ଉତ୍ସ କ'ଣ ? ଆମେ କେଉଁଠି ଅଛେ ସେ ବିଷୟରେ ଯଦି ଆମର ଏକ ତୀକ୍ଷ୍ଣ ଓ ନିରନ୍ତର ସଚେତନତା ଥାଏ, ତେବେ ଆଧୁନିକ ସମୟରେ ଆମେ ଏହି ଶୃଙ୍ଖଳାରେ ବଞ୍ଚିପାରିବା। ଯାହା ଦ୍ୱାରା ପ୍ରକୃତ ସ୍ୱାଧୀନତାର ସ୍ୱାଦ ନେଇପାରିବା।

କାରଣ ମାନବ ଇତିହାସର ସବୁଠାରୁ ବଡ଼ ସତ୍ୟ ହେଉଛି ଯେ ମଣିଷ ତାର ପରିବେଶଗତ ପରିସ୍ଥିତି ଉପରେ ନିର୍ଭର କରେ ଓ ସେ ନିର୍ଭୀକ ଭାବରେ ଅସ୍ତିତ୍ୱର ବାସ୍ତବତାକୁ ପ୍ରଶ୍ନ କରିପାରେ। ସେ କେବେବି ସମ୍ପୂର୍ଣ୍ଣ କୃତ୍ରିମ କିଛି କଳ୍ପନା କରି ପାରିବ ନାହିଁ। ସିମୁଲେସନ୍ କିମ୍ବା ଡିଜିଟାଲ୍ ଭ୍ରମ ଦ୍ୱାରା ଜୀବନ ପାଇଁ କାରାବରଣ କରାଯାଇପାରିବ ନାହିଁ। ଯଦି ଆମେ ଦାର୍ଶନିକ ଓ ସମାଜତାତ୍ତ୍ୱିକ ଦୃଷ୍ଟିକୋଣରୁ ଗଭୀର ଭାବରେ ପରୀକ୍ଷା କରିବା, ତେବେ ଆମର ଜୀବନ ହୁଏତ ପ୍ରସିଦ୍ଧ ହଲିଉଡ୍ ଚଳଚ୍ଚିତ୍ର 'ଦ ଟ୍ରୁମ୍ୟାନ୍ ଶୋ' ପରି ଏକ କାଚ-ଘେରା ଷ୍ଟୁଡିଓ ହୋଇପାରେ। ଯେଉଁଠାରେ ଜଣେ ନିର୍ଦ୍ଦେଶକ ଆମର ପ୍ରତ୍ୟେକ ମୁହୂର୍ତ୍ତର ଭାବନା ଓ ମୁକ୍ତ ଅସ୍ତିତ୍ୱକୁ ପ୍ରଯୁକ୍ତିବିଦ୍ୟାର ହାତରେ ରଖନ୍ତି ଓ ଠିକ୍ ଏହାକୁ ଉଠାଇ ପାରନ୍ତି।

କିନ୍ତୁ ଟିକେ ସ୍ଥିର ରହି ଚାରି ପାର୍ଶ୍ୱକୁ ସତର୍କତାର ସହିତ ଅବଲୋକନ କରି, ଆମେ ଏକ ଭୟଙ୍କର ବାସ୍ତବତାର ସାମ୍ନା କରିବା। ପ୍ରକୃତରେ ଯଦି କୌଣସି ଦିନ କୌଣସି ଶାନ୍ତ ମୁହୂର୍ତ୍ତରେ ଆମେ ନିଜ ଭିତରକୁ ଗଭୀର ଅନୁଭବ କରିପାରିବା ଯେ ଆମର ସମ୍ପୂର୍ଣ୍ଣ ସଚେତନତା ବିନା ଆମେ ନିରନ୍ତର ସାମାଜିକ ଗଣମାଧ୍ୟମର ଆକର୍ଷଣୀୟ ସ୍କ୍ରିନରେ ବୁଡ଼ି ରହିଛେ। କେବଳ ଲାଇକ୍-କମେଣ୍ଟ-ସେୟାର ରେ ମାତିଛେ । ପ୍ରତିଦିନ ଆଭାସୀ ମାଧ୍ୟମରେ ପୁନରାବୃତ୍ତି ଡିଜିଟାଲ୍ ଅଭ୍ୟାସର ପ୍ରାପ୍ତ ଅସ୍ଥାୟୀ ପରିଚୟ ଏକ ସୁନ୍ଦର ସଙ୍କେତ, ଅଦୃଶ୍ୟ ଚିତ୍ରଗୁଡ଼ିକ କେବଳ ଏକ ସୂତ୍ରର ଏକ ଚିତ୍ର ଉତ୍ତୋଳନ କରି ସଂଯୋଗ କରୁଛେ। ମୁଁ ଏପରି ଅଭିନୟ କରୁଛି ବୋଲି କେବେ ନିଜକୁ ନିର୍ଣ୍ଣୟ କରିନେ। କିନ୍ତୁ ସ୍ମାର୍ଟଫୋନର ନୀଳ ରଙ୍ଗ ଆମର ସେହି ଆଲଗୋରିଦମ ଯନ୍ତ୍ରଣାଦାୟକ କିନ୍ତୁ ଶୁଦ୍ଧ ସତ୍ୟକୁ ଅନୁଭବ କରିବା। ମାନସିକ ମୁକ୍ତି ପାଇଁ ପ୍ରଥମ ଓ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ କାହିଁ।

ଆମେ ପ୍ରତିଦିନ କେବଳ ସକାଳେ ଉଠି ରାତିରେ ଶୋଇବା ଦ୍ୱାରା ସ୍କ୍ରିନ୍ ସ୍କ୍ରୋଲ କରିବା ଆରମ୍ଭ କରୁ। ପରବର୍ତ୍ତୀ ମୁହୂର୍ତ୍ତ ପର୍ଯ୍ୟନ୍ତ ଆମେ ଯେଉଁ ଜୀବନ ବଞ୍ଚୁଛୁ ତାହା ଆମର ନିଜସ୍ୱ ଇଚ୍ଛାର ପ୍ରତିଫଳନ। ଏବେ ଏହା କର୍ପୋରେଟ୍ ପ୍ରଯୁକ୍ତିବିଦ୍ୟା ଦ୍ୱାରା ପ୍ରଭାବିତ, ସେହି ସୂକ୍ଷ୍ମ ରେଖା ଆଜି ଅଧିକରୁ ଅଧିକ ଝାପ୍ସା ହୋଇଗଲାଣି। ଆମେ ଆମ ଜୀବନର ଅମୂଲ୍ୟ ଆନନ୍ଦ, ଗଭୀରତମ ଦୁଃଖ, ପ୍ରାକୃତିକ ବାହାରକୁ ଯିବା ନା ପାରିବାରିକ ବିପରୀତ ପରିସ୍ଥିତିକୁ ମନେ ରଖିବା। ଆପଣଙ୍କ ଆତ୍ମାରେ ମୁହୂର୍ତ୍ତଗୁଡ଼ିକୁ କଏଦ କରିବା ଓ ସେଗୁଡ଼ିକୁ ଉପଭୋଗ କରିବା ପରିବର୍ତ୍ତେ, ସେଗୁଡ଼ିକୁ ସମ୍ପୂର୍ଣ୍ଣ ଭାବରେ ଫ୍ରେମ୍ କରନ୍ତୁ। ସତରେ ଡିଜିଟାଲ୍ ଦୁନିଆର ଅଜ୍ଞତା ଲୋକଙ୍କୁ ଦେଖାଇବାର ଏକ ଅସୁସ୍ଥ ପ୍ରତିଯୋଗିତାରେ ମୁଁ ଅଧିକ ନିଶାଗ୍ରସ୍ତ ହୋଇଗଲି।

ଅନ୍ୟମାନଙ୍କର ଆଭାସୀ ଆଖିରେ ନିଜକୁ ଖୁସି ଓ ସିଦ୍ଧ ପ୍ରମାଣ କରିବାର ଏହି ନିରନ୍ତର, କ୍ଳାନ୍ତକାରୀ ପ୍ରକ୍ରିୟା। ଏହି ଲଢ଼େଇ ଆମର ପ୍ରାକୃତିକ, ମାନବୀୟ ସାରଠାରୁ ବହୁତ ଦୂରରେ ଏକ ଯାନ୍ତ୍ରିକ ଜିନିଷ। ବିଚ୍ଛିନ୍ନତା ଦୂର କରିବା। ତେଣୁ ଦିନର ଶେଷରେ, ଏହା ମହାନ ବିଶ୍ୱ ସାମ୍ନାରେ ଥିବା ଶେଷ ଓ ସବୁଠାରୁ ଜରୁରୀ ପ୍ରଶ୍ନବାଚୀ ଉଙ୍କି ଆସେ। ପ୍ରଯୁକ୍ତିବିଦ୍ୟା, ସ୍ମାର୍ଟଫୋନ୍, ଆପ୍ କିମ୍ବା ଇଣ୍ଟରନେଟ୍ ବ୍ୟବହାର କରିବାର କୌଣସି ସୁଯୋଗ ନାହିଁ। ଏହି ସରଳ ପ୍ରଶ୍ନକୁ ଆମର ନିଜସ୍ୱ ବିବେକର ଦର୍ପଣ ସମ୍ମୁଖରେ ଉଠାଇବା ପାଇଁ ବହୁତ ସାହସ ଆବଶ୍ୟକ। ଏହାକୁ ଏକାଠି କରିବାକୁ ପଡିବ। ଏହା ହେଉଛି ଆତ୍ମା ଅନୁସନ୍ଧାନର ଅନନ୍ତ ପ୍ରଶ୍ନ। ଆମେ କ'ଣ ଏହି ଦୁନିଆରେ ପ୍ରକୃତରେ ଏକ ଅର୍ଥପୂର୍ଣ୍ଣ, ସ୍ୱାଧୀନ ଓ ଆଧ୍ୟାତ୍ମିକ ଜୀବନ ନେଇ ବଞ୍ଚୁଛେ ? ଆପଣ କ'ଣ ପ୍ରକୃତରେ ସମୟର ଛାୟାଚିତ୍ରରେ ସେହି ମୁହୂର୍ତ୍ତକୁ ଉପଭୋଗ କରୁଛନ୍ତି, ନା ଆପଣ କେବଳ କିଛି ଭର୍ଚୁଆଲ୍ ସୃଷ୍ଟି କରୁଛନ୍ତି ?

ସାମାଜିକ ଗଣମାଧ୍ୟମର ନ୍ୟୁଜଫିଡ୍ ଦ୍ୱାରା ଆମର ନିଜସ୍ୱ ମୂଲ୍ୟବାନ ଜୀବନକୁ ହାତ ଧରିବାର ଆଶା ନିରନ୍ତର ହ୍ରାସ ପାଉଛି। ଏହା କ'ଣ ଏକ ଧାରାବାହିକ ନାଟକ ପରି ପ୍ରସାରିତ ହେଉଛି ? କାଲିର ମାନବ ସଭ୍ୟତା ଏହି ପ୍ରଶ୍ନର ସଚ୍ଚୋଟ, ସାହସିକ ଓ ବସ୍ତୁନିଷ୍ଠ ଉତ୍ତରରେ ଲୁଚି ରହିଛି। ଏକ ସ୍ୱାଧୀନ ଅସ୍ତିତ୍ୱର ମୁଖ୍ୟ ଚାବିକାଠି, ଯାହା ଆମକୁ ବାରମ୍ବାର ମନେ ପକାଇ ଦିଏ ଯେ ପ୍ରଯୁକ୍ତିବିଦ୍ୟା ଆମର। ନିଷ୍କର୍ଷରେ କୁହାଯାଇପାରେ ପରଦା ବାହାରେ ଅଦୃଶ୍ୟ ଅଗଣିତ ଦର୍ଶକ ଓ ଆଭାସୀର ଅସ୍ତିତ୍ୱ , ଅନ୍ୟପକ୍ଷରେ ବାସ୍ତବତାର ଅକଳନ ଚୂଡ଼ାନ୍ତ ପ୍ରଶ୍ନ ଯାହାର କେବେ ଅନ୍ତ ନାହିଁ। ଏହାକୁ ଜୀବନସାରା ସହଜ ଓ ସମୃଦ୍ଧ କରିବା ପାଇଁ ଏକ ଉପକରଣ ଭାବରେ ବ୍ୟବହାର କରାଯିବା ଉଚିତ୍, ଏଥିରେ ବୋଧେ କୌଣସି ଦ୍ୱିଧା ନାହିଁ...!!!!

ଅଧ୍ୟକ୍ଷ, ମହାନଦୀବିହାର ମହିଳା ସ୍ନାତକ ମହାବିଦ୍ୟାଳୟ, କଟକ -୪
ମୋବାଇଲ୍: ୯୦୪୦ ୧୫୧୪ ୭୫

ରଥଯାତ୍ରା କାର୍ଯ୍ୟରେ ନିୟୋଜିତ ହୋମଗାର୍ଡଙ୍କ ମୃତ୍ୟୁ

# ୧୦ ଲକ୍ଷ ସହାୟତା ରାଶି ସହ ପରିବାରର ଜଣଙ୍କୁ ଚାକିରି: ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର, ୧୨।୭ (ସଂଚାର ବ୍ୟୁରୋ): ରଥଯାତ୍ରା କାର୍ଯ୍ୟରେ ନିୟୋଜିତ କେନ୍ଦୁଝରର ହୋମଗାର୍ଡ ପ୍ରଦୀପ କୁମାର ମହାନ୍ତିଙ୍କ ମୃତ୍ୟୁରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଶୋକ ପ୍ରକାଶ କରିଛନ୍ତି। ଶୋକସନ୍ତପ୍ତ ପରିବାରବର୍ଗଙ୍କ ପ୍ରତି ସମବେଦନା ଜଣାଇଛନ୍ତି। ମୃତକଙ୍କ ଆତ୍ମୀୟଙ୍କ ପାଇଁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ୧୦ ଲକ୍ଷ ଟଙ୍କାର ସହାୟତା ମଧ୍ୟ ଘୋଷଣା କରାଯାଇଛି। ଏହିସହିତ ତାଙ୍କ ପରିବାରର ଜଣେ ଯୋଗ୍ୟ ସଦସ୍ୟଙ୍କୁ ହୋମଗାର୍ଡ ଭାବେ ନିଯୁକ୍ତି ପ୍ରଦାନ କରିବାକୁ ମୁଖ୍ୟମନ୍ତ୍ରୀ କହିଛନ୍ତି। କେନ୍ଦୁଝର ଜିଲ୍ଲାରୁ ୫୦ ଜଣିଆ ହୋମଗାର୍ଡ ରଥ ଖୁଣ୍ଟି ପାଇଁ ଆସିଥିଲେ। ରାତି ୧୦ଟା ସମୟରେ ଖାଇ ସାରି ନିଜ କୋଠରିରେ ଶୋଇଥିଲେ ପ୍ରଦୀପ। ଏହାପରେ ହଠାତ ସେ ବାନ୍ତି କରିଥିଲେ। ଏପିକି ପାଟିରୁ ଧଳା ଗେଜ଼ଣ ଫେଣ ବି ବାହାରୁଥିଲା। ସାଥୀମାନେ ତୁରନ୍ତ ତାଙ୍କୁ ସାକ୍ଷୀଗୋପାଳ ମେଡିକାଲରେ ଭର୍ତ୍ତି କରିଥିଲେ। ହେଲେ ସେଠାରେ ତାଙ୍କୁ ବଞ୍ଚାଇ ହୋଇପାରିନଥିଲା। ମେଡିକାଲରେ ପ୍ରଦୀପଙ୍କୁ ମୃତ ଘୋଷଣା କରିଥିଲେ ଡାକ୍ତର। ହୋମଗାର୍ଡଙ୍କ ମୃତ୍ୟୁର ସଠିକ କାରଣ ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। ଏପଟେ ଘଟଣାସ୍ଥଳରେ ସାପ କାମୁଡ଼ିଥିବା ନେଇ ଚର୍ଚ୍ଚା ହେଉଛି। ସୂଚନା ପାଇବା ପରେ ସଦରବାଦୀ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପୁରୀ ସଦର ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ।

## ତାମିଲନାଡୁରେ ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁ

ଭୁବନେଶ୍ୱର, ୧୨।୭ (ସଂଚାର ବ୍ୟୁରୋ): ତାମିଲନାଡୁରେ ଜଣେ ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ଗୋଷ୍ଠି ଥାନା ବିଜାପଦର ଗ୍ରାମର ତୁମ୍ମା ମହାନନ୍ଦିଆଙ୍କ ଶରୀର ପ୍ରାୟ ୧୦ଦିନରେ ମୃତ୍ୟୁ ଘଟିଥିବା ସୂଚନା ମିଳିଥିଲା। ମୃତ ଶ୍ରମିକଙ୍କ ପରିବାର ଅତି ଗରିବ। ତେଣୁ ତାଙ୍କ ମରଶରୀର ଘରକୁ ଆଣିବାରେ ସମସ୍ୟା ଉପୁଜୁଛି। ତାଙ୍କର ମରଦେହକୁ ଘରକୁ ଆଣିବାରେ ସହାୟତା କରିବାକୁ ମୃତ ଶ୍ରମିକଙ୍କ ପରିବାର ପକ୍ଷରୁ ପ୍ରଶାସନକୁ ଅନୁରୋଧ କରାଯାଇଛି। ସୂଚନାନୁସାରେ, ତୁମ୍ମା ଚଳିତ ବର୍ଷ ମାର୍ଚ୍ଚ ମାସରୁ ତାମିଲନାଡୁ ରାଜ୍ୟର ତିରି ଜିଲ୍ଲା ମଣ୍ଡାପେ ଗାଁରେ ଏକ ସୂତାକଳରେ କାମ କରୁଥିଲେ। ଆଜି ୭ଟା ବେଳେ ସେ କାରଖାନାରେ କାମକରୁଥିବା ବେଳେ ହଠାତ୍ ଅଚେତ ହୋଇଯାଇଥିଲେ। ତାଙ୍କୁ ସ୍ଥାନୀୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପରିବାର ପକ୍ଷରୁ ପ୍ରଶାସନକୁ ସହାୟତା ନିମନ୍ତେ ନିବେଦନ କରାଯାଇଛି।

# ସରକାର ଓ ଚାଷୀଙ୍କ ମଧ୍ୟରେ ସେତୁ ହେବ କୃଷକ ମୋର୍ଚ୍ଚା



ଭୁବନେଶ୍ୱର, ୧୨।୭ (ସଂଚାର ବ୍ୟୁରୋ): କୃଷି ଓ କୃଷକଙ୍କ ଉନ୍ନତି ପାଇଁ ବିଜେପି ସରକାର ସମର୍ପିତ। ଓଡ଼ିଶାରେ ବିଜେପି ସରକାର ଆସିବା ପରେ କୃଷି ଓ କୃଷକଙ୍କ ଦିନକୁଦିନ ଉନ୍ନତି ହେବାରେ ଲାଗିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କୃଷି ଓ କୃଷକର ଉନ୍ନତି ପାଇଁ ଅନେକ କୃଷି କଲ୍ୟାଣକାରୀ ଯୋଜନା ପ୍ରଣୟନ କରିଛନ୍ତି। ଏସବୁ ଯୋଜନା କିପରି ରାଜ୍ୟର ଚାଷୀମାନଙ୍କ ପାଖରେ ପହଞ୍ଚିବ ସେନେଇ କାର୍ଯ୍ୟକର୍ତ୍ତାମାନଙ୍କୁ ଦାୟିତ୍ୱ ଦିଆଯାଉଛି। ସରକାର ଓ ଚାଷୀଙ୍କ ମଧ୍ୟରେ କୃଷକ ମୋର୍ଚ୍ଚା ସେତୁ ପରି କାର୍ଯ୍ୟ କରିବ ବୋଲି ବିଜେପି କାର୍ଯ୍ୟାଳୟରେ ଅନୁଷ୍ଠିତ ସାଙ୍ଗଠନିକ ବୈଠକରେ ରାଜ୍ୟ କୃଷକ ମୋର୍ଚ୍ଚା ସଭାପତି ଶ୍ରୀଭାଂଶୁ ମୋହନ ପାଢ଼ୀ କହିଛନ୍ତି।

ବୈଠକ ସଂପର୍କରେ ସୂଚନା ଦେଇ ଶ୍ରୀ ପାଢ଼ୀ କହିଛନ୍ତି ଯେ, ପୂର୍ବ ସରକାର ସମୟରେ କୃଷକମାନଙ୍କ ଉନ୍ନତି ଉପରେ ଧ୍ୟାନ ଦିଆଯାଉ ନଥିଲା। ପ୍ରଧାନମନ୍ତ୍ରୀଙ୍କ କୃଷକ କଲ୍ୟାଣକାରୀ ଯୋଜନାଗୁଡ଼ିକ ଲୋକଙ୍କ ପାଖରେ ପହଞ୍ଚି ପାରୁନଥିଲା। ମୋଦି କୃଷକଙ୍କ ଆୟ ଦ୍ୱିଗୁଣିତ କରିବା ଉପରେ କାର୍ଯ୍ୟ କରୁଛନ୍ତି। ମୁଖ୍ୟମନ୍ତ୍ରୀ କୃଷକଙ୍କ ସାମୂହିକ ବିକାଶ ପାଇଁ ବଦ୍ଧପରିକର। ରାଜ୍ୟର ସମସ୍ତ କୃଷକ ଯେପରି କଲ୍ୟାଣକାରୀ ଯୋଜନାଗୁଡ଼ିକର ଲାଭ ଉଠାଇପାରିବେ ସେନେଇ ସେମାନଙ୍କୁ ଅବଗତ କରାଇବା ପାଇଁ କୃଷକ ମୋର୍ଚ୍ଚା କାର୍ଯ୍ୟକର୍ତ୍ତାଙ୍କୁ ଗୁରୁଦାୟିତ୍ୱ ଦିଆଯାଇଛି। ରାଜ୍ୟ ସଭାପତି ତଥା ରାଜ୍ୟସଭା ସାଂସଦ ମନମୋହନ ସାମଲ ବୈଠକରେ ଯୋଗଦେଇ ଜିଲ୍ଲାରୁ ଆସିଥିବା ମୋର୍ଚ୍ଚାର କାର୍ଯ୍ୟକର୍ତ୍ତାଙ୍କୁ ମାର୍ଗଦର୍ଶନ କରିଥିଲେ। ମନ୍ତ୍ରୀ ଗଣେଶରାମ ସିଂ ଖୁଣ୍ଟିଆ ଯୋଗଦେଇ ପରିବର୍ତ୍ତିତ ପରିବେଶ ଯୋଗୁ ଚାଷ ଉପରେ ପଡୁଥିବା ପ୍ରଭାବ ସମ୍ପର୍କରେ ଅବଗତ କରାଇଥିଲେ। ସାଂସଦ ସୁକାନ୍ତ ପାଣିଗ୍ରାହୀ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ କୃଷି ଓ କୃଷକ ସଶକ୍ତିକରଣ ଉପରେ ଆଲୋକପାତ କରିଥିଲେ।

## ଆଜି ଲୋୟର ପିଏମଜିରେ ଅନଶନରେ ବସିବେ ଚାମେଲି



କେନ୍ଦ୍ରାପଡ଼ା, ୧୨।୭ (ସଂଚାର ବ୍ୟୁରୋ): ଏଥର କେନ୍ଦ୍ରାପଡ଼ା ନୁହେଁ, ରାଜଧାନୀ ଭୁବନେଶ୍ୱରରେ ନ୍ୟାୟ ମାଗିବେ ଚାମେଲି ଓଝା। ସୋମବାର ଭୁବନେଶ୍ୱର ଲୋୟର ପିଏମଜିରେ ଡିଜିଟି ସରପଞ୍ଚ ଚାମେଲି ଓଝା ଅନଶନରେ ବସି ନ୍ୟାୟ ପାଇଁ ଦାବି କରିବେ। ମହାକାଳପଡ଼ା ଆଇଆଇସି ଓ ବିଡିଓଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବିରେ ଚାମେଲି ଅନଶନ କରିବେ ବୋଲି ଜଣାପଡ଼ିଛି। ସୋସିଆଲ ମିଡିଆରେ ଏକ ଭିଡିଓ ବାର୍ତ୍ତାରେ ଏହି ସୂଚନା ଦେଇଛନ୍ତି ଚାମେଲି ଓଝା। ପୂର୍ବରୁ ଚାମେଲି କେନ୍ଦ୍ରାପଡ଼ା ଏସପି ଅଫିସ୍ ଆଗରେ ଅନଶନରେ ବସିଥିଲେ। ଥାନା ଅଧିକାରୀ ଓ ବିଡିଓଙ୍କୁ ନିଲମ୍ବନ ସହ ତାଙ୍କୁ ଦୁର୍ବ୍ୟବହାର କରିଥିବା ସମସ୍ତ ଅଭିଯୁକ୍ତଙ୍କୁ ଗିରଫ ଦାବି କରିଥିଲେ।

## ପ୍ରଭାତଙ୍କ ଉପରେ ବର୍ଷିଲେ କଟକ ମେୟର



କଟକ, ୧୨।୭ (ସଂଚାର ବ୍ୟୁରୋ): ଚୌଦ୍ୱାର-କଟକର ପୂର୍ବତନ ବିଜେଡି ବିଧାୟକ ପ୍ରଭାତ ବିଶ୍ୱାଳଙ୍କ ବିଜେପିରେ ଯୋଗ ଦେବାକୁ ନେଇ କଟକ ମେୟର ସୁଭାଷ ସିଂ କହିଛନ୍ତି ଯେ, ପ୍ରଭାତ ବିଶ୍ୱାଳଙ୍କୁ ଦଳ ବିରୋଧୀ କାମ ପାଇଁ ବିଜେଡି ବହିଷ୍କାର କରିଥିଲା। ଦୁଃଖର କଥା ହେଉଛି ଯେଉଁ ପ୍ରଭାତ ବିଶ୍ୱାଳ ଓ ତାଙ୍କ ପରିବାରକୁ କିଛି ବର୍ଷ ହେବ ବିଜେପି ଚିଟଫଣ୍ଡ ଚୋର କହିବା ସହ ସିବିଆଇ ତଦନ୍ତ ପାଇଁ ଦାବି କରୁଥିଲା ଏବେ ସେହି ବିଜେପିରେ ସେ ଯୋଗ ଦେଉଛନ୍ତି। ସାରା ଭାରତର ଦୁର୍ନୀତିଖୋର ନେତାଙ୍କ ପାଇଁ ବିଜେପି ୱାସିଂ ମେସିନ ପାଲଟିଛି ବୋଲି ସେ କହିଛନ୍ତି। ସେ ଆହୁରି କହିଛନ୍ତି ଯେ, ପ୍ରଭାତଙ୍କର କୌଣସି ନିଜସ୍ୱ ଅସ୍ତିତ୍ୱ ନାହିଁ। ସେ ନବୀନଙ୍କ ବଳରେ ବଳୀୟାନ ଥିଲେ। ବିଜେଡିରେ ରହି କ୍ଷମତାର ଉପଭୋଗ କଲେ। ହେଲେ ଏବେ ଦଳ ତାଙ୍କୁ ବହିଷ୍କାର କରିବା ପରେ କ୍ଷମତା ଲୋଭରେ ସେ ବିଜେପିରେ ଯୋଗ ଦେଉଛନ୍ତି।

ମିଶନ ଶକ୍ତିର ଗୌରବମୟ ଇତିହାସକୁ ଲିଭାଇବାକୁ ଉଦ୍ୟମ: ବିଜେଡି

# ମିଶନ ଶକ୍ତି ୱେବ୍‌ସାଇଟରୁ ହଟିଲା ନବୀନଙ୍କ ଫଟୋ



ଭୁବନେଶ୍ୱର, ୧୨।୭ (ସଂଚାର ବ୍ୟୁରୋ): ରାଜ୍ୟ ବିଜେପି ସରକାର, ନବୀନ ସରକାରଙ୍କ ସମୟରେ ପ୍ରତିଷ୍ଠିତ ହୋଇଥିବା ମିଶନ ଶକ୍ତିର ଗୌରବମୟ ଇତିହାସକୁ ଲିଭାଇବାର ବୃଥା ପ୍ରୟାସ କରୁଛନ୍ତି ବୋଲି ଅଭିଯୋଗ କରି ବିଜୁ ଜନତା ଦଳ ରାଜ୍ୟ ବିଜେପି ସରକାରଙ୍କ ଉପରେ ବର୍ଷିଛି। ସରକାରଙ୍କ ଏହି ପଦକ୍ଷେପ ଓଡ଼ିଶାର ଜନମାନସକୁ ଅପମାନିତ କରିବା ସହିତ ସରକାରଙ୍କ ଅସୁରକ୍ଷିତ ମନୋଭାବକୁ ପ୍ରଦର୍ଶିତ କରୁଛି ବୋଲି ବିଜେଡି କହିଛି।

ଆଜି ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବିଧାୟିକା ତଥା ଦଳର ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ, ରାଜ୍ୟସଭା ସାଂସଦ ସୁଲତା ଦେଓ, ପୂର୍ବତନ ମନ୍ତ୍ରୀ ଟୁକୁନି ସାହୁ ଓ ପୂର୍ବତନ ରାଜ୍ୟ ମହିଳା କମିସନର ଲୋପାମୁଦ୍ରା ବକ୍ସିପାତ୍ର ରାଜ୍ୟ ସରକାରଙ୍କ ପଦକ୍ଷେପ ତାଙ୍କ ହୀନମନ୍ୟତାକୁ ପ୍ରଦର୍ଶିତ କରୁଛି ବୋଲି କହିଛନ୍ତି। ମିଶନ ଶକ୍ତି ସମ୍ବନ୍ଧୀୟ ସରକାରୀ ୱେବ୍‌ସାଇଟରୁ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଫଟୋ ଓ ତଥ୍ୟ ହଟାଇବାର ପ୍ରୟାସ ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ଏହା ବର୍ତ୍ତମାନ ସରକାରଙ୍କ ଗଭୀର ଅସୁରକ୍ଷିତ ମନୋଭାବର ପ୍ରତିଫଳନ। ଯେଉଁ ସରକାର ଇତିହାସ ସୃଷ୍ଟି କରିବାର କ୍ଷମତା ରଖନ୍ତି, ସେ ଇତିହାସକୁ ସଂରକ୍ଷଣ କରନ୍ତି। କିନ୍ତୁ ଯେଉଁ ସରକାର ନିଜେ ଇତିହାସ ସୃଷ୍ଟି କରିବାରେ ଅକ୍ଷମ ସେ ଇତିହାସକୁ ଲିଭାଇବାର ପ୍ରୟାସ କରିଥାଏ। ଦୁଃଖ ଓ ପରିତାପର ବିଷୟ, ବର୍ତ୍ତମାନର ସରକାର ଇତିହାସ ସୃଷ୍ଟି କରିବା ପରିବର୍ତ୍ତେ ଇତିହାସକୁ ଲିଭାଇବାକୁ ଅପଚେଷ୍ଟା କରୁଛନ୍ତି। ଯେଉଁ ସରକାର ନିଜ କାର୍ଯ୍ୟଦକ୍ଷତା ଓ ସଫଳତାକୁ ଲୋକଙ୍କ ସାମ୍ନାରେ ରଖିବା ପରିବର୍ତ୍ତେ ପୂର୍ବତନ ସରକାରଙ୍କ କାର୍ଯ୍ୟର ଚିହ୍ନଗୁଡ଼ିକୁ ଲିଭାଇବାରେ ବ୍ୟସ୍ତ ରହେ, ସେ ପ୍ରକୃତରେ ନିଜ ବିଫଳତାକୁ ସ୍ୱୀକାର କରୁଛି ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ ବୋଲି ବିଜେଡି କହିଛି।

## ଉତ୍କଳ ଦୃଷ୍ଟିହୀନ ସଂଘର ସାମ୍ବାଦିକ ସମ୍ମିଳନୀ



ଭୁବନେଶ୍ୱର, ୧୨।୭ (ସଂଚାର ବ୍ୟୁରୋ): ରାଜ୍ୟ ସରକାରଙ୍କ ପକ୍ଷରୁ ଉତ୍କଳ ଦୃଷ୍ଟିହୀନ ସଂଘକୁ ପ୍ରଦାନ କରାଯାଇଥିବା ସରକାରୀ ଜମିକୁ କିଛି ବ୍ୟକ୍ତି ବେଆଇନ ଭାବେ ଦଖଲ କରିଛନ୍ତି ବୋଲି ରବିବାର ନନ୍ଦନକାନନସ୍ଥିତ ତିଲୋତ୍ତମା କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଅଭିଯୋଗ କରାଯାଇଛି। ଉତ୍କଳ ଦୃଷ୍ଟିହୀନ ସଂଘର ସାଧାରଣ ସମ୍ପାଦକ ପ୍ରଶାନ୍ତ କୁମାର ଦାଶ କହିଛନ୍ତି ଯେ, କଲ୍ୟାଣ ମଣ୍ଡପ ଠିକାଦାର ରଶ୍ମି ରଞ୍ଜନ ସାହୁଙ୍କ ମାଲିକାନାରେ ଚାଲୁଥିବା ବେଳେ ଏଥିରେ ଖାରବେଳ ନଗର ଥାନା ଅଧିକାରୀ ରଶ୍ମି ରଞ୍ଜନ ସାହୁଙ୍କ ସମ୍ପୃକ୍ତି ଓ ସମର୍ଥନ ରହିଛି। ସଂଘ ପରିସରରେ ଥିବା ଏହି କଲ୍ୟାଣ ମଣ୍ଡପରେ ବିଭିନ୍ନ କାର୍ଯ୍ୟକ୍ରମ ବେଳେ ନିଶାଦ୍ରବ୍ୟ ସେବନ କରାଯାଉଥିବା ସେ ଅଭିଯୋଗ କରିଛନ୍ତି। କଲ୍ୟାଣ ମଣ୍ଡପରେ ଚାଲିଥିବା ବ୍ୟବସାୟିକ କାର୍ଯ୍ୟକୁ ବନ୍ଦ କରିବା ସହ ଉକ୍ତ କଲ୍ୟାଣ ମଣ୍ଡପକୁ ସମ୍ପୂର୍ଣ୍ଣ ରୂପେ ବନ୍ଦ କରିବାକୁ ଦୃଷ୍ଟିହୀନ ସଂଘର ସଦସ୍ୟମାନେ ଦାବି କରିଛନ୍ତି। ସେଠାରେ ଚାଲିଥିବା ଆବାସିକ ଦୃଷ୍ଟିହୀନ ବିଦ୍ୟାଳୟକୁ ସରକାରୀ ସୁବିଧା ସୁଯୋଗ ପ୍ରଦାନ କରିବାକୁ ସଙ୍ଘ ପକ୍ଷରୁ ସରକାରଙ୍କୁ ନିବେଦନ କରାଯାଇଛି।

## ଅବସରକାଳୀନ ସମ୍ବର୍ଦ୍ଧନା ସଭା

ଗୁରୁଡ଼ିଝାଟିଆ, ୧୨।୭ (ସଂଚାର ବ୍ୟୁରୋ): ଶନିବାର ଗୁରୁଡ଼ିଝାଟିଆ କେନ୍ଦ୍ର ପ୍ରାଥମିକ ବିଦ୍ୟାଳୟର ଶିକ୍ଷୟିତ୍ରୀ ବୀଣାପାଣି ରାଉତଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ସର୍ବ ଭାରତୀୟ ଶିକ୍ଷକ ନେତା ପ୍ରତାପ କିଶୋର ମହାପାତ୍ର ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ମୁଖ୍ୟ ଅତିଥି ଭାବେ ଉତ୍କଳ ସାହିତ୍ୟ ସମାଜର ପାଠାଗାର ସମ୍ପାଦକ ବ୍ରହ୍ମାନନ୍ଦ ମହାନ୍ତି ଓ ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ସହ-ଶିକ୍ଷାଧିକାରୀ ଶିଶିର କୁମାର ମିଶ୍ର ଯୋଗ ଦେଇଥିବା ବେଳେ ଅନିରୁଦ୍ଧ ନନ୍ଦ, ବିମ୍ବାଧର ନାୟକ, ହୃଦାନନ୍ଦ ସାହାଣୀ, ଶିବପ୍ରସାଦ ପରିଡା, ରଶ୍ମିରଞ୍ଜନ ବିଶ୍ୱାଳ, ଦେବଦତ୍ତ ପାଳ, ଲକ୍ଷ୍ମୀପ୍ରସାଦ ଆଚାର୍ଯ୍ୟ ଓ ସୁକୁମାର ସାମଲ ପ୍ରମୁଖ ସମ୍ମାନିତ ଅତିଥି ରୂପେ ଯୋଗଦାନ କରିଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରଦୀପ କୁମାର ନାୟକ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସୁବାସ ଚନ୍ଦ୍ର ନାୟକ, ଅନ୍ତର୍ଯାମୀ ବରାଳ ଓ ସହ-ଶିକ୍ଷୟିତ୍ରୀ ବିଷ୍ଣୁପ୍ରିୟା ନାୟକ ଛାତ୍ରଛାତ୍ରୀଙ୍କ ସହ ମିଶି ଶ୍ରୀମତୀ ରାଉତଙ୍କ ଉଦ୍ଦେଶ୍ୟରେ ବିଦାୟକାଳୀନ ସଂଗୀତ ଗାନ କରିଥିଲେ। ତୁଷାର କୁମାର ବେଉରା, ତ୍ରିଲୋଚନ ପାଳ, ସୁଧିର କୁମାର ପରିଡ଼ା, ଅକ୍ଷୟ କୁମାର ବିଶ୍ୱାଳ, ସମରେନ୍ଦ୍ର ବିଶ୍ୱାଳ, ନରୋତ୍ତମ ପାଳ, ମନୋଜ ସାହୁ ପ୍ରମୁଖ ଶ୍ରୀମତୀ ରାଉତଙ୍କ ସମ୍ପର୍କରେ ବିତାଇଥିବା ଦିନଗୁଡ଼ିକର ସ୍ମୃତିଚାରଣ କରିଥିଲେ। ପ୍ରତାପ କୁମାର ଧଳ ଧନ୍ୟବାଦ ଅର୍ପଣ କରିଥିଲେ।

# ସାମାଜିକ ସୁରକ୍ଷା ଅଧିକାରୀ ସଂଘ ବୈଠକ




ଭୁବନେଶ୍ୱର, ୧୨।୭ (ସଂଚାର ବ୍ୟୁରୋ): ଅଖିଳ ଓଡ଼ିଶା ସାମାଜିକ ସୁରକ୍ଷା ଅଧିକାରୀ ସଂଘ ପକ୍ଷରୁ ରାଜ୍ୟସ୍ତରୀୟ ବାର୍ଷିକ ସାଧାରଣ ବୈଠକ ଓଡ଼ିଶା ସଚିବାଳୟ ସଂଘ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସଂଘର ସଭାପତି ଯତୀନ ପାଣିଗ୍ରାହୀ ପ୍ରାରମ୍ଭିକ ଅଭିଭାଷଣ ପ୍ରଦାନ କରିଥିବା ବେଳେ ଖୋର୍ଦ୍ଧା ସାମାଜିକ ସୁରକ୍ଷା ଅଧିକାରୀ ଦିଲ୍ଲୀପ ହିଆଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସଂଘର ବିଭିନ୍ନ କାର୍ଯ୍ୟଧାରା ଉପରେ ଆଲୋକପାତ କରିଥିଲେ ଓ ସାମାଜିକ ସୁରକ୍ଷା କ୍ୟାଡରର ଉପସ୍ଥିତ ୨୦୦ରୁ ଅଧିକ ଅଧିକାରୀଙ୍କୁ ଆଗାମୀ ଯୋଜନା ବିଷୟରେ ପରାମର୍ଶ ପ୍ରଦାନ କରାଯାଇଥିଲା। ପ୍ରାରମ୍ଭିକ ଗ୍ରେଡ୍ ପେ'ର ଲେବଲ ୯ରୁ ଲେବଲ ୧୦କୁ ସଂଶୋଧନ, ପଞ୍ଚାୟତସ୍ତରୀୟ ନୂତନ କ୍ଷେତ୍ର ଅଧିକାରୀ ନିଯୁକ୍ତି, ବହୁ ପ୍ରତୀକ୍ଷିତ ସଂଶୋଧିତ ସାମାଜିକ ସୁରକ୍ଷା କ୍ୟାଡରର ଯଥାଶୀଘ୍ର ଲାଗୁ, କନିଷ୍ଠ ସହାୟକମାନଙ୍କ ପଦୋନ୍ନତି କ୍ୟାଡର ଗଠନ ଇତ୍ୟାଦି ଦାବି ଉପରେ ଆଲୋଚନା କରାଯାଇଥିଲା। ସର୍ବଶେଷରେ ସାଧାରଣ ସମ୍ପାଦକ ସଂଘର ଆଗାମୀ କାର୍ଯ୍ୟପନ୍ଥା ସମ୍ପର୍କରେ ସଦସ୍ୟମାନଙ୍କୁ ସୂଚନା ପ୍ରଦାନ କରିବା ସହିତ ସଂଘକୁ ଆଗାମୀ ଦିନରେ ସୁଦୃଢ଼ କରାଇବା ପାଇଁ ଉପସ୍ଥିତ ସଦସ୍ୟମାନଙ୍କଠାରୁ ସହଯୋଗ ଲୋଡ଼ିଥିଲେ।

# ଓଲଟିଲା ପିଆଜ ବୋଝେଇ ଟ୍ରକ୍

## ଯିଏ ଯେତେ ପାରିଲେ ବୋହିନେଲେ

କେନ୍ଦୁଝର, ୧୨।୭ (ସଂଚାର ବ୍ୟୁରୋ): ଓଲଟିଲା ପିଆଜ ବୋଝେଇ ଟ୍ରକ। ଯିଏ ଯେତେ ପାରିଲେ ବୋହିନେଲେ। କେନ୍ଦୁଝର ୪୯ ନମ୍ବର ଜାତୀୟ ରାଜପଥର ଜୁଡ଼ିଆ ଘାଟିରେ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ପିଆଜ ବୋଝେଇ ଟ୍ରକଟି ନାସିକରୁ ପଶ୍ଚିମବଙ୍ଗ ଅଭିମୁଖେ ଯାଉଥିଲା। ଜୁଡ଼ିଆ ଘାଟି ନିକଟରେ ଅଭିମୁଖେ ଯାଉଥିଲା। ଜୁଡ଼ିଆ ଘାଟି ନିକଟରେ ହଠାତ୍ ଚାଳକ ଗାଡ଼ି ଉପରୁ ନିୟନ୍ତ୍ରଣ ହରାଇଥିଲେ। ଫଳରେ ଟ୍ରକଟି ରାସ୍ତା ଉପରେ ଓଲଟି ପଡ଼ିଥିଲା। ଦୁର୍ଘଟଣା ପରେ ଟ୍ରକରେ ଥିବା ପିଆଜ ରାସ୍ତାରେ ଖେଳି ଯାଇଥିଲା। ଏହା ଦେଖି ସ୍ଥାନୀୟ ଲୋକମାନେ ଘଟଣାସ୍ଥଳରେ ପହଞ୍ଚି ପିଆଜ ବୋହି ନେଇଥିଲେ। ଯିଏ ଯେତିକି ପାରିଲେ,




ଭାରସାମ୍ୟ ହରାଇ ଗାଡ଼ିଟି ଓଲଟି ପଡିଥିଲା। ପରେ ପୁଳା ପୁଳା ପିଆଜ ନେଇଯାଇଥିଲେ ସ୍ଥାନୀୟ ଲୋକ। ସୂଚନା ଅନୁସାରେ, ଟ୍ରକଟି ନାସିକରୁ ପିଆଜ ନେଇ ପଶ୍ଚିମବଙ୍ଗ ସେତିକି ପିଆଜ ନେଇ ଯାଇଥିବା ଦେଖାଯାଇଥିଲା। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାର ତଦନ୍ତ କରିଛି।

# ପଶ୍ଚିମବଙ୍ଗରୁ ପାରାଦୀପ ବେଆଇନ ଛେଳି ଚାଲାଣ

## ମାଡ଼ି ବସିଲା ପୁଲିସ

ପାରାଦୀପ, ୧୨।୭ (ସଂଚାର ବ୍ୟୁରୋ): ବସରେ ପଶ୍ଚିମବଙ୍ଗରୁ ପାରାଦୀପକୁ ହେଉଛି ଛେଳିମାନଙ୍କର ଅବୈଧ ପରିବହନ। ଏଭଳି ଦୃଶ୍ୟ ଆଜି ଦେଖିବାକୁ ମିଳିଛି ପଶ୍ଚିମବଙ୍ଗରୁ ପାରାଦୀପକୁ ପାସେଞ୍ଜର ନେଇ ଆସୁଥିବା ନୀଳମାଧବ ବସରେ। ଆଜି ନୀଳମାଧବ ନାମକ ବସରୁ ୩୭ ଟି ଛେଳିକୁ ଉଦ୍ଧାର କରିଛି ଲକ୍ ଥାନା ପୁଲିସ। ସୂଚନା ଅନୁଯାୟୀ, ଦୀର୍ଘ ଦିନ ଧରି ପଶ୍ଚିମବଙ୍ଗରୁ ପାରାଦୀପ ଆସୁଥିବା ରାତି ବସ ଗୁଡିକରେ ବ୍ୟାପକ ଛେଳି ଅବୈଧ ପରିବହନ ହୋଇଆସୁଥିବାର ଏବେ ସ୍ପଷ୍ଟ ହୋଇଛି। ପାଖାପାଖି ୪ ରୁ ୫ ଟି ବସରେ ପ୍ରତ୍ୟେକ ବୁଧବାର, ଶୁକ୍ରବାର ଏବଂ ରବିବାର ଦିନ ଏହି ଛେଳିଗୁଡିକ କେନ୍ଦ୍ରାପଡାଠାରୁ ପାରାଦୀପର ପିପିଏଲ ଛକ, ଗଡ ଛକ, ଚୁନ ଛକରେ ଅର୍ଡର ଅନୁସାରେ କଢ଼ା ହୋଇଥାଏ। କୌଣସି ସୂତ୍ରରୁ ଲକ୍ ଥାନା ପୋଲିସ ଖବର ପାଇ ଚୁନ ଛକ ନିକଟରେ ନୀଳମାଧବ ବସକୁ ଯାଞ୍ଚ କରିବା ପରେ ବସ୍‌ରେ ଛେଳି ଥିବା ସ୍ପଷ୍ଟ ହୋଇଥିଲା। ଲକ୍ ଥାନା ପୋଲିସ ୩୭ଟି ଛେଳିକୁ ଉଦ୍ଧାର କରିବା ସହିତ କଣ୍ଡକ୍ଟର ରତନ ପଟ୍ଟନାୟକ, ହେଲପର ସୁଜିତ ମାଇତି ଓ ଡ୍ରାଇଭର ରାଧାକାନ୍ତ ଗିରିଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଏହି ଘଟଣାରେ ସମ୍ପୃକ୍ତ ସିଣ୍ଡିକେଟ ରେ ଥିବା ଲୋକଙ୍କ ନିକଟରେ ପହଞ୍ଚିବା ପାଇଁ ତଦନ୍ତ ଜାରି ରହିଥିବା ଏକ ପ୍ରେସ ରିଲିଜରେ ଲକ ଥାନା ପକ୍ଷରୁ କୁହାଯାଇଛି।

## ସଡ଼କ ଦୁର୍ଘଟଣାରେ ପରିବାରର ୩ ମୃତ

ନବରଙ୍ଗପୁର, ୧୨।୭ (ସଂଚାର ବ୍ୟୁରୋ): ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ଦେଓଭରଣ୍ଡୀଠାରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ଗୋଟିଏ ପରିବାରର ୩ ଜଣଙ୍କର ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ବାପା ବାବୁଲାଲ ଗଣ୍ଡ, ପୁଅ ପ୍ରଦୀପ ଗଣ୍ଡ ଓ ତୁଷାର ଗଣ୍ଡ ଅଛନ୍ତି। ମା' ଓ ଅନ୍ୟ ଜଣେ ପୁଅ ଗୁରୁତର ଆହତ ହୋଇ ପ୍ରଥମେ ହାଟଭରଣ୍ଡୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଉମରକୋଟ ଉପଖଣ୍ଡ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି ହୋଇଛନ୍ତି। ଗୋଟେ ଟ୍ରକ ୪୦ ନମ୍ବର ରାଜ୍ୟ ରାଜପଥରେ ରାଇଘରରୁ କୁନ୍ଦେଇ ଯାଉଥିବା ବେଳେ ବାଇକକୁ ଧକ୍କା ଦେଇଥିଲା। ବାଇକ୍‌ରେ ଗୋଟିଏ ପରିବାରର ବାପା, ମା' ଓ ତିନି ପୁଅ ଯାଉଥିଲେ। ଘଟଣା ସ୍ଥଳରେ ବାପା ଓ ଦୁଇ ପୁଅଙ୍କର ମୃତ୍ୟୁ ହୋଇଥିବାବେଳେ ମା' ଓ ଅନ୍ୟ ପୁଅଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଛି। ଦୁର୍ଘଟଣା ପରେ ଡ୍ରାଇଭର ଥାନାରେ ଆତ୍ମସମର୍ପଣ କରିଛି। କ୍ଷତି ପୂରଣ ଦାବିରେ ସ୍ଥାନୀୟ ଲୋକେ ରାସ୍ତା ଅବରୋଧ କରିଛନ୍ତି।

## ପ୍ରେମରେ ବାଧାଦେବାରୁ ହତ୍ୟା, ଅଭିଯୁକ୍ତ ଫେରାର



ଅନୁଗୋଳ ୧୨।୭ (ସଂଚାର ବ୍ୟୁରୋ): ଅନୁଗୋଳରେ ପ୍ରେମ ଘଟଣାକୁ ନେଇ ବାଲୁଅକଟା ପଞ୍ଚାୟତ କୁମ୍ଭକର୍ଣ୍ଣ ସାହିରେ ଏକ ବୀଭତ୍ସ ହତ୍ୟା ଘଟଣା ଘଟିଛି। ମୃତକ ଜଣଙ୍କ ହେଲେ ହେମନ୍ତ ବେହେରା। ଶରଧାପୁର ଗାଁର ଜଣେ ଯୁବକ ତାଙ୍କୁ ହତ୍ୟା କରି ଫେରାର ହୋଇଯାଇଥିବା କୁହାଯାଉଛି। ଅଭିଯୁକ୍ତ ଜଣଙ୍କ ହେମନ୍ତଙ୍କ ଜଣେ ସମ୍ପର୍କୀୟଙ୍କୁ ପ୍ରେମ କରୁଥିଲା। ହେମନ୍ତ ଏଥିରେ ବାଧା ଦେବାରୁ ଦୁହିଁଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଅଭିଯୁକ୍ତ ହେମନ୍ତଙ୍କୁ ହତ୍ୟାକରି ଚମ୍ପଟ ମାରିଛି। ଖବର ପାଇ ସଦର ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଫେରାର ଅଭିଯୁକ୍ତଙ୍କୁ ଧରିବା ପାଇଁ ପୁଲିସ ପକ୍ଷରୁ ଛାନ୍‌ଭିନ୍ ଜାରି ରହିଛି। ପୁଲିସ ତଦନ୍ତ ପରେ ଘଟଣାର ପ୍ରକୃତ କାରଣ ସ୍ପଷ୍ଟ ହେବ ବୋଲି କୁହାଯାଉଛି।

## ବିଯୁଟି ମହାନ୍ତିଙ୍କ ସ୍ମୃତିରେ ଶ୍ରଦ୍ଧାଞ୍ଜଳି ସଭା



କଟକ, ୧୨।୭ (ସଂଚାର ବ୍ୟୁରୋ): କଟକ ଚାଉଳିଆଗଞ୍ଜ ଥାନାର ଭାରପ୍ରାପ୍ତ ଅଧିକାରିଣୀ ବିଯୁଟି ମହାନ୍ତିଙ୍କ ଅକାଳ ବିୟୋଗରେ ତାଙ୍କ ପୈତୃକ ଗ୍ରାମ ସିଏମସି ୫୮ ନମ୍ବର ୱାର୍ଡ ଅନ୍ତର୍ଗତ ଡାହାଳିଆବାଗଠାରେ ହରପାର୍ବତୀ ପୂଜା କମିଟି ପକ୍ଷରୁ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ କର୍ପୋରେଟର କୌଶିକ ଜେନାଙ୍କ ପରିଚାଳନାରେ ଆୟୋଜିତ ଏହି ସଭାରେ ଜୋନ- ୪ ଏସିପି ଅମିତାଭ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ନିମାଇଁ ଚରଣ ଲେଙ୍କା, ସ୍ୱାଧୀନଚେତା ମହାନ୍ତି, ଦିଲ୍ଲୀପ ସ୍ୱାଇଁ ପ୍ରମୁଖ ବିଯୁଟି ମହାନ୍ତିଙ୍କ କର୍ମମୟ ଜୀବନ, ସରଳ ବ୍ୟକ୍ତିତ୍ୱ ବିଷୟରେ ଆଲୋକପାତ କରିଥିଲେ। ଦୁଇ ମିନିଟ୍ ନିରବ ପ୍ରାର୍ଥନା କରାଯାଇ ସ୍ୱର୍ଗତ ଆତ୍ମାର ସଦ୍‌ଗତି କାମନା କରାଯାଇଥିଲା।

# ପଲିଟିକାଲ ହଟ୍‌ସ୍ପଟ୍‌ରେ ଗୋଷ୍ଠୀ କନ୍ଦଳ



ଝାରସୁଗୁଡା, ୧୨।୭ (ସଂଚାର ବ୍ୟୁରୋ): ରାଜନୈତିକ ହଟସ୍ପଟ ଝାରସୁଗୁଡାରେ ବିଜେଡି ଗୋଷ୍ଠୀ କନ୍ଦଳ ଏବେ ଦାଣ୍ଡରେ ପଡି ହାଟରେ ଗଡୁଛି। ସ୍ୱର୍ଗତ କିଶୋର ମହାନ୍ତି ଓ ସ୍ୱର୍ଗତ ନବ ଦାସଙ୍କ ପରିବାର ଭିତରେ ଚାଲିଛି ପଡିଆରା ଲଢେଇ। ଦୀପାଳି ଝାରସୁଗୁଡାରୁ ଲଢ଼ି ପରାଜିତ ହୋଇଥିଲେ ବି ବ୍ରଜରାଜନଗର ନିର୍ବାଚନ ମଣ୍ଡଳୀ ଯାଇ ସମାନ୍ତରାଳ ସଂଗଠନ କରୁଛନ୍ତି। ଯାହାକୁ ବିରୋଧ କରି ଆସୁଛନ୍ତି ପୂର୍ବତନ ବିଜେଡି ବିଧାୟିକା ଅଳକା ମହାନ୍ତିଙ୍କ ସମର୍ଥକ। କିଛି ଦିନ ତଳେ ଝାରସୁଗୁଡାରେ ବିଜେଡି ଏକ ପ୍ରତିବାଦ ସଭାରେ ସ୍ୱର୍ଗତ କିଶୋର ମହାନ୍ତିଙ୍କୁ ଉଚିତ ସମ୍ମାନ ମିଳିନଥିବା ଦର୍ଶାଇ ସୋସିଆଲ୍ ମିଡିଆରେ ଦଳ ଉପରେ ବର୍ଷିଥିଲେ ପୁଅ ପୁରୁଷୋତ୍ତମ ମହାନ୍ତି। ପରେ ଅବଶ୍ୟ ସୋସିଆଲ ମିଡିଆ ପୋଷ୍ଟକୁ ସେ ଡିଲିଟ କରିଦେଇଥିଲେ। କିନ୍ତୁ ଅଳକା-ଦୀପାଳି କଳି ନବୀନ ନିବାସରେ ପହଞ୍ଚିଥିଲା। ଅଳକା ନିଜ ସମର୍ଥକଙ୍କ ସହ ଗତକାଲି ନବୀନ ନିବାସରେ ପହଞ୍ଚି ପାୱାର ସୋ କରିଥିଲେ। ୨୦୨୪ ସାଧାରଣ ନିର୍ବାଚନ ପରଠାରୁ ବିଜେଡିର ଝାରସୁଗୁଡା କନ୍ଦଳ ତୀବ୍ର ରୂପ ଧାରଣ କରିଛି। ଅଳକା ଓ ଦୀପାଳିଙ୍କ ଭିତରେ ବଢ଼ିଛି ଦୂରତା। ବିଜେଡି ଗୋଷ୍ଠୀ କନ୍ଦଳକୁ ପରୋକ୍ଷରେ ସ୍ୱୀକାର କରିଥିଲେ ବି ନବୀନଙ୍କ ନେତୃତ୍ୱରେ ସମସ୍ତେ ଏକ ବୋଲି କହିଛନ୍ତି ବିଜେଡି ନେତ୍ରୀ ଟୁକୁନି ସାହୁ। ରାଜନୈତିକ ସମୀକ୍ଷକଙ୍କ ମତ ହେଲା, ଯେହେତୁ ଝାରସୁଗୁଡା ହେଉଛି ଶିଳ୍ପ ସମୃଦ୍ଧ, ତେଣୁ ରାଜନୈତିକ ଫାଇଦା ପାଇଁ ନେତାମାନେ ଦବଦବା ଜାହିର କରୁଛନ୍ତି। ସେହିପରି ଜିଲ୍ଲାରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କୁ ବି ବିରୋଧର ସମ୍ମୁଖୀନ ହେବାକୁ ପଡୁଛି। ଗତକାଲିର ଘଟଣାରୁ ଏହା ସ୍ପଷ୍ଟ ହୋଇଯାଇଛି। ଏହା ଦଳୀୟ କନ୍ଦଳର ରୂପ ବୋଲି ଚର୍ଚ୍ଚା ହେଉଥିଲେ ବି ଦଳର ରାଜ୍ୟ ସଭାପତି ଏହାକୁ ଅସ୍ୱୀକାର କରିଛନ୍ତି। ସେ ସ୍ପଷ୍ଟ କରିଛନ୍ତି ଯେ, ଦଳରେ କୌଣସି କନ୍ଦଳ କି ବିବାଦ ନାହିଁ। କନ୍ଦଳ ଥିଲେ ବିଜେପି ଗୋଟିଏ ବି ସିଟ ଜିତି ପାରିନଥାନ୍ତା।

ଦେବଦୂତ ସାଜିଲେ ଲାଇଫ ଗାର୍ଡ

## ୩ ପର୍ଯ୍ୟଟକଙ୍କୁ ସମୁଦ୍ରରୁ ଉଦ୍ଧାର

ପୁରୀ, ୧୨।୭ (ସଂଚାର ବ୍ୟୁରୋ): ପୁରୀ ସମୁଦ୍ରରେ ପୁଣି ଅଘଟଣା। ସମୁଦ୍ରରେ ସ୍ନାନ କରୁଥିବା ବୁଡ଼ିଗଲେ ତିନି ଜଣ ପର୍ଯ୍ୟଟକ। ପରେ ସେମାନଙ୍କୁ ଉଦ୍ଧାର ପାଇଁ ଦୌଡି ଆସିଥିଲେ ଅଗ୍ନିଶମ ବାହିନୀ। ଅକ୍ଳାନ୍ତ ପରିଶ୍ରମ ପରେ ତିନି ଜଣ ପର୍ଯ୍ୟଟକଙ୍କୁ ଉଦ୍ଧାର କରିଛି ଅଗ୍ନିଶମ ବାହିନୀ। ଖବର ଅନୁଯାୟୀ, ଛତିଶଗଡ଼ର ତିନି ଜଣ ପର୍ଯ୍ୟଟକ ପୁରୀ ବୁଲିବାକୁ ଆସିଥିଲେ। ରବିବାର ମଧ୍ୟାହ୍ନ ସମୟରେ ପୁରୀ ସମୁଦ୍ରକୁ ଗାଧୋଇବାକୁ ଯାଇଥିଲେ। ପୁରୀ ସମୁଦ୍ର ସେକ୍ଟର ୯ ଚୈତନ୍ୟ ଛକରେ ଗାଧୋଉଥିବା ବେଳେ ହଠାତ୍ ପାଣିରେ ବୁଡ଼ିଯାଇଥିଲେ। ତୁରନ୍ତ ଘଟଣାସ୍ଥଳରେ ଥିବା ଅଗ୍ନିଶମ ବାହିନୀ ଏବଂ ଲାଇଫ ଗାର୍ଡମାନେ ପର୍ଯ୍ୟଟକଙ୍କ ଜୀବନ ବଞ୍ଚାଇବା ପାଇଁ ଉଦ୍ୟମ କରିଥିଲେ। ଶେଷରେ ନିଜ ନିଜ ଉଦ୍ୟମରେ ହୋଇଥିଲା ସଫଳ। ସୁରକ୍ଷିତ ଭାବେ ତିନି ଜଣ ଛତିଶଗଡ଼ ପର୍ଯ୍ୟଟକଙ୍କୁ ଉଦ୍ଧାର କରିଥିଲେ। ଉଦ୍ଧାର ତିନି ପର୍ଯ୍ୟଟକ ଛତିଶଗଡର ତୁଳସୀ ମାଣିକପୁରୀ, ମୁକେଶ କେଓ୍ୱତ, ବୈଭବ କେଓ୍ୱତ।




## ଉଦ୍ଧାର ଫାଉଣ୍ଡେସନର ସମ୍ବର୍ଦ୍ଧନା ଉତ୍ସବ

କଟକ,୧୨।୭ (ସଂଚାର ବ୍ୟୁରୋ): ଚୌଦ୍ୱାରର ଅଗ୍ରଣୀ ସାମାଜିକ ଅନୁଷ୍ଠାନ ଉଦ୍ଧାର ଫାଉଣ୍ଡେସନ ପକ୍ଷରୁ ଜୁଲାଇ ମାସ ବୈଠକ କଳିଙ୍ଗ ଛକସ୍ଥିତ ପରିବର୍ତ୍ତନ କେନ୍ଦ୍ର ପରିସରରେ ଅନୁଷ୍ଠିତ ହୋଇଯାଇଛି। ରବିବାର ଅନୁଷ୍ଠିତ ଏଇ ବୈଠକରେ ବରିଷ୍ଠ ସଦସ୍ୟା ମୀନା ଚୌଧୁରୀ ସଭାପତିତ୍ୱ କରିଥିଲେ। ବୈଠକରେ ଚଳିତ ବର୍ଷ ରଥଯାତ୍ରାରେ ଉଦ୍ଧାର ଫାଉଣ୍ଡେସନ ସଦସ୍ୟ ଓ ସଦସ୍ୟାଙ୍କ ସେବା କାର୍ଯ୍ୟ ଉପରେ ଆଲୋଚନା କରାଯାଇଥିଲା। ନୂତନ ଭାବେ ଯୋଗଦାନ କରିଥିବା ସଦସ୍ୟଙ୍କୁ ସ୍ୱାଗତ କରାଯାଇଥିଲା। ନୂତନ ସଦସ୍ୟମାନେ ଅସହାୟଙ୍କ ସେବାରେ ମନ ଦେବାକୁ ଶପଥପାଠ କରିଥିଲେ। ବୈଠକରେ ନରୋତ୍ତମ ଦାସ, କାହ୍ନୁଚରଣ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।

ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

sanchar.live

ସମ୍ପାଦକୀୟ

SANCHAR
ସଂଚାର

୪
ସୋମବାର ୧୩ ଜୁଲାଇ ୨୦୨୬, ଭୁବନେଶ୍ୱର
Monday 13 July 2026, Bhubaneswar

# ପ୍ରତି ଘରକୁ ଛୁଇଁବ କ୍ୟାନ୍ସର

ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚଓ)ର ସମ୍ପ୍ରତି ରିପୋର୍ଟ ଅନୁଯାୟୀ, ୨୦୫୦ ସୁଦ୍ଧା ବିଶ୍ୱରେ କ୍ୟାନ୍ସର କେସ୍ ପ୍ରାୟ ୩୫ ମିଲିୟନ୍ ପହଞ୍ଚିବ, ଯାହା ବର୍ତ୍ତମାନର ପ୍ରାୟ ୨୦.୬ ନିୟୁତରୁ ପ୍ରାୟ ଦୁଇଗୁଣ ଅଧିକ। ପ୍ରତିଦିନ ୨୬,୦୦୦ ରୁ ଅଧିକ ଲୋକ ଏହି ରୋଗରେ ମୃତ୍ୟୁବରଣ କରୁଛନ୍ତି। ଏହା କେବଳ ଏକ ସଂଖ୍ୟା ନୁହେଁ, ବରଂ ପ୍ରତି ପରିବାର, ପ୍ରତି ଘରକୁ ଛୁଇଁବାର ଏକ ଭୟଙ୍କର ସତ୍ୟ। ଏହି ବୃଦ୍ଧିର କାରଣ କ'ଣ ଏବଂ ଏହାକୁ ରୋକିବା ପାଇଁ ଆମେ କ'ଣ କରିପାରିବା? ଏହା ଏକ ଜରୁରୀ ପ୍ରଶ୍ନ ଯାହା ଆମ ସମାଜକୁ ଚିନ୍ତା କରାଇବା ଉଚିତ।



ପ୍ରଥମତଃ, ଜନସଂଖ୍ୟାର ବୃଦ୍ଧି ଏବଂ ବୟସ୍କ ଲୋକଙ୍କ ସଂଖ୍ୟା ବଢ଼ିବା ହେଉଛି ମୁଖ୍ୟ କାରଣ। ଲୋକେ ଅଧିକ ଦିନ ବଞ୍ଚୁଛନ୍ତି, କିନ୍ତୁ ବୟସ୍କ ହେବା ସହିତ କ୍ୟାନ୍ସରର ଆଶଙ୍କା ବଢ଼େ। ଉନ୍ନତ ଦେଶଗୁଡ଼ିକରେ ଏହା ସ୍ପଷ୍ଟ ଦେଖାଯାଉଛି। କିନ୍ତୁ ଏହା କେବଳ ପ୍ରାକୃତିକ ପ୍ରକ୍ରିୟା ନୁହେଁ। ଆଧୁନିକ ଜୀବନଶୈଳୀ ଏହାକୁ ତ୍ୱରାନ୍ୱିତ କରୁଛି। ତମାଖୁ ସେବନ, ମଦ୍ୟପାନ, ମୋଟାପଣ, ଅପର୍ଯ୍ୟାପ୍ତ ଶାରୀରିକ ବ୍ୟାୟାମ ଏବଂ ଅସ୍ୱାସ୍ଥ୍ୟକର ଖାଦ୍ୟ ହେଉଛି ପ୍ରମୁଖ କାରଣ। ଡବ୍ଲ୍ୟୁଏଚଓ ଅନୁଯାୟୀ, ପ୍ରାୟ ୪୦ ପ୍ରତିଶତ କ୍ୟାନ୍ସର ପ୍ରତିରୋଧଯୋଗ୍ୟ। ତମାଖୁ ଏକାକୀ ୧୫ ପ୍ରତିଶତ କେସ୍ ପାଇଁ ଦାୟୀ। ବାୟୁ ପ୍ରଦୂଷଣ, ରାସାୟନିକ ପଦାର୍ଥ ଏବଂ କେତେକ ସଂକ୍ରାମକ ରୋଗ (ଯେପରି ଏଚପିଭି, ହେପାଟାଇଟିସ୍) ମଧ୍ୟ ଏହାର କାରଣ।

ବିକାଶଶୀଳ ଦେଶଗୁଡ଼ିକରେ ପରିସ୍ଥିତି ଆହୁରି ଖରାପ। ଏଠାରେ ପ୍ରତିରୋଧ ଏବଂ ଚିକିତ୍ସାର ଅଭାବ ରହିଛି। ଧନୀ ଦେଶଗୁଡ଼ିକରେ କ୍ୟାନ୍ସର ନିର୍ଣ୍ଣୟ ଶୀଘ୍ର ହୁଏ ଏବଂ ଚିକିତ୍ସା ଉପଲବ୍ଧ, କିନ୍ତୁ ଗରିବ ଦେଶଗୁଡ଼ିକରେ ମୃତ୍ୟୁ ହାର ଅଧିକ। ଭାରତ ଏବଂ ଅନ୍ୟାନ୍ୟ ଦେଶରେ ଗ୍ରାମାଞ୍ଚଳରେ ଏହି ଅସମାନତା ସ୍ପଷ୍ଟ। ଆଧୁନିକ ଜୀବନର ଚାପ, ଜାଙ୍କ୍ ଫୁଡ୍, ଧୂମ୍ରପାନ ଏବଂ ପ୍ରଦୂଷଣ ଯୋଗୁଁ ଯୁବକମାନଙ୍କ ମଧ୍ୟରେ ମଧ୍ୟ କ୍ୟାନ୍ସର ବଢ଼ୁଛି। ମହିଳାଙ୍କ କ୍ଷେତ୍ରରେ ସ୍ତନ ଏବଂ ଗର୍ଭାଶୟ କ୍ୟାନ୍ସର, ପୁରୁଷଙ୍କ କ୍ଷେତ୍ରରେ ଫୁସଫୁସ୍ ଏବଂ ପ୍ରୋଷ୍ଟେଟ୍ କ୍ୟାନ୍ସର ସାଧାରଣ ହେବାରେ ଲାଗିଛି।

ଏହି ବୃଦ୍ଧିର ଅର୍ଥନୈତିକ ଏବଂ ସାମାଜିକ ପ୍ରଭାବ ବିରାଟ। ପରିବାରର ଆର୍ଥିକ ସ୍ଥିତି ଖରାପ ହୁଏ, ମାନସିକ ଚାପ ବଢ଼େ ଏବଂ ସମାଜର ଉନ୍ନୟନ ବାଧିତ ହୁଏ। ଡବ୍ଲ୍ୟୁଏଚଓ ରିପୋର୍ଟ ଅନୁଯାୟୀ ଏହା ପ୍ରାୟ ପ୍ରତି ବ୍ୟକ୍ତିଙ୍କ ଜୀବନକୁ ପ୍ରଭାବିତ କରିବା। କିନ୍ତୁ ଏହା ଅନିବାର୍ଯ୍ୟ ନୁହେଁ। ପ୍ରତିରୋଧ ହେଉଛି ସର୍ବୋତ୍ତମ ଔଷଧ। ତମାଖୁ ନିୟନ୍ତ୍ରଣ, ହେପାଟାଇଟିସ୍ ଏବଂ ଏଚପିଭି ଟିକା, ସ୍ୱାସ୍ଥ୍ୟକର ଖାଦ୍ୟ, ନିୟମିତ ବ୍ୟାୟାମ ଏବଂ ବାୟୁ ପ୍ରଦୂଷଣ କମାଇବା ଦ୍ୱାରା ଅନେକ ସଂକ୍ରମଣକୁ ରୋକାଯାଇପାରିବ। ସରକାରମାନେ ସ୍କ୍ରିନିଂ ପ୍ରୋଗ୍ରାମ୍ ବଢ଼ାଇବା, ଚିକିତ୍ସା ଉପଲବ୍ଧତା ବୃଦ୍ଧି କରିବା ଏବଂ ସାଧାରଣ ଲୋକଙ୍କ ପାଇଁ ଆର୍ଥିକ ସହାୟତା ପ୍ରଦାନ କରିବା ଉଚିତ।

ଭାରତର ପ୍ରସଙ୍ଗରେ, ଆମେ ତମାଖୁ ଏବଂ ଗୁଟଖା ବିରୋଧରେ କଠୋର ନିୟମ ଲାଗୁ କରିବା ଉଚିତ୍। ସ୍କୁଲ୍ ଏବଂ କଲେଜ ସ୍ତରରେ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ ଚଳାଇବା ଦରକାର। ଗ୍ରାମାଞ୍ଚଳରେ ମୋବାଇଲ୍ ସ୍କ୍ରିନିଂ ଇଉନିଟ ଏବଂ ସସ୍ତା ଚିକିତ୍ସା ସୁନିଶ୍ଚିତ କରିବା ଆବଶ୍ୟକ। ବ୍ୟକ୍ତିଗତ ସ୍ତରରେ ଆମେ ସମସ୍ତେ ଧୂମ୍ରପାନ ଛାଡ଼ିବା, ସ୍ୱାସ୍ଥ୍ୟକର ଜୀବନ ବଞ୍ଚିବା ଏବଂ ନିୟମିତ ଚେକ-ଅପ କରାଇବା ଉଚିତ। ମହିଳାମାନେ ସ୍ତନ ଏବଂ ଗର୍ଭାଶୟ କ୍ୟାନ୍ସର ସ୍କ୍ରିନିଂ ପାଇଁ ଆଗୁଆ ହେବା ଉଚିତ।

କ୍ୟାନ୍ସର କେବଳ ଏକ ରୋଗ ନୁହେଁ, ଏହା ଏକ ସାମାଜିକ ସଙ୍କଟ। ଡବ୍ଲ୍ୟୁଏଚଓର ଚେତାବନୀ ହେଉଛି ଏକ ଜାଗରଣ ଡାକ। ଯଦି ଆମେ ଏବେ କାର୍ଯ୍ୟାନୁଷ୍ଠାନ ନ ନେବା, ତେବେ ୨୦୫୦ ସୁଦ୍ଧା ପ୍ରତି ଘରରେ ଏହି ରୋଗର ଛାୟା ପଡ଼ିବ। ସରକାର, ଡାକ୍ତର, ସମାଜ ଏବଂ ବ୍ୟକ୍ତି ସମସ୍ତେ ମିଳିତ ଭାବରେ କାର୍ଯ୍ୟ କରି ଏହି ମହାମାରୀକୁ ରୋକିପାରିବେ। ପ୍ରତିରୋଧ ଏବଂ ସଚେତନତା ଦ୍ୱାରା ଆମେ ଏକ ସ୍ୱାସ୍ଥ୍ୟବାନ ଭବିଷ୍ୟତ ଗଢ଼ିପାରିବା। ଏହା ଆମର ଦାୟିତ୍ୱ - ଆଜି କାର୍ଯ୍ୟ କରି କାଲିର ଦୁଃଖ ରୋକିବା।

# ମାନସିକ ଶାନ୍ତି ହିଁ ପ୍ରକୃତ ସମ୍ପତ୍ତି



**ଅଖିଳ ତରାଇ**

ମଣିଷ ଜୀବନରେ ସମ୍ପର୍କର ଗୁରୁତ୍ୱ ଅପରିସୀମ, କିନ୍ତୁ ସେହି ସମ୍ପର୍କ ଯେତେବେଳେ ଭାଙ୍ଗିଯାଏ, ସେତେବେଳେ ହୃଦୟରେ ସୃଷ୍ଟି ହେଉଥିବା ଶୂନ୍ୟତା ଏବଂ ଯନ୍ତ୍ରଣାକୁ ସହଜରେ ବର୍ଣ୍ଣନା କରାଯାଇପାରେନାହିଁ। ପ୍ରେମ କିମ୍ବା ଆତ୍ମୀୟତା ଯେତିକି ଗଭୀର ହୋଇଥାଏ, ତାର ବିଚ୍ଛେଦ ଜନିତ ଆଘାତ ସେତିକି ମର୍ମନ୍ତୁଦ ହୋଇଥାଏ। କିନ୍ତୁ ସମୟ ହେଉଛି ସବୁଠାରୁ ବଡ଼ ଚିକିତ୍ସକ। ଏହି କଥାଟି ଆଜିର ଯୁବପିଢ଼ିଙ୍କ ପାଇଁ ଏକ ବଡ଼ ସତ୍ୟ ଭାବରେ ଉଭା ହୋଇଛି, ଯେଉଁମାନେ ଭାବପ୍ରବଣତାର ଝଡ଼ ମଧ୍ୟରୁ ନିଜକୁ ବାହାର କରି ପୁଣିଥରେ ଜୀବନକୁ ଏକ ନୂଆ ରୂପରେ ଗଢ଼ିବାକୁ ଚେଷ୍ଟା କରୁଛନ୍ତି। ଜୀବନର କୌଣସି ଏକ ନିର୍ଦ୍ଦିଷ୍ଟ ମୋଡ଼ରେ କାହାର ଅନୁପସ୍ଥିତି ପ୍ରଥମେ ଅସହ୍ୟ ଲାଗିଲେ ମଧ୍ୟ, ଧୀରେ ଧୀରେ ସେହି ଅନୁପସ୍ଥିତି ହିଁ ଜୀବନର ଏକ ସ୍ୱାଭାବିକ ଅଭ୍ୟାସରେ ପରିଣତ ହୋଇଯାଏ। ଏହି ପ୍ରକ୍ରିୟାଟି ରାତାରାତି ଘଟେନାହିଁ, ବରଂ ଏହା ମାନସିକ ସ୍ତରରେ ନିଜ ସହ ନିଜର ଏକ ଦୀର୍ଘ ସଂଗ୍ରାମ। ଯେତେବେଳେ ଜଣେ ବ୍ୟକ୍ତି ନିଜର ଭାବନାକୁ ନିୟନ୍ତ୍ରଣ କରିବାକୁ ଶିଖିଯାଏ, ସେତେବେଳେ ସେ ବୁଝିପାରେ ଯେ କୌଣସି ଅତୀତ ତାର ଭବିଷ୍ୟତକୁ ସୀମିତ କରିପାରିବ ନାହିଁ।

ଆଧୁନିକ ଯୁଗରେ ସୋସିଆଲ ମିଡିଆ ଏବଂ ସ୍ମାର୍ଟଫୋନ୍ ସମ୍ପର୍କକୁ ଯେତିକି ନିକଟତର କରିଛି, ବିଚ୍ଛେଦ ପରେ ଏହା ସେତିକି ଯନ୍ତ୍ରଣାଦାୟକ ମଧ୍ୟ ସାବ୍ୟସ୍ତ ହୋଇଥାଏ। ସକାଳୁ ଉଠିବା ମାତ୍ରେ କାହାର ମେସେଜ୍ ଖୋଜିବା କିମ୍ବା ବାରମ୍ବାର କାହାର ପ୍ରୋଫାଇଲ୍ ଚେକ୍ କରିବା ମାନସିକ ଅସ୍ଥିରତାର ସଙ୍କେତ ଦିଏ। ଯେତେବେଳେ ଜଣେ ବ୍ୟକ୍ତି ହୃଦୟଙ୍ଗମ କରେ ଯେ ସେପଟୁ ସମ୍ପର୍କର ସୂତା ସମ୍ପୂର୍ଣ୍ଣ ରୂପେ ଛିନ୍ନ ହୋଇସାରିଛି, ସେତେବେଳେ ନିଜ ସ୍ୱାଭିମାନ ରକ୍ଷା କରିବା ପାଇଁ ପଛକୁ ଫେରିବା ବ୍ୟତୀତ ଅନ୍ୟ କୌଣସି ବିକଳ୍ପ ନଥାଏ। ଏହି ସଚେତନତା ହିଁ ମଣିଷକୁ ପୁଣିଥରେ ବାସ୍ତବତାକୁ ଗ୍ରହଣ କରିବାକୁ ସାହସ ଦିଏ। ପୁରୁଣା ସ୍ମୃତିକୁ ଧରି କାନ୍ଦିବା ଅପେକ୍ଷା ଜୀବନକୁ ପୁଣିଥରେ ଉପଭୋଗ କରିବା, ନୂଆ ପୋଷାକ ପିନ୍ଧିବା ଏବଂ ସୁନ୍ଦର ସ୍ଥାନ ଭ୍ରମଣ କରିବା ମାଧ୍ୟମରେ ମଣିଷ ନିଜ ଭିତରେ ଥିବା ସେହି ହଜିଯାଇଥିବା ସତ୍ତାକୁ ଫେରିପାଏ। ନିଜର ଖୁସିକୁ ନିଜେ ଖୋଜିବା ଦ୍ୱାରା ଅନ୍ତର୍ନିହିତ ଆତ୍ମବିଶ୍ୱାସ ବୃଦ୍ଧି ପାଇଥାଏ, ଯାହା ବ୍ୟକ୍ତିତ୍ୱକୁ ଆହୁରି ଦୃଢ଼ କରିଥାଏ।

ନିଜର ଏକାକୀତ୍ୱକୁ ଭୟ ନକରି, ତାହାକୁ ନିଜର ଶକ୍ତି ଭାବରେ ଗ୍ରହଣ କରିବା ହେଉଛି ଆତ୍ମ-ଆବିଷ୍କାରର ପ୍ରଥମ ପାହାଚ। ଏକା ଏକା ସିନେମା ହଲକୁ ଯିବା କିମ୍ବା ରେଷ୍ଟୁରାଣ୍ଟରେ ବସି ନିଜ ମନପସନ୍ଦର ଖାଦ୍ୟ ଖାଇବା ଦ୍ୱାରା ଏହା ପ୍ରମାଣିତ ହୁଏ ଯେ ଆମର ଖୁସି କୌଣସି ବାହ୍ୟ ବ୍ୟକ୍ତି ବିଶେଷଙ୍କ ଉପରେ ନିର୍ଭରଶୀଳ ନୁହେଁ। ଯେଉଁ ସ୍ମୃତିଗୁଡ଼ିକ କେବେ ଆଖିରେ ଲୁହ ଆଣି ଦେଉଥିଲେ, ପରବର୍ତ୍ତୀ ସମୟରେ ସେହି ଅତୀତର ତିକ୍ତ ଅନୁଭୂତି ହିଁ ଆଗକୁ ବଢ଼ିବାର ପ୍ରେରଣା ଦିଏ। ସେହିପରି ଫୋନରେ ଥିବା ପୁରୁଣା ଫଟୋଗୁଡ଼ିକୁ ଡିଲିଟ୍ କରିବାର ସାହସ ନଥିଲେ ମଧ୍ୟ ସେଗୁଡ଼ିକୁ ନ ଦେଖିବା ଏବଂ କୌଣସି ଆଲୋଚନା ଚକ୍ରରେ ସେହି ବ୍ୟକ୍ତିର ନାମ ନ ନେବା ମାନସିକ ସ୍ଥିରତାର ଏକ ବଡ଼ ପ୍ରମାଣ। ଏହା ଦର୍ଶାଏ ଯେ ମଣିଷ ନିଜର ଦୁର୍ବଳତାକୁ ପଛରେ ପକାଇ ପ୍ରଗତି ପଥରେ ଅଗ୍ରସର ହେଉଛି।

ଜୀବନରେ ଏମିତି ଏକ ସମୟ ଆସେ ଯେତେବେଳେ ଆମେ ସମ୍ପୂର୍ଣ୍ଣ ଉଲ୍ଲସିତ ମଧ୍ୟ ନଥାଉ କିମ୍ବା ଅତ୍ୟଧିକ ଉଦାସ ମଧ୍ୟ ହୋଇନଥାଉ। ଏହା ହେଉଛି ଏକ ସନ୍ତୁଳିତ ମାନସିକ ସ୍ଥିତି, ଯେଉଁଠି ଅତୀତର ମଣିଷକୁ ସମ୍ପୂର୍ଣ୍ଣ ଭୁଲିବା ବଡ଼ କଥା ନୁହେଁ, ବରଂ ତାଙ୍କ କଥା ମନେ ନ ପଡ଼ିବା ହିଁ ମନର ପ୍ରକୃତ ଶାନ୍ତି। ସେହି ଶାନ୍ତି ହିଁ ମଣିଷକୁ ନୂଆ ସକାଳର ସ୍ୱାଗତ କରିବା ପାଇଁ ଶକ୍ତି ପ୍ରଦାନ କରିଥାଏ। ଏହି ଶାନ୍ତିପୂର୍ଣ୍ଣ ସ୍ଥିତିରେ ପହଞ୍ଚିବା ପରେ ଜୀବନର ପ୍ରକୃତ ସୌନ୍ଦର୍ଯ୍ୟ ଉପଲବ୍ଧ ହୁଏ। ନିଜ ଆଖପାଖର ଲୋକଙ୍କ ସହ ମିଶିବା, ସେମାନଙ୍କ ସହ ସୁଖଦୁଃଖ ବାଣ୍ଟିବା ଏବଂ ସମାଜରେ ନିଜର ଏକ ସକରାତ୍ମକ ପରିଚୟ ସୃଷ୍ଟି କରିବା ହିଁ ପ୍ରକୃତ ଜୀବନ। ଅତୀତର ଦୁଃଖକୁ ସବୁଦିନ ପାଇଁ ପୋଛି ହେବନାହିଁ, କିନ୍ତୁ ତାହାକୁ ନିଜ ବର୍ତ୍ତମାନ ଉପରେ ପ୍ରଭାବ ପକାଇବାକୁ ନ ଦେବା ଆମ ହାତରେ ଅଛି।

ଶେଷରେ, ବିଚ୍ଛେଦ କୌଣସି ଜୀବନର ଅନ୍ତ ନୁହେଁ, ବରଂ ଏହା ନିଜକୁ ନୂଆ ରୂପରେ ଗଢ଼ିବାର ଏକ ସୁବର୍ଣ୍ଣ ସୁଯୋଗ। ଯେତେବେଳେ ମଣିଷ ନିଜ ସହ ନିଜର ସମ୍ପର୍କକୁ ମଜବୁତ କରିଦିଏ, ସେତେବେଳେ ଦୁନିଆର କୌଣସି ଅଭାବ ତାକୁ ଦୁର୍ବଳ କରିପାରେନାହିଁ। ଭାଙ୍ଗିଯାଇଥିବା ହୃଦୟକୁ ପୁଣିଥରେ ଯୋଡ଼ିବା ପାଇଁ ନିଜ ପ୍ରତି ଭଲପାଇବା ଏବଂ ସମ୍ମାନ ରହିବା ନିହାତି ଜରୁରୀ। ସମୟ ସହ ବଦଳିବା ଏବଂ ପ୍ରତିଟି ପରିସ୍ଥିତିକୁ ସହର୍ଷେ ଗ୍ରହଣ କରିବା ହିଁ ମାନବ ସଭ୍ୟତାର ଏକ ବଡ଼ ଗୁଣ। ଅତୀତର ଅନ୍ଧକାରକୁ ପଛରେ ପକାଇ ଆତ୍ମ-ଆବିଷ୍କାରର ଏହି ନୂତନ ଆଲୋକରେ ଯେଉଁମାନେ ଆଗକୁ ବଢ଼ନ୍ତି, ସେମାନେ ହିଁ ସଂସାରରେ ପ୍ରକୃତ ସୁଖ ଓ ଶାନ୍ତିର ଅଧିକାରୀ ହୋଇପାରନ୍ତି। ଜୀବନର ଏହି ନୂତନ ଅଧ୍ୟାୟ ସେମାନଙ୍କୁ କେବଳ ଶକ୍ତିଶାଳୀ କରେନାହିଁ, ବରଂ ଆଗାମୀ ଦିନ ପାଇଁ ଏକ ଦିଗଦର୍ଶନ ମଧ୍ୟ ଦେଇଥାଏ।

ଗଞ୍ଜାମ, ମୋବାଇଲ୍:୭୮୭୦୦୧୦୦୧

# ଇନ୍ଦ୍ରିୟନିଗ୍ରହ ଆଧ୍ୟାତ୍ମିକ ସାଧନାର ପ୍ରଥମ ସୋପାନ



**ମାନସ କୁମାର କର**

ମାନବ ଶରୀର କେବଳ ମାଂସ ଓ ଅସ୍ଥିର ସମଷ୍ଟି ନୁହେଁ; ଏହା ଯୋଗ, ଉପଭୋଗ ଓ ରୋଗ— ଏହି ତିନୋଟି ଅନୁଭବର ଏକ ଅଦ୍ଭୁତ କ୍ଷେତ୍ର। ଜନ୍ମମାତ୍ରେ ଜୀବ ଅଜ୍ଞାନ, ଅହଂକାର ଓ ଆସକ୍ତିର ଆବରଣରେ ଆବୃତ ରହେ। ଆହାର, ନିଦ୍ରା, ଭୟ ଓ ମୈଥୁନ— ଏହି ଚାରିଟି ପ୍ରବୃତ୍ତି ପଶୁ ଓ ମଣିଷ ଉଭୟଙ୍କ ମଧ୍ୟରେ ସମାନ। କିନ୍ତୁ ମଣିଷକୁ ଅନ୍ୟ ଜୀବଠାରୁ ପୃଥକ୍ କରେ ତାହାର ବିବେକ, ଆତ୍ମଜ୍ଞାନର କ୍ଷମତା ଓ ଆତ୍ମୋନ୍ନତିର ସୁଯୋଗ।

ଆଜି ଗର୍ଭାବସ୍ଥାରୁ ସଂସ୍କାର ଓ ମୂଲ୍ୟବୋଧ ଗଢ଼ିବାର ପ୍ରାଚୀନ ପରମ୍ପରା ପ୍ରାୟ ବିଲୁପ୍ତ। ତେଣୁ ମଣିଷ ସହଜ ସୁଖର ପଛରେ ଅହରହ ଧାଇଁ ଚାଲିଛି , କ୍ଷଣିକ ଆନନ୍ଦକୁ ଜୀବନର ଚରମ ଲକ୍ଷ୍ୟ ବୋଲି ଭାବୁଛି। କିନ୍ତୁ ଶାସ୍ତ୍ର କହେ— ମାନବଜନ୍ମ କେବଳ ଭୋଗ ପାଇଁ ନୁହେଁ, ବରଂ ଭୋଗ ମାଧ୍ୟମରେ ବୋଧ ଲାଭ କରି ମଣିଷରୁ ନାରାୟଣ ପର୍ଯ୍ୟନ୍ତ ଉତ୍ତରଣ କରିବା ପାଇଁ। ମାୟା କେବେ ଚାହେଁ ନାହିଁ ଯେ ଜୀବ ତାହାର ବନ୍ଧନରୁ ମୁକ୍ତ ହେଉ। ସେ ପ୍ରତ୍ୟେକ ପଦକ୍ଷେପରେ ଆକର୍ଷଣ, ମୋହ ଓ ଭ୍ରମର ଜାଲ ବିଛାଇ ରଖେ। ତେଣୁ ଜୀବନ ହେଉଛି ଭ୍ରମ ମଧ୍ୟରେ ସତ୍ୟର ସନ୍ଧାନ।

ଆମ ପାଞ୍ଚ ଜ୍ଞାନେନ୍ଦ୍ରିୟ ବାହ୍ୟଜଗତରୁ ସୂଚନା ସଂଗ୍ରହ କରେ। ବୁଦ୍ଧି ସେହି ସୂଚନାକୁ ବିଚାର କରେ, ମନ ତାହାକୁ ଗ୍ରହଣ କରେ ଏବଂ ଆସକ୍ତି ତାହାକୁ ସଂସ୍କାରରେ ପରିଣତ କରେ। ଏହିପରି ରୂପ, ରସ, ଗନ୍ଧ, ସ୍ପର୍ଶ ଓ ଶବ୍ଦ— ସମସ୍ତ ଇନ୍ଦ୍ରିୟ ବିଷୟ ମନରେ ଛାପ ଛାଡ଼ି ଆମର ଚିନ୍ତା, ଭାବନା ଓ କର୍ମକୁ ନିର୍ଦ୍ଦେଶିତ କରେ। ଶରୀରର ନିଜସ୍ୱ ବିଷୟ ହେଉଛି ସୁଖ ଓ ଆରାମ। ଏହି ଉପଭୋଗ ପ୍ରବୃତ୍ତି ସମସ୍ତ ପ୍ରାଣୀଙ୍କ ମଧ୍ୟରେ ଅଛି। କିନ୍ତୁ ପଶୁ ତାହାର ପ୍ରବୃତ୍ତିକୁ ବଦଳାଇ ପାରେନାହିଁ; ସେ ପ୍ରକୃତିର ନିୟମରେ ବଞ୍ଚେ। କେବଳ ମଣିଷ ନିଜର ବିବେକ, କର୍ମ ଓ ସାଧନା ଦ୍ୱାରା ନିଜର ଭବିଷ୍ୟତ ଗଢ଼ିପାରେ। ପ୍ରତ୍ୟେକ ଜନ୍ମ ସହିତ ଆତ୍ମାର ଅଭିଜ୍ଞତା ବୃଦ୍ଧି ପାଏ, ଜ୍ଞାନ ପରିପକ୍ୱ ହୁଏ। ଏହାହିଁ ଜୀବର ବିବର୍ତ୍ତନ ଯାତ୍ରା। ମାନବଜନ୍ମ ସେହି ଦୀର୍ଘ ଯାତ୍ରାର ସର୍ବୋଚ୍ଚ ସୋପାନ, ଯେଉଁଠାରୁ ଆତ୍ମା ପରମାତ୍ମା ସହିତ ଏକାତ୍ମ ହେବାର ସୁଯୋଗ ପାଏ। ଶରୀର ହେଉଛି ଚେତନାର ବାହକ। ସ୍ଥୂଳ ଶରୀର, ସୂକ୍ଷ୍ମ ଶରୀରର ପ୍ରେରଣାରେ କାର୍ଯ୍ୟ କରେ। ଇନ୍ଦ୍ରିୟମାନେ ଏହି ଶରୀରର ପ୍ରମୁଖ ଉପକରଣ। ଆଖି ରୂପକୁ ଦେଖେ, କାନ ଶବ୍ଦକୁ ଶୁଣେ, ନାକ ଗନ୍ଧକୁ ଅନୁଭବ କରେ, ଜିହ୍ୱା ସ୍ୱାଦକୁ ଜାଣେ ଏବଂ ଚର୍ମ ସ୍ପର୍ଶକୁ ଅନୁଭବ କରେ। ଏହି ପାଞ୍ଚ ଜ୍ଞାନେନ୍ଦ୍ରିୟ ବିନା ବାହ୍ୟଜଗତର କୌଣସି ଅନୁଭବ ସମ୍ଭବ ନୁହେଁ। ପ୍ରତ୍ୟେକ ଇନ୍ଦ୍ରିୟର ନିଜସ୍ୱ ତତ୍ତ୍ୱ ଓ ଗୁଣ ଅଛି। ଆଖିର ତତ୍ତ୍ୱ ହେଉଛି ତେଜ, କାନର ଆକାଶ, ନାକର ପୃଥିବୀ, ଜିହ୍ୱାର ଜଳ ଏବଂ ଚର୍ମର ବାୟୁ। ଏହି ପଞ୍ଚମହାଭୂତ ସହିତ ଇନ୍ଦ୍ରିୟମାନଙ୍କର ଅବିଚ୍ଛିନ୍ନ ସମ୍ପର୍କ ରହିଛି। ସେହିପରି ହାତ, ପାଦ, ବାକ୍, ମଳଦ୍ୱାର ଓ ଜନନେନ୍ଦ୍ରିୟ— ଏହି ପାଞ୍ଚ କର୍ମେନ୍ଦ୍ରିୟ କାର୍ଯ୍ୟ ସମ୍ପାଦନ କରେ। ଜ୍ଞାନେନ୍ଦ୍ରିୟ ଓ କର୍ମେନ୍ଦ୍ରିୟର ସମନ୍ୱୟରେ ଜୀବନର ପ୍ରତ୍ୟେକ କ୍ରିୟା ସମ୍ପନ୍ନ ହୁଏ। ଅନୁଗୀତାରେ ମଣିଷର ସମଗ୍ର ଜୀବନକୁ ଏକ ଆଧ୍ୟାତ୍ମିକ ଯଜ୍ଞ ସହ ତୁଳନା କରାଯାଇଛି। ଜ୍ଞାନେନ୍ଦ୍ରିୟ ଓ କର୍ମେନ୍ଦ୍ରିୟ ହେଉଛନ୍ତି 'ହୋତା ଅର୍ଥାତ ଏଠାରେ ଜ୍ଞାନେନ୍ଦ୍ରିୟ (ଆଖି, କାନ, ନାକ, ଜିଭ, ଚର୍ମ) ଏବଂ କର୍ମେନ୍ଦ୍ରିୟ (ହାତ, ପାଦ, ବାକ୍, ପାୟୁ, ଉପସ୍ଥ) 'ହୋତା', ଅର୍ଥାତ୍ ଯଜ୍ଞ କରୁଥିବା ପୁରୋହିତଙ୍କ ଭଳି କାମ କରନ୍ତି। ସେମାନେ ରୂପ, ଶବ୍ଦ, ଗନ୍ଧ, ରସ ଓ ସ୍ପର୍ଶ ଭଳି ଇନ୍ଦ୍ରିୟ ବିଷୟଗୁଡ଼ିକୁ 'ହବିଷ୍ୟ', ଅର୍ଥାତ୍ ଯଜ୍ଞରେ ଅର୍ପଣ କରାଯାଉଥିବା ଆହୁତି ଭାବରେ ଗ୍ରହଣ କରନ୍ତି। ଏହିପରି ଆମର ପ୍ରତ୍ୟେକ ଅନୁଭବ, ଚିନ୍ତା ଓ କର୍ମ ଅନ୍ତରରେ ନିରନ୍ତର ଚାଲୁଥିବା ସେହି ଆଧ୍ୟାତ୍ମିକ ଯଜ୍ଞର ଏକ ଆହୁତି ହୋଇଯାଏ।



ଏହି ସମଗ୍ର ବ୍ୟବସ୍ଥାର କେନ୍ଦ୍ରବିନ୍ଦୁ ହେଉଛି ମନ। ମନ ହେଉଛି ଇନ୍ଦ୍ରିୟ ବିଷୟମାନଙ୍କର ଘର, ସଂଗ୍ରହାଳୟ ଓ ନିୟନ୍ତ୍ରଣ କେନ୍ଦ୍ର। ଜାଗ୍ରତ ଅବସ୍ଥାରେ ଶରୀର ଯେତେ ଦୂର ଯାଇପାରେ, ମନ ତାହାଠାରୁ ଅନେକଗୁଣ ଦ୍ରୁତ ଗତିରେ ବିଚରଣ କରେ। ନିଦ୍ରାରେ ମଧ୍ୟ ସେ ସ୍ୱପ୍ନର ଜଗତ ସୃଷ୍ଟି କରେ। ସେଥିପାଇଁ ଭଗବାନ କୃଷ୍ଣ କହିଛନ୍ତି— ଯିଏ ମନକୁ ଜୟ କରିପାରେ, ସେ ଇନ୍ଦ୍ରିୟକୁ ମଧ୍ୟ ଜୟ କରିପାରେ। ଇନ୍ଦ୍ରିୟନିଗ୍ରହ ହେଉଛି ଆଧ୍ୟାତ୍ମିକ ସାଧନାର ପ୍ରଥମ ସୋପାନ। କଠୋପନିଷଦରେ ଶରୀରକୁ ରଥ, ଇନ୍ଦ୍ରିୟମାନଙ୍କୁ ଘୋଡ଼ା, ମନକୁ ଲଗାମ, ବୁଦ୍ଧିକୁ ସାରଥି ଏବଂ ଆତ୍ମାକୁ ରଥୀ ବୋଲି ବର୍ଣ୍ଣନା କରାଯାଇଛି। ଲଗାମ ଦୃଢ଼ ଥିଲେ ଘୋଡ଼ା ଠିକ୍ ପଥରେ ଚାଲେ; ମନ ସଂଯତ ଥିଲେ ଇନ୍ଦ୍ରିୟମାନେ ମଧ୍ୟ ସଂଯମିତ ହୁଅନ୍ତି। କିନ୍ତୁ ମନ ଯଦି ଚଞ୍ଚଳ ହୁଏ, ଇନ୍ଦ୍ରିୟମାନେ ମଣିଷକୁ ଭୋଗ, ମୋହ ଓ ବନ୍ଧନ ଆଡ଼କୁ ଟାଣିନେଇଥାନ୍ତି।

ଅତଏବ ଜୀବନର ପ୍ରକୃତ ସାଧନା ବାହ୍ୟଜଗତକୁ ଜୟ କରିବା ନୁହେଁ, ବରଂ ନିଜ ମନକୁ ଜୟ କରିବା। କାରଣ ମନ ଯେତେବେଳେ ପବିତ୍ର ହୁଏ, ଇନ୍ଦ୍ରିୟ ସଂଯମିତ ହୁଏ; ଇନ୍ଦ୍ରିୟ ସଂଯମିତ ହେଲେ ବୁଦ୍ଧି ନିର୍ମଳ ହୁଏ; ବୁଦ୍ଧି ନିର୍ମଳ ହେଲେ ଆତ୍ମଜ୍ଞାନର ଦ୍ୱାର ଉନ୍ମୁକ୍ତ ହୁଏ। ସେତେବେଳେ ମଣିଷ କେବଳ ଭୋଗର ଜୀବ ନୁହେଁ, ବରଂ ଭଗବତ୍ ସ୍ୱରୂପକୁ ଅନୁଭବ କରୁଥିବା ଏକ ଜାଗୃତ ଚେତନାରେ ପରିଣତ ହୁଏ। ଏହି ଆତ୍ମଜୟ ହିଁ ମାନବଜୀବନର ସର୍ବୋଚ୍ଚ ସଫଳତା।

କୋତାଙ୍ଗ, କୋଣାର୍କ
ମୋବାଇଲ୍: ୭୩୮୧୩୮୨୨୧୦

# ବଳିଦାନ ଏବଂ ତପସ୍ୟା:ଉପବାସର ଦୁଇଟି କାହାଣୀ



**ଅସିତ ମହାନ୍ତି**

ଭାରତର ସାମାଜିକ ଏବଂ ସାଂସ୍କୃତିକ ଜୀବନରେ, ସତ୍ୟାଗ୍ରହ ଏବଂ ଉପବାସର ପରମ୍ପରା କେବଳ ପ୍ରତିବାଦର ଏକ ମାଧ୍ୟମ ନୁହେଁ, ବରଂ ଆତ୍ମାର ଏକ ଆହ୍ୱାନ। ମହାତ୍ମା ଗାନ୍ଧୀ ଏହାକୁ ଜନଶକ୍ତିର ସର୍ବୋତ୍ତମ ଅସ୍ତ୍ର ଭାବରେ ବର୍ଣ୍ଣନା କରିଥିଲେ। ଆଜି, ଯେତେବେଳେ ଆମେ ପ୍ରଫେସର ଜି.ଡି. ଅଗ୍ରୱାଲ ଏବଂ ସୋନମ ୱାଙ୍ଗଚୁକଙ୍କ ଉପବାସକୁ ବିଚାର କରୁ, ଏହା ସ୍ପଷ୍ଟ ହୋଇଯାଏ ଯେ ଭାରତର ଆତ୍ମା ଏବେ ବି ଏହାର ପ୍ରକୃତ ସନ୍ତାନମାନଙ୍କ ମାଧ୍ୟମରେ କଥା କହେ, କିନ୍ତୁ କ୍ଷମତାର କରିଡରରେ ଏହାର ସ୍ୱର ଦବିଯାଏ।

ପ୍ରଫେସର ଜି.ଡି. ଅଗ୍ରୱାଲ (୨୦ ଜୁଲାଇ ୧୯୩୨ - ୧୧ ଅକ୍ଟୋବର ୨୦୧୮), ଯାହା ପରେ ସ୍ୱାମୀ ସାନନ୍ଦ ଭାବରେ ଜଣାଶୁଣା, ଗଙ୍ଗାକୁ ରକ୍ଷା କରିବା ପାଇଁ ନିଜ ଜୀବନ ବଳିଦାନ ଦେଇଥିଲେ। ଗଙ୍ଗା କେବଳ ଏକ ନଦୀ ନୁହେଁ; ଏହା ଭାରତର ସାଂସ୍କୃତିକ ଧାରା, ଆମ ସଭ୍ୟତାର ମେରୁଦଣ୍ଡ। ଅଗ୍ରୱାଲ ବାରମ୍ବାର ସରକାରଙ୍କୁ ଗଙ୍ଗାକୁ ବନ୍ଧ ଏବଂ ପ୍ରଦୂଷଣରୁ ମୁକ୍ତ କରିବାକୁ, ଏହାକୁ ନିରବଚ୍ଛିନ୍ନ ଏବଂ ପବିତ୍ର ରଖିବା ପାଇଁ ଅନୁରୋଧ କରିଥିଲେ। କିନ୍ତୁ ପୁଞ୍ଜିବାଦୀ ଚିନ୍ତାଧାରାରେ ଆକ୍ରାନ୍ତ ସରକାରମାନେ ତାଙ୍କ ଆହ୍ୱାନକୁ ଅଣଦେଖା କରିଥିଲେ। ଶେଷରେ, ସେ ଦେଶକୁ ଏକ ବାର୍ତ୍ତା ଦେବା ପାଇଁ ନିଜ ଜୀବନକୁ ବଳିଦାନ ଦେଲେ ଯେ ଗଙ୍ଗାକୁ ସୁରକ୍ଷା ଦେବା କେବଳ ଏକ ପରିବେଶଗତ ସମସ୍ୟା ନୁହେଁ, ବରଂ ବଞ୍ଚିବାର ବିଷୟ। ତାଙ୍କ ମୃତ୍ୟୁ ଭାରତ ପାଇଁ ଏକ ଦୁଃଖଦ କାହାଣୀ ପାଲଟିଗଲା - ଜଣେ ବୈଜ୍ଞାନିକ, ଜଣେ ପରିବେଶବିତ୍, ଜଣେ ସନ୍ଥ ନିଜ ଜୀବନ ବଳିଦାନ ଦେଇଥିଲେ, କିନ୍ତୁ ସରକାର ଏହାକୁ କେବଳ ଏକ 'ଘଟଣା' ବୋଲି ଖାରଜ କରିଦେଲେ। 'ସେ କହିଥିଲେ, 'ମୁଁ ଗଙ୍ଗାଜୀଙ୍କୁ ମରିବାକୁ ଚାହୁଁନାହିଁ, ଏବଂ ମୁଁ ଗଙ୍ଗାଜୀଙ୍କୁ ମରିବା ଦେଖିବା ପୂର୍ବରୁ ମୋର ଜୀବନ ତ୍ୟାଗ କରିବାକୁ ଚାହୁଁଛି।''

ଜି.ଡି. ଅଗ୍ରୱାଲ ଗଙ୍ଗାକୁ ସଫା କରିବା ପାଇଁ ୧୧୧ ଦିନ ଧରି ଅନଶନରେ ବସିଥିଲେ। ୮୬ ବର୍ଷୀୟ ଅଗ୍ରୱାଲ ଜୁନ୍ ୨୨ ତାରିଖରୁ ଅନଶନରେ ଥିଲେ। ସେ ଗଙ୍ଗାରେ ବେଆଇନ ଖଣି ବନ୍ଦ କରିବା, ବନ୍ଧ ଭଳି ବଡ଼ ଧରଣର ନିର୍ମାଣ ବନ୍ଦ କରିବା ଏବଂ ସଫା କରିବା ପାଇଁ ଦୀର୍ଘ ସମୟ ଧରି ସ୍ୱର ଉଠାଇଥିଲେ। ସେ ଫେବୃଆରୀ ୨୦୧୮ ରେ ପ୍ରଧାନମନ୍ତ୍ରୀଙ୍କୁ ଏକ ଚିଠି ମଧ୍ୟ ଲେଖିଥିଲେ। ସେ ଘୋଷଣା କରିଥିଲେ ଯେ ଯଦି ତାଙ୍କ ଦାବି ୯ ଅକ୍ଟୋବର, ୨୦୧୮ ସୁଦ୍ଧା ପୂରଣ ନ ହୁଏ, ତେବେ ସେ ପାଣି ଛାଡିଦେବେ। ୧୧ ଅକ୍ଟୋବର ୨୦୧୮ ରେ ସେ ନିଜ ଜୀବନ ତ୍ୟାଗ କରିଥିଲେ।



ସୋନମ ୱାଙ୍ଗଚୁକ୍ ଆଜି ସେହି ପରମ୍ପରାକୁ ବହନ କରୁଛନ୍ତି। ସେମାନେ ଯେକୌଣସି ଜାତିର ମୂଳସ୍ୱରୂପ ଶିକ୍ଷା ପାଇଁ ଲଢ଼ୁଛନ୍ତି। ଯେତେବେଳେ ଜଣେ ବୈଜ୍ଞାନିକ ଏବଂ ଶିକ୍ଷକଙ୍କୁ ଜନ୍ତର ମନ୍ତରରେ ଅନଶନ କରିବାକୁ ବାଧ୍ୟ କରାଯାଏ, ଏହା କେବଳ ଏକ ବ୍ୟକ୍ତିଗତ ସଂଘର୍ଷ ନୁହେଁ, ବରଂ ଏକ ସମଗ୍ର ସମାଜର ବିଫଳତାର ପ୍ରତୀକ। ୱାଙ୍ଗଚୁକ୍ଙ୍କ ଦାବି ସରଳ - ଶିକ୍ଷାକୁ ସ୍ୱଚ୍ଛ, ସୁଗମ ଏବଂ ଲୋକାଭିମୁଖୀ କରାଯିବା ଉଚିତ। କିନ୍ତୁ ପୁଞ୍ଜିବାଦୀ ସ୍ୱାର୍ଥ ଦ୍ୱାରା ପରିଚାଳିତ ବର୍ତ୍ତମାନର ସରକାର ଅଗ୍ରୱାଲଙ୍କ ଆହ୍ୱାନକୁ ଅଣଦେଖା କରିବା ପରି ତାଙ୍କ ସ୍ୱରକୁ ଅଣଦେଖା କରୁଛନ୍ତି। ତାଲିମ ଦ୍ୱାରା ଜଣେ ଯାନ୍ତ୍ରିକ ଇଞ୍ଜିନିୟର ସୋନମ୍ ୱାଙ୍ଗଚୁକ୍ ୩୦ ବର୍ଷରୁ ଅଧିକ ସମୟ ଧରି ଶିକ୍ଷା ସଂସ୍କାର କ୍ଷେତ୍ରରେ କାର୍ଯ୍ୟ କରିଆସୁଛନ୍ତି। ୧୯୮୮ ମସିହାରେ, ସେ ଭାରତର ଲଦାଖର ହିମାଳୟାନ ପାର୍ଶ୍ୱରେ ସରକାରୀ ସ୍କୁଲ ବ୍ୟବସ୍ଥାକୁ ଉନ୍ନତ କରିବା ପାଇଁ **SECMOL (Students Educational and Cultural Movement of Ladakh)** ପ୍ରତିଷ୍ଠା କରିଥିଲେ। ସେ ସରକାରୀ ସ୍କୁଲ ବ୍ୟବସ୍ଥାକୁ ଉନ୍ନତ କରିବା ପାଇଁ ସରକାର, ଗ୍ରାମୀଣ ସମ୍ପ୍ରଦାୟ ଏବଂ ନାଗରିକ ସମାଜ ମଧ୍ୟରେ ଏକ ତ୍ରିପାକ୍ଷିକ ସହଯୋଗ, ଅପରେସନ୍ ନ୍ୟୁ ହୋପ୍ ଆରମ୍ଭ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ସରକାରୀ ସ୍କୁଲର ଦାୟିତ୍ୱ ନେବା ପାଇଁ ଗ୍ରାମୀଣ ଶିକ୍ଷା କମିଟି ଗଠନ କରିବା, ଶିଶୁ-ଅନୁକୂଳ ପଦ୍ଧତିରେ ଶିକ୍ଷକମାନଙ୍କୁ ତାଲିମ ଦେବା ଏବଂ ଲଦାଖ ପାଇଁ ସ୍ଥାନୀୟ ଆବଶ୍ୟକତା ଅନୁଯାୟୀ ନୂତନ ପୁସ୍ତକ ଲେଖିବା ଏବଂ ପ୍ରକାଶନ କରିବା ଅନ୍ତର୍ଭୁକ୍ତ ଥିଲା। ଏଠାରେ ଏକ ଗଭୀର ସମାନତା ଅଛି। ପ୍ରଫେସର ଅଗ୍ରୱାଲ ଗଙ୍ଗା ପାଇଁ ତାଙ୍କ ଜୀବନ ଦେଇଥିଲେ, କାରଣ ଗଙ୍ଗା ହେଉଛି ଭାରତର ଆତ୍ମା। ୱାଙ୍ଗଚୁକ୍ ଶିକ୍ଷା ପାଇଁ ଲଢ଼ୁଛନ୍ତି କାରଣ ଶିକ୍ଷା ହେଉଛି ଭାରତର ଭବିଷ୍ୟତ। ଗଙ୍ଗା ଏବଂ ଶିକ୍ଷା ଉଭୟ ଜୀବନଦାୟକ - ଗୋଟିଏ ଆମର ସଂସ୍କୃତିକୁ ବଜାୟ ରଖେ, ଅନ୍ୟଟି ଆମର ଭବିଷ୍ୟତ ପିଢ଼ି। କିନ୍ତୁ ଉଭୟ ଆଜି ପୁଞ୍ଜିବାଦୀ ନୀତି ଏବଂ ସରକାରୀ ଉଦାସୀନତାର ଶିକାର।

ଅଗ୍ରୱାଲଙ୍କ ମୃତ୍ୟୁ ଆମକୁ ଶିକ୍ଷା ଦିଏ ଯେ ଯେତେବେଳେ ଶକ୍ତି ଅସମ୍ବେଦନଶୀଳ ହୋଇଯାଏ, ସତ୍ୟାଗ୍ରହୀମାନଙ୍କୁ ସେମାନଙ୍କର ଜୀବନ ବଳିଦାନ ଦେବାକୁ ପଡ଼ିଥାଏ। ୱାଙ୍ଗଚୁକ୍ ଙ୍କ ସଂଘର୍ଷ ଆମକୁ କହୁଛି ଯେ ଆଜି ମଧ୍ୟ ସମାନ ପରିସ୍ଥିତି ରହିଛି - ଲୋକଙ୍କ ସ୍ୱରକୁ ଦମନ କରାଯାଉଛି, ଗଣମାଧ୍ୟମ ନୀରବ ରହିଛି, ଏବଂ ସରକାର କେବଳ ସୌନ୍ଦର୍ଯ୍ୟ ସଂସ୍କାରରେ ନିୟୋଜିତ ଅଛନ୍ତି। ଏହା ବିଡ଼ମ୍ବନାର ବିଷୟ ଯେ ବିଶ୍ୱବ୍ୟାପୀ ସମ୍ମାନିତ ଭାରତର ବୈଜ୍ଞାନିକ ଏବଂ ଶିକ୍ଷକମାନଙ୍କୁ ନିଜ ଦେଶରେ ଅବହେଳିତ କରାଯାଉଛି।

ଏହି ଦୁଇଟି ଉପବାସକୁ ଏକାଠି ଦେଖିଲେ ଏହା ସ୍ପଷ୍ଟ ହୁଏ ଯେ ଭାରତରେ ଜନସ୍ୱାର୍ଥ ପ୍ରସଙ୍ଗ - ତାହା ଗଙ୍ଗା ସୁରକ୍ଷା ହେଉ କିମ୍ବା ଶିକ୍ଷାରେ ସ୍ୱଚ୍ଛତା - କ୍ଷମତାରେ ଥିବା ଲୋକଙ୍କ ପାଇଁ ପ୍ରାଥମିକତା ନୁହେଁ। ପ୍ରାଥମିକତା ହେଉଛି ପୁଞ୍ଜି ବିସ୍ତାର, କର୍ପୋରେଟ୍ ଲାଭ ଏବଂ କ୍ଷମତା ସଂରକ୍ଷଣ। ଏହି କାରଣରୁ ଅଗ୍ରୱାଲଙ୍କ ମୃତ୍ୟୁ ପରେ ମଧ୍ୟ ଗଙ୍ଗାର ଅବସ୍ଥା ଉନ୍ନତ ହୋଇନାହିଁ, ଏବଂ ୱାଙ୍ଗଚୁକ୍ ଙ୍କ ଉପବାସ ସତ୍ତ୍ୱେ ଶିକ୍ଷାର ଅବସ୍ଥା ଅବନତି ହେବାରେ ଲାଗିଛିକିନ୍ତୁ ଏହି ସଂଘର୍ଷର ଗୁରୁତ୍ୱ କେବଳ ସେମାନଙ୍କର ତୁରନ୍ତ ଫଳାଫଳରେ ନାହିଁ। ସେମାନଙ୍କର ଗୁରୁତ୍ୱ ଏହି ସତ୍ୟରେ ରହିଛି ଯେ ସେମାନେ ଆମକୁ ମନେ ପକାଇ ଦିଅନ୍ତି ଯେ ଭାରତର ଆତ୍ମା ଏବେ ବି ବଞ୍ଚି ରହିଛି। ଯେପର୍ଯ୍ୟନ୍ତ ସତ୍ୟ ପାଇଁ ଲଢ଼ିବା ପାଇଁ ନିଜ ଜୀବନକୁ ବାଜି ଲଗାଉଥିବା ଲୋକ ଅଛନ୍ତି, ଭାରତର ଆଶା ଅତୁଟ ରହିଛି। ଅଗ୍ରୱାଲ ଗଙ୍ଗା ପାଇଁ ନିଜ ଜୀବନ ଦେଇଥିଲେ, ୱାଙ୍ଗଚୁକ୍ ଶିକ୍ଷା ପାଇଁ ଭୋକିଲା - ଏହି ଉଭୟ ଆମକୁ କୁହନ୍ତି ଯେ ଏକ ଜାତିର ପ୍ରକୃତ ଶକ୍ତି କ୍ଷମତାର କରିଡରରେ ନୁହେଁ, ବରଂ ଏହାର ସନ୍ତାନମାନଙ୍କ ସମର୍ପଣ ଏବଂ ବଳିଦାନରେ ରହିଛି।

ଆଜି, ଆମକୁ ଏହି ସଂଘର୍ଷଗୁଡ଼ିକୁ କେବଳ ଘଟଣା ଭାବରେ ଦେଖିବା ଆବଶ୍ୟକ ନୁହେଁ। ଆମକୁ ସେମାନଙ୍କୁ ଏକ ଚେତାବନୀ ଭାବରେ ଦେଖିବାକୁ ପଡ଼ିବ। ଯଦି ଗଙ୍ଗା ମରିଯାଏ, ତେବେ ଆମର ସଂସ୍କୃତି ମରିଯିବ। ଯଦି ଶିକ୍ଷା ଦୁର୍ନୀତିଗ୍ରସ୍ତ ହୁଏ, ତେବେ ଆମର ଭବିଷ୍ୟତ ପିଢ଼ି ଅନ୍ଧାରରେ ବୁଡ଼ିଯିବ। ଉଭୟ ପରିସ୍ଥିତି ଦେଶ ପାଇଁ ବିପର୍ଯ୍ୟୟକାରୀ।ପ୍ରଫେସର ଜି.ଡି. ଅଗ୍ରୱାଲ ଏବଂ ସୋନମ ୱାଙ୍ଗଚୁକଙ୍କ ସଂଘର୍ଷ ଆମକୁ ଶିକ୍ଷା ଦିଏ ଯେ ସତ୍ୟାଗ୍ରହ କେବଳ ପ୍ରତିବାଦର ଏକ ମାଧ୍ୟମ ନୁହେଁ, ବରଂ ଆତ୍ମାର ଏକ ଆହ୍ୱାନ। ଏହି ଆହ୍ୱାନ ଆମକୁ ଥରାଇ ଦିଏ, ଆମକୁ ଆମର ଦାୟିତ୍ୱ ମନେ ପକାଇ ଦିଏ। ସରକାର ଏହାକୁ ଅଣଦେଖା କରିପାରନ୍ତି, କିନ୍ତୁ ଜନସାଧାରଣଙ୍କୁ ଏହି ସ୍ୱରଗୁଡ଼ିକୁ ଶୁଣିବାକୁ ପଡ଼ିବ। କାରଣ ଶେଷରେ, ଏକ ରାଷ୍ଟ୍ର ଶକ୍ତି ଦ୍ୱାରା ନୁହେଁ, ଲୋକଙ୍କ ଦ୍ୱାରା ଗଠିତ ହୁଏ।

ସ୍ତମ୍ଭକାର ଏବଂ ଆବାହକ, ଓଡ଼ିଆ ଭାଷା, ସୁରକ୍ଷା ଅଭିଯାନ
ସୁଜନପୁର, ଯାଜପୁର, ମୋବାଇଲ୍:୯୪୩୭୨୮୦୨୮

# ଆମେରିକା ଘାଟିରେ ଇରାନର ଆକ୍ରମଣ




ତେହରାନ, ୧୨।୭: ରବିବାର ସକାଳେ ଇରାନ ଉପସାଗରୀୟ ଦେଶ ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ),କତାର, ବାହାରିନ ଏବଂ ଜୋର୍ଡାନ ଆଦି ସ୍ଥାନରେ ଥିବା ଆମେରିକାର ଘାଟିଗୁଡ଼ିକ ଉପରେ ବଡ଼ ଧରଣର କ୍ଷେପଣାସ୍ତ୍ର ଏବଂ ଡ୍ରୋନ୍ ଆକ୍ରମଣ କରିଛି। ଏହି ଆକ୍ରମଣ ପରେ ସମଗ୍ର ମଧ୍ୟପ୍ରାଚ୍ୟରେ ଆତଙ୍କ ଖେଳିଯାଇଛି। ଅନେକ ଦେଶ ସେମାନଙ୍କ ନାଗରିକଙ୍କ ପାଇଁ ଜରୁରୀକାଳୀନ ସତର୍କ ସୂଚନା ଜାରି କରିଛନ୍ତି।

ରବିବାର ସକାଳେ କତାରର ରାଜଧାନୀ ଦୋହାରେ ଜୋରଦାର ବିସ୍ଫୋରଣ ଶୁଣାଯାଇଛି। ବାସିନ୍ଦାମାନେ ଆତଙ୍କିତ ହୋଇପଡ଼ିଛନ୍ତି। କତାରର ଗୃହ ମନ୍ତ୍ରଣାଳୟ ପକ୍ଷରୁ ନାଗରିକଙ୍କ ମୋବାଇଲ ଫୋନ୍‌କୁ ଏକ ଜରୁରୀକାଳୀନ ସୁରକ୍ଷା ସତର୍କତା ପଠାଯାଇଥିଲା। ମନ୍ତ୍ରଣାଳୟ ସ୍ପଷ୍ଟ କରିଛି ଯେ, ସୁରକ୍ଷା ବିପଦ ସ୍ତର ବର୍ତ୍ତମାନ ବହୁତ ଅଧିକ, ତେଣୁ ସମସ୍ତ ନାଗରିକ ଏବଂ ପ୍ରବାସୀମାନେ ସେମାନଙ୍କ ଘର କିମ୍ବା ସୁରକ୍ଷିତ ସ୍ଥାନରେ ରହିବା ଉଚିତ।

ବାହାରିନର ଗୃହ ମନ୍ତ୍ରଣାଳୟ ମଧ୍ୟ ଏହାର ଅଞ୍ଚଳରେ ବିମାନ ଆକ୍ରମଣ ସାଇରନକୁ ସକ୍ରିୟ କରିଛି ଏବଂ ଲୋକମାନଙ୍କୁ ଶାନ୍ତ ରହିବାକୁ ଏବଂ ନିକଟତମ ନିରାପଦ ସ୍ଥାନକୁ ଚାଲିଯିବାକୁ ଅନୁରୋଧ କରିଛି। ଇରାନ ଦ୍ୱାରା ନିକ୍ଷେପ କରାଯାଇଥିବା କ୍ଷେପଣାସ୍ତ୍ରକୁ ପ୍ରତିହତ କରିବା ପାଇଁ ସଂଯୁକ୍ତ ଆରବ ଏମିରେଟ୍ସ ନିଜର ସାମରିକ ବାହିନୀକୁ ନିୟୋଜିତ କରିଛି। ୟୁଏଇର ପ୍ରତିରକ୍ଷା ମନ୍ତ୍ରଣାଳୟ ଆନୁଷ୍ଠାନିକ ଭାବରେ ନିଶ୍ଚିତ କରିଛି ଯେ, ଏହାର ବାୟୁ ପ୍ରତିରକ୍ଷା ପ୍ରଣାଳୀ ଦେଶର ବିଭିନ୍ନ ସ୍ଥାନରେ ଇରାନ ଦ୍ୱାରା ନିକ୍ଷେପିତ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର, କ୍ରୁଜ୍ କ୍ଷେପଣାସ୍ତ୍ର ଏବଂ ଆକ୍ରମଣ ଡ୍ରୋନ୍‌କୁ ଅଟକାଇ ନଷ୍ଟ କରିଛି। ମନ୍ତ୍ରଣାଳୟ କହିଛି, ସହରରେ ଶୁଣାଯାଇଥିବା ବିସ୍ଫୋରଣର ଶବ୍ଦ ପ୍ରକୃତରେ ଇରାନୀ କ୍ଷେପଣାସ୍ତ୍ରକୁ ଗୁଳି କରି ଖସାଇ ଦେବା ଯୋଗୁଁ ସୃଷ୍ଟି ହୋଇଥିଲା।

## ଇରାନର ୧୨ ଟାର୍ଗେଟ ଧ୍ୱଂସ



ୱାଶିଂଟନ: ଇରାନର ଇସଲାମିକ୍ ରିଭୋଲ୍ୟୁସନାରୀ ଗାର୍ଡ କର୍ପସ (ଆଇଆରଜିସି) ରବିବାର ପରବର୍ତ୍ତୀ ସୂଚନା ପର୍ଯ୍ୟନ୍ତ ହର୍ମୁଜ୍ ପ୍ରଣାଳୀକୁ ସମ୍ପୂର୍ଣ୍ଣ ବନ୍ଦ କରିବାକୁ ଘୋଷଣା କରିଛି। ଏହାର ଜବାବରେ ଆମେରିକା ସେନା ଅନେକ ଇରାନୀ ସାମରିକ ଘାଟି ଏବଂ ରଣନୈତିକ କ୍ଷେତ୍ର ଉପରେ ବଡ଼ ଧରଣର ବିମାନ ଆକ୍ରମଣ କରିଛି। ରିପୋର୍ଟ ଅନୁଯାୟୀ, ଆମେରିକା ସେନା ବାହାରିନରେ ଥିବା ନିଜର ସାମରିକ ଘାଟିରୁ ଇରାନ ଉପରେ କ୍ଷେପଣାସ୍ତ୍ର ମାଡ କରିଛି। ଫଳରେ ଇରାନର ସାତଟି ପ୍ରମୁଖ ସହରରେ ବ୍ୟାପକ କ୍ଷୟକ୍ଷତି ଘଟିଛି। ଏହି ଆକ୍ରମଣରେ ୧୨ ସାମରିକ ଶିବିର ସମ୍ପୂର୍ଣ୍ଣ ଧ୍ୱଂସ ହୋଇଥିବା ଦାବି କରାଯାଇଛି। ଚାବାହାର, ବୁଶେହର, ବନ୍ଦର ଆବାସ ଏବଂ ସିରିକ୍ ଭଳି ସହରରେ କ୍ରମାଗତ ଭାବରେ ଅନେକ ଶକ୍ତିଶାଳୀ ବିସ୍ଫୋରଣ ଶୁଣାଯାଇଥିଲା। ଏହି ଆକ୍ରମଣଗୁଡ଼ିକ ଇରାନର ସାମରିକ କ୍ଷମତାକୁ ଧ୍ୱଂସ କରିବା ଉଦ୍ଦେଶ୍ୟରେ କରାଯାଇଥିଲା। ଯେଉଁ ଘାଟିରୁ ଇରାନ ଆନ୍ତର୍ଜାତୀୟ ଜାହାଜ ଚଳାଚଳ ଉପରେ ଆକ୍ରମଣ କରିବାକୁ ଯୋଜନା କରୁଥିଲା ସେସବୁକୁ ଟାର୍ଗେଟ କରାଯାଇଥିଲା ବୋଲି ଆମେରିକାର କେନ୍ଦ୍ରୀୟ କମାଣ୍ଡ ସେଣ୍ଟକମ୍ ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ନିଶ୍ଚିତ କରିଛି।



## ଏମଭି ଗାଲାକ୍ସି ଉପରେ ଆଇଆରଜିସିର ଆକ୍ରମଣ

ତେହରାନ: ସେଣ୍ଟ୍ରାଲ କମାଣ୍ଡ ସାମାଜିକ ଗଣମାଧ୍ୟମ ଏକ୍ସରେ ରିପୋର୍ଟ କରିଛି ଯେ ଇରାନ ଖୋଲାଖୋଲି ଭାବରେ ସାଇପ୍ରସ୍ ପତାକାଧାରୀ କଣ୍ଟେନର ଏମଭି ଗାଲାକ୍ସି ଉପରେ ଆକ୍ରମଣ କରିଛି। ଏଥିରେ ଆହୁରି କୁହାଯାଇଛି ଯେ ଜଣେ କ୍ରୁ ସଦସ୍ୟ ନିଖୋଜ ଅଛନ୍ତି ଏବଂ ନିଆଁ ଲାଗିବା ଏବଂ ଇଞ୍ଜିନ ରୁମ୍‌କୁ ଯଥେଷ୍ଟ କ୍ଷତି ହେବା ଯୋଗୁଁ ଜାହାଜଟି ଏହାର ଯାତ୍ରା ଜାରି ରଖିପାରୁନାହିଁ। ଏହାର ବିବୃତ୍ତିରେ ସେଣ୍ଟ୍ରାଲ କମାଣ୍ଡ କହିଛି, ଇରାନ ଉପରେ ଏହି ଆମେରିକାର ଆକ୍ରମଣ କମାଣ୍ଡର-ଇନ୍-ଚିଫ୍, ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ନିର୍ଦ୍ଦେଶରେ କରାଯାଉଛି। ବିବୃତ୍ତିରେ ଆହୁରି କୁହାଯାଇଛି ଯେ ବାଣିଜ୍ୟିକ ଜାହାଜ ଉପରେ ପୂର୍ବ ଆକ୍ରମଣ ପରେ ଇରାନକୁ ଏମଓୟୁ ପାଳନ କରିବାର ଆଉ ଏକ ସୁଯୋଗ ଦିଆଯାଇଥିଲା। କିନ୍ତୁ ଏହା ପୁଣି ବିଫଳ ହୋଇଥିଲା। ସେଣ୍ଟ୍ରାଲ କମାଣ୍ଡ କହିଛି ଯେ ଏହି ଆକ୍ରମଣଗୁଡ଼ିକ ଇରାନର ବେସାମରିକ ନାବିକ ଏବଂ ପ୍ରଣାଳୀ ଦେଇ ମୁକ୍ତ ଭାବରେ ଯାତାୟାତ କରୁଥିବା ବାଣିଜ୍ୟିକ ଜାହାଜ ଉପରେ ଆକ୍ରମଣ କରିବାର କ୍ଷମତାକୁ ଦୁର୍ବଳ କରିବା ପାଇଁ କରାଯାଉଛି।

# ତାଜ୍‌ରେ ବୋମା ରଖିଛି ଦାଉଦ୍

## ବିଳମ୍ବିତ ରାତିରେ ଧମକପୂର୍ଣ୍ଣ ଫୋନ୍



ମୁମ୍ବାଇ, ୧୨।୭: ମାୟାନଗରୀ ମୁମ୍ବାଇର ତାଜ ହୋଟେଲରେ ବୋମାଥିବା ନେଇ ଧମକ ଦିଆଯାଇଛି। ରବିବାର ମଧ୍ୟରାତ୍ରିରେ ହୋଟେଲରେ ବୋମା ରଖାଯାଇଥିବା ଧମକ ପୁଲିସ କଣ୍ଟ୍ରୋଲ ରୁମ୍‌କୁ ମିଳିବା ପରେ ତଦନ୍ତ ଆରମ୍ଭ କରାଯାଇଥିଲା। ଜଣେ ବ୍ୟକ୍ତି ରାତି ୧୨ଟା ୧୩ ମିନିଟ୍‌ରେ ନଭି ମୁମ୍ବାଇ ପୁଲିସ କଣ୍ଟ୍ରୋଲ ରୁମ୍‌କୁ ଫୋନ୍ କରି ରିପୋର୍ଟ କରିଥିଲେ, ଦାଉଦ୍ ତାଜ ହୋଟେଲରେ ବୋମା ରଖିଛି। ଏହି ସୂଚନା ମୁମ୍ବାଇ ମୁଖ୍ୟ ନିୟନ୍ତ୍ରଣ କକ୍ଷକୁ ପଠାଯାଇଥିଲା। କୋଲାବା ପୁଲିସ, ଅପରାଧ ଦୃଶ୍ୟ ତଦନ୍ତ ଦଳ, ବୋମା ଚିହ୍ନଟ ଏବଂ ନିଷ୍କ୍ରିୟକାରୀ ଦଳ (ବିଡିଡିଏସ)ତୁରନ୍ତ ତାଜ ହୋଟେଲରେ ପହଞ୍ଚିଥିଲେ। ଧମକ ପରେ ହୋଟେଲର ମୁଖ୍ୟ ଲବି, ସୁଇମିଂ ପୁଲ୍, ବିଭିନ୍ନ ହଲ୍, ରେଷ୍ଟୁରାଣ୍ଟ, ପାର୍କିଂ, ବାହ୍ୟ ଅଞ୍ଚଳ ଏବଂ ଅନ୍ୟାନ୍ୟ ସମ୍ବେଦନଶୀଳ ଅଞ୍ଚଳରେ ଜରୁରୀକାଳୀନ ଯାଞ୍ଚ କରାଯାଇଥିଲା। ଯାଞ୍ଚ ସମୟରେ କୌଣସି ସନ୍ଦେହଜନକ ବସ୍ତୁ କିମ୍ବା ବିସ୍ଫୋରକ ମିଳିନଥିଲା। ବୈଷୟିକ ତଦନ୍ତରୁ ଜଣାପଡିଛି ଯେ, ଧମକପୂର୍ଣ୍ଣ କଲ୍ ତୁର୍ଭେ ଅଞ୍ଚଳରୁ କରାଯାଇଥିଲା। ଏହି ନମ୍ବର ଆଧାରରେ,ପୁଲିସ ସନ୍ଦିଗ୍ଧ ବ୍ୟକ୍ତିଙ୍କୁ ଖୋଜାଖୋଜି ଆରମ୍ଭ କରିଛି। ହୋଟେଲ ଆଖପାଖ ଅଞ୍ଚଳରେ ଗତିବିଧି ଉପରେ ନଜର ରଖାଯାଇଛି। ପୁଲିସ କହିଛି ଯେ କୌଣସି ସନ୍ଦିଗ୍ଧ ବ୍ୟକ୍ତିଙ୍କୁ ଚିହ୍ନଟ କରାଯାଇ ନାହିଁ। ଏହି ଘଟଣା ପରେ, ତାଜ ହୋଟେଲରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି ଏବଂ ପୁଲିସ ମୁତୟନ କରାଯାଇଛି। କିଛି ମାସ ପୂର୍ବରୁ, ହୋଟେଲ କର୍ମଚାରୀମାନେ ସମାନ ଧମକପୂର୍ଣ୍ଣ କଲ୍ ପାଇଥିଲେ।

## ବିଲରେ କାମ କରୁଥିବା ବେଳେ ଗୁଳି କରି ହତ୍ୟା

**ଅଶାନ୍ତ ମଣିପୁର**

ଇମ୍ଫାଲ, ୧୨।୭: ମଣିପୁରର କାଙ୍ଗପୋକପି ଜିଲ୍ଲାରେ ଶନିବାର ସନ୍ଧ୍ୟାରେ ଏକ ଅଭାବନୀୟ ଘଟଣା ଘଟିଛି। ବିଲରେ ଧାନ କାମ କରୁଥିବା ସମୟରେ ଜଣେ ୫୩ ବର୍ଷୀୟ ବ୍ୟକ୍ତିଙ୍କୁ କିଛି ଅଜ୍ଞାତ ସଶସ୍ତ୍ର ଦୁର୍ବୃତ୍ତ ଗୁଳି କରି ହତ୍ୟା କରିଛନ୍ତି। ମୃତ ବ୍ୟକ୍ତି ଜଣକ କୁକି-ବହୁଳ ଅଞ୍ଚଳ ଗୋଭାଜାଙ୍ଗ ଗ୍ରାମର ହାଓଲାଲ୍ ସିଙ୍ଗସିଟ୍ ବୋଲି ଚିହ୍ନଟ ହୋଇଛନ୍ତି। ଗୁଳିମାଡ଼ ଯୋଗୁଁ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ହୋଇଥିଲା। ତେବେ ଆକ୍ରମଣ ସମୟରେ ତାଙ୍କ ସହ ଉପସ୍ଥିତ ଥିବା ତାଙ୍କ ପତ୍ନୀ ନେମନେଇକିମ୍ ସିଙ୍ଗସିଟ୍ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଏହି ହତ୍ୟାକାଣ୍ଡ ପଛର ପ୍ରକୃତ କାରଣ ଏପର୍ଯ୍ୟନ୍ତ ଜଣାପଡ଼ିନାହିଁ।

## ଲରେନ୍ସ ବିଷ୍ଣୋଇ ଗ୍ୟାଙ୍ଗର ୩ ସୁଟର ଗିରଫ




ନୂଆଦିଲ୍ଲୀ, ୧୨।୭: ଏକ ବଡ଼ କାର୍ଯ୍ୟାନୁଷ୍ଠାନରେ ବାହ୍ୟ ଦିଲ୍ଲୀର ରୋହିଣୀ ଜିଲ୍ଲା ପୁଲିସର ସ୍ୱତନ୍ତ୍ର ଦଳ ଲରେନ୍ସ ବିଷ୍ଣୋଇ ଗ୍ୟାଙ୍ଗ ସହିତ ଜଡିତ ତିନି ଜଣ ସୁଟରଙ୍କୁ ଗିରଫ କରିଛନ୍ତି। ସେମାନଙ୍କ ମଧ୍ୟରୁ ଦୁଇଜଣ ଆଜମଗଡ଼ର ଏବଂ ଜଣେ ଦିଲ୍ଲୀର ବାସିନ୍ଦା। ପୁଲିସ ସୂଚନା ଅନୁଯାୟୀ, ଗିରଫ ହୋଇଥିବା ତିନି ଜଣ ସୁଟର ଦିଲ୍ଲୀରେ ଏକ ବଡ଼ ଅପରାଧ ଘଟାଇବାକୁ ପ୍ରସ୍ତୁତ ହେଉଥିଲେ ଏବଂ ଏକ ଟାର୍ଗେଟ କିଲିଂର ଏକ ବଡ଼ ଷଡ଼ଯନ୍ତ୍ର ରଚନା କରୁଥିଲେ। ରୋହିଣୀ ଜିଲ୍ଲା ପୁଲିସ ସେମାନଙ୍କ ଗତିବିଧି ବିଷୟରେ ଗୁପ୍ତ ସୂଚନା ପାଇ ସେମାନଙ୍କୁ ଗିରଫ କରିଛନ୍ତି। ଗୁପ୍ତ ସୂଚନା ମିଳିବା ପରେ ସ୍ପେଶାଲ୍ ଷ୍ଟାଫ୍ ଟିମ୍ ସେମାନଙ୍କୁ ଟ୍ରାକ୍ କରିବା ଆରମ୍ଭ କରିଥିଲେ। ପରବର୍ତ୍ତୀ ସମୟରେ, ନିରୀକ୍ଷଣ ଏବଂ ବୈଷୟିକ ତଦନ୍ତ ଆଧାରରେ, ତିନି ଜଣଙ୍କୁ ଗିରଫ କରାଯାଇଥିଲା।

## ବଙ୍ଗୋପସାଗରରେ ଭୂକମ୍ପ, ଥରିଲା ଆନ୍ଧ୍ରପ୍ରଦେଶ

ନୂଆଦିଲ୍ଲୀ, ୧୨।୭: ବଙ୍ଗୋପସାଗରରେ ରବିବାର ସକାଳେ ଭୂମିକମ୍ପ ଅନୁଭୂତ ହୋଇଛି। ଏହାର ପ୍ରଭାବରେ ଆନ୍ଧ୍ରପ୍ରଦେଶର ଉପକୂଳବର୍ତ୍ତୀ ଅଞ୍ଚଳଗୁଡ଼ିକ ମଧ୍ୟ ଥରି ଉଠିଛି। ଲୋକମାନେ ଶୋଇଥିବା ସମୟରେ ଭୋର ସମୟରେ ଭୂମିକମ୍ପ ଅନୁଭୂତ ହୋଇଥିଲା। ଅନେକ ଭୟଭୀତ ହୋଇ ଘରୁ ବାହାରକୁ ଦୌଡ଼ି ପଳାଇ ଆସିଥିଲେ। ପ୍ରାରମ୍ଭିକ ରିପୋର୍ଟରୁ ଜଣାପଡିଛି ଯେ କୌଣସି କ୍ଷୟକ୍ଷତି ହୋଇନାହିଁ। ଇଣ୍ଡିଆନ୍ ନ୍ୟାସନାଲ୍ ସେଣ୍ଟର ଫର୍ ଓସେନ୍ ଇନଫର୍ମେସନ୍ ସର୍ଭିସେସ୍ ଅନୁଯାୟୀ, ଭୂମିକମ୍ପ ସକାଳ ୫:୦୫:୪୬ରେ ହୋଇଥିଲା। ଭୂମିକମ୍ପ ସମୁଦ୍ର ପତ୍ତନଠାରୁ ୧୦ କିଲୋମିଟର ଗଭୀରରେ ହୋଇଥିବା ଆକଳନ କରାଯାଇଛି। ଏହାର କେନ୍ଦ୍ରସ୍ଥଳ ବଙ୍ଗୋପସାଗରର କାକିନାଡା ଉପକୂଳରୁ ପ୍ରାୟ ୨୨୫ କିଲୋମିଟର ଦୂରରେ ଥିଲା। ଭୂକମ୍ପର କେନ୍ଦ୍ରସ୍ଥଳ ୧୬.୮୦୫ ଡିଗ୍ରି ଉତ୍ତର ଅକ୍ଷାଂଶ ଏବଂ ୮୪.୩୮୧ ଡିଗ୍ରି ପୂର୍ବ ଦ୍ରାଘିମାରେ ଅବସ୍ଥିତ ଥିଲା।

## ଲାଟିନ୍ ମହୋତ୍ସବରେ ଗୁଳିକାଣ୍ଡ: ୨ ମୃତ



ଓଟାୱା, ୧୨।୭: ଟରଣ୍ଟୋରେ କାନାଡାର ସବୁଠାରୁ ବଡ଼ ଲାଟିନ୍ ଷ୍ଟ୍ରିଟ୍ ଫେଷ୍ଟିଭାଲରେ ଗୁଳିକାଣ୍ଡ ଘଟିଛି। ଲୋକମାନେ ମହୋତ୍ସବରେ ସଂଗୀତ ଏବଂ ନୃତ୍ୟରେ ମସଗୁଲ୍ ଥିବାବେଳେ ଏଭଳି ଅଭାବନୀୟ ଘଟଣା ଘଟିଥିଲା। ଫଳରେ ଦୁଇ ଜଣଙ୍କର ମୃତ୍ୟୁ ହୋଇଛି ଏବଂ ଛଅ ଜଣ ଆହତ ହୋଇଛନ୍ତି। ପୁଲିସ କହିଛି, ଗୁଳିକାଣ୍ଡର ସନ୍ଦିଗ୍ଧ ବ୍ୟକ୍ତି ଏବେ ବି ଫେରାର ଅଛନ୍ତି। ଗୁଳିକାଣ୍ଡ ଜଣଙ୍କ ଦ୍ୱାରା ହୋଇଥିଲା ନା ଅନ୍ୟ ଲୋକମାନେ ମଧ୍ୟ ଏଥିରେ ସାମିଲ ଥିଲେ ସେ ନେଇ ପୁଲିସ ପକ୍ଷରୁ ତଦନ୍ତ ଜାରି ରହିଛି। ଲାଟିନ୍ ସଂସ୍କୃତିକୁ ପାଳନ କରୁଥିବା ସାଲସା ଅନ୍ ସେଣ୍ଟ କ୍ଲେୟାର ମହୋତ୍ସବ ୨୨ ବର୍ଷ ଧରି ଏହି ଅଞ୍ଚଳରେ ପ୍ରତିବର୍ଷ ଅନୁଷ୍ଠିତ ହୋଇଆସୁଛି।

## ଚୀନ୍‌ରେ ବାଭି ତାଣ୍ଡବ, ୨୦ ଲକ୍ଷ ସ୍ଥାନାନ୍ତର

ବେଜିଂ, ୧୨।୭: ଶକ୍ତିଶାଳୀ ଟାଇଫୁନ୍ 'ବାଭି' ଶନିବାର ରାତିରେ ପୂର୍ବ ଚୀନ୍‌ର ଝେଜିଆଙ୍ଗ ପ୍ରଦେଶର ଉପକୂଳରେ ଲ୍ୟାଣ୍ଡଫଲ୍ କରିବା ସହ ତାଣ୍ଡବ ରଚିଛି। କାଉଣ୍ଟି ସହର ୟୁହୁଆନ୍‌ରେ ଏହା ସ୍ଥଳଭାଗ ଛୁଇଁଛି। ସୂଚନା ଅନୁଯାୟୀ,ଏହା ଚଳିତ ବର୍ଷର ନବମ ଟାଇଫୁନ୍। ଲ୍ୟାଣ୍ଡଫଲ୍ ସମୟରେ ପବନର ସର୍ବାଧିକ ବେଗ ଘଣ୍ଟାପ୍ରତି ୧୪୪ କିଲୋମିଟର ଥିଲା। ଯାହା ଫଳରେ ଉପକୂଳ ଅଞ୍ଚଳରେ ବଡ଼ ଧରଣର କ୍ଷତି ହୋଇଛି। ଘୂର୍ଣ୍ଣିବାତ୍ୟାର ଆକଳନ କରାଯାଇଥିବା ଭୟଙ୍କର ରୂପକୁ ନେଇ ଏବଂ ସମ୍ଭାବ୍ୟ ଧନଜୀବନ ହାନିକୁ ଦୃଷ୍ଟିରେ ରଖି, ଚୀନ୍ କର୍ତ୍ତୃପକ୍ଷ ୨୦ ଲକ୍ଷ ଲୋକଙ୍କୁ ସେମାନଙ୍କ ଘରୁ ସ୍ଥାନାନ୍ତର କରାଯାଇ ନିରାପଦ ଆଶ୍ରୟସ୍ଥଳକୁ ନିଆଯାଇଛି।

## ଚେଞ୍ଜ ନଥିବାରୁ ମନ୍ତ୍ରୀଙ୍କୁ ବସ୍‌ରୁ ଓହ୍ଲାଇଦେଲା କଣ୍ଡକ୍ଟର

ବେଙ୍ଗାଲୁରୁ, ୧୨।୭: କର୍ଣ୍ଣାଟକ ପରିବହନ ମନ୍ତ୍ରୀ ବାୟରଥି ସୁରେଶ ଶନିବାର ରାତିରେ ଏକ ଦକ୍ଷିଣ ଭାରତ ଫିଲ୍ମ ଷ୍ଟାଇଲରେ ଯାଞ୍ଚ କରିଥିଲେ। ଯାଞ୍ଚ ସମୟରେ ସେ ସିଟି ବସ୍ ଯାତ୍ରୀମାନଙ୍କ ସମସ୍ୟା ଦେଖିଥିଲେ। ଜଣେ ବିଏସଟିସି କଣ୍ଡକ୍ଟର ମନ୍ତ୍ରୀଙ୍କ ପାଖରେ ଚେଞ୍ଜ ନଥିବାରୁ ତାଙ୍କୁ ବସ୍‌ରୁ ଓହ୍ଲାଇବାକୁ କହିଥିଲେ। ମନ୍ତ୍ରୀ ସୁରେଶ ସହରରେ ବସ୍ ସେବା ଠିକ୍ ଚାଲିଛି ଜାଣିବା ପାଇଁ ମାସ୍କ ପିନ୍ଧି ଯାତ୍ରା କରୁଥିଲେ। ଫଳରେ ବସ୍ କଣ୍ଡକ୍ଟର ତାଙ୍କୁ ଚିହ୍ନି ପାରି ନଥିଲେ। ମନ୍ତ୍ରୀ ହେବ୍ବଲରୁ ନାଗାଶେଟିହଲ୍ଲିକୁ ଏକ ବସ୍‌ରେ ଯାତ୍ରା କରିଥିଲେ। ସେ ବସ୍‌ରେ ଚଢ଼ି ଦୁଇଟି ଟିକେଟ୍ ମାଗିଥିଲେ। ସେ ବସ୍ କଣ୍ଡକ୍ଟରଙ୍କୁ ଏକ ୧୦୦ ଟଙ୍କାର ନୋଟ୍ ଦେଇଥିଲେ। କିନ୍ତୁ କଣ୍ଡକ୍ଟର ଚେଞ୍ଜ ଦେବାକୁ କହିଥିଲେ। ଯେତେବେଳେ ମନ୍ତ୍ରୀ କହିଲେ ଯେ, ତାଙ୍କ ପାଖରେ ଚେଞ୍ଜ ନାହିଁ, କଣ୍ଡକ୍ଟର ତାଙ୍କୁ କହିଥିଲେ ଚେଞ୍ଜ ଦେଇ ପାରିବେ ନାହିଁ ତ ବସ୍‌ରୁ ଓହ୍ଲାଇ ଯାଅ। ମନ୍ତ୍ରୀ ମାସ୍କ ପିନ୍ଧିଥିବାରୁ ବସ୍ ଡ୍ରାଇଭର ଏବଂ କଣ୍ଡକ୍ଟର ତାଙ୍କୁ ଚିହ୍ନିପାରିଲେ ନାହିଁ। ଏହି ଘଟଣା ପରେ ମନ୍ତ୍ରୀ କୌଣସି ସ୍ପଷ୍ଟୀକରଣ ନ ଦେଇ ବସ୍‌ରୁ ଓହ୍ଲାଇ ପଡ଼ିଥିଲେ। ପରେ ବସ୍ ଡ୍ରାଇଭର ଏବଂ କଣ୍ଡକ୍ଟରଙ୍କୁ ନିଲମ୍ବିତ କରାଯାଇଛି।

## ପୂର୍ବତନ ଗୁଗଲ୍ ଅଧିକାରୀଙ୍କୁ ଗୁଳିକଲେ ସ୍ୱାମୀ



ଜର୍ଜିଆ, ୧୨।୭: ଆମେରିକାର ଜର୍ଜିଆ ସ୍ଥିତ କୋବ୍ କାଉଣ୍ଟିରେ ଭାରତୀୟ ବଂଶୋଦ୍ଭବ ୫୭ ବର୍ଷୀୟା ଶୀତଲ୍ ବ୍ରଜେସିନ୍‌ଙ୍କୁ ତାଙ୍କ ନିଜ ବାସଭବନରେ ତାଙ୍କ ସ୍ୱାମୀ ଗୁଳି କରି ହତ୍ୟା କରିଥିବା ଅଭିଯୋଗ ହୋଇଛି। ଶୀତଲ୍ ପୂର୍ବରୁ ଗୁଗଲର ଜଣେ ବରିଷ୍ଠ ଅଧିକାରୀ ଭାବେ କାର୍ଯ୍ୟ କରୁଥିଲେ। ଏହି ଗୁଳିକାଣ୍ଡରେ ଦମ୍ପତିଙ୍କ ପୁଅ ଜେସନ୍ ବ୍ରଜେସିନ୍ ମଧ୍ୟ ଗୁରୁତର ଭାବେ ଆହତ ହୋଇଛନ୍ତି। ପୁଲିସ ଘଟଣାସ୍ଥଳରୁ ୫୬ ବର୍ଷୀୟ ଅଭିଯୁକ୍ତ ସ୍ୱାମୀ କିର୍କ ବି. ବ୍ରଜେସିନ୍‌ଙ୍କୁ ଗିରଫ କରିଛି। ତାଙ୍କ ବିରୋଧରେ ଦୁଷ୍କର୍ମ, ହତ୍ୟା, ଦୁଇଟି ମାରାତ୍ମକ ଆକ୍ରମଣ ଏବଂ ଅପରାଧ ସମୟରେ ମାରଣାସ୍ତ୍ର ରଖିବା ଭଳି ସଙ୍ଗୀନ ମାମଲା ରୁଜୁ କରାଯାଇଛି। ବର୍ତ୍ତମାନ ଅଭିଯୁକ୍ତ କିର୍କଙ୍କୁ ବିନା ଜାମିନରେ କୋବ୍ କାଉଣ୍ଟି ଜେଲରେ ରଖାଯାଇଛି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଶୀତଲ୍‌ଙ୍କ ଶରୀରରେ ଏକାଧିକ ଗୁଳି ବାଜିଥିବା ଦେଖିବାକୁ ପାଇଥିଲା। ହସ୍ପିଟାଲରେ ତାଙ୍କୁ ମୃତ ଘୋଷଣା କରାଯାଇଥିଲା।

**ବଦ୍ରିନାଥ ମନ୍ଦିର ଦାନ ଚୋରି ମାମଲା**

## ଏସ୍‌ଆଇଟି ଦାଖଲ କଲା ୧୮ ପୃଷ୍ଠା ରିପୋର୍ଟ



ଡେରାଡୁନ, ୧୨।୭: ଉତ୍ତରାଖଣ୍ଡର ଶ୍ରୀବଦ୍ରିନାଥ ଧାମ ମନ୍ଦିର ନଗଦ ଦାନ ଗଣନା ଠକେଇ ମାମଲାର ତଦନ୍ତ ପାଇଁ ଗଠିତ ଚାରି ଜଣିଆ ସ୍ୱତନ୍ତ୍ର ତଦନ୍ତକାରୀ ଦଳ (ଏସ୍‌ଆଇଟି) ମନ୍ଦିର ସିଇଓଙ୍କୁ ୧୮ ପୃଷ୍ଠାର ବିସ୍ତୃତ ତଦନ୍ତ ରିପୋର୍ଟ ପ୍ରଦାନ କରିଛି। ରିପୋର୍ଟରେ ସମ୍ପୂର୍ଣ୍ଣ ଘଟଣାର ବିବରଣୀ ଦିଆଯାଇଛି।

ତଦନ୍ତ ରିପୋର୍ଟରେ ଦାବି କରାଯାଇଛି ଯେ, ଅଭିଯୁକ୍ତ ବାରମ୍ବାର ଦାନ ଚୋରି କରିଛନ୍ତି। ଜୁଲାଇ ୭ ତାରିଖରେ ମନ୍ଦିର କମିଟି ଶୃଙ୍ଖଳା ବଜାୟ ରଖିବା ପାଇଁ କଠୋର ପ୍ରଶାସନିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲା। ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟର ବ୍ୟକ୍ତିଗତ ସହାୟକ ପ୍ରମୋଦ ନୌଟିୟାଲଙ୍କୁ ତୁରନ୍ତ ନିଲମ୍ବିତ କରାଯାଇଥିଲା। ନିରପେକ୍ଷ ତଦନ୍ତ କରିବା ପାଇଁ କମିଟି ପୂର୍ବରୁ ଏକ ସ୍ୱତନ୍ତ୍ର ଦଳ ଗଠନ କରିଥିଲା।ସୂତ୍ର ଅନୁଯାୟୀ, ତଦନ୍ତକାରୀ ଦଳ ଜୁଲାଇ ୨ ତାରିଖରୁ ୧୪ ଦିନ ପୂର୍ବ ପର୍ଯ୍ୟନ୍ତ କେବଳ ସିସିଟିଭି ଫୁଟେଜ୍ ପାଇପାରିଛି। ପୁରୁଣା କ୍ୟାମେରାର ଗୁଣବତ୍ତା ଖରାପ ଥିବାରୁ ଏହାର ସଂରକ୍ଷଣ କ୍ଷମତା ୧୫ ଦିନ ପର୍ଯ୍ୟନ୍ତ ସୀମିତ ରହିଥିବା କୁହାଯାଉଛି। ଜୁଲାଇ ୨ ତାରିଖର ଫୁଟେଜରେ ଅଭିଯୁକ୍ତଙ୍କୁ ଟଙ୍କା ହଡ଼ପ କରୁଥିବା ସ୍ପଷ୍ଟ ଭାବରେ ଦେଖାଯାଉଛି। ତଦନ୍ତକାରୀ ଦଳ ଘଟଣାର ୧୪ ଦିନ ପୂର୍ବର ଫୁଟେଜର ଅନେକ ଅଂଶକୁ ମଧ୍ୟ ତଦନ୍ତ ପାଇଁ ଗୁରୁତ୍ୱପୂର୍ଣ୍ଣ ବୋଲି ପାଇଛନ୍ତି। ଭବିଷ୍ୟତରେ ଏପରି ଘଟଣା ରୋକିବା ପାଇଁ ଏସଆଇଟି ରିପୋର୍ଟରେ ଅନେକ ଗୁରୁତ୍ୱପୂର୍ଣ୍ଣ ପରାମର୍ଶ ଦିଆଯାଇଛି। କମିଟି ଏହାର ତଦନ୍ତ ରିପୋର୍ଟରେ ଚୋରି ଏବଂ ସୁରକ୍ଷା ତ୍ରୁଟିର ପଦ୍ଧତି ବିଷୟରେ ପୁଙ୍ଖାନୁପୁଙ୍ଖ ଭାବରେ ବିସ୍ତୃତ ଭାବରେ ବର୍ଣ୍ଣନା କରିଛି।

**ଆତଙ୍କବାଦକୁ ପ୍ରୋତ୍ସାହନ**

## ୩ ପୁସ୍ତକ ପ୍ରକାଶକ ଗିରଫ




ଶ୍ରୀନଗର, ୧୨।୭: ଆତଙ୍କବାଦୀଙ୍କୁ ପ୍ରଶଂସା କରି ପୁସ୍ତକ ପ୍ରକାଶନ ମାମଲାରେ ବଡ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଜମ୍ମୁର କାଉଣ୍ଟର ଇଣ୍ଟେଲିଜେନ୍ସ ୱିଙ୍ଗ ତିନି ଜଣ ପ୍ରକାଶକଙ୍କୁ ଗିରଫ କରିଛି। ସେମାନଙ୍କ ଉପରେ ବିବାଦୀୟ ପୁସ୍ତକ 'ଲିଜେଣ୍ଡସ୍ ଆଣ୍ଡ ପର୍ସନାଲିଟିଜ୍ ଅଫ୍ ଜମ୍ମୁ ଆଣ୍ଡ କାଶ୍ମୀର' ପ୍ରକାଶନ ଏବଂ ପ୍ରସାରଣ କରିବାର ଅଭିଯୋଗ ରହିଛି। ଏହି ପୁସ୍ତକ ଭାରତରେ ଅନେକ ପ୍ରମୁଖ ମାମଲାରେ ସାମିଲ ଥିବା ଅନେକ ଆତଙ୍କବାଦୀ ଓ ବିଚ୍ଛିନ୍ନତାବାଦୀଙ୍କୁ ମହିମା ମଣ୍ଡନ କରିଛି। ଏହି ପୁସ୍ତକଟି ବହୁତ ବିବାଦ ସୃଷ୍ଟି କରିଥିଲା, ଯାହା ଫଳରେ ଏହାକୁ ସ୍କୁଲଗୁଡ଼ିକରୁ ପ୍ରତ୍ୟାହାର କରାଯାଇଥିଲା। ବିଜେପି ନେତା ସୁନୀଲ ଶର୍ମା ସ୍କୁଲଗୁଡ଼ିକରେ ପୁସ୍ତକ ସ୍ଥାନିତ କରିବା ବିଷୟକୁ ଏକାଡେମିକ୍ ଜିହାଦ ବୋଲି ମଧ୍ୟ ବର୍ଣ୍ଣନା କରିଥିଲେ। ଏହି ତିନି ପ୍ରକାଶକଙ୍କୁ ଡକାଇ ପଚରା ଉଚରାଯାଇଥିଲା ଏବଂ ପରେ ଗିରଫ କରାଯାଇଥିଲା। ଏହି ପ୍ରକାଶକମାନଙ୍କ ମଧ୍ୟରୁ ଦୁଇଜଣ ଦିଲ୍ଲୀର ଓ ଜଣେ ଜମ୍ମୁର। ସୂତ୍ର ଅନୁସାରେ ଦିଲ୍ଲୀର ଜଣେ ପ୍ରକାଶକ ପୁସ୍ତକ ସହ ଜଡିତ ଡିଜିଟାଲ ତଥ୍ୟକୁ ଡିଲିଟ୍ କରିବାକୁ ଚେଷ୍ଟା କରିଥିଲେ। ତେବେ ଗୁଇନ୍ଦା ବିଭାଗ ସେହି ସାମଗ୍ରୀ ଜବତ କରିଛି। ସୂଚନାଯୋଗ୍ୟ ଯେ, ଓମାର ଅବଦୁଲ୍ଲା ସରକାର ପୁସ୍ତକଟିକୁ ପ୍ରତ୍ୟାହାର କରି ଏକ ତଦନ୍ତ କମିଟି ଗଠନ କରିଥିଲେ। ଗତ ସପ୍ତାହରେ ଗୁଇନ୍ଦା ବିଭାଗ ଏହି ମାମଲାରେ ଚଢ଼ାଉ କରିଥିଲା।

## ଭୋଟରଙ୍କ ପାଇଁ ଫର୍ମ-୬ରେ ନୂଆ ବିଭାଗ

**ଅନଲାଇନ୍ ଫର୍ମରେ ରହିବ ପିତାମାତାଙ୍କ ତଥ୍ୟ**

ନୂଆଦିଲ୍ଲୀ, ୧୨।୭: ନିର୍ବାଚନ କମିସନ ନୂତନ ଭୋଟର ପଞ୍ଜୀକରଣ ପାଇଁ ଅନଲାଇନ୍ ଫର୍ମ- ୬ରେ ଏକ ନୂତନ ବିଭାଗ ଯୋଡ଼ିଛନ୍ତି। ଏଥିରେ ଆବେଦନକାରୀମାନଙ୍କୁ ପୂର୍ବ ସ୍ପେଶାଲ୍ ଇଣ୍ଟେନ୍ସିଭ୍ ରିଭିଜନ (ଏସଆଇଆର)ର ଭୋଟର ତାଲିକାରେ ଥିବା ବ୍ୟକ୍ତିଙ୍କର ପିତାମାତାଙ୍କ ନାମ ବିଷୟରେ ସୂଚନା ଦେବାକୁ କୁହାଯାଉଛି। ଏହି ପରିବର୍ତ୍ତନ କେବଳ ଅନଲାଇନ୍ ଫର୍ମ ପାଇଁ ପ୍ରଯୁଜ୍ୟ, ଯେତେବେଳେ ଏହି ସ୍ତମ୍ଭ ଡାଉନଲୋଡ୍ ଯୋଗ୍ୟ ଅଫଲାଇନ୍ ଫର୍ମରେ ନାହିଁ। ଏହି ବିଭାଗରେ ମତଦାତାଙ୍କ ପିତାମାତା ଏବଂ କେତେକ କ୍ଷେତ୍ରରେ ଜେଜେବାପା ଜେଜେମାଙ୍କୁ ଗତ ଏସଆଇଆର ସମୟରେ ଭୋଟର ତାଲିକାରେ ଅନ୍ତର୍ଭୁକ୍ତ କରାଯାଇଥିଲା କି ନାହିଁ ସେ ବିଷୟରେ ସୂଚନା ମଗାଯାଇଛି। ଗତବର୍ଷ ଆରମ୍ଭ ହୋଇଥିବା ଏସଆଇଆର ପ୍ରକ୍ରିୟାରେ ୧୦ ରାଜ୍ୟ ଏବଂ ତିନୋଟି କେନ୍ଦ୍ରଶାସିତ ଅଞ୍ଚଳରେ ଭୋଟର ତାଲିକାରୁ ୫.୫୮ କୋଟିରୁ ଅଧିକ ନାମ ବାଦ ଦିଆଯାଇଥିବା ବେଳେ କମିସନର ଏହି ପରିବର୍ତ୍ତନ ଆଣିଛନ୍ତି। ଏହା ସେହି ପରିବାରର ନୂତନ ଭୋଟରଙ୍କ ଉପରେ ସମ୍ଭାବ୍ୟ ପ୍ରଭାବ ବିଷୟରେ ମଧ୍ୟ ପ୍ରଶ୍ନ ଉଠାଇଛି। ପଶ୍ଚିମବଙ୍ଗରେ ଏସଆଇଆର ଯାଞ୍ଚ ପ୍ରକ୍ରିୟା ସମୟରେ ୨୭ ଲକ୍ଷରୁ ଅଧିକ ଭୋଟରଙ୍କ ନାମ ତାଲିକାରୁ ବାଦ୍ ଦିଆଯାଇଥିଲା। ଅନେକଙ୍କ ଆବେଦନ ଏବେ ବି ବିଚାରାଧୀନ ଅଛି, ଏବଂ ସେମାନେ ବିଧାନସଭା ନିର୍ବାଚନରେ ଭୋଟ ଦେଇପାରି ନଥିଲେ। ନିର୍ବାଚନ କମିଶନର ଇସିଆଇଏନଇଟି ପୋର୍ଟାଲରେ ଆବେଦନ କରିବା ସମୟରେ ଫର୍ମ-୬ ର 'ଜେ' ଏବଂ 'କେ' ବିଭାଗ ମଧ୍ୟରେ ଏକ ନୂତନ ଘୋଷଣା ଯୋଡାଯାଇଛି।

## ସର୍ବକ୍ଷମା ଯୋଜନା ପାଇଁ ଆବେଦନ ଆହ୍ୱାନ କଲା ଇପିଏଫଓ

ନୂଆଦିଲ୍ଲୀ,୧୨।୭: ଆୟକର ଆଇନ ୧୯୬୧ ଅଧୀନରେ ମାନ୍ୟତାପ୍ରାପ୍ତ ପ୍ରୋଭିଡେଣ୍ଟ ଫଣ୍ଡ ଟ୍ରଷ୍ଟ ଚଳାଉଥିବା ସଂସ୍ଥାଗୁଡ଼ିକୁ ନିଜର ସ୍ଥିତି ନିୟମିତ କରିବା ଲାଗି କେନ୍ଦ୍ର ସରକାରଙ୍କ ପକ୍ଷରୁ ସର୍ବକ୍ଷମା ଯୋଜନାରେ ଛଅମାସ ସମୟସୀମା ଦିଆଯାଇଛି। ଗତ ଜୁନ୍ ୨୯ ତାରିଖରେ ଯୋଜନାର ବିଜ୍ଞପ୍ତି ପ୍ରକାଶ ପାଇଥିଲା। ବିଜ୍ଞପ୍ତି ପ୍ରକାଶ ପାଇବାର ଛଅ ମାସ ପର୍ଯ୍ୟନ୍ତ ଯୋଜନାର ଅବଧି ବଳବତ୍ତର ରହିବ। ତେବେ କେନ୍ଦ୍ର ସରକାର କିମ୍ବା ରାଜ୍ୟ ସରକାରଙ୍କଠାରୁ ଆନୁଷ୍ଠାନିକ ଛାଡ଼ ନୋଟିସ୍ ପାଇଥିବା ସଂସ୍ଥାକ୍ଷେତ୍ରରେଏହା ଲାଗୁହେବ ନାହିଁ। ବର୍ଗ ୧ରେ ପିଛିଲା ତାରିଖରୁ ନିୟମିତ କରୁଥିବା ପ୍ରତିଷ୍ଠାନ, ପୂର୍ବରୁ ଛାଡ଼ ସୁବିଧା ନପାଇ ନିୟମ ପାଳନ କରୁଥିବା ସଂସ୍ଥା କିମ୍ବା ଭବିଷ୍ୟତରେ ନିୟମ ପାଳନ କରିବାର ବିକଳ୍ପ ଚୟନ କରିଥିବା ସଂସ୍ଥା ଏହି ସୁବିଧା ପାଇପାରିବେ। ବର୍ଗ ୨ରେ ଟ୍ରଷ୍ଟକୁ ପିଛିଲା ତାରିଖଠାରୁ ନିୟମିତ କରାଇବାକୁ ଚାହୁଁଥିବା ଅନୁଷ୍ଠାନ ଏବଂ ସାମାଜିକ ସୁରକ୍ଷାକୋଡ୍ ୨୦୨୦ ଅଧୀନରେ ଛାଡ଼ ପାଇଥିବା ଏବଂ କାର୍ଯ୍ୟ ଜାରି ରଖିଥିବା ଅନୁଷ୍ଠାନଗୁଡ଼ିକୁମଧ୍ୟ ସୁବିଧା ମିଳିପାରିବ। ଯୋଗ୍ୟ ପ୍ରତିଷ୍ଠାନଗୁଡ଼ିକ କେନ୍ଦ୍ର ସରକାରଙ୍କ ନିକଟରେ ଏକ ଆନୁଷ୍ଠାନିକ ଆବେଦନ ଦାଖଲ କରିବେ। ଆବେଦନଗୁଡ଼ିକ ଇମେଲ ମାଧ୍ୟମରେ ସମ୍ପୃକ୍ତ ଆଞ୍ଚଳିକ କାର୍ଯ୍ୟାଳୟରେମଧ୍ୟ ଦାଖଲ କରାଯାଇପାରିବ।




**ବିଦେଶରେ କେତେ ସୁରକ୍ଷିତ ଭାରତୀୟ ଛାତ୍ର**

# ୫ ବର୍ଷରେ ଗଲାଣି ୭୪୯ ଛାତ୍ରଛାତ୍ରୀଙ୍କ ଜୀବନ

ନୂଆଦିଲ୍ଲୀ, ୧୨।୭: ଉନ୍ନତ ଭବିଷ୍ୟତ, ଭଲ କ୍ୟାରିୟର ଏବଂ ଉଚ୍ଚଶିକ୍ଷାରସପ୍ନ ନେଇ ପ୍ରତିବର୍ଷ ଲକ୍ଷ ଲକ୍ଷ ଭାରତୀୟ ଛାତ୍ରଛାତ୍ରୀ ବିଦେଶ ଯାଉଛନ୍ତି। ପରିବାର ଲୋକେ ନିଜ ସାରା ଜୀବନର ସଞ୍ଚିତ ଅର୍ଥ କିମ୍ବା ଏଜୁକେସନ୍ ଲୋନ୍ କରି ପିଲାମାନଙ୍କୁ ପାଠ ପଢ଼ିବାକୁ ପଠାନ୍ତି। ଆଶା ରଖିଥାନ୍ତି ଯେ ଦିନେ ପିଲା ସଫଳ ହୋଇ ଫେରିବ। କିନ୍ତୁ ଏହି ରଙ୍ଗୀନ ସପ୍ନ ପଛରେ ଏକ ଅନ୍ଧାରୁଆ ସତ୍ୟ ମଧ୍ୟ ଲୁଚି ରହିଛି, ଯାହା ଉପରେ ଖୁବ୍ କମ୍ ଆଲୋଚନା ହୁଏ। ତାହା ହେଉଛି ବିଦେଶରେ ଭାରତୀୟ ଛାତ୍ରଛାତ୍ରୀଙ୍କ ମୃତ୍ୟୁ। ନିକଟରେ ଫିନଲ୍ୟାଣ୍ଡରେ ଜଣେ ହାଇଦ୍ରାବାଦର ଛାତ୍ରଙ୍କ ମୃତ୍ୟୁ ପରେ ପୁଣିଥରେ ଏହି ପ୍ରସଙ୍ଗ ଚର୍ଚ୍ଚାକୁ ଆସିଛି।

ସରକାରୀ ତଥ୍ୟ ଅନୁଯାୟୀ, ଗତ ୫ ବର୍ଷ (୨୦୨୧ରୁ ୨୦୨୫) ମଧ୍ୟରେ ୪୯ଟି ଦେଶରେ ପାଠ ପଢ଼ୁଥିବା ୭୪୯ ଜଣ ଭାରତୀୟ ଛାତ୍ରଛାତ୍ରୀଙ୍କର ମୃତ୍ୟୁ ଘଟିଛି। ବୈଦେଶିକ ବ୍ୟାପାର ମନ୍ତ୍ରୀ କୀର୍ତ୍ତି ବର୍ଦ୍ଧନ ସିଂହ ରାଜ୍ୟସଭାରେ ଏହି ସୂଚନା ଦେଇଥିଲେ। ରିପୋର୍ଟ ଅନୁଯାୟୀ, ଏହି ମୃତ୍ୟୁ ପଛରେ କେବଳ କୌଣସି ଅପରାଧ ନାହିଁ, ବରଂ ଅନେକ କାରଣ ରହିଛି। ମାରାତ୍ମକ ରୋଗ, ସଡ଼କ ଦୁର୍ଘଟଣା ଏବଂ ଆତ୍ମହତ୍ୟା ଘଟଣା ଏଥିରେ ରହିଛି। ଏହି ସମୟ ମଧ୍ୟରେ ୨୭ ଜଣ ଭାରତୀୟ ଛାତ୍ର ହିଂସାତ୍ମକ ଆକ୍ରମଣର ଶିକାର ହୋଇ ପ୍ରାଣ ହରାଇଛନ୍ତି। କେବଳ ୨୦୨୪ ମସିହାରେ ଆକ୍ରମଣ ଯୋଗୁଁ ସର୍ବାଧିକ ୧୬ ଜଣଙ୍କ ମୃତ୍ୟୁ ହୋଇଛି।



ତଥ୍ୟ ଅନୁଯାୟୀ, କାନାଡା, ଆମେରିକା, ବ୍ରିଟେନ ଏବଂ ଅଷ୍ଟ୍ରେଲିଆ ଭଳି ଦେଶରେ ଭାରତୀୟ ଛାତ୍ରଙ୍କ ସଂଖ୍ୟା ସବୁଠାରୁ ଅଧିକ। ସେଥିପାଇଁ ସେହି ଦେଶଗୁଡ଼ିକରେ ମୃତ୍ୟୁ ସଂଖ୍ୟା ମଧ୍ୟ ଅଧିକ ଦେଖିବାକୁ ମିଳୁଛି।

**ବୈଦେଶିକ ମନ୍ତ୍ରଣାଳୟର ରିପୋର୍ଟ**

୨୦୧୮ରୁ ୨୦୨୩ ମଧ୍ୟରେ ହୋଇଥିବା ମୃତ୍ୟୁ ମଧ୍ୟରୁ ସର୍ବାଧିକ ୯୧ଟି ମାମଲା କାନାଡାରୁ ଆସିଛି। ବ୍ରିଟେନରେ ୪୮, ରୁଷରେ ୪୦, ଆମେରିକାରେ ୩୬ ଏବଂ ଅଷ୍ଟ୍ରେଲିଆରେ ୩୫ ଜଣ ଛାତ୍ରଙ୍କ ମୃତ୍ୟୁ ଘଟିଛି।

ନିକଟରେ ଫିନଲ୍ୟାଣ୍ଡର ହେଲସିଙ୍କି ସମୁଦ୍ର କୂଳରୁ ହାଇଦ୍ରାବାଦର ୧୮ ବର୍ଷୀୟ ସଫ୍ଟୱେର୍ ଇଞ୍ଜିନିୟରିଂ ଛାତ୍ର ମଣିଦୀପ ରେଡ୍ଡୀଙ୍କ ଶବ ଉଦ୍ଧାର କରାଯାଇଛି। ସେ ଗତ ମେ ୫ ତାରିଖରୁ ନିଖୋଜ ଥିଲେ। ପରିବାର ଲୋକେ ଏହାକୁ ଏକ ସନ୍ଦେହଜନକ ମୃତ୍ୟୁ ବୋଲି କହି ତଦନ୍ତ ଦାବି କରିବା ସହ ଶବକୁ ଭାରତ ଆଣିବା ପାଇଁ କେନ୍ଦ୍ର ସରକାରଙ୍କ ସାହାଯ୍ୟ ଲୋଡ଼ିଛନ୍ତି।

# ରାଜଧାନୀରେ ନକଲି ଅଫିସରଙ୍କ ରାଜ୍

## ସଚିବାଳୟ ଅଧିକାରୀ କହି ଟ୍ରାଭେଲ ଏଜେନ୍ସିକୁ ଲୁଟୁଥିଲେ

ଭୁବନେଶ୍ୱର, ୧୨।୭ (ସଂଚାର ବ୍ୟୁରୋ) : ଆଜି ଆଉ ଜଣେ ନକଲି ସରକାରୀ ଅଧିକାରୀ ଗିରଫ ହୋଇଛନ୍ତି। ସଚିବାଳୟ ଇନକ୍ୱରୀ ଅଧିକାରୀ କହି ଲୁଟି ଚାଲିଥିଲେ। ବିଭିନ୍ନ ସ୍ଥାନରେ ରେଡ ମାରିବା ସହ ପୁରୀ ଓ କୋଣାର୍କ ଅଞ୍ଚଳର ଲୋକଙ୍କୁ ବ୍ଲାକ ମେଲ କରୁଥିଲେ। ୧୫ ଦିନ ଧରି ଟ୍ରାଭେଲ ଏଜେନ୍ସିରୁ ଗାଡି ନେଇ ଫେରାର ଥିବା ଆଶିଷ କୁମାର ସାମଲଙ୍କୁ ଆଜି ନୟାପଲ୍ଲୀ ଥାନା ପୁଲିସ ଗିରଫ କରିଛି। ନିଜ ନାଁରେ କରିଥିବା ଫେକ ଆଇଡି କାର୍ଡକୁ ଟ୍ରାଭେଲ୍ ଏଜେନ୍ସିରେ ଡିପୋଜିଟ୍ କରିଥିଲେ। ସଚିବାଳୟ ବଡ ଅଧିକାରୀ ପରିଚୟ ଦେଇ ଦାମୀ ଗାଡ଼ି ଭଡା ନେଇ ଅଏସ କରୁଥିଲେ ଏହି ନକଲି ବାବୁ। ଦେଢ ଲକ୍ଷ ଟଙ୍କାରୁ ଅଧିକ ବିଲ




ପରେ ଟଙ୍କାଟିଏ ବି ନଦେଇ ଫେରାର୍ ହୋଇଯାଇଥିଲେ।

ରାଜଧାନୀରେ ଏବେ ଏଭଳି ନକଲି ଅଫିସରଙ୍କ ସଂଖ୍ୟା ବଢିବାରେ ଲାଗିଛି। ଲୁଟ ପାଇଁ ଅସ୍ତ୍ରଶସ୍ତ୍ରର ବ୍ୟବହାର ନକରି ଭିନ୍ନ ଫଣ୍ଡା ଆପଣାଉଛନ୍ତି କିଛି ଲୁଟେରା। ଦାମୀ ପୋଷାକ, ଷ୍ଟାଇଲିଷ୍ଟ ଲୁକ୍, ଦୁଇପଦ ବିଶ୍ୱାସ ଭରା କଥା ଆଉ ନକଲି ଆଇକାର୍ଡ ସହ ନକଲି ଅଫିସ ଦେଖାଇ କୋଟି କୋଟି ଟଙ୍କା ଠକେଇ ହେଉଛି। ଗତକାଲି ଜଣେ ନିଜକୁ ଆଇପିଏସ୍ ଅଫିସର ଓ ଆଡିସନାଲ୍ ଏସ୍ପି ପରିଚୟ ଦେଇ ଦୀର୍ଘବର୍ଷ ଲୋକଙ୍କୁ ଠକୁଥିବା ରଜନୀକାନ୍ତ ମହାନ୍ତିଙ୍କୁ ଖାରବେଳ ନଗର ଥାନା ପୁଲିସ ଗିରଫ କରିଥିଲା।

ପୂର୍ବରୁ ଜଣେ ନକଲି ଡାକ୍ତର ଯୁବତୀଙ୍କୁ ଟ୍ରାପ୍ କରୁଥିଲେ। ମାଟ୍ରିମୋନିଆଲ ସାଇଟ୍ରେ ଅସଲି ଡାକ୍ତରଙ୍କ ସହ ପ୍ରେମ ସମ୍ପର୍କ ପରେ ଟଙ୍କା ନେଇ ମାରୁଥିଲା ଚମ୍ପଟ। ଅଭିଯୋଗ ପରେ ମଞ୍ଚେଶ୍ୱର ଥାନା ପୁଲିସ ଗିରଫ କରିଥିଲା। ମେ' ୨୩, ୨୦୨୬ରେ ଖାରବେଳନଗର ଥାନା ପୋଲିସ ହାତରେ ଧରା ପଡ଼ିଥିଲା ନକଲି ଏନଆଇଏ ଅଫିସର। ଜୁନ୍ ୬, ୨୦୨୬- ଜଣେ ମହିଳା ନିଜକୁ ଆଇଏଫଏସ ଅଫିସର କହି ବିଭିନ୍ନ ଜିଲ୍ଲାରେ ପ୍ରୋଜେକ୍ଟ ଦେବା ଆଳରେ କୋଟି କୋଟି ଟଙ୍କା ଠକେଇ କରି ଫେରାର ହୋଇଯାଇଥିଲେ। ଚନ୍ଦକା ପୋଲିସ ତିନିଜଣ ଏଜେଣ୍ଟଙ୍କୁ ଗିରଫ କରିବା ସହ ସବୁ ଫେକ ଆଇକାର୍ଡ, ଷ୍ଟାମ୍ପ ସହ କାର୍ ଜବତ କରିଥିଲା।

ଜୁନ୍ ୬, ତାରିଖରେ ମଧ୍ୟ ଜଣେ ଯୁବକ ନିଜକୁ ଆଇଏଏସ୍ ଅଫିସର କହି ବିଭିନ୍ନ ଜିଲ୍ଲାରେ ବିଳାସମୟ ଜୀବନଯାପନ କରୁଥିଲେ। ବଡ ବଡ ହୋଟେଲରେ ରହିବା ସହ ଦାମୀ ଗାଡ଼ିରେ ବୁଲୁଥିଲା କିନ୍ତୁ ଟଙ୍କା ମାଗିଲେ ରୋବାବ ଦେଖାଇ ଫେରାର ହେଉଥିଲା, ଯାହାକୁ ସହିଦ ନଗର ଥାନା ପୁଲିସ ଗିରଫ କରିଥିଲା।

# ଜାତୀୟସ୍ତରରେ ସମ୍ମାନିତ ହେଲେ ବ୍ରାହ୍ମଣୀ ଗାଁର ଲକ୍ଷ୍ମୀପ୍ରିୟା




ଦାରିଙ୍ଗବାଡ଼ି, ୧୨।୭ (ସଂଚାର ବ୍ୟୁରୋ): ଦାରିଙ୍ଗବାଡ଼ି ବ୍ଲକ୍ ବ୍ରାହ୍ମଣୀଗାଁ ଅଞ୍ଚଳରର ଝିଅ ଲକ୍ଷ୍ମୀପ୍ରିୟା ପରିଡ଼ା ପୁଣିଥରେ ଜାତୀୟସ୍ତରରେ ସମ୍ବର୍ଦ୍ଧିତ ହୋଇ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି। ମହିଳାମାନଙ୍କ ସାମାଜିକ ଓ ଅର୍ଥନୈତିକ ସଶକ୍ତୀକରଣ, ଜୀବିକାର ବିକାଶ ଏବଂ ନିରନ୍ତର ସମାଜସେବା କ୍ଷେତ୍ରରେ ଦୀର୍ଘ ୨୮ବର୍ଷର ଉଲ୍ଲେଖନୀୟ ଅବଦାନ ପାଇଁ ସେ ସଷ୍ଟେନେବିଲିଟି ଏକ୍ସଲେନ୍ସ ଆୱାର୍ଡ-୨୦୨୬ ସମ୍ମାନରେ ସମ୍ବର୍ଦ୍ଧିତ ହୋଇଛନ୍ତି। ଶନିବାର ମୁମ୍ବାଇସ୍ଥିତ ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ ପରିସରରେ ଆୟୋଜିତ ଏକ ସମାରୋହରେ ଇଥେରୱେର ଏଆଇ ପକ୍ଷରୁ ତାଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଥିଲା। ଏହି ଅବସରରେ ଇଣ୍ଡିଆନ ଗ୍ରାମୀଣ ସର୍ଭିସେସର ଚିଫ୍ ଅପରେଟିଂ ଅଫିସର ଡ.ସଞ୍ଜୀବ ଷଡ଼ଙ୍ଗୀ, ନେହାଲ ଦାସ ଏବଂ ମୟଙ୍କ ମଜୁମଦାର ଉପସ୍ଥିତ ରହି ଲକ୍ଷ୍ମୀପ୍ରିୟାଙ୍କୁ ଅଭିନନ୍ଦନ ଜଣାଇବା ସହ ଆଗାମୀ ଦିନରେ ଆହୁରି ବିକାଶମୂଳକ କାର୍ଯ୍ୟ କରିବା ପାଇଁ ପ୍ରେରଣା ଦେଇଥିଲେ। ସିନିୟର ଆଡ୍‌ଭାଇଜର ଡ.ଭାସ୍କର ଚାଟାର୍ଜୀ, ଡ.ହରିଶ ଆହୁଜା ଏବଂ ଡ.ସଞ୍ଜୀବ ରୋହିଲା ପ୍ରମୁଖ ଯୋଗଦେଇଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### 'ନିଶାମୁକ୍ତ ଓଡ଼ିଶା'...

ବ୍ୟକ୍ତିମାନଙ୍କୁ ସମାଜର ମୁଖ୍ୟସ୍ରୋତକୁ ଫେରାଇ ଆଣିବା ଉପରେ ବିଶେଷ ଧ୍ୟାନ ଦିଆଯାଇଛି। ସେମାନଙ୍କ ପାଇଁ ପରିବାର ପରାମର୍ଶ ଶିବିର, ପୁନଃ ନିଶାସେବନ ନକରିବା ପାଇଁ ସ୍ୱତନ୍ତ୍ର କ୍ୟାମ୍ପ ଏବଂ ବୃତ୍ତିଗତ ପୁନର୍ବାସ ସହାୟତା ଯୋଗାଇ ଦିଆଯିବାର ବ୍ୟବସ୍ଥା ରହିଛି। ଗଣମାଧ୍ୟମ ଏବଂ ସୋସିଆଲ ମିଡ଼ିଆ ମାଧ୍ୟମରେ ଲୋକଙ୍କ ନିକଟରେ ପହଞ୍ଚିବା ପାଇଁ ଅଡିଓ-ଭିଜୁଆଲ ଫିଲ୍ମ, ରେଡିଓ ବାର୍ତ୍ତା, କାନ୍ଥ ଚିତ୍ର ଓ ପୋଷ୍ଟର ଆଦି ପାଇଁ ୫୦ ଲକ୍ଷ ଟଙ୍କାର ବଜେଟ ରହିଛି। ସେହିପରି ଯୋଜନାର ସଫଳ ରୂପାୟନର ତଦାରଖ, ତ୍ରୈମାସିକ ସମୀକ୍ଷା ଏବଂ ତୃତୀୟ ପକ୍ଷ ମୂଲ୍ୟାଙ୍କନ ନିମନ୍ତେ ୮୪.୨୦ ଲକ୍ଷ ଟଙ୍କା ଖର୍ଚ୍ଚ ହେବ। ସୂଚନାଯୋଗ୍ୟ ଯେ, ଗତ 'ଅନ୍ତର୍ଜାତୀୟ ନିଶାଦ୍ରବ୍ୟ ଅପବ୍ୟବହାର ଓ ଅବୈଧ କାରବାର ବିରୋଧୀ ଦିବସ-୨୦୨୬' ଅବସରରେ ରାଜ୍ୟର ୩୦ଟି ଜିଲ୍ଲାରେ ସାମାଜିକ ସୁରକ୍ଷା ଅଧିକାରୀଙ୍କ ମାଧ୍ୟମରେ ବ୍ୟାପକ କାର୍ଯ୍ୟକ୍ରମ କରାଯାଇଥିଲା। ଏଥିପାଇଁ ପୂର୍ବରୁ ମଞ୍ଜୁର ହୋଇଥିବା ୧ କୋଟି ଟଙ୍କାରୁ ପ୍ରାୟ ୯୦ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇସାରିଛି ବୋଲି ବିଭାଗୀୟ ରିପୋର୍ଟରେ ଦର୍ଶାଯାଇଛି।

### ସୁସ୍ଥ ହେଲେ...

ଜୋରସୋରରେ ଚାଲିଥିବା ବେଳେ ଆସନ୍ତା ଦୁଇଦିନ ମଧ୍ୟରେ ତିନିରଥର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ଶେଷ ହେବ। ୧୪ ତାରିଖରେ ନବଯୌବନ ଦର୍ଶନ। ତେବେ ସୀମିତ ତଥା କମ୍ ସମୟ ପାଇଁ ଭକ୍ତମାନେ ନବଯୌବନ ଦର୍ଶନ କରିବେ। ମହାପ୍ରଭୁଙ୍କ ନୀତି ବହୁଳତା ପାଇଁ କମ୍ ସମୟ ଦର୍ଶନ ବ୍ୟବସ୍ଥା ରହିବ। ନେତ୍ରୋତ୍ସବ ପରଦିନ ଉଭା ଅମାବାସ୍ୟାରେ ମହାପ୍ରଭୁଙ୍କର ଦର୍ଶନ ସମ୍ପୂର୍ଣ୍ଣ ବନ୍ଦ ରହିବ।

### ଜାରି ହେଲା...

ମାଳତୀପାଟପୁର ବ୍ରିଜ୍, ଗ୍ରୀଡ୍ ଷ୍ଟେସନ ଛକ ଦେଇ ତାଳବଣିଆ ବସ୍ ରହଣିସ୍ଥଳ ପର୍ଯ୍ୟନ୍ତ ଯିବେ। ସେହିପରି ଭୁବନେଶ୍ୱର ପଟୁ ଆସୁଥିବା ସମସ୍ତ ହାଲୁକା ମୋଟର ଯାନ ମାଳତୀପାଟପୁର ବ୍ରିଜ୍, ଗ୍ରୀଡ୍ ଷ୍ଟେସନ ଛକ ଦେଇ ତାଳବଣିଆ ପଟେ ନିର୍ଦ୍ଧାରିତ ସ୍ଥାନ ପର୍ଯ୍ୟନ୍ତ ଯିବେ। ଫେରିବା ବେଳେ ପିକେଆରଆଇଟି ଛକ, କେନ୍ଦ୍ରୀୟ ବିଦ୍ୟାଳୟ, ସମଙ୍ଗରା ଦେଇ ବାଟଗାଁ ଛକଠାରୁ ଭୁବନେଶ୍ୱର ପାଇଁ ପ୍ରସ୍ଥାନ କରିବେ। ବ୍ରହ୍ମଗିରି ପଟୁ ଆସୁଥିବା ସମସ୍ତ ହାଲୁକା ଯାନ ମଙ୍ଗଳାଘାଟ ଛକଠାରୁ ଷ୍ଟର୍ଲିଂ ଛକ ପର୍ଯ୍ୟନ୍ତ ଯିବେ। ଅନ୍ୟପକ୍ଷରେ କୋଣାର୍କ ପଟୁ ଆସୁଥିବା ସମସ୍ତ ହାଲୁକା ଗାଡ଼ି ତାଳବଣିଆ ପଟେ ନିର୍ଦ୍ଧାରିତ ରହଣିସ୍ଥଳ ପର୍ଯ୍ୟନ୍ତ ଯାଇ ନିର୍ଦ୍ଧାରିତ ସ୍ଥାନରେ ଗାଡ଼ିଗୁଡ଼ିକୁ ରଖିବେ। ସେହିପରି ଭୁବନେଶ୍ୱର ଓ ବ୍ରହ୍ମଗିରି ପଟୁ ଆସୁଥିବା ସମସ୍ତ ଦୁଇଚକିଆ ଯାନ ମଙ୍ଗଳାଘାଟ ଛକଠାରୁ ମଶାଣୀଚଣ୍ଡୀ ଛକ, ଦେବୀଘାଟ ଛକ ଦେଇ ଜଗନ୍ନାଥ ବଲ୍ଲଭଠାରେ ନିଜ ନିଜର ଗାଡ଼ି ରଖିବେ। ଟ୍ରାଫିକ୍ ବ୍ୟବସ୍ଥାକୁ ସୁବ୍ୟବସ୍ଥିତ କରିବାକୁ ସହର ଭିତରେ ୪ଟି ଜୋନ୍ ଓ ୮ଟି ସେକ୍ଟର ଏବଂ ସହର ବାହାରେ ୫ଟି ଜୋନ୍ ସହ ୧୧ଟି ସେକ୍ଟର କରାଯାଇଛି। ମୋଟ୍ ୨୭ଟି ସ୍ଥାନରେ ଗାଡ଼ି ପାର୍କିଂ ବ୍ୟବସ୍ଥା ହୋଇଛି। ପୁରୀରେ ପାର୍କିଂ ଫୁଲ୍ ହୋଇଗଲେ ଭୁବନେଶ୍ୱର ନିକଟରେ ଗାଡ଼ିଗୁଡ଼ିକୁ ନିୟନ୍ତ୍ରଣ କରାଯିବ।

### ୧୦ ଭାରତୀୟ...

'ଅନୁମତିବିହୀନ' ମାର୍ଗରେ ଗତି କରୁଥିବାରୁ ଏଭଳି ପଦକ୍ଷେପ ନିଆଯାଇଛି। ଏହି ଘଟଣା ପରେ ଇରାନ ବିଶ୍ୱର ପ୍ରମୁଖ ତୈଳ ପରିବହନ ମାର୍ଗ ହର୍ମୁଜ ପ୍ରଣାଳୀକୁ ବନ୍ଦ କରିଦେଇଛି। ଭାରତ ସରକାର ଅନ୍ତର୍ଜାତୀୟ ନିୟମ ଅନୁଯାୟୀ ବାଣିଜ୍ୟିକ ଜାହାଜ କିମ୍ବା ସାଧାରଣ ନାଗରିକଙ୍କୁ ଟାର୍ଗେଟ ନକରିବାକୁ ଅପିଲ କରିଛନ୍ତି। ଏଥିସହ ହର୍ମୁଜରେ ଶାନ୍ତି ଫେରାଇ ଆଣିବା ପାଇଁ ଆଲୋଚନା ମାଧ୍ୟମରେ ସମାଧାନ କରିବାକୁ ଆହ୍ୱାନ ଦେଇଛନ୍ତି।

### ବିଜେପି ଜୟଯାତ୍ରାରେ...

ଗୁଣ୍ଡୁଚି ମୂଷା ଭଳି ରାଷ୍ଟ୍ର ଗଠନ କାର୍ଯ୍ୟରେ ଲାଗିରହିଛୁ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଆମ ସରକାର ରାଜ୍ୟର ସାଢେ ଚାରି କୋଟି ଓଡିଆଙ୍କ ସେବା କରିବା ପାଇଁ କାର୍ଯ୍ୟ କରିଆସୁଛି। ସବକା ସାଥ, ସବକା ବିକାଶ, ସବକା ବିଶ୍ୱାସ, ସବକା ପ୍ରୟାସ ମନ୍ତ୍ରରେ ଆକର୍ଷିତ ହୋଇ ଅନ୍ୟ ଦଳର ଅନେକ ନେତା ଆମ ଦଳରେ ଯୋଗଦାନ କରିଛନ୍ତି। ଗତ ୨୪ ମାସରେ ଆମ ସରକାର ଯେଉଁ ଯୁଗାନ୍ତକାରୀ ଯୋଜନାର ସଫଳ କ୍ରିୟାନ୍ୱୟନ ଏବଂ ପଦକ୍ଷେପ ନେଇଛନ୍ତି, ତାହା ଗତ ୨୪ ବର୍ଷରେ ସମ୍ଭବ ହୋଇନଥିଲା ବୋଲି ସେ କହିଛନ୍ତି। ସେ କହିଛନ୍ତି ଯେ, ୨୪ ବର୍ଷ ବହୁ ପରିଶ୍ରମ କରିଛି, ଦଳ ପାଇଁ ନିଷ୍ଠା ଦେଖାଇଛି ଏବଂ ୩୦ ବର୍ଷ ହେଲା ଜନସେବା କରିଆସୁଛି। ମୁଁ ଭାବିଥିଲି ସୁନାକୁ ଚିହ୍ନିବେ। କିନ୍ତୁ ମୋ ଆକଳନ ଭୁଲ ହେଲା। ବଣିଆ ହୋଇ ସୁନା ଚିହ୍ନିଲା ନାହିଁ ବିଜେଡି। ବିଳମ୍ବ ହେଉ ପଛେ ବିଜେପି ସୁନାକୁ ଚିହ୍ନିଲା। ବିଜେପିରେ ମିଶିବା ପରେ ଏପରି କହି ବିଜେଡିକୁ ତେରଛା ବାଣ ମାରିଛନ୍ତି ପ୍ରଭାତ। ବିଜେଡିର ଶୀର୍ଷ ନେତୃତ୍ୱଙ୍କୁ ଚେତାବନୀ ଦେଇ ପ୍ରଭାତ କହିଛନ୍ତି ଯେ, ସେ ଦୀର୍ଘ ବର୍ଷ ଧରି ସଂଗଠନର ପଛପଟେ ରହି କାମ କରିଛନ୍ତି। ୧୨ ବର୍ଷ ଜଣଙ୍କ ଦାୟିତ୍ୱରେ ପ୍ରଚ୍ଛଦପଟରେ ରହିଥିବା ବେଳେ ବାକି ୧୨ ବର୍ଷ ଆଉ ଜଣଙ୍କ ନେତୃତ୍ୱରେ ଦଳକୁ ମଜଭୁତ କରିଥିଲେ। ସେତେବେଳେ ସମସ୍ତେ ତାଙ୍କଠାରୁ ସହଯୋଗ ନେଉଥିଲେ। "ଆଜି ମୁଁ ଏହି ବିଶାଳ ସଂଗଠନର ଜଣେ ସାଧାରଣ କର୍ମୀ ହୋଇପାରେ, କିନ୍ତୁ ବିଜେଡିର ଅନେକ ବଡ଼ ବଡ଼ ନେତାଙ୍କ ଜାତକ ମୋ ପାଖରେ ସୁରକ୍ଷିତ ଅଛି" ବୋଲି ପ୍ରଭାତ ଖୋଲାଖୋଲି କହିଛନ୍ତି। ଆଜିର ମିଶ୍ରଣ ପର୍ବକୁ ଭଣ୍ଡୁର କରିବା ପାଇଁ ବିଜେଡି ରଣନୀତି ପ୍ରସ୍ତୁତ କରିଥିବା ନେଇ ପ୍ରଭାତ ଅଭିଯୋଗ ଆଣିଛନ୍ତି। ସେ କହିଛନ୍ତି, କଟକର କିଛି ନେତା ବିଗତ ୭ ଦିନ ହେଲା ଡେରା ପକାଇ ରହିଛନ୍ତି। ତାଙ୍କ ସହ ବିଜେପିକୁ ଆସୁଥିବା କର୍ପୋରେଟରମାନଙ୍କୁ ଜୋର ଜବରଦସ୍ତ ଅଟକାଇ ରଖାଯାଇଛି।

### ପୋକା ବାଇଗଣ...

ଆହୁରି ସୁଦୃଢ଼ ହେବ। କଟକରେ ଆହୁରି ଭଲ ଓ ଟାଣୁଆ ନେତା ଅଛନ୍ତି। ସେମାନଙ୍କ ନେତୃତ୍ୱରେ ଦଳ ଆହୁରି ସୁଦୃଢ଼ ହେବ ବୋଲି ସେ କହିଛନ୍ତି। ପ୍ରଭାତ ବିଶ୍ୱାଳ ବିଜେପିରେ ଯୋଗ ଦେବା ଦଳକୁ କୌଣସି ଭାବେ ପ୍ରଭାବିତ କରିବ ନାହିଁ ବୋଲି ଦଳର ମୁଖପାତ୍ର ଲେନିନ ମହାନ୍ତି ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି। ବିଜେପି ଚିଟଫଣ୍ଡ ଅଭିଯୁକ୍ତ ପ୍ରଭାତଙ୍କୁ ପାର୍ଟିରେ ସାମିଲ କରିବାକୁ ନେଇ ସେ କଟାକ୍ଷ କରିଛି। ପ୍ରଭାତ ବିଶ୍ୱାଳ ଚିଟଫଣ୍ଡ ମାମଲାରେ ଅଭିଯୁକ୍ତ ହେବା ପରେ ବିଜେଡି ତାଙ୍କୁ ଟିକେଟ ଦେଇନଥିଲା। ଗତ କିଛି ମାସ ତଳେ ତାଙ୍କର ବିଶୃଙ୍ଖଳିତ ଆଚରଣ ଯୋଗୁ ତାଙ୍କୁ ଦଳରୁ ବହିଷ୍କାର କରା ଯାଇଥିଲା। ଏବେ ସେ ବିଜେପିରେ ଯୋଗ ଦେଇଛନ୍ତି। ଏହା ବିଜେଡି ଉପରେ କୌଣସି ପ୍ରଭାବ ପକାଇବ ନାହିଁ।

### ଆଜି ଜବାବ ଦେବ...

ଶ୍ରୀନଅରରେ ଆୟୋଜିତ ରାଜପ୍ରସାଦ ବିଜେ ସମୟରେ ଏକ ସାମ୍ବାଦିକ ସମ୍ମିଳନୀରେ ଗଜପତି ଏହି ସୂଚନା ଦେଇଛନ୍ତି। ୧୯୯୧ ମସିହା ପୂର୍ବରୁ ଇସ୍କନ ଅଦିନିଆ ରଥଯାତ୍ରା ଆୟୋଜନ କରିଆସୁଥିଲା। ସେ ଜାଣିବା ପରେ ବ୍ୟକ୍ତିଗତ ଭାବେ ଏହା ବନ୍ଦ କରିବା ପାଇଁ ପ୍ରଥମେ ମୌଖିକ ଓ ପରେ ଚିଠି ମାଧ୍ୟମରେ ବାରମ୍ବାର ଜଣାଇଥିଲେ। ଶ୍ରୀମନ୍ଦିର ପରିଚାଳନା କମିଟି ମଧ୍ୟ ଲିଖିତ ଭାବେ ଅନେକଥର ଇସ୍କନ ଜିଭିସିକୁ ଏ ସମ୍ପର୍କରେ ଅବଗତ କରାଇଥିଲା। ଏହା ସତ୍ତ୍ୱେ ଇସ୍କନ ବିଶ୍ୱର ବିଭିନ୍ନ ସ୍ଥାନରେ ଅତିଥିରେ ଓ ଅଦିନିଆ ସ୍ନାନଯାତ୍ରା ଓ ରଥଯାତ୍ରା ଆୟୋଜନ କରିଆସୁଛି। ବର୍ତ୍ତମାନ ପ୍ରବାସୀ ଭାରତୀୟଙ୍କ ସହ ଭାରତ ଓ ଓଡ଼ିଶାରେ ବିଭିନ୍ନ ସ୍ଥାନରେ ବିରୋଧ ପରେ ଇସ୍କନ ପ୍ରେସ ରିଲିଜ୍ ମାଧ୍ୟମରେ ଏଭଳି ମିଥ୍ୟା ଓ ବିଭ୍ରାନ୍ତିକର ତଥ୍ୟ ଦେଇଛି। ସେମାନଙ୍କ ପାଖରେ ଆଉ କିଛି ବାଟ ନାହିଁ ବୋଲି କଡା ଶବ୍ଦରେ କହିଛନ୍ତି ଗଜପତି।

### ପ୍ରଥମେ ରାଷ୍ଟ୍ରଗୀତ...

ରାଷ୍ଟ୍ରଗାନ ଏବଂ ଗୀତ ସହ ଏହାକୁ ଲୋକେ ଗାଇ ପାରିବେ। ଏହି ସମୟରେ ପ୍ରଥମେ ରାଷ୍ଟ୍ରଗୀତ ଓ ପରେ ରାଷ୍ଟ୍ରଗାନ ହେବ। ମନ୍ତ୍ରାଳୟ ଆହୁରି ମଧ୍ୟ କହିଛି ଯେ, କେଉଁ ସବୁ କାର୍ଯ୍ୟକ୍ରମରେ ଭାରତର ରାଷ୍ଟ୍ରୀୟ ଗାନ ଏବଂ ରାଷ୍ଟ୍ରୀୟ ଗୀତ ଗାନ ହେବ ତାହାର ବିସ୍ତୃତ ତଥ୍ୟ ପ୍ରଦାନ କରାଯାଇଛି। ଏହାର ସଠିକ ଲିପି ଏବଂ ଶବ୍ଦକୁ ଗାଇବା ସହ ସ୍ପଷ୍ଟ ଉଚ୍ଚାରଣ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ନିର୍ଦ୍ଦେଶନାମାକୁ କଡାକଡି ଭାବେ ପାଳନ କରିବାକୁ ମଧ୍ୟ କୁହାଯାଇଛି।

### ସକ୍ରିୟ ରାଜନୀତିରେ...

ଉଚିତ ବୋଲି ସେ କହିଛନ୍ତି। ଦଳବଦଳ ଆଇନକୁ ଶବ୍ଦର ଜାଦୁଗରୀରେ ଭିନ୍ନ ଅର୍ଥରେ ଉପସ୍ଥାପନା କରାଯାଉଥିବା ସେ କହିଛନ୍ତି। ଆଇନ ଅନୁଯାୟୀ ଗୋଟିଏ ଦଳ ଆଉ ଏକ ଦଳରେ ବିଲୟ ପାଇଁ ଦଳ ନିଷ୍ପତ୍ତି ନେବ ଏବଂ ଏହାକୁ ଦଳର ଦୁଇ ତୃତୀୟାଂଶ ସଦସ୍ୟଙ୍କ ସମର୍ଥନ ଜରୁରୀ। କିନ୍ତୁ ଏବେ ଦୁଇ ତୃତୀୟାଂଶ ସଦସ୍ୟ ଚାହିଁଲେ ଦଳର ବିଲୟ ଘୋଷଣା କରି ଦଳର ଚିହ୍ନ ଓ ମାଲିକାନା ହାତଉଛନ୍ତି। ତେଣୁ ଏହାର ତର୍ଜମା ହେବା ଆବଶ୍ୟକ।

### ଚିଠାଦାରଙ୍କ ପାଇଁ...

ଏମାନଙ୍କର ସ୍ୱାର୍ଥହାନି ହେଉଛି। ତେବେ ରାଜଧାନୀର ବିଭିନ୍ନ ଯାନ୍ତ୍ରୀକ ବିଭାଗରେ ହେଉଥିବା ଆଲୋଚନା ଅନୁଯାୟୀ, କିଛି ଯନ୍ତ୍ରୀ ଓ ରାଜନେତାଙ୍କ ଯୋଗୁଁ ଏହି ଚିଠାଦାରମାନେ ଉପରମୁହାଁ ହୋଇଥିଲେ। ଏବେ ସେମାନଙ୍କ ଉପରେ ଲଗାମ ଲଗାଯିବା ପାଇଁ ପଦକ୍ଷେପ ନିଆଯିବାରୁ ସେମାନେ ସରକାରଙ୍କ ବିରୁଦ୍ଧରେ ଷଡଯନ୍ତ୍ର ଆରମ୍ଭ କରିଦେଇଛନ୍ତି।ସବୁଠାରୁ ମଜାର କଥା ହେଉଛି, ଦୀର୍ଘଦିନ ଧରି ରାଜଧାନୀରେ ଚିଠାଦାର ସାଜିଥିବା କିଛି ବରିଷ୍ଠଙ୍କର କାମ କରିବାର ଲାଇସେନ୍ସ ନାହିଁ। ଆଉ କେତେକଙ୍କର ତ ଖାତା ଖତିୟାନ ବି ନାହିଁ। ଯେହେତୁ ବର୍ତ୍ତମାନ ଚିଠାଦାରଙ୍କ କାମ ତଦାରଖ ପାଇଁ ପ୍ରଶାସନ ପଦକ୍ଷେପ ଆରମ୍ଭ କରିଛି ତେଣୁ ଏମାନେ ସଂଘ ନାଁରେ ସରକାରଙ୍କ ବିରୁଦ୍ଧରେ ଏକଜୁଟ ହେବାରେ ଲାଗିଛନ୍ତି। କିନ୍ତୁ ରାଜଧାନୀରେ ନିର୍ମାଣ କାର୍ଯ୍ୟ ଚଳାଇଥିବା ପ୍ରକୃତ ଠିକାଦାରମାନେ ଏମାନଙ୍କ ସହିତ ନଥିବା ଜାଣିବାପରେ ସରକାର ଏହି ଚିଠାଦାରମାନଙ୍କୁ ଏବେ ସାବାଡ଼ ପାଇଁ ରଣନୀତି ପ୍ରସ୍ତୁତ କରୁଥିବା ସୂଚନା ମିଳିଛି।

# ଗୋଟିଏ ଦାନ୍ତ ବିନ୍ଧୁଥିଲା, ୧୨ ଦାନ୍ତ ଉପାଡ଼ିଦେଲେ



ନୂଆଦିଲ୍ଲୀ, ୧୨।୭: ଚିକିତ୍ସା ନାଁରେ ଲୋଭ ଓ ଅବହେଳା ଜୀବନକୁ ବିପଦରେ ପକାଇପାରେ, ଏହାର ସଦ୍ୟ ମାମଲା ଚୀନ୍‌ରୁ ଦେଖିବାକୁ ମିଳିଛି। ଏଠାରେ ଜଣେ ୬୩ ବର୍ଷୀୟଙ୍କର ଗୋଟିଏ ଦାନ୍ତରେ ଯନ୍ତ୍ରଣା ହେଉଥିଲା। କିନ୍ତୁ ଏକ କ୍ଲିନିକ୍ ତାଙ୍କୁ ଏମିତି ଠକିଲା ଯେ ତାଙ୍କର ୧୨ ଦାନ୍ତ ଉପାଡ଼ିଦେଲା। ସେତିକି ନୁହେଁ, ଚିକିତ୍ସା ଆଳରେ ତାଙ୍କ ବ୍ୟାଙ୍କ ଖାତା ଓ ଡିଜିଟାଲ ୱାଲେଟ୍ ପ୍ରାୟ ସବୁ ଟଙ୍କା ଖାଲି କରିଦେଲା। ଚୀନ୍‌ର ଶାନ୍‌ସି ପ୍ରାନ୍ତର ବାଓଜୀ ସହର ବାସିନ୍ଦା ୬୩ ବର୍ଷୀୟ ଏହି ବ୍ୟକ୍ତି ଦାନ୍ତ ଚିକିତ୍ସା ଯୋଗୁ ଦାଓୟୁଆନ୍‌ୟୁଆନ କ୍ଲିନିକ୍‌ରେ ପହଞ୍ଚିଥିଲେ। କ୍ଲିନିକ୍‌ର ବଡ଼ ବଡ଼ ଦାବିଯୁକ୍ତ ବିଜ୍ଞାପନରେ ସେ ପ୍ରଭାବିତ ହୋଇଥିଲେ, ଯେଉଁଥିରେ କୁହାଯାଇଥିଲା ଯେ ନୂଆ ଦାନ୍ତ ଲଗାନ୍ତୁ ଏବଂ ବୃଦ୍ଧାବସ୍ଥାରେ ମାଂସ ଖାଆନ୍ତୁ। ପୁରା ଦାନ୍ତ ଲଗାନ୍ତୁ, ୧୦୦ ବର୍ଷ ଯାଏ ବଞ୍ଚନ୍ତୁ। ବ୍ୟକ୍ତିଙ୍କ ଅନୁସାରେ, କ୍ଲିନିକ୍‌ର କର୍ମଚାରୀ ତାଙ୍କୁ ଘରୁ ନେବାକୁ କାର୍ ପଠାଉଥିଲେ ଏବଂ ମାଗଣା ଯାଞ୍ଚ ଅଫର୍ ଦେଉଥିଲେ। କିନ୍ତୁ ଯାଞ୍ଚ ପରେ ଯାହା ହେଲା, ତାହା ତାଙ୍କ ପରିବାରକୁ ଚୋହଲାଇଦେଲା। କେବଳ ଗୋଟିଏ ଦାନ୍ତର ଚିକିତ୍ସା ଲାଗି ପହଞ୍ଚିଥିବା ବ୍ୟକ୍ତିଙ୍କ ପାଟିରୁ ଡାକ୍ତର ୧୨ ଦାନ୍ତ ଉପାଡ଼ିଦେଲେ। ଏହା ପରେ ସେହି ପ୍ରକ୍ରିୟାରେ ୧୦ ଦାନ୍ତ ପ୍ରତିରୋପଣ କରିଦେଲେ। ସେତିକିରେ ମାମଲା ଶେଷ ହେଲାନି। ଚିକିତ୍ସା ନାଁରେ କ୍ଲିନିକ୍ ପ୍ରତିନିଧିଙ୍କ ବ୍ୟାଙ୍କ ଆକାଉଣ୍ଟ ଓ ଡିଜିଟାଲ ୱାଲେଟ୍‌ରୁ ପ୍ରାୟ ୨.୨ ଲକ୍ଷ କାଢ଼ିନେଲେ। ଏହା ପରେ ବି ୬୩ ହଜାର ଟଙ୍କାର ଅତିରିକ୍ତ ବିଲ୍ ବକେୟା ବୋଲି ଦର୍ଶାଇଲେ। ତାଙ୍କ ପାଖରେ ଆଉ ୩୫୦ ଟଙ୍କା ବଳିଥିଲା। ଚଳିତ ମାସ ସ୍ୱାସ୍ଥ୍ୟ ବିଭାଗର ଯାଞ୍ଚରେ କ୍ଲିନିକ୍ ଅନେକ ମାମଲାରେ ଦୋଷୀ ପ୍ରମାଣିତ ହେଲା। ଏହା ପରେ ଅଧିକାରୀମାନେ କ୍ଲିନିକ୍‌କୁ ବ୍ୟକ୍ତିଙ୍କଠୁ ନେଇଥିବା ପୁରା ପେମେଣ୍ଟ ଫେରାଇବାକୁ ଆଦେଶ ଦେଲେ ଏବଂ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଲାଗି କ୍ଲିନିକ୍‌କୁ ତାଲା ପକାଇଲେ।

● କତାର ମୁଖ୍ୟଙ୍କ ପରଲୋକ

# ଦିନିକିଆ ରାଷ୍ଟ୍ରୀୟ ଶୋକ ଘୋଷଣା କଲା ଭାରତ

## ଏକ୍ସରେ ଶ୍ରଦ୍ଧାଞ୍ଜଳି ଜଣାଇଲେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ, ୧୨।୭: କତାରର ପୂର୍ବତନ ଅମୀର ଶେଖ୍ ହମଦ ବିନ୍ ଖଲିଫା ଅଲ୍ ଥାନିଙ୍କ ପରଲୋକରେ ଗଭୀର ଶୋକ ପ୍ରକାଶ କରିଛି ଭାରତ। ବିୟୋଗରେ ଭାରତ ସରକାର ସୋମବାର ଦେଶବ୍ୟାପୀ ଦିନିକିଆ ରାଷ୍ଟ୍ରୀୟ ଶୋକ ଘୋଷଣା କରିଛନ୍ତି। ତାଙ୍କ ବିୟୋଗରେ ରାଷ୍ଟ୍ରୀୟ ଶୋକ ଘୋଷଣା କରି ବୈଦେଶିକ ବ୍ୟାପାର ମନ୍ତ୍ରାଳୟ ବିବୃତ୍ତି ଜାରି କରିଛି। ଶେଖ ଅହମଦଙ୍କ ସମ୍ମାନାର୍ଥେ ଜୁଲାଇ ୧୩ ତାରିଖରେ ସମଗ୍ର ଦେଶରେ ଜାତୀୟ ପତାକା ଅର୍ଦ୍ଧନମିତ ରହିବ ଓ ସମସ୍ତ ସରକାରୀ ମନୋରଞ୍ଜନ କାର୍ଯ୍ୟକ୍ରମ ସ୍ଥଗିତ ରଖାଯିବା ସୂଚନାଯୋଗ୍ୟ, ରବିବାର ଦିନ ୭୪ ବର୍ଷ ବୟସରେ ଶେଖ ହମଦଙ୍କର ଦେହାନ୍ତ ହୋଇଛି। କତାର ସରକାର ତାଙ୍କ ମୃତ୍ୟୁ ଖବର ସ୍ପଷ୍ଟ କରିଥିଲେ ସୁଦ୍ଧା ଏହାର କାରଣ ସ୍ପଷ୍ଟ କରିନାହାନ୍ତି। ଭାରତ ସରକାରଙ୍କ ପକ୍ଷରୁ ଶୋକ ବ୍ୟକ୍ତ କରିବା ପାଇଁ ସଂସଦୀୟ ବ୍ୟାପାର ଏବଂ ସଂଖ୍ୟାଲଘୁ ବ୍ୟାପାର ମନ୍ତ୍ରୀ କିରେନ୍ ରିଜିଜୁ କତାର ଗସ୍ତ କରିପାରନ୍ତି ବୋଲି ବୈଦେଶିକ ମନ୍ତ୍ରାଳୟ କହିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶେଖ୍ ହମଦଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇ ଏକ୍ସରେ ଶୋକବାର୍ତ୍ତା ପୋଷ୍ଟ କରିଛନ୍ତି। ଶେଖ ହମଦଙ୍କ ଜଣେ ଦୂରଦୃଷ୍ଟିସମ୍ପନ୍ନ ନେତା ବୋଲି କହିବା ସହିତ କତାରକୁ ବିଶ୍ୱର ଅନ୍ୟତମ ସମୃଦ୍ଧ ଦେଶ ଭାବେ ଗଢ଼ିତୋଳିବା ଓ ଭାରତ ସହ ସୁସମ୍ପର୍କ ସ୍ଥାପନ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ବୋଲି କହିଛନ୍ତି।

# ପଞ୍ଚାୟତ ଉପପ୍ରଧାନ ଗିରଫ

କୋଲକାତା, ୧୨।୭ (ସଂଚାର ବ୍ୟୁରୋ): ରାଣାଘାଟର ୨ ନମ୍ବର ରାମନଗର ଗ୍ରାମପଞ୍ଚାୟତର ଉପପ୍ରଧାନ ଉତ୍ପଳ ବିଶ୍ୱାସଙ୍କୁ କୋଟି କୋଟି ଟଙ୍କାର ଜମି ଜାଲିଆତି ଅଭିଯୋଗରେ ରବିବାର ପୁଲିସ ଗିରଫ କରିଛି। ତାଙ୍କ ବିରୋଧରେ ରାଜନୈତିକ କ୍ଷମତାର ଅପବ୍ୟବହାର କରି ଜମି ଜାଲିଆତି କରିଥିବା ଅଭିଯୋଗ ହୋଇଛି। ରାଣାଘାଟ ଥାନାର ପୁଲିସ ସମ୍ପୂର୍ଣ୍ଣ ମାମଲାର ତଦନ୍ତ କରୁଛି।

# ପୁଣି ଗିରଫ ହେଲେ ତୃଣମୂଳ ନେତା

କୋଲକାତା,୧୨।୭(ସଂଚାର ବ୍ୟୁରୋ): ଇନ୍ଦ୍ରପୁରର ପୂର୍ବତନ ତୃଣମୂଳ ବ୍ଲକ ଅଧ୍ୟକ୍ଷ ରେଜାଉଲ ଖାନଙ୍କୁ ଗିରଫ କରାଯାଇଛି। ଜଣେ ବିଜେପି କର୍ମୀଙ୍କୁ ଆକ୍ରମଣ ଓ ଧମକ ଦେବା ଅଭିଯୋଗରେ ତାଙ୍କୁ କିଛି ଦିନ ପୂର୍ବରୁ ଗିରଫ କରାଯାଇଥିଲା, ଯଦିଓ ପରେ ତାଙ୍କୁ ଜାମିନରେ ମୁକ୍ତ କରାଯାଇଥିଲା। ଏଥର, ଏକ ପୁରୁଣା ମାମଲାରେ ରେଜାଉଲଙ୍କୁ ପୁଣି ଥରେ ପୁଲିସ ଗିରଫ କରିଛି। ତାଙ୍କ ବାପା କୁତୁବୁଦ୍ଦିନ ଖାନ ଗୌରିବେରିଆ ଅଞ୍ଚଳର ପୂର୍ବତନ ତୃଣମୂଳ ସଭାପତି ଏବଂ ପଞ୍ଚାୟତ ପ୍ରଧାନ ପୂର୍ବରୁ ସମାନ ମାମଲାରେ ଗିରଫ ହୋଇଛନ୍ତି।

# ଅପରାହ୍ଣ ଯାଏ ବନ୍ଦ ରହିଲା ମେଟ୍ରୋ ସେବା

କୋଲକାତା,୧୨।୭(ସଂଚାର ବ୍ୟୁରୋ): ରବିବାର ଗ୍ରୀନ୍ ଲାଇନ (ସଲ୍ଟଲେକ୍ ସେକ୍ଟର ୫ ରୁ ହାୱଡ଼ା ମଇଦାନ)ରେ ମେଟ୍ରୋ ସେବା ବିଳମ୍ବ ସମୟରେ ଚାଲିଥିଲା। ସକାଳ ପରିବର୍ତ୍ତେ ଅପରାହ୍ଣରୁ ସେବା ଉପଲବ୍ଧ ହୋଇଥିଲା। ମେଟ୍ରୋ କର୍ତ୍ତୃପକ୍ଷ ଘୋଷଣା କରିଥିଲେ ଯେ, ଗ୍ରୀନ୍ ଲାଇନରେ ପ୍ରଥମ ଟ୍ରେନ୍ ରବିବାର ଅପରାହ୍ଣ ୪:୩୦ ରେ ଉଭୟ ଟର୍ମିନାଲ ଷ୍ଟେସନରୁ ଛାଡ଼ିବ। ତେବେ ଶେଷ ଟ୍ରେନ୍‌ର ପ୍ରସ୍ଥାନ ସମୟରେ କୌଣସି ପରିବର୍ତ୍ତନ ହୋଇନଥିଲା।

# ସେବାଶ୍ରୟକୁ ନେଇ ପୁଣି ଅଭିଯୋଗ

କୋଲକାତା,୧୨।୭(ସଂଚାର ବ୍ୟୁରୋ): ସେବାଶ୍ରୟ ବିରୁଦ୍ଧରେ ଚିକିତ୍ସା ଅବହେଳାର ଅଭିଯୋଗ ଉଠିଛି। ଏପରି ଅବହେଳା ଯୋଗୁଁ ଜଣେ ମହିଳା ତାଙ୍କ ଗୋଡ଼ ହରାଇଛନ୍ତି। ପୀଡ଼ିତା ମାଳତୀ ବିଶ୍ୱାସଙ୍କ ପରିବାରକୁ ସ୍ୱାସ୍ଥ୍ୟ ଭବନକୁ ଡକାଯାଇଛି ଏବଂ ତଦନ୍ତ ପାଇଁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି ଏବଂ ତାଙ୍କୁ ସୋମବାର ସକାଳେ ଡାକ୍ତରୀ ରେକର୍ଡ ସହିତ ହାଜର ହେବାକୁ କୁହାଯାଇଛି।

● ଜାତୀୟ ପୁମସେ ଟାଇକୋଣ୍ଡୋ ପ୍ରତିଯୋଗିତା

# ଓଡ଼ିଶାକୁ ୧୨ କାଂସ୍ୟ ପଦକ

ଭୁବନେଶ୍ୱର, ୧୨।୭ (ସଂଚାର ବ୍ୟୁରୋ): ଜୁଲାଇ ୮ ରୁ ୧୧ ତାରିଖ ପର୍ଯ୍ୟନ୍ତ ପଞ୍ଚମ ଟାଇକୋଣ୍ଡୋ ପୁମସେ ପ୍ରତିଯୋଗିତା ମହାରାଷ୍ଟ୍ରର ପୁନେଠାରେ ଆୟୋଜିତ ହୋଇଯାଇଛି। ଏଥିରେ ଟିମ୍ ଅଣ୍ଡର ୩୦ ରେକୋଗନାଇଜ୍ ପୁମସେ ପୁରୁଷ ବିଭାଗରେ ସତ୍ୟ ପ୍ରକାଶ ମହାନ୍ତି, ଆର୍ଯ୍ୟନ ଚୌଧୁରୀ, ଏସ୍. ସମରଜିତ୍ ଚକ୍ର କାଂସ୍ୟ ପଦକ ହାସଲ କରିଛନ୍ତି। ୩୦ ବର୍ଷରୁ କମ୍ ଇଣ୍ଡିଭିଜୁଆଲ ରେକୋଗନାଇଜ୍ ପୁମସେରେ ଏସ. ସମରଜିତ୍ ଚକ୍ର କାଂସ୍ୟ ପଦକ ହାସଲ କରିଛନ୍ତି। ସେହିପରି ଅଦମ୍ୟ ଅରିଜିତ ରାୟ କ୍ୟାଡେଟ୍ ଇଣ୍ଡିଭିଜୁଆଲରେ କାଂସ୍ୟ ପଦକ ଜିତିଥିବା ବେଳେ ଫ୍ରି ଷ୍ଟାଇଲ ମିକ୍ସ ଟିମ୍ ଓଭର ୧୭ରେ ଶାଶ୍ୱତୀ ନାୟକ, ହିମାସ୍ମି ସ୍ୱାଇଁ, ରାଜ୍



କୁମାର ନାୟକ, ରୋହିତ ମାଳି, ସନ୍ତୋଷ କୁମାର ଜେନା କାଂସ୍ୟ ପଦକ ହାସଲ କରିଛନ୍ତି। ୧୭ ବର୍ଷରୁ କମ୍ ଫ୍ରି ଷ୍ଟାଇଲ ପେଆର ପୁମସେରେ ପି.ପ୍ରତୀକ ପାତ୍ର ଓ ଆଲିଶା ସାବତ ମଧ୍ୟ କାଂସ୍ୟ ପଦକ ହାସଲ କରିଛନ୍ତି। ପଦକ ପାଇଥିବା କ୍ରୀଡ଼ାବିତମାନେ ସେପ୍ଟେମ୍ବରରେ ଦକ୍ଷିଣ କୋରିଆରେ ଆୟୋଜିତ ହେଉଥିବା ବିଶ୍ୱ ପୁମସେ ପ୍ରତିଯୋଗିତାର ଇଣ୍ଡିଆ ଟାଇକୋଣ୍ଡୋ ଟିମ୍ ଚୟନ ପ୍ରକ୍ରିୟାରେ ସାମିଲ ହେବେ ବୋଲି ରାଜ୍ୟ ଟାଇକୋଣ୍ଡୋର ସାଧାରଣ ସମ୍ପାଦକ ଚିନ୍ମୟ ବେହେରା ସୂଚନା ଦେଇଛନ୍ତି। ସମସ୍ତ କ୍ରୀଡାବିତ୍ ଏବଂ କୋଚ୍ ଅମରେନ୍ଦ୍ର ପୃଷ୍ଟିଙ୍କୁ ରାଜ୍ୟ ଟାଇକୋଣ୍ଡୋ ସଙ୍ଘର ସମସ୍ତ ସଦସ୍ୟ ହାର୍ଦ୍ଦିକ ଶୁଭକାମନା ଜଣାଇଛନ୍ତି।

# ଭୁବନେଶ୍ୱରରୁ ଚୋରି, କୋଲକାତାରୁ ଗିରଫ

ଭୁବନେଶ୍ୱର, ୧୨।୭ (ସଂଚାର ବ୍ୟୁରୋ): ଭୁବନେଶ୍ୱରରୁ ଚୋରି, କୋଲକାତାରୁ ଗିରଫ। ସହିଦ ନଗରରେ ଏକ ମଲ୍‌ରେ ଥିବା ଅଳଙ୍କାର ଦୋକାନରୁ ଲୁଟ୍ କରି ଅଭିଯୁକ୍ତ ଗିରଫ। ଅଭିଯୁକ୍ତ ଦୀନେଶ କୁମାର ଠକରକୁ ଗିରଫ କଲା କମିଶନରେଟ୍ ପୁଲିସ୍। ଏହା ସହ ଲୁଟ୍ ଗହଣା କିଣିଥିବା ଦୋକାନୀ ମାଲିକ ସଞ୍ଜୟ ଗୁପ୍ତା ମଧ୍ୟ ଗିରଫ ହୋଇଛି। ଚଢାଉ କରି କୋଲକାତା ବହୁବଜାରରୁ ଲୁଟ୍ ଗହଣା ଜବତ କରିଛି ପୁଲିସ। ଜବତ ଗହଣାର ଆନୁମାନିକ ମୂଲ୍ୟ ୧୦ଲକ୍ଷରୁ ଟଙ୍କାରୁ ଅଧିକ ହେବ। ଅଭିଯୁକ୍ତ ଦୀନେଶ କୁମାର ଗ୍ରାହକ ବେଶରେ ଆସି ଲୁଟ୍ କରିଥିଲା। ଦୁଇ ଦିନିଆ ରିମାଣ୍ଡରେ ଆଣି ପଚରାଉଚରା ବେଳେ ଲୁଟ୍ ଗହଣା କଲିକତାରେ ବିକ୍ରି କରିଥିବା ମାନିଥିଲା। ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଛି।

# ନିଖୋଜ ଟ୍ରଲରର ସନ୍ଧାନ ମିଳିଲା, ଜଣଙ୍କ ମୃତଦେହ ଚିହ୍ନଟ

ଜଳେଶ୍ୱର, ୧୨।୭ (ସଂଚାର ବ୍ୟୁରୋ): ବାଲେଶ୍ୱର ଶଙ୍କରପୁର ବେଳାଭୂମିରୁ ମାଛ ଧରିବାକୁ ଯାଇ ନିଖୋଜ ହୋଇ ଯାଇଥିବା ମତ୍ସ୍ୟଜୀବୀଙ୍କ ଟ୍ରଲରର ସନ୍ଧାନ ମିଳିଲା। ପଶ୍ଚିମବଙ୍ଗ କାକଦ୍ୱୀପ ନିକଟ ସମୁଦ୍ରରୁ ଟ୍ରଲରକୁ ଉଦ୍ଧାର କରାଯାଇଛି। ରକ୍ତାକ୍ଷରୀ ଚଡ଼ ନିକଟରେ ଟ୍ରଲର ଓଲଟି ପଡ଼ିଥିବା ସୂଚନା ମିଳିଛି। ଟ୍ରଲର ଭିତରେ କିଛି ମୃତଦେହ ଥିବା ସନ୍ଦେହ କରାଯାଉଛି। ଏବେ ସୁଦ୍ଧା ଜଣଙ୍କ ମୃତଦେହ ଚିହ୍ନଟ ହୋଇଥିବା ବେଳେ ଅନ୍ୟ ୧୪ ମତ୍ସ୍ୟଜୀବୀଙ୍କର ଏଯାଏଁ ସନ୍ଧାନ ମିଳିନି। ୧୦ ଦିନ ତଳେ, ଗତ ୨୨ ତାରିଖରେ ଶଙ୍କରପୁର ବେଳାଭୂମିରୁ ଟ୍ରଲର ଯୋଗେ ଇଲିଶି ମାଛ ଧରିବାକୁ ବାହାରିଥିଲେ ୧୫ ଜଣ ମତ୍ସ୍ୟଜୀବୀ। ଗଭୀର ସମୁଦ୍ରରେ ନିଖୋଜ ହୋଇ ଯାଇଥିଲେ। ଦୀର୍ଘ ୧୦ ଦିନ ପରେ ନିଖୋଜ ଟ୍ରଲର 'ଜୟ ମା' କାଳୀ' ର ସନ୍ଧାନ ମିଳିଛି। ପଶ୍ଚିମବଙ୍ଗର ବଗଖାଲି ଉପକୂଳରେ ଟ୍ରଲରଟିକୁ ବୁଡ଼ି ଥିବା ଅବସ୍ଥାରେ ଠାବ କରାଯାଇଛି। ଯୁଦ୍ଧକାଳୀନ ଭିତ୍ତିରେ ସମୁଦ୍ରରୁ ଉଦ୍ଧାର ପ୍ରକ୍ରିୟା ଆରମ୍ଭ ହୋଇଛି।

# ଜିଲ୍ଲା ପରିଷଦ ସଦସ୍ୟଙ୍କ ସ୍ୱାମୀଙ୍କୁ ନିସ୍ତୁକ ପିଟିଲେ ଶ୍ରମିକ

ବାଲେଶ୍ୱର,୧୨।୭ (ସଂଚାର ବ୍ୟୁରୋ) : ବାଲେଶ୍ୱର ଜିଲ୍ଲା ବସ୍ତା ଅଞ୍ଚଳରେ କିଛି ଶ୍ରମିକ ବିଜେଡି ନେତ୍ରୀ ତଥା ଜିଲ୍ଲା ପରିଷଦ ସଦସ୍ୟ ବିଷ୍ଣୁପ୍ରିୟା ବୁଗୁଡ଼ିଙ୍କ ସ୍ୱାମୀ ତଥା ଠିକାଦାର ସଞ୍ଜୟ ବୁଗୁଡ଼ିଙ୍କୁ ମାଡ଼ ମାରିଥିବା ଅଭିଯୋଗ ହୋଇଛି। ଏହି ଘଟଣାର ଏକ ଭିଡିଓ ସୋଶାଲ ମିଡିଆରେ ଭାଇରାଲ ହେବା ପରେ ସ୍ଥାନୀୟ ଅଞ୍ଚଳରେ ଏହା ଚର୍ଚ୍ଚାର ବିଷୟ ପାଲଟିଛି। ସୂଚନା ଅନୁଯାୟୀ, ସଞ୍ଜୟ ବୁଗୁଡ଼ି ଜଣେ ଠିକାଦାର ଭାବେ ବିଭିନ୍ନ ସ୍ଥାନରେ କାମ କରାଉଥିଲେ। ତାଙ୍କ ଅଧୀନରେ କାମ କରିଥିବା କିଛି ଶ୍ରମିକ ଦୀର୍ଘଦିନ ଧରି ସେମାନଙ୍କ ପ୍ରାରିଶ୍ରମିକ ପାଇ ନଥିବା ଅଭିଯୋଗ କରିଆସୁଥିଲେ। ଏହାକୁ ନେଇ ପୂର୍ବରୁ ଥାନାରେ ଅଭିଯୋଗ ହୋଇଥିବା ମଧ୍ୟ କୁହାଯାଉଛି। ଆଜି କୁଣ୍ଡୁପୁର ଅଞ୍ଚଳରେ ସଞ୍ଜୟ ବୁଗୁଡ଼ିଙ୍କୁ ଦେଖି ସେହି ଶ୍ରମିକଙ୍କ ମଧ୍ୟରୁ କିଛି ଜଣ ତାଙ୍କୁ ଘେରି ଯାଇଥିଲେ। ପ୍ରଥମେ ଉଭୟ ପକ୍ଷ ମଧ୍ୟରେ ବଚସା ହୋଇଥିଲା। ପରେ ଏହା ସାଂଘାତିକ ରୂପ ନେଇଥିଲା। ଶ୍ରମିକମାନେ ସଞ୍ଜୟ ବୁଗୁଡ଼ିଙ୍କୁ ରାସ୍ତା ଉପରେ ମାଡ଼ ମାରିଥିଲେ। ସ୍ଥାନୀୟ ଲୋକେ ଘଟଣାସ୍ଥଳରେ ଭିଡ଼ ଜମାଇଥିଲେ ଏବଂ କିଛି ଲୋକ ଘଟଣାର ଭିଡିଓ ରେକର୍ଡ କରିଥିଲେ। ପରେ ସେହି ଭିଡିଓକୁ ସୋଶାଲ ମିଡିଆରେ ପୋଷ୍ଟ କରିଥିଲେ। ବସ୍ତା ପୁଲିସ ଘଟଣାର ତଦନ୍ତ କରୁଛି। ସଞ୍ଜୟ ବୁଗୁଡ଼ି କହିଛନ୍ତି ଯେ ୨୦୧୬ରୁ ୨୦୧୨ ପର୍ଯ୍ୟନ୍ତ ଜଣେ ମିସ୍ତ୍ରୀ ତାଙ୍କ ସହିତ କାମ କରୁଥିଲେ। ସେ ତାଙ୍କର ସମସ୍ତ ପାରିଶ୍ରମିକ ଦେଇ ଦେଇଥିଲେ। ବ୍ୟାଙ୍କ ଏକାଉଣ୍ଟକୁ ଟଙ୍କା ଟ୍ରାନ୍ସଫର କରାଯାଇଥିଲା। ସେହି ମିସ୍ତ୍ରୀ ପୂର୍ବରୁ ଥରେ ତାଙ୍କ ନାଁରେ କେସ କରିଥିଲେ। କିନ୍ତୁ ସେ ଥାନାରେ ପ୍ରମାଣ ଦେଖାଇଥିଲେ। ଆଉ ଆଜି ସେହି ମିସ୍ତ୍ରୀ କିଛି ଶ୍ରମିକଙ୍କୁ ଲଗାଇ ତାଙ୍କୁ ଆକ୍ରମଣ କରିଛନ୍ତି।

# ଭୋଜି ଖାଇ ୫୦ରୁ ଉର୍ଦ୍ଧ୍ୱ ଅସୁସ୍ଥ

ସୋର, ୧୨।୭ (ସଂଚାର ବ୍ୟୁରୋ): ବାଲେଶ୍ୱର ଜିଲ୍ଲା ଗୋପୀନାଥପୁର ଗ୍ରାମର ଜଣେ ବ୍ୟକ୍ତିଙ୍କ ଘରେ ବିବାହ ଭୋଜି ଖାଇ ୫୦ ରୁ ଅଧିକ ଲୋକ ଅସୁସ୍ଥ ହୋଇଛନ୍ତି। ଅସୁସ୍ଥଙ୍କୁ ଚିକିତ୍ସାଳୟରେ ଭର୍ତ୍ତି କରାଯାଇ ଚିକିତ୍ସା କରାଯାଉଛି ଏବଂ ସମସ୍ତଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଛି। ସୂଚନା ମୁତାବକ, ଶୁକ୍ରବାର (୧୦ ତାରିଖ) ରାତିରେ ଗୋପୀନାଥପୁର ଗ୍ରାମର କାହ୍ନୁଚରଣ ଓଝାଙ୍କ ବାହାଘର ଭୋଜି ଦିଆଯାଇଥିଲା। ଭୋଜି ଖାଇଥିବା ଶତାଧିକ ଲୋକଙ୍କ ମଧ୍ୟରୁ ଶନିବାର ସକାଳେ ୩୦ରୁ ଅଧିକ ପୁରୁଷ ଓ ମହିଳା ଅସୁସ୍ଥ ହୋଇ ଅନନ୍ତପୁର ଓ ପରେ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିଲା। ରବିବାର ସକାଳୁ ତେନ୍ତେଇ ଗ୍ରାମର ଅଜୟ ବେହେରା, ଗୋପାଳପୁରର ଆକାଂକ୍ଷା ସେଠି, ନରେନ୍ଦ୍ର ମହାଲିକ, ଅଇଁରୀ ଗ୍ରାମର ସୁକାନ୍ତି ବିଶ୍ୱାଳ ପ୍ରମୁଖଙ୍କ ସମେତ ୨୦ରୁ ଅଧିକ ଲୋକ ଅସୁସ୍ଥ ହୋଇ ଅନନ୍ତପୁର ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ସେମାନଙ୍କ ମଧ୍ୟରୁ କିଛି ଲୋକ ସୁସ୍ଥ ହୋଇ ଘରକୁ ଫେରିଥିବା ବେଳେ ଏବେବି ୧୫ରୁ ଅଧିକ ଚିକିତ୍ସାଧିନ ଅଛନ୍ତି।

## ପର ପୁରୁଷ ସହ ଚାଲିଗଲା ସ୍ତ୍ରୀ

# ଦୁଇ ପିଲାଙ୍କୁ କରେଣ୍ଟ ଦେଇ ସ୍ୱାମୀ କଲେ ଆତ୍ମହତ୍ୟା

ଚେନ୍ନାଇ,. ୧୨।୭: ତାମିଲନାଡୁର ତୁତିକୋରିନ ଜିଲ୍ଲାରୁ ଏକ ଅତ୍ୟନ୍ତ ହୃଦୟବିଦାରକ ଘଟଣା ସାମ୍ନାକୁ ଆସିଛି। ପାରିବାରିକ ବିବାଦ ଓ ମାନସିକ ଚାପର ବଶବର୍ତ୍ତୀ ହୋଇ ଜଣେ ବ୍ୟକ୍ତି ନିଜର ଦୁଇ ସନ୍ତାନଙ୍କୁ ବିଦ୍ୟୁତ ଆଘାତ ଦେଇ ହତ୍ୟା କରିବା ପରେ ନିଜେ ମଧ୍ୟ ଆତ୍ମହତ୍ୟା କରିଛନ୍ତି। ତୁତିକୋରିନ ଜିଲ୍ଲାର ପୁଦୁକୋଟ୍ଟାଇ ନିକଟସ୍ଥ ସାଭେରିୟାରପୁରମ ଅଞ୍ଚଳରେ ଏହି ଅଭାବନୀୟ ଘଟଣା ଘଟିଛି। ମୃତକମାନେ ହେଲେ ୪୦ ବର୍ଷୀୟ ଟ୍ରକ ଚାଳକ ମେରି ମାଇକେଲ, ତାଙ୍କର ୧୪ ବର୍ଷର ଝିଅ ମେରି ନିରୋଶା ଏବଂ ୧୨ ବର୍ଷର ପୁଅ ମେରି କେନିଷ୍ଟନ।



ପୋଲିସ ସୂଚନା ଅନୁଯାୟୀ, ପ୍ରାୟ ୬ ମାସ ପୂର୍ବରୁ ମାଇକେଲଙ୍କ ପତ୍ନୀ ଅନ୍ୟ ଜଣେ ବ୍ୟକ୍ତିଙ୍କ ସହ ଚାଲିଯାଇଥିଲେ। ଏହାପରେ ମାଇକେଲ ଡିପ୍ରେସନକୁ ଚାଲିଯାଇଥିଲେ। ଠିକ୍ ଭାବେ ଟ୍ରକ ଚଳାଇବାକୁ ମଧ୍ୟ ଯାଉ ନ ଥିଲେ। ଗତ ଶୁକ୍ରବାର ମାଇକେଲ ପିଲାମାନଙ୍କ ପାଇଁ ଖାଦ୍ୟ ଦେଇ ଶୋଇବାକୁ କହିଥିଲେ। ପିଲାମାନେ ଶୋଇବା ପରେ ସେ ସେମାନଙ୍କ ଦେହରେ ବିଦ୍ୟୁତ୍ ତାର ବାନ୍ଧି କରେଣ୍ଟ ସଂଯୋଗ କରିଥିଲେ। ଫଳରେ ଘଟଣାସ୍ଥଳରେ ହିଁ ଦୁଇ ପିଲାଙ୍କ ମୃତ୍ୟୁ ହୋଇଥିଲା। ଏହାପରେ ସେହି ତାରକୁ ଧରି ନିଜେ ଆତ୍ମହତ୍ୟା କରିଥିଲେ।

ଘର ବାହାରେ ମାଇକେଲଙ୍କ ୭୫ ବର୍ଷୀୟ ବୃଦ୍ଧ ପିତା ଆଣ୍ଟୋନୀ ମୁଥୁ ଶୋଇଥିଲେ। ଶନିବାର ଖରାବେଳ ପର୍ଯ୍ୟନ୍ତ ଘରର କବାଟ ଭିତରୁ ବନ୍ଦ ରହିବାରୁ ସେ ସନ୍ଦେହ କରି ପଡ଼ୋଶୀମାନଙ୍କୁ ଜଣାଇଥିଲେ। ପରେ ସ୍ଥାନୀୟ ଲୋକେ ପୁଦୁକୋଟ୍ଟାଇ ପୋଲିସକୁ ଖବର ଦେଇଥିଲେ।

ପୁଲିସ ଘଟଣାସ୍ଥଳରେ ପହଞ୍ଚି କବାଟ ଭାଙ୍ଗି ତିନିଜଣଙ୍କ ମୃତଦେହ ଖଟ ଉପରୁ ଉଦ୍ଧାର କରିଥିଲା। ସମସ୍ତଙ୍କ ଦେହରେ ବିଦ୍ୟୁତି ତାର ଲାଗି ରହିଥିଲା। ପୁଲିସ ମୃତଦେହଗୁଡ଼ିକୁ ବ୍ୟବଚ୍ଛେଦ ପାଇଁ ତୁତିକୋରିନ ସରକାରୀ ମେଡିକାଲ କଲେଜ ହସ୍ପିଟାଲକୁ ପଠାଇଛି। ଏହି ମାମଲାରେ ପୁଦୁକୋଟ୍ଟାଇ ପୋଲିସ ଏକ କେସ୍ ରୁଜୁକରି ଅଧିକ ତଦନ୍ତ ଚଳାଇଛି।

## କାର ସହ ୩୦ କିଲୋ ଗଞ୍ଜେଇ ଜବତ, ୪ ଗିରଫ



ଫୁଲବାଣୀ,୧୨।୭ (ସଂଚାର ବ୍ୟୁରୋ)ଃ କନ୍ଧମାଳ ଜିଲ୍ଲାରେ ଜୋରଦାର କରାଯାଇଥିବା ବେଳେ ଜିଲ୍ଲା ଏସପିଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲାର ବିଭିନ୍ନ ଥାନା ପକ୍ଷରୁ ବିଭିନ୍ନ ଜାଗାରେ ଚଢ଼ାଉ କରାଯାଇ କୁଇଣ୍ଟାଲ କୁଇଣ୍ଟାଲ ଗଞ୍ଜେଇ ଜବତ କରାଯାଉଥିବା ବେଳେ ଜିଲ୍ଲାରେ ଜାରି ରହିଛି ପୁଲିସର ସ୍ୱତନ୍ତ୍ର ଗଞ୍ଜେଇ ଧାରା ଅଭିଯାନ । ଏହି ପରିପେକ୍ଷୀରେ କିଛିଦିନର ନୀରବତା ପରେ ପୁଣି ଫୁଲବାଣୀ ସଦର ଥାନା ପୁଲିସକୁ ମିଳିଛି ଏକ ବଡ଼ ସଫଳତା। ଚାଲାଣ ହେଉଥିବା ଖବର ପାଇ ପୁଲିସ କାର ସହ ୩୦ କିଲୋ ଗଞ୍ଜେଇକୁ ଜବତ କରିବାରେ ସଫଳ ହୋଇଥିବା ବେଳେ ଏହି ଘଟଣାରେ ୩ ଜଣକୁ ଗିରଫ କରି କୋର୍ଟ ଚାଲାଣ କରିଛି ପୁଲିସ। ଅନ୍ୟପଟେ ଗିରଫ ଅଭିଯୁକ୍ତ କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ଥାନା ଅଧୀନରେ ଥିବା ଭୁଗୀଜୋଡି ପଞ୍ଚାୟତ ଡମବାଡି ଗାଁର ଅନତ କହଁର ଓ ପଙ୍କଜ କହଁର, ପଦ୍ମନାଭ କହଁର ଓ ଉତ୍ତମ କହଁର ବୋଲି ଜଣା ପଡ଼ିଛି।

## ଧର୍ମଗଡ଼ରେ ସିରିଜ ଡକାୟତି



ଭବାନୀପାଟଣା,୧୨।୭ (ସଂଚାର ବ୍ୟୁରୋ)ଃ କଳାହାଣ୍ଡି ଜିଲ୍ଲାର ଧର୍ମଗଡ଼ର ଜଣେ ଆଇନଜୀବୀଙ୍କ ଘରୁ ଡକାୟତି ହେବାର ଦୁଇଦିନ ନ ପୂରୁଣୁ ଆଉ ଏକ ସଶସ୍ତ୍ର ଡକାୟତି ଧର୍ମଗଡ଼ ଉପଖଣ୍ଡ ଚିକିତ୍ସାଳୟର ଡାକ୍ତର ଅଜିତ କୁମାର ଦାସଙ୍କ ସରକାରୀ ବାସଭାବନରେ ଗତକାଲି ବିଳମ୍ବିତ ରାତ୍ରୀରେ ଘଟିଯାଇଛି । ଡକାୟତି ଗ୍ୟାଙ୍ଗ ଡାକ୍ତରଙ୍କ ଘର କବାଟକୁ ପ୍ରଥମେ ବାଡେଇ ଥିଲେ। ରୋଗୀ ସେବା ଭାବି ଡାକ୍ତର ଜଣକ କବାଟ ଖୋଲି ଦେଇଥିଲେ । କବାଟ ଖୋଲିବା ମାତ୍ରେ ଡାକ୍ତରଙ୍କୁ ତିନିଜଣ ଡକାୟତ କାବୁକାରି ବନ୍ଧୁକ ଦେଖାଇ ଭୟଭୀତ କରିଥିଲେ । ଡାକ୍ତର ସାହସର ସହ ଉକ୍ତ ବନ୍ଧୁକକୁ ଭିଡି ଧରି ଫାୟାର କରିବାକୁ ଚେଷ୍ଟା କରିଥିଲେ ହେଲେ ବନ୍ଧୁକ ନକଲି ଥିଲା । ପରେ ଘର ଭିତରକୁ ଡାକ୍ତରଙ୍କୁ ଭିଡି ନେଇ ଗୋଡ ହାତକୁ ଓ ମୁହଁକୁ ବାନ୍ଧି ଆଲମାରୀ ଚାବି ମାଗି ନଗଦ ଅଶି ହଜାର ଟଙ୍କା, ଚଉବନ ଗ୍ରାମ ସୁନା ଦୁଇଟି ସୁନା ମୁଦି ଲୁଟି ନେଇ ଚମ୍ପଟ ମାରି ଥିଲେ ।

## ନାବାଳିକା ଅପହରଣ ଓ ଗଣଦୁଷ୍କର୍ମ ଅଭିଯୋଗରେ ୬ ଅଟକ

ସୁନ୍ଦରଗଡ଼,୧୨।୭ (ସଂଚାର ବ୍ୟୁରୋ)ଃ ସୁନ୍ଦରଗଡ଼ ଜିଲ୍ଲାରୁ ପୁଣି ଏକ ଲଜ୍ଜାଜନକ ଓ ସମ୍ବେଦନଶୀଳ ଘଟଣା ସାମ୍ନାକୁ ଆସିଛି। ତଳସରା ଥାନା ଅନ୍ତର୍ଗତ ବନଡେଗା ଫାଣ୍ଡି ଅଞ୍ଚଳରେ ଜଣେ ନାବାଳିକାଙ୍କୁ ଅପହରଣ କରି ଜଙ୍ଗଲକୁ ନେଇ ଗଣଦୁଷ୍କର୍ମ କରାଯାଇଥିବା ଅଭିଯୋଗ ହୋଇଛି। ଘଟଣାକୁ ନେଇ ସମଗ୍ର ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି ହୋଇଛି। ଏହି ମାମଲାରେ ୭ ଜଣ ସମ୍ପୃକ୍ତ ଥିବା ଅଭିଯୋଗ ଥିବାବେଳେ ପୁଲିସ ୬ ଜଣଙ୍କୁ ପୁଲିସ ଅଟକ ରଖି ପଚରାଉଚରା କରୁଥିବା ସୂଚନା ମିଳିଛି। ଅଭିଯୋଗ ଅନୁସାରେ, ପୀଡ଼ିତା ଛତିଶଗଡ଼ର ତପକରା ଅଞ୍ଚଳର ବାସିନ୍ଦା ବନଡେଗା ଫାଣ୍ଡି ଅଞ୍ଚଳରେ ଥିବା ନିଜ ମାମୁଘରକୁ ଆସିଥିଲେ। ଗତକାଲି ରାତିରେ ସେ ଘର ବାହାରକୁ ଯାଇଥିବା ସମୟରେ କିଛି ଦୁର୍ବୃତ୍ତ ବାଇକ୍‌ରେ ତାଙ୍କୁ ଅପହରଣ କରି ନିକଟସ୍ଥ ଜଙ୍ଗଲକୁ ନେଇଯାଇଥିଲେ। ସେଠାରେ ପୂର୍ବରୁ ଥିବା ଅନ୍ୟ କିଛି ଜଣଙ୍କ ସହ ମିଶି ମୋଟ ୭ ଜଣ ତାଙ୍କ ଉପରେ ଗଣଦୁଷ୍କର୍ମ କରିଥିବା ଅଭିଯୋଗ ହୋଇଛି।

## ବୋଲେରୋ-ବାଇକ ମୁହାଁମୁହିଁ; ଜଣେ ମୃତ, ୩ ଗୁରୁତର



ସୁନ୍ଦରଗଡ଼,୧୨।୭ (ସଂଚାର ବ୍ୟୁରୋ)ଃ ସୁନ୍ଦରଗଡ ଜିଲ୍ଲା କୁତ୍ରା ଥାନା ଅନ୍ତର୍ଗତ ଲିଟିବେଡା ଗ୍ରାମ ନିକଟରେ ଏକ ବଲେରୋ ଓ ବାଇକ ମୁହାଁ ମୁହିଁ ଧକ୍କା ହେବା ଫଳରେ ବାଇକରେ ଥିବା ୪ ଜଣଙ୍କ ଯୁବକଙ୍କ ମଧ୍ୟରୁ ଜଣେ ମୃତ୍ୟୁବରଣ କରିଥିବା ବେଳେ ୩ ଗୁରୁତର ଆହତ ହୋଇଛନ୍ତି। ମୃତକ ଜଣକ ହେଲେ କୁତ୍ରା ଥାନା କଟଙ୍ଗ ଗ୍ରାମ କୁଆପାଣିର ୨୭ ବର୍ଷୀୟ ଯୁବକ ସିବିଲାନ ସାମଦ। ଘଟଣାରୁ ଜଣାପଡିଛି ଯେ ଅପରାହ୍ନ ପ୍ରାୟ ସାଢେ ଦୁଇଟା ସମୟରେ ଖଡକୁରବାହାଲ ପଟରୁ କୁତ୍ରା ଆଡକୁ ଏକ ବାଇକ ଓଡି୨୩ୟୁ ୦୬୫୭ ଯୋଗେ ୪ ଜଣ ଯୁବକ ଆସୁଥିବା ବେଳେ ଦ୍ରୁତ ଗତିରେ ଏକ ଭାରୀ ଯାନକୁ ଅତିକ୍ରମ କରିବା ସମୟରେ ସମ୍ମୁଖରୁ ଆସୁଥିବା ଏକ ବଲେରୋକୁ ମୁହାଁ ମୁହିଁ ଧକ୍କା ଦେଇଥିଲେ। ଫଳରେ ବାଇକରେ ଥିବା କଟଙ୍ଗ କୁଆପାଣିର ସିବିଲାନ ସାମଦ, ସୁଲେମାନ ସାମଦ, ସୁଜିତ କାଣ୍ଡୁଲନା, ସୁଜିତ ଲମଗା ପ୍ରମୁଖ ୪ ଜଣ ଯୁବକ ଗୁରୁତର ଆହତ ହୋଇଥିଲେ। ସମସ୍ତଙ୍କୁ କୁତ୍ରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଚିକିତ୍ସା ପାଇଁ ଅଣାଯାଇଥିବା ବେଳେ ସିବିଲାନଙ୍କୁ ମୃତ ଘୋଷଣା କରାଯାଇଥିଲା। ଅନ୍ୟ ତିନି ଜଣ ଗୁରୁତର ଆହତଙ୍କୁ ପ୍ରାଥମିକ ଚିକିତ୍ସା ପରେ ରାଉରକେଲା ସରକାରୀ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଛି।

### ବିକାଶର ମାନଚିତ୍ରରୁ ବାଦ୍ ପଡ଼ିଛି ଗରଦପୁରର ଓସ୍ତିଆ ଘଡ଼େଇ ସାହି

# କାଦୁଅ ପଚ୍‌ପଚ୍ ରାସ୍ତା ଯୋଗୁଁ ଲୋକେ ହନ୍ତସନ୍ତ

କେନ୍ଦ୍ରାପଡ଼ା,୧୨।୭ (ସଂଚାର ବ୍ୟୁରୋ)ଃ ଏକପଟେ ରାଜନୈତିକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ପାଟକୁରା ନିର୍ବାଚନ ମଣ୍ଡଳୀରେ ବିକାଶର ବଡ଼ ବଡ଼ ଦାବି କରାଯାଉଛି, ଅନ୍ୟପଟେ ସେହି ମଣ୍ଡଳୀର ଗରଦପୁର ପୋଲ ମୁଣ୍ଡ ନିକଟସ୍ଥ ଓସ୍ତିଆ ଘଡ଼େଇ ସାହି ଆଜି ମଧ୍ୟ ମୌଳିକ ସୁବିଧାରୁ ବଞ୍ଚିତ ରହିଛି। ପ୍ରାୟ ୫୦ଟି ପରିବାର ବର୍ଷ ବର୍ଷ ଧରି କାଦୁଅ ରାସ୍ତା, ଅପରିଷ୍କାର ପରିବେଶ ଓ ଦୁର୍ବିଷହ ଯାତାୟାତ ସମସ୍ୟା ମଧ୍ୟରେ ଜୀବନ ବିତାଉଥିବା ବେଳେ, ସେମାନଙ୍କ ଦୁଃଖ ଆଜି ପର୍ଯ୍ୟନ୍ତ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିପାରିନାହିଁ ବୋଲି ଅଭିଯୋଗ ହେଉଛି।

ସାହିକୁ ଯିବା ରାସ୍ତାର ଅବସ୍ଥା ଏପରି ଯେ, ସାମାନ୍ୟ ବର୍ଷା ହେଲେ ତାହା ପାଣି ଓ କାଦୁଅରେ ପରିଣତ ହୋଇଯାଏ। ଘରୁ ବାହାରିବା ଠାରୁ ଆରମ୍ଭ କରି



ଦୈନନ୍ଦିନ କାମରେ ଯିବା ପର୍ଯ୍ୟନ୍ତ ପ୍ରତ୍ୟେକ ପଦକ୍ଷେପ ଗ୍ରାମବାସୀଙ୍କ ପାଇଁ ସଂଘର୍ଷର କାରଣ ପାଲଟିଛି। ସ୍କୁଲ ପଢୁଆ ପିଲାମାନେ ପ୍ରତିଦିନ କାଦୁଅ ଭିତରେ ଯାତାୟାତ କରୁଥିବା ବେଳେ ବୃଦ୍ଧ, ରୋଗୀ ଓ ଗର୍ଭବତୀ ମହିଳାଙ୍କ ପାଇଁ ପରିସ୍ଥିତି ଆହୁରି କଷ୍ଟଦାୟକ ହୋଇପଡ଼ିଛି। ଜରୁରୀ ସମୟରେ ଆମ୍ବୁଲାନ୍ସ ପହଞ୍ଚିବା ମଧ୍ୟ ଏକ ବଡ଼ ସମସ୍ୟା ବୋଲି ସ୍ଥାନୀୟ ଲୋକେ କହିଛନ୍ତି।

**ପକ୍କା ରାସ୍ତା ଅପେକ୍ଷାରେ ୫୦ ପରିବାର**

କେବଳ ରାସ୍ତା ସମସ୍ୟା ନୁହେଁ, ଜମି ରହୁଥିବା ପାଣି ଓ ଅପରିଷ୍କାର ପରିବେଶ ଯୋଗୁଁ ବିଭିନ୍ନ ଋତୁଜନିତ ରୋଗ ମଧ୍ୟ ବଢୁଥିବା ଅଭିଯୋଗ ହେଉଛି। ବିଶେଷକରି ବର୍ଷା ଋତୁରେ ଥଣ୍ଡା, ଜ୍ୱର ଓ ଅନ୍ୟାନ୍ୟ ସଂକ୍ରମଣଜନିତ ସମସ୍ୟା ଗ୍ରାମବାସୀଙ୍କ ପାଇଁ ଚିନ୍ତାର କାରଣ ସାଜୁଛି।

ସ୍ଥାନୀୟ ବାସିନ୍ଦା ମିଥୁନ ଘଡ଼େଇ, ବାପିନା ଘଡ଼େଇ, ମଣ୍ଟୁଆ, ଆଲୋକ, ଅଖୁନା, ଜନକ, ଲୋକନାଥ, ଅଶୋକ ଓ ଜଟିଆଙ୍କ ସମେତ ସାହିବାସୀଙ୍କ କହିବା କଥା, ସମସ୍ୟା ସମ୍ପର୍କରେ ବହୁବାର ସ୍ଥାନୀୟ ପ୍ରଶାସନ ଓ ଜନପ୍ରତିନିଧିଙ୍କୁ ଅବଗତ କରାଯାଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ କୌଣସି ଫଳପ୍ରଦ ପଦକ୍ଷେପ ନିଆଯାଇନାହିଁ। ନିର୍ବାଚନ ସମୟରେ ଅନେକ ପ୍ରତିଶ୍ରୁତି ମିଳୁଥିବା ବେଳେ, ନିର୍ବାଚନ ସରିଗଲେ ସମସ୍ୟାକୁ ଭୁଲିଯାଉଥିବା ନେଇ ସେମାନେ କ୍ଷୋଭ ପ୍ରକାଶ କରିଛନ୍ତି।

ଗ୍ରାମବାସୀଙ୍କର ପ୍ରମୁଖ ଦାବି ହେଉଛି କେନାଲ କୂଳ ରାସ୍ତାକୁ ପକ୍କା କରାଯାଉ। ଏହା ହୋଇଗଲେ ଗରଦପୁର ବ୍ରିଜ ସହ ସିଧାସଳଖ ସଂଯୋଗ ସ୍ଥାପନ ହେବା ସହ ଛାତ୍ରଛାତ୍ରୀ, କୃଷକ, ଶ୍ରମିକ ଓ ସାଧାରଣ ଲୋକଙ୍କ ଯାତାୟାତ ବହୁ ସହଜ ହୋଇପାରିବ।

### କାଗଜକଲମରେ ସୀମିତ ସରକାରୀ ନିର୍ଦ୍ଦେଶ

# ଶିକ୍ଷାନୁଷ୍ଠାନରେ ବ୍ୟାନ୍ ହେଉନି ମୋବାଇଲ ଫୋନ୍

**ନଷ୍ଟ ହେଉଛି ଶୈକ୍ଷିକ ବାତାବରଣ**

ବାଲିଆପାଳ,୧୨।୭ (ସଂଚାର ବ୍ୟୁରୋ)ଃ ବିନା ମୋବାଇଲରେ ଜୀବନ ଅତିବାହିତ କରିବା କଷ୍ଟକର ହୋଇପଡ଼ିଛି। ଏହାର ପ୍ରଭାବ ଏତେ ବଢ଼ିଯାଇଛି ଯେ ବର୍ତ୍ତମାନ ସ୍କୁଲ ଓ କଲେଜର ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଅନ୍ଧକାର ଆଡକୁ ଗତି କରୁଛି। ସେହିପରି ଶିକ୍ଷାନୁଷ୍ଠାନରେ ଯେଉଁ ପବିତ୍ରତା ରହୁଥିଲା ତାହା ମୋବାଇଲ ଫୋନର ପ୍ରବେଶ ଦ୍ୱାରା ନିଶ୍ଚିତ ଭାବେ ବ୍ୟାଘାତ ହେଉଥିବା ଦେଖିବାକୁ ମିଳୁଛି। ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀଙ୍କ ଭିତରେ ଯେଉଁ ଗୁରୁ ଭକ୍ତି ଓ ଗୁରୁଙ୍କ ପାଇଁ ସମର୍ପଣର ଭାବ ଥିଲା, ତାହା ନଷ୍ଟ ହେବାରେ ଲାଗିଛି। ତେବେ ଏହାପାଇଁ ଅଧିକାଂଶ ଶିକ୍ଷକ ଓ ଶିକ୍ଷୟିତ୍ରୀ ମଧ୍ୟ ଦାୟୀ।




ବିଦ୍ୟାଳୟରେ ଶିକ୍ଷାଦାନ ସମୟରେ ଶ୍ରେଣୀ ଗୃହରେ କୌଣସି ଶିକ୍ଷକ ମୋବାଇଲ ଫୋନ ବ୍ୟବହାର ନ କରିବା ପାଇଁ ସରକାରୀ ନିର୍ଦ୍ଦେଶ ଅଛି । ଶ୍ରେଣୀ ଗୃହକୁ ଯିବା ପୂର୍ବରୁ ନିଜ ମୋବାଇଲ ଫୋନକୁ ପ୍ରଧାନଶିକ୍ଷକଙ୍କୁ ହସ୍ତାନ୍ତର କରିବା ନିୟମ ଥିଲେ ସୁଦ୍ଧା ଉକ୍ତ ନିୟମକୁ କେହି ପାଳନ କରୁ ନ ଥିବାରୁ ଏହା କେବଳ କାଗଜ କଲମରେ ସୀମିତ ରହିବା ଦ୍ୱାରା ଶୈକ୍ଷିକ ବାତାବରଣ ନଷ୍ଟ ହେବାରେ ଲାଗିଛି। ଏଥିସହ ଛାତ୍ରଛାତ୍ରୀ ମଧ୍ୟ ସାଙ୍ଗରେ ମୋବାଇଲ ଆଣୁଥିବା ଦେଖିବାକୁ ମିଳୁଛି।

ତେବେ ଜିଲ୍ଲା ଶିକ୍ଷାଅଧିକାରୀ ଓ ବ୍ଲକ ଶିକ୍ଷା ଅଧିକାରୀ ଆଗାମୀ ଦିନରେ ଯେପରି କୌଣସି ଶିକ୍ଷାନୁଷ୍ଠାନରେ ଏକ ବଡଧରଣର ଅଘଟଣ ଘଟିବାକୁ ପ୍ରତୀକ୍ଷା ନ କରି ଶିକ୍ଷାନୁଷ୍ଠାନରେ ମୋବାଇଲ ଫୋନର ବ୍ୟବହାର ଉପରେ ପ୍ରତିବନ୍ଧ ଲଗାଇବାକୁ ଅଭିଭାବକ ଦାବି କରିଛନ୍ତି। ଶିକ୍ଷକ ଓ ଶିକ୍ଷୟିତ୍ରୀ ମଧ୍ଯ ଶିକ୍ଷାନୁଷ୍ଠାନରେ ଏହାକୁ ବ୍ୟବହାର କରିବାରୁ ଯେପରି ନିବୃତ୍ତ ରହିବେ ଓ ସରକାରୀ ନିର୍ଦ୍ଦେଶକୁ ଯେପରି ମାନିବେ, ସେଥିପ୍ରତି ବିଭାଗୀୟ ଅଧିକାରୀ କଡ଼ା ଆଭିମୁଖ୍ୟ ଗ୍ରହଣ କରିବା ମଧ୍ୟ ଅତ୍ୟନ୍ତ ଜରୁରୀ ହୋଇପଡ଼ିଛି।

## ରାଜ୍ୟ କିସାନ କଂଗ୍ରେସ କ୍ୟାମ୍ପେନିଂ କମିଟିରେ କେନ୍ଦ୍ରାପଡ଼ାର ଦୁଇ ଯୁବନେତା



କେନ୍ଦ୍ରାପଡ଼ା, ୧୨।୭ (ସଂଚାର ବ୍ୟୁରୋ)ଃ ରାଜ୍ୟ କଂଗ୍ରେସ ପକ୍ଷରୁ ଗଠିତ 'ରାଜ୍ୟ କିସାନ କଂଗ୍ରେସ କ୍ୟାମ୍ପେନିଂ କମିଟି'ରେ କେନ୍ଦ୍ରାପଡ଼ାର ଦୁଇ ଜଣ ଯୁବ ପ୍ରତିଭା ହିମାଂଶୁ ନନ୍ଦ ଏବଂ ଆଦିତ୍ୟ ସ୍ୱାଇଁ ସଦସ୍ୟ ଭାବେ ମନୋନୀତ ହୋଇଛନ୍ତି। ଏହି ନିଯୁକ୍ତି ପରେ ସ୍ଥାନୀୟ କଂଗ୍ରେସ କର୍ମୀଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଛି। ପୂର୍ବରୁ ଯୁବ କଂଗ୍ରେସ କେନ୍ଦ୍ରାପଡ଼ାର ସୋସିଆଲ ମିଡ଼ିଆ ସଂଯୋଜକ ଭାବେ ଦାୟିତ୍ୱ ତୁଲାଇ ଆସୁଥିବା ହିମାଂଶୁ ନନ୍ଦ, ଏହି ନୂତନ ଦାୟିତ୍ୱ ପାଇଁ ଦଳର ବରିଷ୍ଠ ନେତୃତ୍ୱଙ୍କ ନିକଟରେ କୃତଜ୍ଞତା ଜଣାଇଛନ୍ତି। ସେ ରାଜ୍ୟ କଂଗ୍ରେସ ସଭାପତି ଭକ୍ତ ଚରଣ ଦାସ, କିସାନ କଂଗ୍ରେସ ରାଜ୍ୟ ସଭାପତି ଅଭୟ ସାହୁ ଏବଂ ରାଜ୍ୟ କିସାନ କଂଗ୍ରେସ ଚେୟାରମ୍ୟାନ ଅଞ୍ଜନ ସିଂହଙ୍କୁ ଧନ୍ୟବାଦ ଅର୍ପଣ କରିଛନ୍ତି। ଏଥିସହିତ କେନ୍ଦ୍ରାପଡ଼ା ଜିଲ୍ଲା କଂଗ୍ରେସ ସଭାପତି ଡ଼. ଦେବସ୍ମିତା ଶର୍ମା, ସିଦ୍ଧାର୍ଥ ସ୍ୱରୂପ ଦାସ ଏବଂ ପୂର୍ବତନ ବିଧାୟିକା ଡ଼. ସିପ୍ରା ମଲ୍ଲିକଙ୍କୁ ମଧ୍ୟ ସେ କୃତଜ୍ଞତା ଜଣାଇଛନ୍ତି। ନିଜର ପ୍ରତିକ୍ରିୟାରେ ଶ୍ରୀ ନନ୍ଦ କହିଛନ୍ତି, 'ଆଗାମୀ ଦିନରେ ଚାଷୀମାନଙ୍କର ବିଭିନ୍ନ ସମସ୍ୟାକୁ ସୋସିଆଲ ମିଡ଼ିଆ ମାଧ୍ୟମରେ ସରକାରଙ୍କ ଦୃଷ୍ଟିକୁ ଆଣିବା ସହିତ ଦଳକୁ ମଜଭୁତ କରିବା ଆମର ମୁଖ୍ୟ ଲକ୍ଷ୍ୟ।'

## ବିଧାୟକଙ୍କ ଜନଶୁଣାଣି କାର୍ଯ୍ୟକ୍ରମ



ଧର୍ମଶାଳା,୧୨।୭ (ସଂଚାର ବ୍ୟୁରୋ)ଃ ଧର୍ମଶାଳା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଜାରକା ଜୋନର କୁମାରିସ୍ଥିତ ବିଜେପି କାଯ୍ୟାଳୟରେ ଆଜି ବିଧାୟକ ହିମାଂଶୁ ଶେଖର ସାହୁଙ୍କ ଦ୍ୱାରା ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ବିଧାୟକ ଶ୍ରୀ ସାହୁ ନିଜେ ଲୋକମାନଙ୍କ ଅଭିଯୋଗ ଶୁଣି ତାହାର ସମାଧାନ କରିଛନ୍ତି । ଏହି ଜନଶୁଣାଣିରେ ବିଭିନ୍ନ ପଦପଦବୀରେ ଥିବା ଦଳୀୟ କର୍ମୀମାନେ ଉପସ୍ଥିତ ରହି ବିଧାୟକଙ୍କ ନିର୍ଦ୍ଦେଶକ୍ରମେ ସାଧାରଣ ଲୋକମାନଙ୍କ ସମସ୍ୟା ବୁଝିବାରେ ସହଯୋଗ କରିଥିଲେ।

ତେବେ ଆଜି ଲୋକମାନଙ୍କ ପକ୍ଷରୁ ଭତ୍ତା, ଆବାସ ଗୃହ, ରାସନ କାର୍ଡ, ଭୂମିହିନଙ୍କୁ ପଟ୍ଟା ପ୍ରଦାନ ଆଦି ୭୧୧ ଗୋଟି ସରକାରୀ ଓ ବେସରକାରୀ ସମସ୍ୟା ମଧ୍ୟରୁ ଅନେକ ସମସ୍ୟାର ତୁରନ୍ତ ସମାଧାନ କରାଯିବା ସହ କେତେକ ସମସ୍ୟାକୁ ସମାଧାନ କରିବାକୁ ବିଧାୟକ ଶ୍ରୀ ସାହୁ ସମ୍ପୃକ୍ତ ଦାୟିତ୍ୱରେ ରହିଥିବା କର୍ମୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଆଜି ନିର୍ବାଚନ ମଣ୍ଡଳୀର ୫୪ ଗୋଟି ପଂଚାୟତରୁ ବହୁ ସଂଖ୍ୟାରେ ଲୋକମାନେ ଉପସ୍ଥିତ ହୋଇ ବିଧାୟକଙ୍କ ସହିତ ସିଧାସଳଖ କଥା ହେବାର ସୁଯୋଗ ପାଇ ନିଜର ସମସ୍ୟାକୁ ବିଧାୟକଙ୍କ ଆଗରେ ଉପସ୍ଥାନ କରିଥିଲେ।

ତେବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କ ଦ୍ୱାରା ଏଭଳି ଜନଶୁଣାଣି ଆରମ୍ଭ କରାଯାଇଥିବା ବେଳେ ବିଧାୟକ ଶ୍ରୀ ସାହୁ ନିଜ ନିର୍ବାଚନ ମଣ୍ଡଳୀର ଲୋକମାନଙ୍କ ସହିତ ମିଶିବା ସହିତ ସେମାନଙ୍କ ସୁଖଦୁଃଖ ଶୁଣିବାର ସୁଯୋଗ ପାଇଥିବାରୁ ନିଜକୁ ଧନ୍ୟମନେ କରିଛନ୍ତି । ଧର୍ମଶାଳା ନିର୍ବାଚନ ମଣ୍ଡଳୀର ସମସ୍ତ ୬ ଟି ଜୋନରେ ଏଭଳି ବିଧାୟକଙ୍କ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ।

## ନୂଆ କାମରେ ପୁରୁଣା ଛଡ଼ ବ୍ୟବହାର

- ବିନା ସୂଚନା ଫଳକରେ କାମକୁ ନେଇ ସନ୍ଦେହ



ମହାକାଳପଡ଼ା, ୧୨।୭ (ସଂଚାର ବ୍ୟୁରୋ)ଃ ମହାକାଳପଡ଼ା ବ୍ଲକ୍ ଅନ୍ତର୍ଗତ ପେଟଛେଲା ପଞ୍ଚାୟତର ବିବି କଲୋନୀରେ ଚାଲିଥିବା ଏକ ନିର୍ମାଣ କାମକୁ ନେଇ ସ୍ଥାନୀୟ ଅଞ୍ଚଳରେ ପ୍ରଶ୍ନ ଉଠିଛି। ନୂତନ ନିର୍ମାଣ କାମରେ ପୁରୁଣା ଲୁହା ଛଡ଼ ବ୍ୟବହାର କରାଯାଉଥିବା ଅଭିଯୋଗ ହୋଇଛି। ଏହା ସହ କାମ ସ୍ଥଳରେ କୌଣସି ସୂଚନା ଫଳକ ଲଗାଯାଇ ନଥିବାରୁ ପ୍ରକଳ୍ପର ନାମ, ଅନୁମୋଦିତ ଅର୍ଥରାଶି, କାର୍ଯ୍ୟନିର୍ବାହୀ ସଂସ୍ଥା ଓ କାମର ସମୟସୀମା ସମ୍ପର୍କରେ ସାଧାରଣ ଲୋକ ଅବଗତ ହୋଇପାରୁ ନାହାନ୍ତି। ହେଲେ ଏକ ବନ୍ଧ ନିକଟରେ ହେଉଥିବାରୁ ଜଳସମ୍ପଦ ବିଭାଗର କାର୍ଯ୍ୟ ବୋଲି ଆଶଙ୍କା କରାଯାଉଛି। ଏହାକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ କାମର ସ୍ୱଚ୍ଛତା ଓ ଗୁଣବତ୍ତା ନେଇ ସନ୍ଦେହ ପ୍ରକାଶ ପାଇଛି। ଘଟଣାର ତଦନ୍ତ କରି ପ୍ରକୃତ ସ୍ଥିତି ସ୍ପଷ୍ଟ କରିବା ସହ ଅନିୟମିତତା ଥିଲେ , ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ପଦକ୍ଷେପ ନେବାକୁ ସ୍ଥାନୀୟ ଲୋକ ଦାବି କରିଛନ୍ତି।

## ବିଦ୍ୟାଳୟ ଭିତରେ ପଶି ଶିକ୍ଷକଙ୍କୁ ଅଭିଭାବକଙ୍କ ହତ୍ୟା ଧମକ



ସତ୍ୟବାଦୀ, ୧୨।୭ (ସଂଚାର ବ୍ୟୁରୋ)ଃ ସମ୍ପ୍ରତି ଶୈକ୍ଷିକ ବାତାବରଣ କ୍ରମଶଃ କଳୁଷିତ ହେବାରେ ଲାଗିଛି। ସତ୍ୟବାଦୀ ବ୍ଲକ ଅନ୍ତର୍ଗତ ଶୁକଳ ସ୍ଥିତ ତୃତୀୟାଦେବ ବିଦ୍ୟାନିକେତନରେ ଜଣେ ଅଭିଭାବକ ବିଦ୍ୟାଳୟ ପରିସରରେ ପଶି ଶିକ୍ଷକଙ୍କୁ ହତ୍ୟା ଧମକ ଦେଇଛନ୍ତି। ବିଦ୍ୟାଳୟର ଖେଳ ଶିକ୍ଷକ କୌଣସି କାରଣରୁ ଜଣେ ଛାତ୍ରଙ୍କୁ ଚାପୁଡ଼ା ମାରିଥିଲେ ବୋଲି ଅଭିଯୋଗ ହୋଇଥିଲା। ଏହି ଖବର ପାଇ ଛାତ୍ରଙ୍କ ଅଭିଭାବକ ଉତକ୍ଷିପ୍ତ ହୋଇ ସିଧାସଳଖ ବିଦ୍ୟାଳୟର କାର୍ଯ୍ୟାଳୟ ଭିତରେ ପଶି ଖେଳ ଶିକ୍ଷକଙ୍କୁ ଖୋଲାଖୋଲି ଭାବେ ଧମକ ଦେଇ କହିଥିଲେ ଯେ, "ମୋ ପୁଅକୁ କାହିଁକି ଚାପୁଡ଼ା ମାରିଲୁ, ମାରିଦେବି ତତେ।" ଅଫିସ୍ ଭିତରେ ଘଟିଥିବା ଏହି ବାକ୍‌ବିତଣ୍ଡା ଓ ହତ୍ୟା ଧମକର ଭିଡିଓ ଏବେ ସାମାଜିକ ଗଣମାଧ୍ୟମରେ (ସୋସିଆଲ୍ ମିଡିଆ) ଖୁବ୍ ଜୋରରେ ଭାଇରାଲ୍ ହେବାରେ ଲାଗିଛି। ବିଦ୍ୟାଳୟ ପରିସରରେ ଏଭଳି ଅଭାବନୀୟ ପରିସ୍ଥିତି ସୃଷ୍ଟି ହେବା ପରେ ଅନ୍ୟ ଶିକ୍ଷକ ଓ ଶିକ୍ଷୟିତ୍ରୀମାନେ ଭୟଭୀତ ହୋଇପଡିଛନ୍ତି। ଏହି ଭିଡିଓ ଭାଇରାଲ୍ ହେବା ପରେ ଘଟଣାକୁ ନେଇ ବିଭିନ୍ନ ମହଲରେ ଉଦ୍‌ବେଗ ପ୍ରକାଶ ପାଇଛି।

## ଖଣିଜ ଚୋରା ଚାଲାଣଃ ଟ୍ରକ ଜବତ, ୨ ଗିରଫ



ଯୋଡ଼ା, ୧୨।୭ (ସଂଚାର ବ୍ୟୁରୋ)ଃ କେନ୍ଦୁଝର ଜିଲ୍ଲା ବାମେବାରୀ ଥାନା ଅନ୍ତର୍ଗତ ନୟାଗଡ଼ ଅଞ୍ଚଳରେ ଚୋରା ଖଣିଜ ଚାଲାଣ ବେଳେ ବାମେବାରୀ ପୁଲିସ ଅତର୍କିତ ଚଢ଼ାଉ କରି ଏକ ଟ୍ରକ ଓ ଲୋଡର ମେସିନ ଜବତ କରିବା ସହ ଦୁଇ ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି। ପୁଲିସ ସୂଚନା ଅନୁଯାୟୀ, ଗତ ୧୧ ତାରିଖ ଭୋର ସମୟରେ ବାମେବାରୀ ଥାନା ପୁଲିସ ପାଟ୍ରୋଲିଂ କରୁଥିବା ବେଳେ ନୟାଗଡ଼ ଅଞ୍ଚଳରେ ଚୋରା ଲୁହାପଥର ଚାଲାଣ ହେଉଥିବା ସମ୍ପର୍କରେ ସୂଚନା ପାଇଥିଲେ। ଏହାପରେ ଅତର୍କିତ ଚଢ଼ାଉ କରି ଲୁହାପଥର ବୋଝେଇ ଟ୍ରକକୁ ଜବତ କରିଥିଲା। ସେହିପରି ଲୋଡିଂ କାର୍ଯ୍ୟରେ ବ୍ୟବହୃତ ଏକ ଲୋଡର ମେସିନକୁ ମଧ୍ୟ ଜବତ କରାଯାଇଥିଲା। ଘଟଣାରେ ସମ୍ପୃକ୍ତ ଥିବା ଦୁଇ ଜଣ ଅଭିଯୁକ୍ତ ସୁଦାମ ସାଇ (୩୨), ଗ୍ରାମ- ଉପର ହିସରୀ, ଜିଲ୍ଲା- ଲୋହାରଦାଗା ଏବଂ ରାଜେଶ କୁମାର ସିଂ (୨୨), ଗ୍ରାମ- ଟିକ ବଡ଼କଟୋଲୀ, ଜିଲ୍ଲା- ଲୋହାରଦାଗା, ଝାରଖଣ୍ଡଙ୍କୁ ପୁଲିସ ଗିରଫ କରି ଉଭୟ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ବାମେବାରୀ ଥାନା ଅଧିକାରୀ ଝସକେତନ ଭୋଇ ସୂଚନା ଦେଇଛନ୍ତି।

### ସୋଆରେ ଆଇଏନଏଇ ଟେକ୍ନୋଲୋଜି କନ୍‌କ୍ଲେଭ

# ସ୍ୱଦେଶୀ ପ୍ରଯୁକ୍ତିବିଦ୍ୟାର ବିକାଶ ଉପରେ ଗୁରୁତ୍ୱାରୋପ

ଭୁବନେଶ୍ୱର, ୧୨।୭ (ସଂଚାର ବ୍ୟୁରୋ)ଃ ଦେଶର ଶିଳ୍ପ ଓ ଅର୍ଥନୈତିକ ବିକାଶକୁ ଗତିଶୀଳ କରିବା ପାଇଁ ସ୍ୱଦେଶୀ ପ୍ରଯୁକ୍ତିବିଦ୍ୟାର ବିକାଶ ଅପରିହାର୍ଯ୍ୟ ବୋଲି ଶନିବାର ଶିକ୍ଷା 'ଓ' ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟ ପରିସରରେ ଉଦ୍‌ଘାଟିତ ହୋଇଥିବା ଭାରତୀୟ ଜାତୀୟ ଯାନ୍ତ୍ରିକ ଏକାଡେମୀ (ଆଇଏନଏଇ) ପକ୍ଷରୁ ଆୟୋଜିତ ଦୁଇ ଦିନିଆ ଦ୍ୱିତୀୟ ଟେକ୍ନୋଲୋଜି କନ୍‌କ୍ଲେଭରେ ବିଶେଷଜ୍ଞମାନେ ମତ ପ୍ରକାଶ କରିଛନ୍ତି।




ଉଦ୍‌ଘାଟନୀ ଅଧିବେଶନରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଷ୍ଟିଲ୍ ଅଥରିଟି ଅଫ୍ ଇଣ୍ଡିଆ ଲିମିଟେଡ୍ (ସେଲ୍‌ଫ)ର ଅଧ୍ୟକ୍ଷ ଓ ପରିଚାଳନା ନିର୍ଦ୍ଦେଶକ ଡକ୍ଟର ଅଶୋକ କୁମାର ପଣ୍ଡା କହିଥିଲେ ଯେ, ଭାରତରେ ଇସ୍ପାତ ଉତ୍ପାଦନ ପାଇଁ ଏପର୍ଯ୍ୟନ୍ତ କୌଣସି ସ୍ୱଦେଶୀ ପ୍ରଯୁକ୍ତିବିଦ୍ୟା ବିକଶିତ ହୋଇନାହିଁ ଏବଂ ଦେଶର ସମସ୍ତ ଇସ୍ପାତ କାରଖାନା ବିଦେଶରୁ ଅଣାଯାଇଥିବା ପ୍ରଯୁକ୍ତି ଉପରେ ନିର୍ଭର କରୁଛି।

ସେ କହିଥିଲେ, "ଇସ୍ପାତ ଉତ୍ପାଦନରେ ପ୍ରଦୂଷଣ ହ୍ରାସ କରିବା ସହ ସ୍ୱଦେଶୀ ପ୍ରଯୁକ୍ତିର ବିକାଶ ପାଇଁ ବ୍ୟାପକ ଗବେଷଣାର ଆବଶ୍ୟକତା ରହିଛି।"

ଆଇଏନଏଇର ସଭାପତି ଶ୍ରୀ ଜେ.ଡି. ପାଟିଲ୍‌ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉଦ୍‌ଘାଟନୀ ସମାରୋହରେ ପୂର୍ବତନ ଆଇଏନଏଇ ସଭାପତି ଓ ବିଟ୍‌ସ ମେସ୍ରାର କୁଳପତି ପ୍ରଫେସର ଇନ୍ଦ୍ରନୀଲ ମାନ୍ନା, ଡାନିଏଲି ଇଣ୍ଡିଆର ସିନିୟର ଭାଇସ୍ ପ୍ରେସିଡେଂଟ ଶ୍ରୀ ମନୋରଞ୍ଜନ ରାମ ଏବଂ ଆଇଏନଏଇ ଭୁବନେଶ୍ୱର ଚାପ୍‌ଟରର ଅଧ୍ୟକ୍ଷ ତଥା ସୋଆର ଆନ୍ତର୍ଜାତିକ ଉପଦେଷ୍ଟା ମଣ୍ଡଳୀର ଅଧ୍ୟକ୍ଷ ପ୍ରଫେସର ଦାମୋଦର ଆଚାର୍ଯ୍ୟ ବକ୍ତବ୍ୟ ରଖିଥିଲେ।

# ଗୋଳିଆ ସୁଅରେ ଦେବୀ ନଦୀ

କାକଟପୁର/ଅସ୍ତରଙ୍ଗ, ୧୨।୭ (ସଂଚାର ବ୍ୟୁରୋ)ଃ ଲଗାଣ ବର୍ଷା ଯୋଗୁଁ ହୀରାକୁଦ ଜଳଭଣ୍ଡାରର ଗେଟ ଖୋଲିବା ପରେ ଚଳିତ ବର୍ଷର ପ୍ରଥମ ବନ୍ୟା ଜଳ ମହାନଦୀର ଶାଖା ନଦୀ ଦେବୀରେ ପ୍ରବେଶ କରିଛି। ନଦୀର ପାଣି ସମ୍ପୂର୍ଣ୍ଣ ଗୋଳିଆ ହୋଇ କ୍ଷୀପ୍ର ଗତିରେ ସୁଅ ସୃଷ୍ଟି କରୁଛି। ଫଳରେ ପୁରୀ ଜିଲ୍ଲା କାକଟପୁର ଓ ଅସ୍ତରଙ୍ଗ ବ୍ଲକ ଅଧୀନ ଦେବୀ ତଟବର୍ତ୍ତୀ ଅଞ୍ଚଳରେ ବନ୍ୟା ଆଶଙ୍କା ବଢ଼ିଯାଇଛି।

ଶନିବାର କାକଟପୁର ବାଉରିଆକଣ ନିକଟରେ ଦେବୀ ନଦୀର ଜଳସ୍ତର ବୃଦ୍ଧି ପାଉଥିଲେ ମଧ୍ୟ ଏହା ବିପଦସଂକୁଳ ତଳେ ପ୍ରବାହିତ ହେଉଛି। ତଥାପି ଆଗାମୀ ୪୮ଘଣ୍ଟା ମଧ୍ୟରେ ଆହୁରି ପାଣି ଛଡାଯିବାର ସମ୍ଭାବନା ଥିବାରୁ ତଳିଆ ଅଞ୍ଚଳ ଜଳମଗ୍ନ ହେବାର ଆଶଙ୍କା ସୃଷ୍ଟି ହୋଇଛି। ବିଶେଷ କରି ଅସ୍ତରଙ୍ଗ ବ୍ଲକର ଓସିଆଁ ନଦୀ ପଠା ଓ ଖଣ୍ଡାସାହି ନଦୀ



ବନ୍ଧ ନିକଟରେ ଚାଷୀମାନେ କରିଥିବା ଏକର ଏକର ପନିପରିବା ଫସଲ ବର୍ତ୍ତମାନ ବିପଦରେ ପଡିଛି। ନଦୀ ପାଣି ଆହୁରି ବଢ଼ିଲେ ସମ୍ପୂର୍ଣ୍ଣ ଫସଲ ପାଣିରେ ନଷ୍ଟ ହୋଇଯିବ ବୋଲି ଚାଷୀମାନେ ଆଶଙ୍କା କରୁଛନ୍ତି।

ସେହିପରି ଅସ୍ତରଙ୍ଗ ବ୍ଲକ ଅଧୀନ ପୁଇଁଚାନ୍ଦିଆ, ବିଲୁଆମଣ୍ଡୁଳି, ନଗର ଓ ସହନ ଆଦି ତଳିଆ ଅଞ୍ଚଳର ଶହ ଶହ ଏକର ଚାଷ ଜମି ଜଳମଗ୍ନ ହେବାର ସମ୍ଭାବନା ରହିଛି। ଏହି ଅଞ୍ଚଳରେ ଅଧିକାଂଶ ଚାଷୀ ଧାନ ଓ ପରିବା ଚାଷ କରିଥାନ୍ତି । ବନ୍ୟା ଜଳ ପ୍ରବେଶ କଲେ ସେମାନେ ବହୁ କ୍ଷତିର ସମ୍ମୁଖୀନ ହେବେ।

ଅନ୍ୟ ପଟେ ବର୍ଷା ଜଳ ନିଷ୍କାସନ ପାଇଁ ନଗର ପଂଚାୟତ ବାଲିଡିଆ ନିକଟରେ ସାଇପନ ନିର୍ମାଣ ପାଇଁ ଖୋଲା ଯାଇଥିବା ବନ୍ଧକୁ ବନ୍ୟା ଆସୁଥିବାରୁ ବନ୍ଧ ପୋତା ଯାଇଛି।

**ତଳିଆ ଅଞ୍ଚଳରେ ବଢ଼ିଲା ଚିନ୍ତା**

**ସାଇଫନ ପାଇଁ ଖୋଲା ବନ୍ଧ ହେଲା ମରାମତି**

**ଏକର ଏକର ଫସଲ ନଷ୍ଟ ହେବାର ଡର**

ଜଳ ସମ୍ପଦ ବିଭାଗ ସୂତ୍ରରୁ ଜଣାପଡିଛି ଯେ ଦେବୀ ନଦୀରେ ବର୍ତ୍ତମାନ ପ୍ରବାହ ସ୍ୱାଭାବିକ ଅଛି। କିନ୍ତୁ ହୀରାକୁଦରୁ ପାଣି ଛଡା ଜାରି ରହିଲେ ଜଳସ୍ତର ଆହୁରି ବୃଦ୍ଧି ପାଇପାରେ।

ତେବେ ଚାଷୀମାନେ ଦାବି କରିଛନ୍ତି ଯେ ଯୁଦ୍ଧକାଳୀନ ଭିତ୍ତିରେ ନଦୀ ବନ୍ଧ ମରାମତି କରାଯାଉ। ଅନ୍ୟଥା ଚଳିତ ବର୍ଷର ପ୍ରଥମ ବନ୍ୟା ଜଳ ହିଁ ସେମାନଙ୍କ ପାଇଁ ବଡ କ୍ଷତିର କାରଣ ହେବା ସହ ଆଗାମୀ ଦିନରେ ଅବସ୍ଥା ଆହୁରି ଗୁରୁତର ହୋଇପାରେ।

## ଯୁବନେତା ଦୀପକଙ୍କ ଜନ୍ମ ଦିନରେ ଦଶରଥ ନନ୍ଦନ ଟ୍ରଷ୍ଟ ପକ୍ଷରୁ ଚାରାରୋପଣ

ରାଜକନିକା, ୧୨।୭ (ସଂଚାର ବ୍ୟୁରୋ)ଃ ଯୁବନେତା ଦୀପକଙ୍କ ଜନ୍ମଦିନ ଅବସରରେ ଦଶରଥ ନନ୍ଦନ ଟ୍ରଷ୍ଟ ପକ୍ଷରୁ ଆଜି ଅପରାହ୍ନରେ ରାଜକନିକା ନନ୍ଦିମାହରା-ଚାଲୁଣିଆ ରାସ୍ତା କଡ଼ରେ ଶତାଧିକ ଚାରାରୋପଣ କରାଯାଇଛି। ପରିବେଶ ସୁରକ୍ଷା ଓ ସବୁଜ ବାର୍ତ୍ତା ପ୍ରଚାରର ଲକ୍ଷ୍ୟ ନେଇ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଟ୍ରଷ୍ଟର ସଦସ୍ୟ, ସାମାଜିକ କର୍ମୀ ଓ ସ୍ଥାନୀୟ ଯୁବକମାନେ ସକ୍ରିୟ ଭାବେ ଯୋଗଦେଇ ବିଭିନ୍ନ ପ୍ରଜାତିର ଚାରାରୋପଣ କରିଥିଲେ।

ଏହି ଅବସରରେ ବିଜେପି ଯୁବନେତା ଅଞ୍ଜଳ ନାୟକ କହିଥିଲେ ଯେ, ବୃକ୍ଷରୋପଣ କେବଳ ଏକ ଦିନର କାର୍ଯ୍ୟକ୍ରମ ନୁହେଁ, ବରଂ ଆଗାମୀ ପିଢ଼ି ପାଇଁ ଏକ ସୁସ୍ଥ ଓ ସବୁଜ ପରିବେଶ ଗଠନର ସାମୂହିକ ଦାୟିତ୍ୱ। ଜନ୍ମଦିନକୁ ସେବା ଓ ସମାଜ କଲ୍ୟାଣମୂଳକ କାର୍ଯ୍ୟ ମାଧ୍ୟମରେ ପାଳନ କରିବା ଏକ ପ୍ରଶଂସନୀୟ ପଦକ୍ଷେପ ବୋଲି ବିଜେପି ଯୁବନେତା ଦେବଜ୍ୟୋତି



ଜେନା ମତ ପ୍ରକାଶ କରିଥିଲେ। ଶେଷରେ ରୋପଣ କରାଯାଇଥିବା ଚାରାଗୁଡ଼ିକର ଯତ୍ନ ଓ ସୁରକ୍ଷା ପାଇଁ ସମସ୍ତେ ସଂକଳ୍ପ ନେଇଥିଲେ।

ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସଦର କନିକା ମଣ୍ଡଳ ବିଜେପି ସଭାପତି ପ୍ରକାଶ ଚନ୍ଦ୍ର ନାୟକ, ଯୁବନେତା ସୁମନ୍ତ କୁମାର ନାୟକ, ଦେବେନ୍ଦ୍ର କୁମାର ବାରିକ୍, ମାନସ ରଞ୍ଜନ ମଲ୍ଲିକ, ଅମରେନ୍ଦ୍ର ଦାସ ଓ ଚିତ୍ତରଞ୍ଜନ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

ସଂଚାର THE SANCHAR

# ସିଟି salad

## ରାଜଧାନୀରେ ଗୁରୁ ଚେଲା ଯୋଡ଼ି

ରାଜଧାନୀ ରାଜନୀତିରେ ଏବେ ତିନି ଯୋଡି ଗୁରୁ ଚେଲାଙ୍କୁ ଚର୍ଚ୍ଚା। ଖୋଦ୍ ଶାସକଦଳର ଏଭଳି ଗୁରୁ ଚେଲାଙ୍କୁ ନେଇ ଆଲୋଚନା ବି ସରଗରମ ହୋଇଛି। ଏଭଳି ଯୋଡି ପୁଣି ଖୋଦ୍ ରାଜଧାନୀର ମଧ୍ୟ ନିର୍ବାଚନମଣ୍ଡଳୀରେ। ଏଠାରେ ଶାସକଦଳର ତିନି ତିନି ଜଣ ଆଶାୟୀ ଏବେ ଠାରୁ ଅଣ୍ଟା ଭିଡିଛନ୍ତି। ଏମାନଙ୍କ ଗୁରୁମାନେ ବି ଚେଲାଙ୍କ ପଛରେ ରହି ବଳ ଦେଉଛନ୍ତି।



ଏହି ଗୁରୁ ଚେଲାଙ୍କ ମଧ୍ୟରେ ରହିଛନ୍ତି ବିଜେପି ସଭାପତି ମନମୋହନ ସାମଲଙ୍କ ପାଖରେ ଜଗନ୍ନାଥ ପ୍ରଧାନ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କର ରାଣା ପ୍ରତାପ ଓ ଅପରାଜିତାଙ୍କ ରୁଦ୍ର। ଏହି ତିନି ଜଣ ଆଶାୟୀ ମଧ୍ୟ ନିର୍ବାଚନ ମଣ୍ଡଳୀରେ ଏବେଠାରୁ ବଳ ଲଗାଇଛନ୍ତି। ଗୋଟିଏ ଦଳରେ ଥାଇ କେହି କାହାର ଛାଇ ବି ମାଡୁ ନାହାନ୍ତି। ସମସ୍ତଙ୍କର ଗୋଟିଏ ଲକ୍ଷ୍ୟ ଆଗାମୀ ସାଧାରଣ ନିର୍ବାଚନରେ ବିଧାୟକ ପ୍ରାର୍ଥୀଟିଏ ହେବା। ସମସ୍ତେ ସେହି ଲାଇନ୍‌ରେ ରହିଛନ୍ତି। ତେବେ ଯଦି ଏହି ଧାରାରେ କାମ ଜାରି ରଖନ୍ତି ତେବେ ଟିକଟ ବଣ୍ଟନ ସମୟରେ ଧର୍ମଗୁଳା ପଡିବ ନା ଆଉ କେଉଁ ପ୍ରକାରର ପ୍ରତିଯୋଗିତା ହେବ ତାହାକୁ ନେଇ ଚର୍ଚ୍ଚା ଜୋର ଧରିଛି। ମଧ୍ୟ ନିର୍ବାଚନମଣ୍ଡଳୀରେ ପୁରୁଣା ଖେଳୁଆଡ ଅନନ୍ତ ନାରାୟଣ ଏବେ ବିଜେଡିର ବିଧାୟକ। ତେବେ ଯଦି ଟିକଟ ବଣ୍ଟନ ପୂର୍ବରୁ ଅନନ୍ତ ଦଳ ବଦଳ କରନ୍ତି ଏମାନେ ତିନି କଣ କ'ଣ କରିବେ ତାହା ବି ରାମମନ୍ଦିର ନିକଟରେ ଆଲୋଚନା ହେଉଛି।

## ଲୁହରେ ଭିଜିଲା କମିଶନରେଟ କୋଠା

କମିଶନରେଟ କୋଠା ଭିତରେ ଧାର ଧାର ଲୁହ। ଲୁହ ଗଡାଉଥିବା ଖାକି ମ୍ୟାଡାମ ନିଜ ଦୁଃଖ ଜଣାଇ ଏଭଳି ଲୁହ ଗଡାଇଲେ ଯେ ତାକୁ ଦେଖୁଥିବା ଅନ୍ୟମାନେ ବି ନିଜ ଆଖି ଉପରେ ନିୟନ୍ତ୍ରଣ ରଖିପାରିଲେ ନାହିଁ। କିଛି ତଳିଆ ଖାକି ବାବୁ କରୁଥିବା ଆଲୋଚନା ଅନୁଯାୟୀ ଅଳ୍ପ ଦିନ ତଳେ କମିଶନରେଟ କୋଠାରେ ବଡ ଖାକିବାବୁମାନଙ୍କର ଗୋଟିଏ ବୈଠକ ଚାଲିଥିଲା। ବୈଠକ ସରିବା ପରେ ଉପସ୍ଥିତ ଜଣେ ମହିଳା ଖାକି କୁଆଡେ ବିରହ ବେଦନାରେ ଜର୍ଜରିତ ହୋଇ ଦୁଃଖ ବଖାଣିବା ସହିତ କାନ୍ଦି କାନ୍ଦି ଆଖି ଲାଲ କରିଦେଲେ। ଯାହାକୁ ପାରିଲେ ଧରିକି କାନ୍ଦିଲେ। କିନ୍ତୁ ଖାକି ବାବୁଙ୍କ କାନ୍ଧରେ ମୁଣ୍ଡ ରଖି କୁଆଡେ ଏମିତି ଲୁହ ଗଡାଇଲେ ଯେ ତାଙ୍କ ପୋଷାକ ଓଦା ହୋଇଗଲା। ତେବେ ଏଭଳି କାନ୍ଦ ସଂକ୍ରାନ୍ତରେ ହେଉଥିବା ଆଲୋଚନା ଅନୁଯାୟୀ ଖାକି ମ୍ୟାଡାମଙ୍କ ଖାସ୍ ଲୋକ ତାଙ୍କ ଠାରୁ ଦୂରେଇ ଯିବା ବିରହରେ ସିଏ କୁଆଡେ ରୋଦନ କରୁଥିଲେ। ଯେଉଁମାନେ ଏହା ଜାଣିଥିଲେ ସେମାନେ କାନ୍ଦର ମଜା ନେଉଥିବାବେଳେ ଯେଉଁମାନେ କିଛି ନଜାଣି ହଠାତ୍ ଏଭଳି କାନ୍ଦ ଦେଖିଲେ ସେମାନେ ଲୁହ ଗଡାଇଦେଲେ। କିଛି ସମୟ ପରେ ଯେତେବେଳେ କଥାଟା ସଭାସ୍ଥଳରେ ଫୁଟିଆରା ହେଲା ସେତେବେଳକୁ ଅନେକ ଖାକି ମ୍ୟାଡାମଙ୍କ କଣେଇ କଣେଇ ଚାହୁଁଥିଲେ। ହେଲେ ମ୍ୟାଡାମ କିନ୍ତୁ ମନେ ମନେ ଯାହାଙ୍କୁ ଖୋଜୁଥିଲେ ତାଙ୍କ ନପାଇ କିଛି ସମୟ ପରେ ସଭାସ୍ଥଳ ଛାଡି ଚାଲିଯାଇଥିଲେ।



## ଶ୍ୱଶୁରଙ୍କ ପାଇଁ ଅକଳରେ ବିଧାୟକ



ପୁରୀ ବିଧାୟକ ସୁନୀଲ ମହାନ୍ତଙ୍କ ଗୁମାସ୍ତା ଉବାଚକୁ ନେଇ ବିଜେଡି ରାଜନୀତି ସରଗରମ ହୋଇଥିବାବେଳେ କର୍ମୀମାନେ କିନ୍ତୁ ଏହା ତାଙ୍କ ଶ୍ୱଶୁରଙ୍କ ପ୍ରଭାବ ବୋଲି କହୁଛନ୍ତି। ବିଜେଡିର କିଛି କର୍ମୀଙ୍କ କହିବାକଥା ହେଲା ଶ୍ୱଶୁରଙ୍କ ପାଇଁ କିଛି ଦିନ ହେଲା ସୁନୀଲ ବିଜେଡିକୁ କରଛଡା ଦେଉଛନ୍ତି। ନିଜ ଦଳର ନେତାଙ୍କ ବଦଳରେ ସୁନୀଲ କିଛିଦିନ ହେଲା ଉପମୁଖ୍ୟମନ୍ତ୍ରୀ ନିକଟତର ହୋଇଛନ୍ତି। ଏମିତିକି ତାଙ୍କ ଗାଡିରେ ବି ଯିବା ଆସିବା କରୁଛନ୍ତି। ଏକଦା ପୁରୀ ବିଜେଡି କହିଲେ ସୁନୀଲଙ୍କ ପିତା ମହେଶ୍ୱରଙ୍କୁ ବୁଝାଉଥିଲା। ଶେଷ ଜୀବନ ପର୍ଯ୍ୟନ୍ତ ସିଏ ଦଳର ଅନୁଗତ ଥିଲେ। ତାଙ୍କରି ଲୋକପ୍ରିୟତା ଯୋଗୁଁ ସୁନୀଲ ଆଜି ବିଧାୟକ। ହେଲେ ଏବେ କୁଆଡେ ନିଜ ଶ୍ୱଶୁରଙ୍କ ବ୍ୟବସାୟର ସୁରକ୍ଷାପାଇଁ ସିଏ ଗୁମାସ୍ତା ଉବାଚ ଉଠାଇଛନ୍ତି। କିନ୍ତୁ କାହାକୁ ଲକ୍ଷ୍ୟକରି ସୁନୀଲ ଏଭଳି କଥା କହିଛନ୍ତି ତାହା ସ୍ପଷ୍ଟ କରୁନାହାନ୍ତି। କଥାଟାକୁ କିନ୍ତୁ ବିଜେଡି ମହଲରେ ସହଜରେ ଗ୍ରହଣ କରାଯାଇ ନାହିଁ। ଏହାକୁ ନେଇ ଭିତରେ ଭିତରେ ଆଲୋଚନା ଜୋର ଧରିଛି। ପୁରୀରେ ଯଦିଓ ଗୁମାସ୍ତା ଶବ୍ଦଟି ଭାରି ଲୋକପ୍ରିୟ ଓ ସୁନୀଲଙ୍କର ତାହା ଉପରେ ବେଶ୍ ଅଭିଜ୍ଞତା ରହିଛି କିନ୍ତୁ ଯେଉଁଭଳି ଭାବେ ସେ କହିଛନ୍ତି ତାହାକୁ ଦଳୀୟ ନେତାମାନେ ସହଜରେ ଗ୍ରହଣ କରିପାରୁ ନାହାନ୍ତି। କିଛି କର୍ମୀଙ୍କ କହିବାକଥା ଶ୍ୱଶୁରଙ୍କ କଥାରେ ପଡି ସୁନୀଲ ଯଦି ଏଭଳି କହିଥିବେ ତେବେ ଆଗକୁ ଉଭୟ ଶ୍ୱଶୁର ଜ୍ୱାଇଁଙ୍କ ପାଇଁ ସିଏ ନିଜେ ହିଁ ବିପଦକୁ ନିମନ୍ତ୍ରଣ କରିଛନ୍ତି। ଦେଖାଯାଉ ସୁନୀଲ କେବେ ଗୁମାସ୍ତା କଥା ଉପରୁ ପରଦା ହଟାଇବେ।

## ରବୀନ୍ଦ୍ରଙ୍କ ରାସ୍ତାରେ ପ୍ରଭାତ



ଘରେ ଗୋଟିଏ ଥାଳିରେ ଖାଉଥିବା। ହେଲେ ଘର ବାହାରେ ଦୁଇ ଦଳରେ ଥିବା। ବାଲେଶ୍ୱରରୁ ଆରମ୍ଭ ହୋଇଥିବା ଏଭଳି ରାଜନୀତି ଆସି କଟକରେ ପହଞ୍ଚିଛି। ବାଲେଶ୍ୱରରେ ରବୀନ୍ଦ୍ରଙ୍କ ଘରେ ଯାହା ଚାଲିଛି ତାହା ଏବେ କଟରେ ପ୍ରଭାତ ବିଶ୍ୱାଳଙ୍କ ଘରେ ହେବ। ଉଭୟ ରବୀନ୍ଦ୍ର ଜେନା ଓ ପ୍ରଭାତ ବିଶ୍ୱାଳ ହେଉଛନ୍ତି ପୂର୍ବତନ ବିଜେଡି ନେତା। ଦୁଇଜଣ ଯାକ ବିଜେଡିର ଗେହ୍ଲାପୁଅ ଥିଲେ। ରବୀନ୍ଦ୍ର ଥିଲେ ସାଂସଦ ଆଉ ପ୍ରଭାତ ଥିଲେ ବିଧାୟକ। ସମୟ ସୁଅରେ ରବୀନ୍ଦ୍ରଙ୍କ ପତ୍ନୀ ସୁବାସିନି ଓ ପ୍ରଭାତଙ୍କ ପୁଅ ସୌଭିକ ଏବେ ବିଜେଡି ବିଧାୟକ। ଉଭୟ କ୍ରସ ଭୋଟିଂ କରି ଦଳରୁ ନିଲମ୍ବିତ। ତେବେ ଇତି ମଧ୍ୟରେ ରବୀନ୍ଦ୍ର ପଦ୍ମ ଧରିଥିବାବେଳେ ପ୍ରଭାତ ବି ପଦ୍ମ ଅପେକ୍ଷାରେ ରହିଛନ୍ତି। ମୋଟାମୋଟି କହିବାକୁ ଗଲେ ରବୀନ୍ଦ୍ରଙ୍କ ରାସ୍ତାରେ ଏବେ ପ୍ରଭାତ ଅଛନ୍ତି। ତେବେ ଦୁଃଖର କଥା ହେଉଛି ସୁବାସିନି କିମ୍ବା ସୌଭିକ କେହି ହେଲେ ଏବେ ପଦ୍ମ ଧରିବେ ନାହିଁ। କାରଣ ଉଭୟ ବିଜେଡି ସଦସ୍ୟ ରହିଛନ୍ତି। ଦଳ ବଦଳ କଲେ ବିଧାୟକ ପଦ ଚାଲିଯିବ। ଆଗକୁ ଆହୁରି ତିନି ବର୍ଷ ରହିଛି। ତେଣୁ ଉଭୟ ଏବେ ବିଧାୟକ ପଦରେ ରହିବାକୁ ପସନ୍ଦ କରିବେ। ଫଳରେ ଉଭୟ ପରିବାର ଏବେ ବାହାରେ ଭିନ୍ନ ପରିଚୟ। କେବେ ଉଭୟଙ୍କ ଘର ଉପରେ ସବୁଜ ଓ ଗେରୁଆ ପତାକା ଗୋଟିଏ ବାଉଁଶରେ ଉଡିବ ତାହାକୁ ସେମାନଙ୍କ ଭୋଟରମାନେ ଚାହିଁ ରହିଛନ୍ତି।

## ହାତୀଙ୍କୁ କଦଳୀ ଥୋପ



ରାଜ୍ୟ ସରକାର ଏବେ ହାତୀଙ୍କୁ କଦଳୀ ଥୋପ ଦେବେ। କଦଳୀ ଖାଇ ଜଙ୍ଗଲ ରୁହ। ଆଉ ଲୋକଙ୍କ ଘର ଆଡେ ଆସିବନି କି ଆମେ ଜଙ୍ଗଲ ପଦା କଲେ କିଛି କରିବନି। ଏମିତିଆ ଯୋଜନା ପ୍ରସ୍ତୁତ କରିଛନ୍ତି ଆମ ଜଙ୍ଗଲ ବିଭାଗ। ହାତୀଙ୍କୁ କଦଳି ଥୋପ ଦେବାପାଇଁ ଯୋଜନା ପ୍ରସ୍ତୁତ ପରେ ଆଞ୍ଚଳିକ ଉଦ୍ଭିଦ ଗବେଷଣା କେନ୍ଦ୍ରକୁ ୬୦ହଜାର କଦଳୀ ଚାରା ଯୋଗାଇବାକୁ କୁହାଯାଇଛି। ଏହି କେନ୍ଦ୍ର କର୍ତ୍ତୃପକ୍ଷ ଦିନ ରାତି ଏକ କରି କଦଳୀ ଚାରା ଉତ୍ପାଦନରେ ଲାଗିଛନ୍ତି। କଦଳୀ ଚାରା କୁଆଡେ ଟିକେ ବଡ ହେଲେ ହାତୀମାନେ ଆତଯାତ ହେଉଥିବା ଅଞ୍ଚଳରେ ଲାଗିବ। ସେଠାରେ କାନ୍ଧି କାନ୍ଧି କଦଳୀ ଫଳିଲେ ହାତମାନେ ତାହାକୁ ଖାଇ ଜଙ୍ଗଲରେ ଶାନ୍ତିରେ ଘୁଙ୍ଗୁଡି ମାରିବେ। ତେବେ ଏ କଦଳୀଗୁଡିକ ଦେଶୀ କି ବିଦେଶୀ ପ୍ରଜାତିର ଜଣାପଡି ନାହିଁ। ହାତୀମାନେ କଦଳୀ ଖାଇ ଶାନ୍ତିରେ ଶୋଇଲେ ଚାଷୀମାନେ କୁଆଡେ ଭଲରେ ଚାଷବାସ କରିବେ। ଜଙ୍ଗଲୀ ବାବୁମାନଙ୍କୁ ଆଉ ହାତୀ ଘଉଡାଇବାକୁ ପଡିବ ନାହିଁ କି ଲୋକଙ୍କ ଠାରୁ ଢେଲା ମାଡ କରିବାକୁ ପଡିବନାହିଁ। ତେବେ କେଉଁ ବାବୁଙ୍କ ମଗଜରୁ ଏ ଜଙ୍ଗଲି ବୁଦ୍ଧି କାହାରିଛି ତାହାକୁ ନେଇ ଏବେ ଜଙ୍ଗଲ ବିଭାଗରେ ଚର୍ଚ୍ଚା ଜୋର ଧରିଛି। ଏହି ୬୦ହଜାର କଦଳୀ ଗଛରୁ କେତେ ଲାଗିବ, ସେଥିରୁ କେତେ ଫଳିବ ଓ ହାତୀମାନେ କେତେ ଖାଇବେ ତାହାକୁ ନେଇ ଚର୍ଚ୍ଚା ଜୋର ଧରିଥିବାବେଳେ ଉଦ୍ଭିଦ କେନ୍ଦ୍ର କର୍ତ୍ତୃପକ୍ଷ କିନ୍ତୁ ଏହି ଆଳରେ ସାଧାରଣ ଲୋକଙ୍କୁ କଦଳୀଗଛଟିଏ ବିକୁ ନାହାନ୍ତି। ସବୁ ହାତୀ ପେଟକୁ ଯିବ ବୋଲି କହି ବିଦାକରି ଦେଉଛନ୍ତି।

# ବିରୋଧ ପରେ ୟୁଟର୍ଣ୍ଣ ନେଲା ଓଡ଼ିଶା ଇସ୍କନ

- ଗଜପତି ମହାରାଜଙ୍କୁ ମାଗିଲା କ୍ଷମା
- ଶ୍ରୀମନ୍ଦିର ନୀତି ଆଧାରରେ ଦେଶରେ ହେବ ରଥଯାତ୍ରା
- ବିଦେଶରେ ଥିବା ଶାଖା ଉପରେ ଓଡ଼ିଶାର ନାହିଁ ନିୟନ୍ତ୍ରଣ

ଭୁବନେଶ୍ୱର,୧୨।୭ (ସଂଚାର ବ୍ୟୁରୋ) : ବିଭିନ୍ନ ସ୍ଥାନରେ ଅଦିନିଆ ରଥଯାତ୍ରା ଆୟୋଜନକୁ ନେଇ ତୀବ୍ର ବିରୋଧ ପରେ ଶେଷରେ ସ୍ପଷ୍ଟୀକରଣ ରଖିଛି ଇସ୍କନର ଓଡ଼ିଶା ଶାଖା। ଏହି ବିବାଦ ପରିପ୍ରେକ୍ଷୀରେ ଓଡ଼ିଶା ଇସ୍କନ ପକ୍ଷରୁ ଗଜପତି ମହାରାଜାଙ୍କୁ କ୍ଷମା ପ୍ରାର୍ଥନା କରାଯିବା ସହ ଜଗନ୍ନାଥ ପ୍ରେମୀଙ୍କ ଶାନ୍ତିପୂର୍ଣ୍ଣ ବିରୋଧକୁ ମଧ୍ୟ ଗ୍ରହଣ କରାଯାଇଛି।



କାଲି ଭୁବନେଶ୍ୱର ଇସ୍କନ ମନ୍ଦିର ସମ୍ମୁଖରେ ନୀଳଚକ୍ର ସଂଗଠନ ଏବଂ ଆଜି ଓ୍ୱି-ଫର୍ ଭୁବନେଶ୍ୱର ଆନ୍ଦୋଳନ କରିଛି। ଜଗନ୍ନାଥ ସଂସ୍କୃତି ସୁରକ୍ଷା ମଞ୍ଚ ବି ବିଦ୍ରୋହ ଭିତରେ ସାମିଲ ହୋଇ ଆଜି ଧାରଣା ଦେଇଛି। ସମସ୍ତଙ୍କର ଦାବି ଜଗନ୍ନାଥ ସଂସ୍କୃତିର ସୁରକ୍ଷା, ସଂରକ୍ଷଣ ଏବଂ ଶାସ୍ତ୍ରୀୟ ପରମ୍ପରା ଅନୁଯାୟୀ ମହାପ୍ରଭୁଙ୍କ ଘୋଷଯାତ୍ରା ଆୟୋଜନ। କାରଣ ମହାପ୍ରଭୁଙ୍କ ସ୍ନାନଯାତ୍ରାଠୁ ଘୋଷଯାତ୍ରା ଯାଏଁ ତିଥି ବାହାରେ କରିଆସୁଛି ବିଧର୍ମୀ ଇସ୍କନ। ଏସବୁ ଭିତରେ ଗଜପତି ମହାରାଜାଙ୍କ ନିବେଦନକୁ ପ୍ରତ୍ୟାଖାନ କରି ନିଆଁରେ ଘିଅ ଢାଳିଥିବାରୁ ତେଜିଛି ଜନ ଆକ୍ରୋଶ।

ସେପଟେ ପୁରୀରେ ଗଜପତିଙ୍କୁ ଅପମାନ କରିଥିବା ଦର୍ଶାଇ ବଡ଼ଦାଣ୍ଡରେ ଇସ୍କନକୁ ଓଡ଼ିଶା ଛାଡ଼ିବାକୁ ନାରା ଦେଇଛନ୍ତି ଯୁବକ। ହାତରେ ଇସ୍କନ ଗୋ ବ୍ୟାକର ପ୍ଲାକାର୍ଡ ଧରି ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। କେବଳ ଏତିକି ନୁହେଁ, ଶରଧାବାଲିରୁ ଇସ୍କନର ବୁକ୍ ଷ୍ଟଲକୁ ବି ବିଦା କରିଦିଆଯାଇଛି। ତେଜୁଥିବା ଇସ୍କନ ବିରୋଧୀ ନିଆଁ ଭିତରେ ବି ବିଦେଶରେ ଛାଡୁନି ରଥଯାତ୍ରା ନିଶା। ଅଗଷ୍ଟ ୨ରେ ଆମେରିକା ଲସ୍ ଆଞ୍ଜେଲସରେ ତିଥି ବାହାରେ ରଥଯାତ୍ରା କରିବାକୁ ଯାଉଛି। ଯାହାକୁ ସୋସିଆଲ୍ ମିଡ଼ିଆରେ ବିରୋଧ ସହ ପୁରୀ ପରମ୍ପରା ଅନୁଯାୟୀ ରଥଯାତ୍ରା କରିବାକୁ ନିବେଦନ କରିଛନ୍ତି ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ। ତେଣେ ଖଣ୍ଡପଡ଼ା ରାଜା ସିଦ୍ଧାର୍ଥ ଶେଖର ସିଂ ମର୍ଦ୍ଦରାଜ ମଧ୍ୟ ଅଦିନରେ ରଥଯାତ୍ରାକୁ ବିରୋଧ କରିଛନ୍ତି।

ଇସ୍କନର ଆଞ୍ଚଳିକ ସମ୍ପାଦକ ବନମାଳି ଦାସ ପ୍ରତିକ୍ରିୟା ଦେଇ କହିଛନ୍ତି ଯେ, ବିଗତ ୬୦ ବର୍ଷ ଧରି ବିଭିନ୍ନ ସ୍ଥାନରେ ଏଭଳି ଅଦିନିଆ ରଥଯାତ୍ରା ହୋଇଆସୁଥିଲା। ୨୦୧୯ ମସିହାରେ ଗଜପତି ମହାରାଜ ଏହି ପ୍ରସଙ୍ଗ ଉଠାଇବା ପରେ ଓଡ଼ିଶା ଇସ୍କନ ଏହାକୁ ଗୁରୁତ୍ୱର ସହ ନେଇଥିଲା। ନିରନ୍ତର ପ୍ରୟାସ ଓ ଆଲୋଚନା ଫଳରେ ବର୍ତ୍ତମାନ ପୂରା ଦେଶରେ ଗୋଟିଏ ଦିନରେ ରଥଯାତ୍ରା ଅନୁଷ୍ଠିତ ହେଉଛି। ବିଶ୍ୱର ବିଭିନ୍ନ ଦେଶରେ ଥିବା ଇସ୍କନ ଶାଖାଗୁଡ଼ିକ ଉପରେ ଓଡ଼ିଶା ଶାଖାର କୌଣସି କର୍ତ୍ତୃତ୍ୱ ନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି। ତଥାପି ବହୁ ପ୍ରୟାସ ପରେ ୟୁଏଇ ଇସ୍କନ ଶାଖା ସହମତି ପ୍ରକାଶ କରିଛି ଏବଂ ସେଠାରେ ଆସନ୍ତା ୧୬ ତାରିଖରେ ରଥଯାତ୍ରା ଅନୁଷ୍ଠିତ ହେବ ବୋଲି ସେ କହିଛନ୍ତି।

● କାଠ ମାଫିଆଙ୍କ ସହ ଲିଙ୍କ୍ ଅଭିଯୋଗ

## କର୍ତ୍ତବ୍ୟରେ ଅବହେଳା,ଫରେଷ୍ଟର ନିଲମ୍ବିତ



ଅନୁଗୋଳ ୧୨।୭ (ସଂଚାର ବ୍ୟୁରୋ): ବୌଦ୍ଧ ବନଖଣ୍ଡ କଣ୍ଟାମାଳ ରେଞ୍ଜ ବରପଦର ସେକ୍ସନର ଫରେଷ୍ଟର ନିଲମ୍ବିତ। ଫରେଷ୍ଟର ବୁଲି ବେହେରାଙ୍କୁ ଚାକିରିରୁ ନିଲମ୍ବିତ କରାଯାଇଛି। ଜଙ୍ଗଲ ସୁରକ୍ଷା ଦାୟିତ୍ୱରେ ଥାଇ କାଠ ମାଫିଆଙ୍କୁ ସହଯୋଗ କରିବା ଏବଂ କର୍ତ୍ତବ୍ୟରେ ଚରମ ଅବହେଳା ପ୍ରଦର୍ଶନ କରିବା ଅଭିଯୋଗରେ କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ସୂଚନାଯୋଗ୍ୟ ଯେ, ସୁଲିଆ ସଂରକ୍ଷିତ ଜଙ୍ଗଲରୁ ବେଆଇନ ଭାବେ ବ୍ୟାପକ ଗଛ କଟା ଏବଂ ମୂଲ୍ୟବାନ କାଠ ଚୋରାଚାଲାଣ ହେଉଥିବା ନେଇ ବୌଦ୍ଧ ଡିଏଫଓ ଏବଂ କଣ୍ଟାମାଳ ରେଞ୍ଜ ଅଫିସର ପ୍ରାଥମିକ ତଦନ୍ତ କରିଥିଲେ। ତଦନ୍ତରେ ଫରେଷ୍ଟର ବୁଲି ବେହେରାଙ୍କ ସମ୍ପୃକ୍ତି ଓ କର୍ତ୍ତବ୍ୟରେ ଅନିୟମିତତାର ପ୍ରାଥମିକ ପ୍ରମାଣ ମିଳିଥିଲା। ଏହି ରିପୋର୍ଟକୁ ଆଧାର କରି ବ୍ରହ୍ମପୁର ମଣ୍ଡଳର ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ ତାଙ୍କୁ ତୁରନ୍ତ ପ୍ରଭାବରୁ ଚାକିରିରୁ ନିଲମ୍ବିତ କରିଛନ୍ତି। ନିଲମ୍ବନ ଅବଧି ମଧ୍ୟରେ ବୁଲି ବେହେରା ତାଙ୍କ ମୁଖ୍ୟ କାର୍ଯ୍ୟାଳୟ ବ୍ରହ୍ମପୁର ଡିଏଫଓ ଅଫିସ୍‌ରେ ରହିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିବା ବେଳେ ଉଚ୍ଚ କର୍ତ୍ତୃପକ୍ଷଙ୍କ ବିନା ଅନୁମତିରେ ମୁଖ୍ୟାଳୟ ନଛାଡ଼ିବାକୁ ନିର୍ଦ୍ଦେଶ ଦିଆଯାଇଛି। ବନ ବିଭାଗର ଏହି ଦୃଢ଼ କାର୍ଯ୍ୟାନୁଷ୍ଠାନ ପରେ ସ୍ଥାନୀୟ ଅଞ୍ଚଳର କାଠ ମାଫିଆ ଏବଂ ଅସାଧୁ କର୍ମଚାରୀଙ୍କ ମଧ୍ୟରେ ଛନକା ପଶିଛି।

ବ୍ରହ୍ମପୁରରେ ଭାଇଗିରି

## ବନ୍ଦ କୋଠରିରେ ଯୁବକଙ୍କୁ ୫୦ ଘଣ୍ଟାଧରି ମାଡ଼



୪ ଜଣଙ୍କ ନାଁରେ ମାମଲା ରୁଜୁ

ବ୍ରହ୍ମପୁର,୧୨।୭ (ସଂଚାର ବ୍ୟୁରୋ): ବନ୍ଦ କୋଠରିରେ ଯୁବକଙ୍କୁ ମାଡ଼ ମାରିବା ଘଟଣାରେ ବ୍ରହ୍ମପୁର ପୁଲିସ ୪ ଜଣଙ୍କ ନାଁରେ ମାମଲା ରୁଜୁ କରିଛି। କୃପାସିନ୍ଧୁପୁର ଗାଁର ପ୍ରଶାନ୍ତ ଦାସଙ୍କୁ ଜଣେ ଯୁବକ ମାଡ଼ ମାରୁଥିବା ଭିଜୁଆଲ ଏବେ ସୋସିଆଲ ମିଡିଆରେ ଭାଇରଲ ହେବାରେ ଲାଗିଛି। ଯଦିଓ ଭିଡିଓଟି ମାସେ ତଳର ବୋଲି କୁହାଯାଉଛି, ତଥାପି ଏହା ଭାଇରାଲ ହେବା ପରେ ମାମଲା ରୁଜୁ କରିବା ସହ ତଦନ୍ତ କରୁଛି ସଦର ପୋଲିସ। ସେପଟେ ପ୍ରଶାନ୍ତଙ୍କୁ ଗଞ୍ଜେଇ ଚୋରା ଚାଲାଣ ହେଉଥିବା ଗାଡ଼ି ଚଳାଇବାକୁ ବାଧ୍ୟ କରାଯାଉଥିଲା। ଏହାକୁ ବାରଣ କରିବାରୁ ତାଙ୍କୁ ଏଭଳି ମାଡ଼ ମରାଯାଇଥିବା ପ୍ରଶାନ୍ତଙ୍କ ପରିବାର ଲୋକେ ଅଭିଯୋଗ କରିଛନ୍ତି। ସୂଚନାଥାଉକି, ବ୍ରହ୍ମପୁର କୃପାସିନ୍ଧୁପୁର ଗାଁର ପ୍ରଶାନ୍ତ ଦାସଙ୍କୁ ବନ୍ଦ କୋଠରିରେ ୫୦ ଘଣ୍ଟା ଧରି ନିସ୍ତୁକ ମାଡ଼ ମାରିଥିଲେ ଦୁର୍ବୃତ୍ତ। ପ୍ରଶାନ୍ତଙ୍କୁ ପ୍ଲାଷ୍ଟିକ୍ ପାଇପ୍‌ରେ ପିଟୁଥିବାର ଭିଡିଓ ଏବେ ସୋସିଆଲ ମିଡିଆରେ ଭାଇରାଲ ହେଉଛି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଏହି ଘଟଣାକୁ ମାସେ ବିତିଯାଇଥିଲେ ମଧ୍ୟ ଏନେଇ ପୁଲିସ ପାଖରେ କୌଣସି ଅଭିଯୋଗ ହୋଇନଥିବା ଜଣାପଡ଼ିଛି। ଆକ୍ରମଣକାରୀଙ୍କୁ ଡରି ଥାନାରେ ଅଭିଯୋଗ କରିନଥିବା ପ୍ରଶାନ୍ତ କହିଛନ୍ତି।

ଡକାୟତଙ୍କ ଟାର୍ଗେଟ୍ ବିଦେଶୀ ମଦ ଦୋକାନ

## ୪ ଅଭିଯୁକ୍ତଙ୍କୁ ଗିରଫ କଲା ପୁଲିସ




ଝାରସୁଗୁଡ଼ା, ୧୨।୭ (ସଂଚାର ବ୍ୟୁରୋ): କେବଳ ବିଦେଶୀ ମଦ ଦୋକାନକୁ ଲୁଟ୍ କରୁଥିବା ଏକ ଆନ୍ତଃରାଜ୍ୟ ଡକାୟତ ଗ୍ୟାଙ୍ଗକୁ ଗିରଫ କରିଛି ଝାରସୁଗୁଡ଼ା ପୁଲିସ। ଓରିଏଣ୍ଟ ଥାନା ଓ ବନହରପାଲି ଥାନାରେ ରୁଜୁ ହୋଇଥିବା ଦୁଇଟି ମାମଲାର ତଦନ୍ତ କରି ୫୦ ଘଣ୍ଟା ମଧ୍ୟରେ ପୁଲିସ ଏହି ଗ୍ୟାଙ୍ଗକୁ ଗିରଫ କରିବାରେ ସଫଳ ହୋଇଛି। ଏହି ଗ୍ୟାଙ୍ଗରେ ସମ୍ପୃକ୍ତ ୪ଜଣଙ୍କୁ ଗଞ୍ଜାମରୁ ଗିରଫ କରାଯାଇଛି ବୋଲି ଝାରସୁଗୁଡ଼ା ଏସ୍‌ପି କହିଛନ୍ତି।

ଗତ ଜୁଲାଇ ୯ ତାରିଖ ରାତିରେ ଓରିଏଣ୍ଟ ଥାନା ଓ ବନହରପାଲି ଥାନାରେ ଦୁଇଟି ମାମଲା ରୁଜୁ ହୋଇଥିଲା। ଏହି ଗ୍ୟାଙ୍ଗ କେବଳ ବିଦେଶୀ ମଦ ଦୋକାନକୁ ଟାର୍ଗେଟ କରି ଲୁଟ୍ କରୁଥିଲା। ଦୁଇଟିଯାକ ଘଟଣାରେ ଅପରାଧୀମାନେ ଜଗୁଆଳୀକୁ କାବୁକରି ଦୋକାନ ଭିତରୁ ଟଙ୍କା ଓ ମଦ ବୋତଲ ଲୁଟି ନେଇଥିଲେ। ଝାରସୁଗୁଡ଼ା ଏସ୍‌ପି ତୁରନ୍ତ ଘଟଣାସ୍ଥଳରେ ପହଞ୍ଚିବା ସହ ସ୍ୱତନ୍ତ୍ର ଟିମ୍ ଗଠନ କରିଥିଲେ। ଘଟଣାସ୍ଥଳରୁ ମିଳିଥିବା ସୁରାକ ଆଧାରରେ ଦୁଇଟି ଟିମ୍ ଗଞ୍ଜାମ ଓ ଗଜପତିକୁ ପଠାଯାଇଥିଲା। ଅନ୍ୟ ଏକ ଟିମ୍ ସହରର ସବୁ ସିସିଟିଭି ଯାଞ୍ଚ କରିବା ସହ ବୈଜ୍ଞାନିକ ପଦ୍ଧତିରେ ତଦନ୍ତ ଆରମ୍ଭ ହୋଇଥିଲା। ତଦନ୍ତରୁ ଜଣାପଡିଥିଲା ଯେ, ଏହି ଲୁଟର ମାଷ୍ଟରମାଇଣ୍ଡ ଥିଲା ଗଞ୍ଜାମର ପ୍ରଶାନ୍ତ ବେହେରା। ତା'ର ଜଣେ ସମ୍ପର୍କୀୟ ମାଉସୀ ଯିଏ କି ଓରିଏଣ୍ଟ ଥାନା ଅଞ୍ଚଳରେ ରହୁଥିଲା ସେ ଏହି ମଦ ଦୋକାନ ସମ୍ପର୍କରେ ସୂଚନା ଦେବା ସହ ରାସ୍ତାଘାଟର ନକ୍ସା ଦେଇଥିଲା। ପ୍ରଶାନ୍ତ ପୂର୍ବରୁ ସୁରତରେ କାମ କରିବା ସମୟରେ ସମ୍ପର୍କରେ ଆସିଥିବା କିଷନ ପାଣ୍ଡି, ନାରାୟଣ ଜେନା ଓ ଚିତ୍ରସେନ ଜେନାଙ୍କୁ ସାଙ୍ଗରେ ନେଇଥିଲା। ଏହି ଅଭିଯୁକ୍ତମାନେ ବ୍ରହ୍ମପୁରରୁ ଏକ ବୋଲେରୋ ଗାଡ଼ି ଭଡ଼ାରେ ଆଣିଥିଲେ। ଏହି ଗାଡ଼ି ମାଲିକଙ୍କ ଘର ଗଜପତି ଜିଲ୍ଲାରେ। ଝାରସୁଗୁଡ଼ାରେ ବିଭିନ୍ନ ବିଦେଶୀ ମଦ ଦୋକାନ ବୁଲିବା ପରେ ସେମାନେ ତାଙ୍କର ଟାର୍ଗେଟ ଫିକ୍ସ କରି ଲୁଟ୍ କରିଥିଲେ। ଲୁଟ୍ ପରେ ସେମାନେ ଝାରସୁଗୁଡା ଛାଡ଼ି ଦେଇଥିଲେ। ଏହି ଚାରି ଅଭିଯୁକ୍ତଙ୍କ ବିରୋଧରେ ଭୁବନେଶ୍ୱର, ନୟାଗଡ଼, ଖୋର୍ଦ୍ଧା ଓ ଗଞ୍ଜାମ ଜିଲ୍ଲାରେ ଏକାଧିକ ଡକାୟତି ମାମଲା ରହିଛି।

## ଆଖି ବୁଜିଲେ ସ୍ତ୍ରୀ ମାଡ଼ରେ ଆହତ ସ୍ୱାମୀ

ଝଗଡ଼ା ବେଳେ ମୋବାଇଲରେ ମାରିଥିଲେ ମାଡ଼



ବଲାଙ୍ଗିର, ୧୨।୭ (ସଂଚାର ବ୍ୟୁରୋ): ସ୍ତ୍ରୀଙ୍କ ମୋବାଇଲ ମାଡ଼ରେ ଘାଇଲା ସ୍ୱାମୀଙ୍କ ମୃତ୍ୟୁ ଘଟିଛି। ଦୁଇଦିନ ତଳେ ସ୍ତ୍ରୀ ମୋବାଇଲରେ ମାଡ଼ ମାରି ସ୍ୱାମୀଙ୍କୁ ଲହୁଲୁହାଣ କରିଥିଲେ। ରବିବାର ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଛି। ମୃତକଙ୍କ ପରିବାର ଲୋକେ ବୋହୂ ନାମରେ ଏଭଳି ଅଭିଯୋଗ ଆଣିଛନ୍ତି। ବଲାଙ୍ଗିର ଲକ୍ଷ୍ମୀଜୋର ଥାନାରେ ମାମଲା ରୁଜୁ ହୋଇଛି। ମୃତ ସ୍ୱାମୀ ହେଲେ ସପନେଶ୍ୱର ମିଶ୍ର ଏବଂ ମାଡ଼ ମାରିଥିବା ସ୍ତ୍ରୀ ହେଉଛନ୍ତି ଅନାମିକା ଶତପଥୀ। ସୂଚନାଯୋଗ୍ୟ ଯେ, ସପନେଶ୍ୱରଙ୍କର ସ୍ତ୍ରୀ ଅନାମିକାଙ୍କ ସହ ଝଗଡା ଲାଗିରହୁଥିଲା। ଏନେଇ ଗତ ଦୁଇଦିନ ତଳେ ମୋବାଇଲରେ ସ୍ୱାମୀଙ୍କୁ ମାଡ଼ ମାରିଥିଲେ ଅନାମିକା। ସପନେଶ୍ୱରଙ୍କ ମୁଣ୍ଡରୁ ପ୍ରବଳ ରକ୍ତ ବୋହିବା ସହ ୬ଟି ଷ୍ଟିଚ୍ ପଡ଼ିଥିଲା। ତାଙ୍କୁ ପ୍ରଥମେ ଏକ ଘରୋଇ ହସ୍ପିଟାଲ ଓ ପରେ ଭୀମଭୋଇ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ରବିବାର ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଛି। ଏନେଇ ପୁଲିସ ତଦନ୍ତ ଆରମ୍ଭ କରିଛି।

ଆନ୍ଧ୍ରରେ କୋଭିଡ୍ ମୃତ୍ୟୁ ପରେ ବଢ଼ିଲା ଚିନ୍ତା

## ଗଞ୍ଜାମରେ ହେବ ହାଇ ଆଲର୍ଟ!

ବ୍ରହ୍ମପୁର,୧୨।୭ (ସଂଚାର ବ୍ୟୁରୋ): ଆନ୍ଧ୍ରପ୍ରଦେଶରେ କୋଭିଡ୍‌ରେ ୨ ଜଣଙ୍କ ମୃତ୍ୟୁ ଓ ୪ ଜଣ ଆକ୍ରାନ୍ତ ହେବା ଘଟଣାକୁ ନେଇ ଗଞ୍ଜାମ ଜିଲ୍ଲାରେ ଚିନ୍ତା ପ୍ରକାଶ ପାଇଛି। ଜିଲ୍ଲାରେ ହାଇ ଆଲର୍ଟ ଭଳି ସ୍ଥିତି ସୃଷ୍ଟି ହୋଇପାରେ ବୋଲି ଅନୁମାନ କରାଯାଉଛି। ଏବେ ଜିଲ୍ଲାରେ ଗୋଟିଏ କୋଭିଡ୍ ଆକ୍ରାନ୍ତ ସକ୍ରିୟ ଥିବା ଓଡ଼ିଶା କୋଭିଡ୍ ଡ୍ୟାସ୍ ବୋର୍ଡରୁ ଜଣାପଡିଛି। ରାଜ୍ୟ ବୋର୍ଡ ତଥ୍ୟରୁ ଜଣାପଡିଛି ଯେ ରାଜ୍ୟରେ ୧୨୬ ଜଣ କୋଭିଡ୍ ଆକ୍ରାନ୍ତ ଥିବା ବେଳେ ଗଞ୍ଜାମରେ ଜଣେ। ତେବେ କେବଳ ଗଞ୍ଜାମ ନୁହେଁ, ଅନ୍ୟ ଜିଲ୍ଲାରେ ମଧ୍ୟ କୋଭିଡ୍ ପଜିଟିଭ୍ ସଂଖ୍ୟା ଏକାଧିକ ବୋଲି ଡ୍ୟାସ୍‌ବୋର୍ଡରେ ସ୍ପଷ୍ଟ ଉଲ୍ଲେଖ ରହିଛି।

● କମୁଛି ହୀରାକୁଦ ଜଳଭଣ୍ଡାର ଜଳସ୍ତର

## ବନ୍ଦହେଲା ଆଉ ଏକ ଗେଟ୍



ସମ୍ବଲପୁର,୧୨।୭ (ସଂଚାର ବ୍ୟୁରୋ): ଉପରମୁଣ୍ଡରେ ବର୍ଷା ସ୍ଥିତି ନଥିବାରୁ ହୀରାକୁଦ ଜଳଭଣ୍ଡାରକୁ ଜଳପ୍ରବାହ ହ୍ରାସ ପାଉଛି। ଫଳରେ ଜଳଭଣ୍ଡାରର ଜଳସ୍ତର ହ୍ରାସ ପାଉଥିବା ବେଳେ ରବିବାର ଆଉ ଗୋଟିଏ ସ୍ଲୁଇସ୍ ଗେଟ୍ ବନ୍ଦ କରାଯାଇଛି। ବର୍ତ୍ତମାନ ଜଳଭଣ୍ଡାର ୮ଟି ସ୍ଲୁଇସ୍ ଗେଟ୍ ବନ୍ଦ ରହିଥିବା ବେଳେ ମାତ୍ର ୨ଟି ଗେଟ୍ ମାଧ୍ୟମରେ ବନ୍ୟାଜଳ ନିଷ୍କାସନ ଜାରି ରହିଛି। ମିଳିଥିବା ସୂଚନା ଅନୁସାରେ, ଏବେ ଜଳଭଣ୍ଡାରରେ ଜଳସ୍ତର ୬୧୧.୫୪ ଫୁଟ ରହିଥିବା ବେଳେ ଏହା କ୍ରମଶଃ ହ୍ରାସ ପାଉଛି। ଉପରମୁଣ୍ଡରୁ ପ୍ରତି ସେକେଣ୍ଡରେ ମାତ୍ର ୬୦ ହଜାର ୪୪୫ କ୍ୟୁସେକ୍ ଜଳ ପ୍ରବେଶ କରୁଥିବା ବେଳେ ସ୍ପିଲୱେ, ପାୱାର କେନାଲ, ଶାସନ ଓ ବରଗଡ କେନାଲ ମାଧ୍ୟମରେ ମୋଟ୍ ୭୩ ହାଜର ୭୮୮ କ୍ୟୁସେକ୍ ଜଳ ନିଷ୍କାସିତ ହେଉଛି। ଆଉଟ୍-ଫ୍ଲୋ ପରିମାଣ ଇନ୍‌ଫ୍ଲୋଠାରୁ ଅଧିକ ରହିଥିବାରୁ ଜଳଭଣ୍ଡାର ଜଳସ୍ତର କ୍ରମଶଃ ହ୍ରାସ୍ ପାଇବାରେ ଲାଗିଛି।

ବିଏମ୍‌ସିର ମେଗା 'ସଫେଇ ଆପଣାନ୍ତୁ ରୋଗ ହଟାନ୍ତୁ' ଅଭିଯାନ

# ହାଇଟେକ୍ ଛକରେ ଝାଡ଼ୁ ଧରିଲେ ମେୟର



ଭୁବନେଶ୍ୱର, ୧୨।୭ (ସଂଚାର ବ୍ୟୁରୋ): ପବିତ୍ର ରଥଯାତ୍ରା ପରିପ୍ରେକ୍ଷୀରେ ଭୁବନେଶ୍ୱର ମହାନଗର ନିଗମ ପକ୍ଷରୁ ରବିବାର ବିଶାଳ ଗଣ ସଫେଇ କାର୍ଯ୍ୟ ଅନୁଷ୍ଠିତ ହୋଇଯାଇଛି। 'ସଫେଇ ଆପଣାନ୍ତୁ, ରୋଗ ହଟାନ୍ତୁ' ଅଭିଯାନର ଆଜି ଆନୁଷ୍ଠାନିକ ଭାବେ ଶୁଭାରମ୍ଭ କରିଛନ୍ତି ମେୟର ସୁଲୋଚନା ଦାସ। କଟକ-ପୁରୀ ହାଇଟେକ ଛକଠାରୁ ଲିଙ୍ଗିପୁର ଛକ ପର୍ଯ୍ୟନ୍ତ ବାଇପାସ୍ ରାସ୍ତାର ସମ୍ପୂର୍ଣ୍ଣ ସଫେଇ କରାଯାଇଛି। ଏଥିପାଇଁ ଛଅ ଭାଗରେ ସ୍ୱଚ୍ଛକର୍ମୀ, ସ୍ୱଚ୍ଛ ସୁପରଭାଇଜର, ସ୍ୱଚ୍ଛସାଥୀ, ସାନିଟାରୀ ଇନ୍ସପେକ୍ଟର, ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନର କର୍ମକର୍ତ୍ତା, ଏଜେନ୍ସିର କର୍ମୀ ବିଶେଷ କରି ସ୍ଥାନୀୟ ଲୋକମାନଙ୍କୁ ନିୟୋଜିତ କରାଯାଇଥିଲା। ଏକାସଂଗରେ ଯାନ୍ତ୍ରିକ ସଫେଇ ଓ ମେଡିଆନ ସଫେଇ କରାଯାଇଛି।

କଟକ-ପୁରୀ ବାଇପାସ୍ ହାଇଟେକ ଛକ ନବଗୁଞ୍ଜର ନିକଟରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ମେୟର ଯୋଗଦେଇଥିବା ବେଳେ ଅନ୍ୟତମ ଅତିଥି ଭାବେ ଡେପୁଟି ମେୟର ମଞ୍ଜୁଲତା କହଁର, ସ୍ୱାସ୍ଥ୍ୟ ଓ ପରିମଳ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ବିରଞ୍ଚି ନାରାୟଣ ମହାସୂପକାର, ଅତିରିକ୍ତ କମିଶନର ଶୁଭେନ୍ଦୁ କୁମାର ସାହୁ ପ୍ରମୁଖ ଯୋଗ ଦେଇଥିଲେ। ୧୬ତାରିଖରେ ଅନୁଷ୍ଠିତ ହେବାକୁ ଥିବା ରଥଯାତ୍ରା ପାଇଁ ଏହି ରାସ୍ତାରେ ହଜାର ହଜାର ଭକ୍ତଙ୍କର ସମାଗମ ହେବ। ଏହି ରାସ୍ତା ଦେଇ ରାଜ୍ୟ ଓ ରାଜ୍ୟ ବାହାରୁ ଶ୍ରଦ୍ଧାଳୁମାନେ ପୁରୀ ଯିବେ। ତେଣୁ ଏହି ରାସ୍ତା ସଫା ରଖିବା ଦରକାର। ରାସ୍ତା ପାର୍ଶ୍ୱରେ ଥିବା ଦୋକାନୀମାନେ ନିଜେ ନିଜର ଦୋକାନ ସମ୍ମୁଖ ସଫା ରଖିବା ସହ କୌଣସି ପରିସ୍ଥିତିରେ ଯେପରି କାଗଜ, ଗୁଟଖା ଜରି, ପଲିଥିନ୍, କାଗଜ କପ୍, ପ୍ଲେଟ୍ ଆଦି ନ ପଡେ, ସେ ସମ୍ପର୍କରେ ସ୍ଥାନୀୟ ଦୋକାନୀମାନଙ୍କୁ ତାଗିଦ କରିଛନ୍ତି ମେୟର। ଅନ୍ୟପକ୍ଷରେ 'କ୍ୟାଚ୍ ଦ ରେନ୍' ଅଭିଯାନରେ ବର୍ଷା ଜଳ ଅମଳ ପ୍ରକଳ୍ପ ନିର୍ମାଣ, ଜଳ ସଂରକ୍ଷଣ ଏବଂ ଭୂତଳ ଜଳ ସଂରକ୍ଷଣ ସମ୍ପର୍କରେ ମଧ୍ୟ ଉପସ୍ଥିତ ଲୋକମାନଙ୍କୁ ଅବଗତ କରାଯାଇଥିଲା। ଶେଷରେ ନବଗୁଞ୍ଜର ମୂର୍ତ୍ତି ନିକଟରୁ ମେୟରଙ୍କ ଦ୍ୱାରା ଆରମ୍ଭ ହୋଇଥିଲା ସଫେଇ ଆପଣାନ୍ତୁ ଅଭିଯାନ। ପାଣ୍ଡରାଛକ, ମଙ୍ଗରାଜ ପଏଣ୍ଟ ଛକ, ଟଙ୍କପାଣି ସାଇବାବା ମନ୍ଦିର ଛକ ଆଦି ବିଭିନ୍ନ ସ୍ଥାନରେ ଛଅଟି ଗ୍ରୁପରେ କର୍ମୀଙ୍କୁ ବିଭକ୍ତ କରାଯାଇଥିଲା ଏବଂ ଲିଙ୍ଗିପୁର ଛକରେ ଏହି ମେଗା ସଫେଇ ଅଭିଯାନ ଶେଷ ହୋଇଥିଲା।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ
Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776
Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର
Chief Editor: Ajit Kumar Dash
ମୁଖ୍ୟ ସମ୍ପାଦକ: ଅଜିତ କୁମାର ଦାଶ

SANCHAR
ସଂଚାର
ସୋମବାର ୧୩ ଜୁଲାଇ ୨୦୨୬
BUSINESS

# ୨୦୨୭ ଅଗଷ୍ଟ ୧୫ରେ ଚାଲିବ ବୁଲେଟ୍ ଟ୍ରେନ୍



ନୂଆଦିଲ୍ଲୀ,୧୨।୭: ମୁମ୍ବାଇ ଓ ଅହମଦାବାଦ ମଧ୍ୟରେ ନିର୍ମାଣାଧୀନ ବହୁ ପ୍ରତୀକ୍ଷିତ ବୁଲେଟ୍ ଟ୍ରେନ୍ ପ୍ରକଳ୍ପ କାର୍ଯ୍ୟ ଦ୍ରୁତଗତିରେ ଆଗେଇ ଚାଲିଛି। ଆସନ୍ତାବର୍ଷ ଅଗଷ୍ଟ ୧୫ରେ ଏହି ମାର୍ଗର ଗୋଟିଏ ସେକ୍ସନରେ ବୁଲେଟ୍ ଟ୍ରେନ୍ ଚଳାଚଳ ଆରମ୍ଭ ହେବ। କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ମନ୍ତବ୍ୟକୁ ଆଧାର କରି ରେଳ ମନ୍ତ୍ରାଳୟ ପକ୍ଷରୁ ସାମାଜିକ ଗଣମାଧ୍ୟମ ଏକ୍ସରେ ଏହି ସୂଚନା ଦିଆଯାଇଛି।

ଗୁଜରାଟର ସୁରତରୁ ବିଲିମୋରା ମଧ୍ୟରେ ପ୍ରଥମେ ବୁଲେଟ୍ ଟ୍ରେନ୍ ଚାଲିବ। ଏହା ପରେ ୫୦୮ କିମି ଲମ୍ବ ବିଶିଷ୍ଟ ଉକ୍ତ ପ୍ରକଳ୍ପରେ ପର୍ଯ୍ୟାୟକ୍ରମେ ବୁଲେଟ୍ ଟ୍ରେନ୍ ଗଡ଼ିବ। ରେଳମନ୍ତ୍ରୀଙ୍କ ସୂଚନା ଅନୁଯାୟୀ, ମୁମ୍ବାଇ-ଅହମଦାବାଦ ବୁଲେଟ୍ ଟ୍ରେନ୍ ପ୍ରକଳ୍ପର ପାଖାପାଖି ୮୦ ପ୍ରତିଶତ କାର୍ଯ୍ୟ ଶେଷ ହୋଇଛି। ଧାର୍ଯ୍ୟ ସମୟସୀମା ମଧ୍ୟରେ କାର୍ଯ୍ୟ ଶେଷ କରିବା ଲାଗି ଜୋରଦାର ପ୍ରୟାସ ଚାଲିଛି। ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ମୁମ୍ବାଇ ଓ ଅହମଦାବାଦ ମଧ୍ୟରେ ଯାତ୍ରା ସମୟ ହ୍ରାସ ପାଇବ। ଆଞ୍ଚଳିକ ଯୋଗାଯୋଗରେ ଉନ୍ନତି ଆସିବା ସହିତ ଅର୍ଥନୈତିକ କାର୍ଯ୍ୟକଳାପ ବୃଦ୍ଧି ପାଇବ।

ଉକ୍ତପ୍ରକଳ୍ପ ବ୍ୟତୀତ ଭବିଷ୍ୟତରେ ନୂଆ ହାଇସ୍ପିଡ୍ ରେଳ କରିଡର ହାଇଦ୍ରାବାଦକୁ କେନ୍ଦ୍ରକରି ନିର୍ମାଣ ହେବ। ସେଗୁଡ଼ିକ ହେଲା ହାଇଦ୍ରାବାଦ-ପୁଣେ, ହାଇଦ୍ରାବାଦ-ଚେନ୍ନାଇ ଏବଂ ହାଇଦ୍ରାବାଦ-ବେଙ୍ଗାଲୁରୁ। ପୁନଶ୍ଚ ହାଇଦ୍ରାବାଦ-ମୁମ୍ବାଇ ହାଇସ୍ପିଡ ରେଳ ସଂଯୋଗ ନେଇ ମଧ୍ୟ ଯୋଜନା ହେଉଛି। ଦୁଇ ସହର ମଧ୍ୟରେ ରେଳ ଯାତ୍ରା ସମୟକୁ ଏହା ବହୁମାତ୍ରାରେ କମାଇ ଦେବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ହାଇଦ୍ରାବାଦକୁ ୩ଟି ହାଇସ୍ପିଡ ବୁଲେଟ୍ ଟ୍ରେନ୍ କରିଡର ଦେଇଛନ୍ତି ଯାହା ଏହି ଅଞ୍ଚଳର ପରିଦୃଶ୍ୟକୁ ବଦଳାଇ ଦେବ ବୋଲି କେନ୍ଦ୍ରମନ୍ତ୍ରୀ ଶ୍ରୀ ବୈଷ୍ଣବ କହିଛନ୍ତି।

# ଆଗକୁ ସୁନା-ରୂପା ମୂଲ୍ୟ ହ୍ରାସ ପାଇବ ନା ବୃଦ୍ଧି ପାଇବ ?

ନୂଆଦିଲ୍ଲୀ,୧୨।୭:ନିବେଶକମାନେ ଆମେରିକା-ଇରାନ ମଧ୍ୟରେ ନୂତନ ଉତ୍ତେଜନା, ଅଶୋଧିତ ତୈଳ ମୂଲ୍ୟରେ ହ୍ରାସ ଏବଂ ମୁଦ୍ରାସ୍ଫୀତି ତଥ୍ୟ ଉପରେ ତୀକ୍ଷ୍ଣ ନଜର ରଖିଥିବାରୁ ଆସନ୍ତା ସପ୍ତାହରେ ସୁନା ଏବଂ ରୂପା ମୂଲ୍ୟ ଅସ୍ଥିର ରହିବାର ସମ୍ଭାବନା ରହିଛି। ବିଶେଷଜ୍ଞମାନେ କହିଛନ୍ତି ଯେ ମୂଲ୍ୟବାନ ଧାତୁର ହ୍ରାସ ଧାରା ବର୍ତ୍ତମାନ ପାଇଁ ଜାରି ରହିପାରେ, ମୁଦ୍ରାସ୍ଫୀତି ସଂଖ୍ୟା ବିଶ୍ୱ ସୁଧ ହାର ସମ୍ପର୍କରେ ବଜାର ଆଶାକୁ ପ୍ରଭାବିତ କରିପାରେ। ପଶ୍ଚିମ ଏସିଆରେ ନୂତନ ଉତ୍ତେଜନା ପୁଣି ଥରେ ବିଶ୍ୱ ବଜାରରେ ଚିନ୍ତାକୁ ବୃଦ୍ଧି କରିଛି । ଇରାନ ସମ୍ପ୍ରତି କହିଛି ଯେ ଏହା ବିନା ଅନୁମତିରେ ଯାଉଥିବା ଏକ ଜାହାଜକୁ ଟାର୍ଗେଟ କରିଛି ଏବଂ ପରବର୍ତ୍ତୀ ସମୟରେ ହର୍ମୁଜ୍ ପ୍ରଣାଳୀକୁ ବନ୍ଦ କରିବାର ଘୋଷଣା କରିଛି। ଏହା ପରେ, ଆମେରିକାର କେନ୍ଦ୍ରୀୟ କମାଣ୍ଡ ଇରାନ ଉପରେ ଆକ୍ରମଣ ଆରମ୍ଭ କରିଥିଲା; ପ୍ରତିଶୋଧ ସ୍ୱରୂପ, ଇରାନ ସଂଯୁକ୍ତ ଆରବ ଏମିରେଟ୍ସ, କୁଏତ ଏବଂ ବାହାରିନରେ ଥିବା ଆମେରିକୀୟ ଘାଟିଗୁଡ଼ିକୁ ଟାର୍ଗେଟ କରିଥିଲା। ଜେଏମ୍ ଫାଇନାନ୍ସିଆଲ୍ ସର୍ଭିସେସ୍ ଲିମିଟେଡ୍‌ର ବରିଷ୍ଠ ଉପାଧ୍ୟକ୍ଷ (କମୋଡିଟି ଏବଂ ମୁଦ୍ରା ଗବେଷଣା) ପ୍ରଣବ ମେର୍ କହିଛନ୍ତି, “ସୁନା ଏବଂ ରୂପା ବର୍ତ୍ତମାନ ହ୍ରାସ ଏବଂ ‘ସଂଶୋଧନ’ର ଏକ ପର୍ଯ୍ୟାୟ ଦେଖୁଛି। ବଜାରର ଧ୍ୟାନ ଏବେ ଆମେରିକା-ଇରାନ ବିବାଦ ଆଡ଼କୁ ଫେରିଯିବ। ଯଦି ଉତ୍ତେଜନା ଯଥେଷ୍ଟ ବୃଦ୍ଧି ପାଏ, ତେବେ ଅଶୋଧିତ ତୈଳ ମୂଲ୍ୟ ପୁଣି ଥରେ ବୃଦ୍ଧି ପାଇପାରେ, ଯେତେବେଳେ ଆମେରିକୀୟ ଡଲାର ଏବଂ ଆମେରିକୀୟ ବଣ୍ଡ ଉପଜ ଭଳି ନିରାପଦ ସ୍ୱର୍ଗ ସମ୍ପତ୍ତି ମଜବୁତ ହେବ।” ସେ ଆହୁରି ମଧ୍ୟ କହିଛନ୍ତି ଯେ ଭୂରାଜନୈତିକ ବିକାଶ ବ୍ୟତୀତ, ବଜାର ଭାରତ, ୟୁରୋପୀୟ ସଂଘ (ଇୟୁ) ଏବଂ ଆମେରିକାର ମୁଦ୍ରାସ୍ଫୀତି ତଥ୍ୟ ଉପରେ ମଧ୍ୟ ନଜର ରଖିବ, ଯାହା ପ୍ରମୁଖ ବିଶ୍ୱ କେନ୍ଦ୍ରୀୟ ବ୍ୟାଙ୍କଗୁଡ଼ିକର ମୁଦ୍ରା ନୀତି ଦିଗ ସମ୍ପର୍କରେ ସୂଚନା ପ୍ରଦାନ କରିପାରିବ। ଘରୋଇ ବଜାରରେ, ମଲ୍ଟି କମୋଡିଟି ଏକ୍ସଚେଞ୍ଜ (ଏମସିଏକ୍ସ)ରେ ଅଗଷ୍ଟ ଡେଲିଭରି ପାଇଁ ସୁନାର ଫ୍ୟୁଚର୍ସ ମୂଲ୍ୟ ପ୍ରତି ୧୦ଗ୍ରାମ ୧.୪୩ ଲକ୍ଷରେ ବନ୍ଦ ହୋଇଥିଲା, ଯାହା ସପ୍ତାହ ମଧ୍ୟରେ ୩,୯୦୦ (୨.୬୫ ପ୍ରତିଶତ) ହ୍ରାସ ପାଇଛି। ସେହିପରି, ସେପ୍ଟେମ୍ବର ଡେଲିଭରି ପାଇଁ ରୂପା ୧୪,୭୪୬ (୬.୨ ପ୍ରତିଶତ) ହ୍ରାସ ପାଇ ୨.୨୨ ଲକ୍ଷ ପ୍ରତି କିଲୋଗ୍ରାମରେ ସ୍ଥିର ହୋଇଛି।



## ଫର୍ଚ୍ୟୁନ ଇଣ୍ଡିଆ ମୋଷ୍ଟ ପାୱାରଫୁଲ୍ ୱିମେନ୍ ୨୦୨୬

# ନୀତା ଅମ୍ବାନୀ ଶୀର୍ଷରେ, ମୁମ୍ବାଇରେ ଏକାଠି ହେଲେ ଦେଶର ପ୍ରମୁଖ ମହିଳା ନେତୃତ୍ୱ

ମୁମ୍ବାଇ,୧୨।୭:ଶୁକ୍ରବାର ମୁମ୍ବାଇର 'ଫୋର୍ ସିଜନ୍ସ ହୋଟେଲ'ରେ ଫର୍ଚ୍ୟୁନ ଇଣ୍ଡିଆ ପକ୍ଷରୁ 'ମୋଷ୍ଟ ପାୱାରଫୁଲ୍ ୱିମେନ୍' (ଏମପିଡବ୍ଲ୍ୟୁ) ୨୦୨୬ ଉତ୍ସବ ସଫଳତାର ସହ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଭାରତର ବ୍ୟବସାୟ, ଅର୍ଥନୀତି, ପ୍ରଯୁକ୍ତିବିଦ୍ୟା, ସ୍ୱାସ୍ଥ୍ୟସେବା, ସାର୍ବଜନୀନ ନୀତି ଏବଂ ଉଦ୍ୟୋଗିତା କ୍ଷେତ୍ରର ଅଗ୍ରଣୀ ମହିଳା ନେତ୍ରୀମାନେ ଏକତ୍ରିତ ହୋଇଥିଲେ।

ଏହି କାର୍ଯ୍ୟକ୍ରମରେ 'ଫର୍ଚ୍ୟୁନ ଇଣ୍ଡିଆ ମୋଷ୍ଟ ପାୱାରଫୁଲ୍ ୱିମେନ୍ ୨୦୨୬' ତାଲିକା ଉନ୍ମୋଚିତ ହୋଇଥିଲା। ଏଥିରେ ଦେଶର ଅର୍ଥନୈତିକ ଏବଂ ବ୍ୟବସାୟିକ କ୍ଷେତ୍ରକୁ ଏକ ନୂଆ ରୂପ ଦେଉଥିବା ୧୦୦ ଜଣ ପ୍ରଭାବଶାଳୀ ମହିଳାଙ୍କୁ ସମ୍ମାନିତ କରାଯାଇଛି। କାର୍ଯ୍ୟକ୍ରମରେ ନେତୃତ୍ୱର ଭବିଷ୍ୟତ, ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ (ଏଆଇ), ଆର୍ଥିକ ସଶକ୍ତିକରଣ, ଉଦ୍ୟୋଗିତା, ସମାବେଶ ଏବଂ ରାଷ୍ଟ୍ର ଗଠନ ଭଳି ଗୁରୁତ୍ୱପୂର୍ଣ୍ଣ ବିଷୟ ଉପରେ ଆଲୋଚନା ହୋଇଥିଲା।

ନୀତା ଅମ୍ବାନୀଙ୍କ ବାର୍ତ୍ତା: କାର୍ଯ୍ୟକ୍ରମରେ ରିଲାଏନ୍ସ ଫାଉଣ୍ଡେସନର ଅଧ୍ୟକ୍ଷା ତଥା ଚଳିତ ବର୍ଷର ନମ୍ବର ୧ ମୋଷ୍ଟ ପାୱାରଫୁଲ୍ ୱିମେନ୍ ନୀତା ଅମ୍ବାନୀ, ନେତୃତ୍ୱର ଏକ ବ୍ୟାପକ ସଂଜ୍ଞା ଉପରେ ଗୁରୁତ୍ୱ ଦେଇଥିଲେ। ସେ କହିଥିଲେ ଯେ, ପ୍ରକୃତ ନେତୃତ୍ୱ ସହାନୁଭୂତି, ସମାବେଶ ଏବଂ ସୁଯୋଗ ଉପରେ ଆଧାରିତ ହେବା ଉଚିତ। ଏହାସହ କନ୍ୟା ସନ୍ତାନ ଉନ୍ନତି ପାଇଁ ନିବେଶ କରିବା ଭାରତର ଭବିଷ୍ୟତ ପାଇଁ ଅତ୍ୟନ୍ତ ଜରୁରୀ ବୋଲି ସେ ପ୍ରକାଶ କରିଥିଲେ।

ବ୍ୟବସାୟିକ ନେତୃବୃନ୍ଦ ଆଲୋଚନା କରିଥିଲେ ଯେ, ଏଆଇ, ଭୂ-ରାଜନୈତିକ ପରିବର୍ତ୍ତନ ଏବଂ ଦ୍ରୁତ ବୈଷୟିକ ପରିବର୍ତ୍ତନ ଶିଳ୍ପଗୁଡ଼ିକୁ ପରିବର୍ତ୍ତନ କରୁଥିଲେ ମଧ୍ୟ, ସ୍ଥାୟୀ ନେତୃତ୍ୱ ସର୍ବଦା ଜିଜ୍ଞାସା, ସହନଶୀଳତା, ଗ୍ରାହକ କୈନ୍ଦ୍ରିକତା ଏବଂ ମାନବୀୟ ନିଷ୍ପତ୍ତି ଉପରେ ହିଁ ନିର୍ଭର କରିବ। ଆର୍ଥିକ ସମାବେଶ ଉପରେ ହୋଇଥିବା ଆଲୋଚନାରେ ଦର୍ଶାଯାଇଥିଲା ଯେ, ମହିଳା ସଶକ୍ତିକରଣର ପରବର୍ତ୍ତୀ ପର୍ଯ୍ୟାୟ କେବଳ ଆର୍ଥିକ ସେବା ପାଇବା ମଧ୍ୟରେ ସୀମିତ ନୁହେଁ, ବରଂ ସକ୍ରିୟ ଭାବରେ ସମ୍ପତ୍ତି ସୃଷ୍ଟି ଏବଂ ଆର୍ଥିକ ନିଷ୍ପତ୍ତି ନେବାରେ ମହିଳାଙ୍କ ଭାଗିଦାରୀ ବୃଦ୍ଧି କରିବା ଅଟେ। ଏହି କାର୍ଯ୍ୟକ୍ରମରେ ସମସ୍ତଙ୍କ ପାଇଁ ଅନୁକୂଳ କାର୍ଯ୍ୟକ୍ଷେତ୍ର ପ୍ରସ୍ତୁତ କରିବା, ଦୀର୍ଘସ୍ଥାୟୀ କଞ୍ଜ୍ୟୁମର ବ୍ରାଣ୍ଡ୍ ଗଠନ କରିବା ଏବଂ 'ବିକଶିତ ଭାରତ'ର ସ୍ୱପ୍ନକୁ ସାକାର କରିବାରେ ପୋଷଣ ଓ ସ୍ୱାସ୍ଥ୍ୟସେବାର ଭୂମିକା ଉପରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହୋଇଥିଲା। ଫର୍ଚ୍ୟୁନ ଇଣ୍ଡିଆର ଏହି ମଞ୍ଚ ଆଜି ଦେଶରେ ନେତୃତ୍ୱ ପାଇଁ ଅନ୍ୟତମ ପ୍ରଭାବଶାଳୀ ମାଧ୍ୟମ ଭାବେ ଉଭା ହୋଇଛି। ୨୦୨୬ର ଏହି ସଂସ୍କରଣ ବ୍ୟବସାୟ ଏବଂ ସମାଜରେ ସାର୍ଥକ ପରିବର୍ତ୍ତନ ଆଣୁଥିବା ମହିଳାମାନଙ୍କୁ ସ୍ୱୀକୃତି ଦେବା ପାଇଁ ଫର୍ଚ୍ୟୁନ ଇଣ୍ଡିଆର ପ୍ରତିବଦ୍ଧତାକୁ ପୁଣି ଥରେ ଦୋହରାଇଛି।



# ଭାରତରେ ଅଛି ୩୦୦ ବିଲିୟନ ବ୍ୟାରେଲ ତେଲ-ଗ୍ୟାସ ଭଣ୍ଡାର

## ବେଦାନ୍ତର ବଡ଼ ଘୋଷଣା

ନୂଆଦିଲ୍ଲୀ.୧୨।୭: ଦେଶର ପ୍ରତିଷ୍ଠିତ କମ୍ପାନି ବେଦାନ୍ତ ଦେଶର ଉର୍ଜା ସୁରକ୍ଷାକୁ ମଜଭୁତ କରିବା ପାଇଁ ଏକ ବଡ଼ ଘୋଷଣା କରିଛି। କମ୍ପାନି ପ୍ରତିଦିନ ୫ ଲକ୍ଷ ବ୍ୟାରେଲ୍ ଅୟଲ୍ ସହ ସମାନ ତେଲ୍ ଓ ଗ୍ୟାସ୍ ଉତ୍ପାଦନ କରିବା ନେଇ ନିଜ ଲକ୍ଷ୍ୟକୁ ପୁଣି ଥରେ ଦୋହରାଇଛି। ବେଦାନ୍ତ ଅନୁସାରେ, ଏପରି କରିବା ଦ୍ୱାରା ଦେଶର ଉର୍ଜା ସୁରକ୍ଷା ଦିଗରେ କମ୍ପାନିର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହେବ। ଭାରତ ନିଜ ତେଲ ଏବଂ ଗ୍ୟାସ୍ ଆବଶ୍ୟକତାର ୯୦ ପ୍ରତିଶତ ଅଂଶ ଆମଦାନୀ କରୁଛି। ଏହି କାରଣରୁ ଦେଶର ଅର୍ଥବ୍ୟବସ୍ଥା ବୈଶ୍ୱିକ ଯୋଗାଣରେ ବାଧା ଏବଂ ମୂଲ୍ୟ ବୃଦ୍ଧିର ଉତ୍ଥାନ-ପତନର ବିପଦରେ ରହିଥାଏ। ବେଦାନ୍ତ ଅନୁସାରେ ଦେଶରେ ପ୍ରାୟ ୩୦୦ ବିଲିୟନ ବ୍ୟାରେଲ ସମାନ ହାଇଡ୍ରୋକାର୍ବନ ସଂସଧାନ ରହିଛି। କମ୍ପାନି କରିଛି ଯେ ବେଦାନ୍ତ ଅୟଲ ଆଣ୍ଡ ଗ୍ୟାସ୍-କେୟର୍ନ ଆଡଭାନ୍ସଡ୍ ଟେକ୍ନୋଲଜିର ବ୍ୟବହାର କରି ଦ୍ରୁତ ଅନୁସନ୍ଧାନ ଏବଂ ଉନ୍ନତ ଅୟଲ୍ ରିକଭରି ଜରିଆରେ ଏହି ବଡ଼ ରିସୋର୍ସ ବେସ୍ ଲାଭ ଉଠାଇବା ପାଇଁ ପ୍ରତିବଦ୍ଧ ଅଟେ। ଉଲ୍ଲେଖଯୋଗ୍ୟ ଯେ ବେଦାନ୍ତ ଅଧ୍ୟକ୍ଷ ଅନିଲ୍ ଅଗ୍ରୱାଲ କହିଥିଲେ, ଭାରତ ପାଇଁ ଉର୍ଜା ମାମଲାରେ ଆତ୍ମନିର୍ଭର ହେବା ଏକ ରଣନୀତିକ ଆର୍ଥିକ ଆବଶ୍ୟକତା ଅଟେ। ଦେଶରେ ଉତ୍ପାଦିତ ତେଲ ଓ ଗ୍ୟାରର ପ୍ରତ୍ୟେକ ବ୍ୟାରେଲ୍ ଆମ ଅର୍ଥବ୍ୟବସ୍ଥାକୁ ମଜଭୁତ କରୁଛି। ଆମଦାନୀ ଉପରେ ନିର୍ଭରତା ହ୍ରାସ କରୁଛି ଏବଂ ଦେଶକୁ ଉର୍ଜା କ୍ଷେତ୍ରରେ ସଶକ୍ତ କରୁଛି। ଭାରତ ପାଖରେ ପ୍ରଚୁର ପ୍ରାକୃତିକ ସମ୍ବଳ, ବିଶ୍ୱ-ସ୍ତରୀୟ ପ୍ରଯୁକ୍ତି କ୍ଷମତା ରହିଛି। ବିଶେଷଜ୍ଞଙ୍କ ଅନୁସାରେ, ଭାରତରେ ଏବେ ବି ଏପରି ଅନେକ ସମୁଦ୍ର ଏବଂ ଭୂମି ଅଞ୍ଚଳ ଅଛି ଯେଉଁଠାରେ ତେଲକୁ ବ୍ୟବସ୍ଥିତ ଭାବେ ସନ୍ଧାନ କରାଯାଇନି। ଏପରି ସ୍ଥିତିରେ ଦେଶର ଘରୋଇ ଉତ୍ପାଦନ ବଢ଼ିବାର ଯଥେଷ୍ଟ ସମ୍ଭାବନା ରହିଛି। ଭାରତ ସରକାର ସମୁଦ୍ର ମିଶନ ଜରିଆରେ ଗଭୀର ଏବଂ ଅତ୍ୟନ୍ତ ଗଭୀର ସମୁଦ୍ରିକ ବ୍ଲକଗୁଡ଼ିକୁ ଅନୁସନ୍ଧାନ ପାଇଁ ଖୋଲିଛନ୍ତି। ଏହାସହ ଚଳିତ ଦଶନ୍ଧି ଶେଷ ସୁଦ୍ଧା ଭାରତର ଉର୍ଜା କ୍ଷେତ୍ରରେ ୫୦୦ ବିଲିୟନ ଡଲାର ନିବେଶର ରାସ୍ତା ଖୋଲିଛି। ବେଦାନ୍ତ ତୈଳ ଏବଂ ଗ୍ୟାସ୍ ବର୍ତ୍ତମାନ ରାଜସ୍ଥାନ, ଗୁଜରାଟ, ଆସାମ ଏବଂ ଆନ୍ଧ୍ର ପ୍ରଦେଶରେ ପ୍ରାୟ ୪୭,୦୦୦ ବର୍ଗ କିଲୋମିଟର ପରିବ୍ୟାପ୍ତ ୪୪ଟି ଅନ୍-ଶୋର ଏବଂ ଅଫ୍-ଶୋର ବ୍ଲକ୍ ରଖିଛି। ଏଠାରେ ପାରମ୍ପରିକ ଏବଂ ଅଣ-ପାରମ୍ପରିକ ପଦ୍ଧତି ବ୍ୟବହାର କରି ତୈଳ ଏବଂ ଗ୍ୟାସ ଅନୁସନ୍ଧାନ ଚାଲିଛି।





# ଆଜିର ସୁନା ଦର

ଗହଣା କିଣିବା ପୂର୍ବରୁ ନଜର ପକାନ୍ତୁ କେଉଁ ସହରରେ କେତେ ରହିଛି ସୁନା ଦର। ତେବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜିର ସୁନା ଦର । ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୪୪,୮୨୦ ଟଙ୍କା ରହିଛି । ସେହିପରି ୨୨ କ୍ୟାରେଟ ସୁନା ଦର ୧,୩୨,୭୫୦ ଟଙ୍କା ଛୁଇଁଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୪୪,୮୨୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ ସୁନାର ମୂଲ୍ୟ ୧,୩୨,୭୫୦ ଟଙ୍କାକୁ ପହଞ୍ଚିଛି । ସେହିପରି ମୁମ୍ବାଇରେ ୨୪ କ୍ୟାରେଟ ମୂଲ୍ୟ ୧,୪୪,୮୨୦ ଟଙ୍କା ଓ ୨୨ କ୍ୟାରଟେ ମୂଲ୍ୟ ୧,୩୨,୭୫୦ ଟଙ୍କା ରହିଛି । ନୂଆଦିଲ୍ଲୀରେ ୨୪ କ୍ୟାରେଟ ୧,୪୪,୯୫୦ ଟଙ୍କା ଓ ୨୨ କ୍ୟାରଟେ ୧,୩୨,୯୦୦ ଟଙ୍କା ରହିଛି । ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରଟେ ମୂଲ୍ୟ ୧,୪୫,୬୪୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧,୩୩,୫୦୦ ଟଙ୍କା ରହିଛି । ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୪୪,୮୨୦ ଓ ୨୨ କ୍ୟାରେଟ ମୂଲ୍ୟ ୧,୩୨,୭୫୦ ଟଙ୍କା ରହିଛି । ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୨,୪୦,୦୦୦ ଟଙ୍କା ହୋଇଛି ।



# ଆଜିର ପେଟ୍ରୋଲ, ଡିଜେଲ୍ ଦର

ଆଜି ପାଇଁ ସ୍ଥିର ରହିଛି ପେଟ୍ରୋଲ କିମ୍ବା ଡିଜେଲ ଦର । ଲଗାତାର କିଛିଦିନ ହେଲାଣି ସ୍ଥିର ରହିଛି ପେଟ୍ରୋଲ କିମ୍ବା ଡିଜେଲ ଦର । ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୯.୭୮ ଟଙ୍କା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୧୦୧.୪୬ ପଇସା ରହିଛି । ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୧୦୨ ଟଙ୍କା ୧୨ ପଇସା ଓ ଡିଜେଲ ଦର ୯୫ ଟଙ୍କା ୨୦ ପଇସା ହୋଇଛି । ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୧୧ ଟଙ୍କା ୨୧ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୭.୮୩ ଟଙ୍କା ରହିଛି । ସେହିପରି କୋଲକାତାରେ ପେଟ୍ରୋଲ ଦର ୧୧୩. ୫୧ ଟଙ୍କା ଥିବାବେଳେ ଡିଜେଲ ଦର ୯୯ ଟଙ୍କା ୮୨ ପଇସା ରହିଛି । ଚେନ୍ନାଇରେ ପେଟ୍ରୋଲ ଦର ୧୦୭ ଟଙ୍କା ୭୭ ପଇସା ଥିବା ବେଳେ ଡିଜେଲ ଦାମ ୯୯ ଟଙ୍କା୬୫ ପଇସା ରହିଛି ।

# ଏସ୍‌ଏସ୍‌ଡି ଓ ସରକାରୀ ବିଦ୍ୟାଳୟରେ ଶିକ୍ଷକ ଅଭାବ

## ପାଠପଢ଼ା ପ୍ରଭାବିତ / ତୁରନ୍ତ ପଦକ୍ଷେପ ନେବାକୁ ଦାବି

ଭବାନୀପାଟଣା, ୧୨।୭ (ସଂଚାର ବ୍ୟୁରୋ)ଃ କଳାହାଣ୍ଡି ଜିଲ୍ଲାର ବିଭିନ୍ନ ଏସ୍‌ଏସ୍‌ଡି ବିଦ୍ୟାଳୟ ସହ ଅନେକ ସରକାରୀ ବିଦ୍ୟାଳୟରେ ଦୀର୍ଘଦିନ ଧରି ଶିକ୍ଷକ ଅଭାବ ଯୋଗୁଁ ପାଠପଢ଼ା ବ୍ୟବସ୍ଥା ପ୍ରଭାବିତ ହେଉଥିବା ନେଇ ଅଭିଭାବକ, ଛାତ୍ରଛାତ୍ରୀ ଓ ସାଧାରଣ ଜନତାଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି। ବିଶେଷକରି ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଅବସ୍ଥିତ ଏସ୍‌ଏସ୍‌ଡି ବିଦ୍ୟାଳୟଗୁଡ଼ିକରେ ଛାତ୍ରଛାତ୍ରୀଙ୍କ ସଂଖ୍ୟା ବର୍ଷକୁ ବର୍ଷ ବଢ଼ୁଥିବା ବେଳେ ସେହି ଅନୁପାତରେ ଶିକ୍ଷକ ନିଯୁକ୍ତି ନ ହେବାରୁ ଶିକ୍ଷାଦାନ ବ୍ୟବସ୍ଥା ଦୁର୍ବଳ ହୋଇପଡୁଥିବା ଅଭିଯୋଗ ହେଉଛି।

ସୂଚନା ଅନୁଯାୟୀ, ଜିଲ୍ଲାର ଅନେକ ଏସ୍‌ଏସ୍‌ଡି ବିଦ୍ୟାଳୟରେ ଆବଶ୍ୟକତା ଅନୁଯାୟୀ ଶିକ୍ଷକ ପଦ ଥିଲେ ମଧ୍ୟ ଅନେକ ପଦ ଦୀର୍ଘ ସମୟ ଧରି ଖାଲି ପଡ଼ି ରହିଛି। ଫଳରେ ଗୋଟିଏ କିମ୍ବା ଦୁଇଜଣ ଶିକ୍ଷକଙ୍କୁ ଏକାଧିକ ଶ୍ରେଣୀ ଓ ବିଷୟର ଦାୟିତ୍ୱ ସମ୍ଭାଳିବାକୁ ପଡୁଛି। କେତେକ ବିଦ୍ୟାଳୟରେ ବିଜ୍ଞାନ, ଗଣିତ, ଇଂରାଜୀ ଓ ସାମାଜିକ ବିଜ୍ଞାନ ଭଳି ବିଷୟ ପାଇଁ ନିର୍ଦ୍ଦିଷ୍ଟ ଶିକ୍ଷକ ନଥିବାରୁ ଛାତ୍ରଛାତ୍ରୀମାନେ ନିୟମିତ ଓ ଗୁଣାତ୍ମକ ଶିକ୍ଷାରୁ ବଞ୍ଚିତ ହେଉଥିବା ଜଣାପଡୁଛି।

ଅନେକ ଅଭିଭାବକଙ୍କ କହିବା ଅନୁଯାୟୀ, ସରକାରୀ ବିଦ୍ୟାଳୟରେ ମାଗଣା ପୁସ୍ତକ, ବିଦ୍ୟାଳୟ ପୋଷାକ, ମଧ୍ୟାହ୍ନ ଭୋଜନ, ଛାତ୍ରାବାସ ସୁବିଧା ଓ ବିଭିନ୍ନ ସରକାରୀ ସହାୟତା ମିଳୁଥିଲେ ମଧ୍ୟ ଯଦି ପର୍ଯ୍ୟାପ୍ତ ଶିକ୍ଷକ ନଥାନ୍ତି, ତେବେ ଛାତ୍ରଛାତ୍ରୀଙ୍କ ସର୍ବାଙ୍ଗୀଣ ବିକାଶ ସମ୍ଭବ ନୁହେଁ। ଏହା ଦ୍ୱାରା ସରକାରୀ ଶିକ୍ଷା ବ୍ୟବସ୍ଥା ପ୍ରତି ଅଭିଭାବକଙ୍କ ଆସ୍ଥା ଧୀରେ ଧୀରେ କମିବାରେ ଲାଗିଛି।

ଏପରି ପରିସ୍ଥିତିରେ ଗ୍ରାମାଞ୍ଚଳ ଓ ଆଦିବାସୀ ଅଞ୍ଚଳର ଅନେକ ପରିବାର ନିଜ ସନ୍ତାନଙ୍କ ଭବିଷ୍ୟତକୁ ନେଇ ଚିନ୍ତିତ ହୋଇପଡ଼ିଛନ୍ତି। ସରକାରୀ ବିଦ୍ୟାଳୟରେ ଶିକ୍ଷାର ଗୁଣବତ୍ତା ହ୍ରାସ ପାଉଥିବା ଧାରଣା ସୃଷ୍ଟି ହେବା ପରେ ଅନେକ ଅଭିଭାବକ ବେସରକାରୀ ବିଦ୍ୟାଳୟ ମୁହାଁ ହେଉଛନ୍ତି।

ସ୍ଥାନୀୟ ଲୋକଙ୍କ ମତରେ, ଯଦି ସରକାରୀ ବିଦ୍ୟାଳୟରେ ଯଥେଷ୍ଟ ଶିକ୍ଷକ ନିଯୁକ୍ତି କରାଯାଏ ଏବଂ ଖାଲି ପଦଗୁଡ଼ିକୁ ତୁରନ୍ତ ପୂରଣ କରାଯାଏ, ତେବେ ସରକାରୀ ଶିକ୍ଷା ବ୍ୟବସ୍ଥା ପୁଣିଥରେ ଲୋକଙ୍କ ଭରସା ଜିତିପାରିବ। ସେହିପରି ବିଦ୍ୟାଳୟଗୁଡ଼ିକରେ ଆଧୁନିକ ଶିକ୍ଷାଦାନ ପଦ୍ଧତି, ଡିଜିଟାଲ ଶିକ୍ଷା ବ୍ୟବସ୍ଥା ଓ ନିୟମିତ ଏକାଡେମିକ ମନିଟରିଂ ବ୍ୟବସ୍ଥା କରିବା ପାଇଁ ମଧ୍ୟ ଦାବି ହେଉଛି।

ଏହି ପରିପ୍ରେକ୍ଷୀରେ ଜିଲ୍ଲା ପ୍ରଶାସନ ଓ ରାଜ୍ୟ ସରକାର ଶିକ୍ଷା କ୍ଷେତ୍ରର ଏହି ଗୁରୁତ୍ୱପୂର୍ଣ୍ଣ ସମସ୍ୟା ଉପରେ ଗୁରୁତ୍ୱ ସହ ବିଚାର କରି ତୁରନ୍ତ ପଦକ୍ଷେପ ନେବେ ବୋଲି କଳାହାଣ୍ଡି ଜିଲ୍ଲାବାସୀ ଆଶା ପ୍ରକାଶ କରିଛନ୍ତି।

## ମହିଳା ସ୍ୱୟଂସହାୟକ ଗୋଷ୍ଠୀଙ୍କ ପାଇଁ ଆରମ୍ଭ ହେବ ଉଚ୍ଚତର ସିଲେଇ ତାଲିମ



ମାଲକାନଗିରି,୧୨।୭ (ସଂଚାର ବ୍ୟୁରୋ)ଃ ମାଲକାନଗିରି ଜିଲ୍ଲାପାଳ ଓ ଜିଲ୍ଲା ମାଜିଷ୍ଟ୍ରେଟ୍ ପ୍ରଥମେଶ ଅରବିନ୍ଦ ରାଜଶିର୍କେଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲାରେ ଦକ୍ଷତା ବିକାଶ କାର୍ଯ୍ୟକ୍ରମକୁ ଅଧିକ ବ୍ୟାପକ ଓ ସୁଦୃଢ଼ କରାଯାଉଛି। ଜିଲ୍ଲା ପ୍ରଶାସନର ସ୍ୱତନ୍ତ୍ର ନେତୃତ୍ୱରେ ଗ୍ରାମାଞ୍ଚଳର ମହିଳାମାନଙ୍କ ଆର୍ଥିକ ଉନ୍ନତି ଓ ସେମାନଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ଉପରେ ସର୍ବୋଚ୍ଚ ପ୍ରାଥମିକତା ପ୍ରଦାନ କରାଯାଉଛି।

ଏହି କ୍ରମରେ ମାଲକାନଗିରି ଜିଲ୍ଲା ଦକ୍ଷତା ବିକାଶ ଓ ନିୟୋଜନ ଅଧିକାରୀ ଗୁପ୍ତ ମାଢ଼ି ଏବଂ ଜନ ଶିକ୍ଷଣ ସଂସ୍ଥାନର ନିର୍ଦ୍ଦେଶକ ମାର୍କାପାଲି ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ପଡ଼ାଭଟା ଗ୍ରାମ ପରିଦର୍ଶନ କରିଥିଲେ। ସେଠାରେ ସେମାନେ ଗୁରୁପ୍ରିୟା ଟେଲରିଂ ପ୍ରୋଡ୍ୟୁସର ଗ୍ରୁପର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ର ସଦସ୍ୟାମାନଙ୍କ ସହ ସେମାନଙ୍କ ଜୀବିକା ଓ ଦକ୍ଷତା ବିଷୟରେ ଆଲୋଚନା କରିଥିଲେ। ଜିଲ୍ଲା ପ୍ରଶାସନ ପକ୍ଷରୁ ଏହି ମହିଳାମାନଙ୍କୁ ବ୍ୟବସାୟିକ ସ୍ତରରେ ସଫଳ କରିବା ପାଇଁ ଖୁବ୍ ଶୀଘ୍ର ଏକ ଉଚ୍ଚତର ସିଲେଇ ତାଲିମ କାର୍ଯ୍ୟକ୍ରମ ଆରମ୍ଭ କରାଯିବ। ଜିଲ୍ଲାପାଳଙ୍କ ସୂଚାରୁ ନେତୃତ୍ୱରେ ପରିଚାଳିତ ଏହି ଅଭିଯାନ ଜିଲ୍ଲାର ପ୍ରାନ୍ତୀୟ ଅଞ୍ଚଳରେ ମହିଳା ସଶକ୍ତିକରଣ ଏବଂ ଦକ୍ଷତା ବିକାଶ କ୍ଷେତ୍ରରେ ଏକ ନୂତନ ଅଧ୍ୟାୟ ସୃଷ୍ଟି କରିବ ବୋଲି ଆଶା ପ୍ରକାଶ ପାଇଛି।

## ଫୁଲବାଣୀ ରୋଟାରୀ କ୍ଲବର ପ୍ରତିଷ୍ଠା ଦିବସ

### ବିଜୟ ସଭାପତି, ସୁନୀଲ ସମ୍ପାଦକ



ଫୁଲବାଣୀ, ୧୨।୭ (ସଂଚାର ବ୍ୟୁରୋ)ଃ ଶୁକ୍ରବାର ସଂଧ୍ୟାରେ ଫୁଲବାଣୀ ରୋଟାରୀ କ୍ଲବ୍‌ରେ ୪୬ତମ ପ୍ରତିଷ୍ଠା ଉତ୍ସବ ସ୍ଥାନୀୟ ଗାନ୍ଧୀ ସ୍ମୃତି ଭବନ ଠାରେ ଏକ ବର୍ଣ୍ଣାଢ଼୍ୟ ପରିବେଶରେ ପାଳିତ ହୋଇଥିଲା। ଏହି ଅବସର ରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ବିଭୂତି ଭୂଷଣ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ରୋଟାରୀ କ୍ଲବ୍‌ର ସେବା ମୂଳକ କାର୍ଯ୍ୟ ଓ ସଦସ୍ୟ ମାନଙ୍କ ଉତ୍ସର୍ଗୀକୃତ ମନୋଭାବକୁ ଭୂୟସୀ ପ୍ରଶଂସା କରିଥିଲେ । ଅତିଥିଙ୍କ ଉପସ୍ଥିତିରେ ୨୦୨୫/୨୬ବର୍ଷର କ୍ଲବ୍ ସଭାପତି ପ୍ରକାଶ କୁମାର ପଣ୍ଡା ଓ ସମ୍ପାଦକ ବିରଜା ପ୍ରସାଦ ନାହ କ ଚଳିତ ୨୦୨୬/୨୭ବର୍ଷ ସଭାପତି ବିଜୟ ପଟ୍ଟନାୟକ ଓ ସମ୍ପାଦକ ସୁନୀଲ ପଟ୍ଟନାୟକଙ୍କୁ ଦାୟିତ୍ୱ ହସ୍ତାନ୍ତର କରିଥିଲେ। ଏହି ଅବସରରେ କ୍ଲବ୍‌ର ସମସ୍ତ ପୁର୍ବତନ ସଭାପତି ଓ ଯୋଗଦେଇଥିବା ଭୁବନେଶ୍ୱର, ନୟାଗଡ଼, ଭଞ୍ଜନଗର, ବ୍ରହ୍ମପୁରର ରୋଟାରିଆନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ପଞ୍ଚାୟତ ଆକାଉଣ୍ଟ ସ୍ଥାନାନ୍ତରକୁ ନେଇ ଅସନ୍ତୋଷ




ଫୁଲବାଣୀ, ୧୨।୭ (ସଂଚାର ବ୍ୟୁରୋ)ଃ ପ୍ରତ୍ୟେକ ପଂଚାୟତର ବିଭିନ୍ନ ଆକାଉଂଟ ରହିଛି । ଏସବୁ ଆକାଂଉଟ ପଂଚାୟତର ସବୁଠୁ ନିକଟତମ ବ୍ୟାଙ୍କ ଶାଖା ମାନଙ୍କରେ ପ୍ରାୟ ଖୋଲା ଯାଇଥାଏ। ଫଳରେ କାର୍ଯ୍ୟ କରିବାକୁ ସୁବିଧା ହୁଏ। ଏବେ ପଂଚାୟତର କିଛି ଆକାଉଂଟକୁ ନିକଟତମ ଶାଖାରୁ ବହୁ ଦୂରକୁ ନିଆଯାଇଛି । ଯାହକୁ ନେଇ ଅସନ୍ତୋଷ ସୃଷ୍ଟି ହୋଇଛି । କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ଗୋଚ୍ଛାପଡା ଥାନା ଅଂଚଳରେ ଥିବା ୧୦ରୁ ଉର୍ଦ୍ଧ୍ୱ ପଂଚାୟତରେ ଏପରି କରାଯାଇଥିବାରୁ ସରପଞ୍ଚ ଏବଂ ପୂର୍ବତନ ବିଧାୟକ ଅସନ୍ତୋଷ ପ୍ରକାଶ କରି ଜିଲାପାଳଙ୍କ ପାଖରେ ନିକଟତମ ଶାଖାରେ ଆକାଉଂଟ ଯେଭଳି ଚାଲିଥିଲା, ପୂନର୍ବାର ସେହିପରି କରିବାକୁ ଦାବି କରିଛନ୍ତି ।

## ସିଆରପିଏଫ ଯବାନଙ୍କ ଆତ୍ମହତ୍ୟା ଘଟଣାରେ ସ୍ତ୍ରୀ ଗିରଫ



ଫୁଲବାଣୀ, ୧୨।୭ (ସଂଚାର ବ୍ୟୁରୋ)ଃ କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ନୁଆସାହି ଗାୟତ୍ରୀ କଲୋନୀ ବାସିନ୍ଦା ସିଆରପିଏଫ୍ ଜବାନ୍ ଅଶୋକ ବେହେରା ବିଷ ପିଇ ଆତ୍ମହତ୍ୟା କରିବା ଘଟଣାକୁ ନେଇ ସାମ୍ନାକୁ ଆସିଲା ବଡ଼ ସାଙ୍ଘାତିକ ଅଭିଯୋଗ । ମୃତ ଅଶୋକଙ୍କ ସ୍ତ୍ରୀ ଦୀର୍ଘ ଦିନ ଧରି ଅଶୋକଙ୍କ ଦରମା ଟଙ୍କାକୁ ଅନୈତିକ ଉପାୟରେ ଖର୍ଚ୍ଚ କରିବା ସହ ଆଶିଷ ପାଇକରାୟ ନାମକ ଜଣେ ସିଆରପିଏଫ୍ ଅଫିସରଙ୍କ ସହ ଅନୈତିକ ସମ୍ପର୍କ ରଖିଥିଲେ । ଏନେଇ ଉଭୟ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ଦୀର୍ଘ ମାସ ଧରି ଅଶାନ୍ତି ଲାଗିରହିଥିବା ବେଳେ ଗତ କିଛି ମାସ ହେବ ଅଶୋକଙ୍କ ସ୍ତ୍ରୀ ନିଜ ଘର ଛାଡ଼ି ତାଙ୍କ ଦୁଇ ଝିଅଙ୍କୁ ନେଇ ଅନ୍ୟ ଏକ ଭଡ଼ା ଘରେ ରହୁଥିଲେ । ଏନେଇ ମାନସିକ ଚାପରେ ରହୁଥିଲେ ଅଶୋକ ଏବଂ ଶେଷରେ ଆତ୍ମହତ୍ୟା କରିବା ପାଇଁ ବାଧ୍ୟ ହୋଇଛନ୍ତି ବୋଲି ବାଲିଗୁଡ଼ା ଥାନାରେ ଲିଖିତ ଅଭିଯୋଗ କରିଥିଲେ ଅଶୋକଙ୍କ ମା । ଅଭିଯୋଗ ପ୍ରକାରେ ବାଲିଗୁଡ଼ା ପୁଲିସ୍ ଅଶୋକଙ୍କ ସ୍ତ୍ରୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ପୋଲିସ୍ ପକ୍ଷରୁ ସୂଚନା ମିଳିଛି ।

## ଶିକ୍ଷକ ସଂଘ ଓ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ ମଧ୍ୟରେ ଉପୁଜିଥିବା ମତଭେଦ ଦୂର ପାଇଁ ବୈଠକ



ଫୁଲବାଣୀ, ୧୨।୭ (ସଂଚାର ବ୍ୟୁରୋ)ଃ କନ୍ଧମାଳ ଜିଲ୍ଲା ବାଲିଗୁଡା ନୁଆସାହି ସ୍ଥିତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘ ବାଲିଗୁଡା ଶାଖାର ଏକ ବୈଠକ ସଂଘ ସଭାପତି ମଣିରାମ ନାୟକ ଙ୍କ ଅଧ୍ୟକ୍ଷତା ରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶିକ୍ଷକ ସଂଘ ଓ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ମଧ୍ୟରେ ଉପୁଜିଥିବା ଭୁଲ ବୁଝାମଣା ଓ ମତଭେଦ ଦୂର ଉପରେ ଆଲୋଚନା କରାଯାଇଥିଲା। ସଂଘର ସଭାପତି ଶ୍ରୀ ନାୟକ ଓ ସମ୍ପାଦକ ବିଶ୍ୱେଶ୍ୱର ପ୍ରଧାନୀ ବାଲିଗୁଡା ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ନାମରେ ବ୍ୟକ୍ତିଗତ ଆରୋପ କରି ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଦେଇଥିବା ଅଭିଯୋଗ ଉପରେ ସର୍ବସମ୍ମତି କ୍ରମେ ଆଲୋଚନା କରାଯାଇ ଅଭିଯୋଗକୁ ପ୍ରତ୍ୟାହାର କରାଯିବା ସହ ଉଭୟଙ୍କ ମଧ୍ୟରେ ଥିବା ମତ ପାର୍ଥକ୍ୟକୁ ଆପୋଷ ବୁଝାମଣା ମାଧ୍ୟମରେ ସମାଧାନ କରାଯାଇଥିବା ଓ ଉକ୍ତ ବିଷୟ ଲିଖିତ ମାଧ୍ୟମରେ ଜଣାଇଥିଲେ ବୋଲି ପ୍ରକାଶ କରିଥିଲେ । ଆଗାମୀ ଦିନରେ ଯେପରି ଭୁଲ ବୁଝାମଣା ନ ହୁଏ ସେଥିପ୍ରତି ଯତ୍ନବାନ ହେବାପାଇଁ ବୈଠକରେ ମତ ପ୍ରକାଶ ପାଇଥିଲା।

### ଜାତୀୟ ରଗବୀରେ କେନ୍ଦ୍ରାପଡ଼ା ଖେଳାଳିଙ୍କ କରିସ୍ମା

## ହାଇଦ୍ରାବାଦରେ ଖେଳିବେ ବିକ୍ରମ ଓ ଅଭିଜିତ

କେନ୍ଦ୍ରାପଡ଼ା, ୧୨।୭ (ସଂଚାର ବ୍ୟୁରୋ)ଃ ଜାତୀୟ ସ୍ତରୀୟ ରଗବୀ ପ୍ରତିଯେଗିତା ପାଇଁ କେନ୍ଦ୍ରାପଡ଼ାର ଦୁଇଜଣ ଖେଳାଳୀଙ୍କୁ ଚୟନ କରାଯାଇଛି । ଏହି ଦୁଇ ଖେଳାଳୀ ହେଉଛନ୍ତି ବିକ୍ରମ କୁମାର ସୋରେନ ଓ ଅଭିଜିତ ପ୍ରଧାନ । କଳିଙ୍ଗ ଷ୍ଟାଡିୟମରେ ଆୟୋଜିତ ରାଜ୍ୟସ୍ତରୀୟ ଚୟନ ଶିବିରରେ ଦୁଇ ଖୋଳଳୀ ନିଜର ପ୍ରତିଭା ଦେଖାଇଥିଲେ । ତେଣୁ ଏହି ଦୁଇ ଖେଳାଳୀ



ହାଇଦ୍ରାବାଦରେ ଅନୁଷ୍ଠିତ ହେବାକୁ ଥିବା ଜାତୀୟ ସ୍ତରୀୟ ଚାମ୍ପିୟନସିପରେ ଅଂଶଗ୍ରହଣ କରିବା ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି । ଏହି ଖବର କେନ୍ଦ୍ରାପଡା ଜିଲାରେ ଖୁସିର ଲହରୀ ଖେଳି ଯାଇଛି । ଏହା ଅନ୍ୟ ରଗବୀ ପିଲାଙ୍କୁ ଉତ୍ସାହିତ କରିଛି । ସୃଷ୍ଟି ହେବା ସହିତ ରଗବି ଖେଳ ପିଲାଙ୍କ ଦୃଷ୍ଟି ଆକର୍ଷଣ ହୋଇ ପାରିଛି ।

ଏଥିପାଇଁ କେନ୍ଦ୍ରାପଡ଼ା ରଗବୀ ଆସୋସିଏସନ ସଭାପତି ଲୋହିତ କୁମାର ମହାନ୍ତି, ସମ୍ପାଦକ ସିଲନ କୁମାର ସାମନ୍ତରାୟ, ପ୍ରଶିକ୍ଷକ ରବୀନ୍ଦ୍ର କୁମାର ପଣ୍ଡା ଦୁଇ ଖେଳାଳୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ଏହି ଅବସରରେ ଆସୋସିଏସନ ସଭାପତି ଶ୍ରୀ ମହାନ୍ତି କହିଛନ୍ତି ରଗବି ବଲ ଖେଳରେ କେନ୍ଦ୍ରାପଡା ରଗବି ଆସୋସିଏସନକୁ ଏକ ବଡ଼ ସଫଳତା ମିଳିଛି।

ଚଳିତ ବର୍ଷ ଜୁନିଅର ଜାତୀୟ ରଗବି ଚାମ୍ପିୟନସିପ ପାଇଁ କେନ୍ଦ୍ରାପଡା ରଗବି ଆସୋସିଏସନରୁ ଦୁଇ ଜଣ ଖେଳାଳୀ ବିକ୍ରମ କୁମାର ସୋରେନ ଓ ଅଭିଜିତ ପ୍ରଧାନ କଳିଙ୍ଗ ଷ୍ଟାଡିଅମରେ ଆୟୋଜିତ ରାଜ୍ୟସ୍ତରୀୟ ଚୟନ ଶିବିରରେ ନିଜ ପ୍ରତିଭା ଦେଖାଇ ହାଇଦ୍ରାବାଦରେ ଅନୁଷ୍ଠିତ ହେବାକୁ ଥିବା ଜାତୀୟ ସ୍ତରୀୟ ଚାମ୍ପିୟନସିପ ପାଇଁ ଚୟନ ହୋଇଛନ୍ତି । ଏହି ଖବର ପାଇ କେନ୍ଦ୍ରାପଡା ଜିଲ୍ଲାରେ ଖୁସିର ଲହରୀ ସୃଷ୍ଟି ହେବା ସହିତ ରଗବି ଖେଳ ପିଲାଙ୍କ ଦୃଷ୍ଟି ଆକର୍ଷଣ ହୋଇ ପାରିଛି । ଜିଲ୍ଲା ବୁଦ୍ଧିଜୀବୀ ମହଲ ଓ ବିଭିନ୍ନ ବର୍ଗ ଏଥିପାଇଁ ଜିଲା ଆସୋସିଏସନର ସମସ୍ତ କର୍ମକର୍ତ୍ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ଆଗକୁ ଏହି ଖେଳର ଅଧିକ ପ୍ରଚାର ପ୍ରସାର ହୋଇପାରିବ।

## ସରକାରୀ ଜମିରୁ ଗଛ କାଟି ନେଇଥିବା ଅଭିଯୋଗ



ମହାକାଳପଡ଼ା, ୧୨।୭ (ସଂଚାର ବ୍ୟୁରୋ)ଃ ମହାକାଳପଡ଼ା ବ୍ଲକ ଅନ୍ତର୍ଗତ ବଡ଼କୁଳ ପଞ୍ଚାୟତର ନଈବନ୍ଧ ରାସ୍ତା କଡରେ ଥିବା ସରକାରୀ ଜମିରେ ଥିବା ବଡବଡ ଚାକୁଣ୍ଡା ଗଛକୁ ଆଇତିପୁର ଗ୍ରାମର ଜନୈକ ବ୍ୟକ୍ତି ଇଟା ପୋଡ଼ିବା ପାଇଁ କାଟି ନେଇଥିବା ଅଭିଯୋଗ ହୋଇଛି। ସରକାରୀ ସମ୍ପତ୍ତିର ଏଭଳି ବ୍ୟବହାରକୁ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଛି। ଏ ସମ୍ପର୍କରେ ସ୍ଥାନୀୟ ରାଜସ୍ୱ ନୀରିକ୍ଷକ ଦୀପକ କୁମାର ଦାସଙ୍କୁ ପଚାରିବାରୁ , ଘଟଣାର ସମ୍ପୂର୍ଣ୍ଣ ତଦନ୍ତ କରାଯାଇ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ନିୟମ ଅନୁଯାୟୀ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

## ବନ ମହୋତ୍ସବ ପାଳିତ



ସୁନ୍ଦରଗଡ଼, ୧୨।୭ (ସଂଚାର ବ୍ୟୁରୋ)ଃ ଆଜି ସୁନ୍ଦରଗଡ଼ ଜିଲ୍ଲାର ବଡ଼ଗାଁ ବ୍ଲକ ସମ୍ବଲପୁରି କଳା ସଂସ୍କୃତି ଅନୁଷ୍ଠାନ ତରଫରୁ ପାମରା ଗ୍ରାମ ର ବିଭିନ୍ନ ଜାଗାରେ ୧୦୦ରୁ ୧୫୦ ବୃକ୍ଷ ଚାରା ରୋପଣ କରି ବନ ମହୋତ୍ସବ ପାଳିତ ହୋଇ ଯାଇଥିଲା।

ଏହି କାର୍ଯ୍ୟକ୍ରମ ରେ ଅନୁଷ୍ଠାନ ର ପ୍ରତିଷ୍ଠାତା ସମ୍ପାଦକ ଶ୍ରୀ ଟୋନିସ ରୋହିଦାସ, ସେକ୍ରେଟାରୀ ଶ୍ରୀ ଦୁଷ୍ମନ୍ତ ଭୋଇ, ଜୋଏନ ସେକ୍ରେଟାରୀ ଶ୍ରୀ ପ୍ରଦୀପ କୁମାର ରାଉତ, ଏବଂ ଗ୍ରାମ ର ଅନେକ ଯୁବକ ଯୁବତୀ, ପିଲା ମାନେ, ବୟସ୍କ ଲୋକ ଏହିପରି ଅନେକ ଜଣ କାର୍ଯ୍ୟକ୍ରମ ରେ ଯୋଗଦାନ କରିଥିଲେ,ଆମର ପରିବେଶ ସୁରକ୍ଷା ନିଜର ସୁରକ୍ଷା, ଜିବ ଜନ୍ତୁ ବନ୍ୟ ପ୍ରାଣୀ ଙ୍କର ସୁରକ୍ଷା ପାଇଁ ଗଛ ଗୋଟେ ଗୋଟେ ପ୍ରତେକ ମଣିଷ ପାଇଁ ଦାଇତ୍ୱ ଅଟେ. ଯାହା ଆମ ସମାଜ ର ମଙ୍ଗଳ ପାଇଁ କାମ, ଗଛ ଗୋଟେ ରୁ ଆମେ ଫଳ, ମୂଳ, କାଠି, ପତ୍ର, ଅମ୍ଳଜାନ ଭଳି ଅନେକ ମୂଲ୍ୟ ସମ୍ପଦ ପାଇଁ ଥାଉ,, ଔଷଧ ଗୁଣ ର ମଧ୍ୟ କାମ କରେ. ତେଣୁ ସଭିଙ୍କୁ ଅନୁରୋଧ ଗଛ ଗୋଟେ ଗୋଟେ ନିଶ୍ଚୟ ଲଗାନ୍ତୁ। ଏହି ପରି ଭାବେ ସମ୍ବଲପୁରୀ କଳା ସଂସ୍କୃତି ଅନୁଷ୍ଠାନ ତରଫରୁ ଆହୁରି କାର୍ଯ୍ୟକ୍ରମ ହେବ ବୋଲି କୁହାଯାଇଛି।

## ଓଁ ଶ୍ରୀ ଶ୍ରୀ ବାବା ବିଶ୍ୱନାଥ ମହାଦେବ ମନ୍ଦିରର ବାର୍ଷିକ ଉତ୍ସବ ପାଳିତ



ଯାଜପୁର ରୋଡ଼,୧୨।୭ (ସଂଚାର ବ୍ୟୁରୋ)ଃ ବ୍ୟାସନଗର ପୌରାଅଂଚଳ ସହରର ଓ୍ୱାର୍ଡ ନଂ-୧୬ ସ୍ଥିତ ଉମାପଦା ହାଉସିଂ ବୋର୍ଡରେ ବିରାଜମାନ ଓଁ ଶ୍ରୀ ଶ୍ରୀ ବାବା ବିଶ୍ୱନାଥ ମହାଦେବ ମନ୍ଦିରର ଦ୍ୱିତୀୟ ବର୍ଷିକ ଉତ୍ସବ ଆଜି ବଡ଼ ଧୁମଧାମରେ ପାଳିତ ହୋଇଯାଇଛି। ଏହି ଅବସରରେ ମନ୍ଦିରର ବ୍ରାହ୍ମଣ ଓ ବଗେଇ ବିଶେଶ୍ୱର ମହାଦେବ ମନ୍ଦିରର ଜ୍ଞାନିପଣ୍ଡିତ ବ୍ରାହ୍ମଣ ମାନଙ୍କ ଦ୍ୱାରା ରିତିନିତି ଅନୁସାରେ କର୍ତା ଆସନରେ ଅଳଙ୍କୃତ ଶ୍ରୀଯୁକ୍ତ କୁଳମଣି ଧଳ ଓ ତାଙ୍କ ପତ୍ନୀଙ୍କ ଦ୍ୱାରା ସମସ୍ତ ପୂଜାକାର୍ଯ୍ୟ ସମାପନ କରାଯାଇଥିଲା। ମନ୍ଦିର ଅନୁଷ୍ଠାନର ତତ୍ୱାବଧାନରେ ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ ସହିତ ହଜାର ହଜାର ଭକ୍ତବୃନ୍ଦ ଜନସାଧାରଣଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା। ଏଥିରେ ହାଉସିଂ ବୋର୍ଡ, ମଙ୍ଗଳା ବିହାର, ଶ୍ରବିହାର ସମେତ ସମସ୍ତ ଅଂଚଳବାସୀ ମାନେ ସହଯୋଗ ପ୍ରଦାନ କରିଥିଲେ।

## ଭାଗବତ ଟୁଙ୍ଗି ନିର୍ମାଣକୁ ନେଇ ବିବାଦ

### ଗୋଟିଏ ଜାଗାରେ ମଞ୍ଜୁରୀ ହେଲା, ଅନ୍ୟତ୍ର ହେଉଥିବା ନେଇ ଅଭିଯୋଗ

ଆଳି,୧୨।୭ (ସଂଚାର ବ୍ୟୁରୋ)ଃ ଗୋଟିଏ ଜାଗାରେ ଭାଗବତ ଟୁଙ୍ଗି ମଞ୍ଜୁରୀ ହେଲା ଅନ୍ୟତ୍ର ସ୍ଥାନାନ୍ତରିତ ହୋଇ କାର୍ଯ୍ୟ ଆରମ୍ଭ ହେଲା।ସରକାର ସ୍ୱପ୍ନ ଦେଖାଇଲେ ପରେ ଠକିଦେଲେ।ଆଳି ବ୍ଲକ କେତୁଆପାଳ ପଞ୍ଚାୟତ ଗୁଣ୍ଡିଆ ଗ୍ରାମରେ ଭାଗବତ ଟୁଙ୍ଗି କାର୍ଯ୍ୟକୁ ନେଇ ବିବାଦ ଦେଖାଦେଇଛି ।ସୂଚନା ଅନୁଯାଇ ଗୁଣ୍ଡିଆ ଗ୍ରାମ ୪ ନମ୍ବର ୱାର୍ଡରେ କେଉଁ ଆବାହମାନ କାଳରୁ ଭାଗବତ ଟୁଙ୍ଗି ରହିଛି । ପ୍ରତ୍ୟେକ ଦିନ ସନ୍ଧ୍ୟାରେ ଭାଗବତ ପାଠ ହେବ ସହ ମହାପ୍ରଭୁ ଜଗନ୍ନାଥଙ୍କ ପୂଜା ପାଉଛନ୍ତି।ଏହି ଘରଟି କଚା ଘର ହୋଇଥବାରୁ ଘର ଭାଙ୍ଗି ଗଲାଣି କିନ୍ତୁ ସରକାର ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନାରେ ଏକ ପକା ଘର ୭ ଲକ୍ଷ ଟଙ୍କା ୨୦୨୪- ୨୫ ମସିହା ଆର୍ଥିକ ବର୍ଷରେ ବ୍ୟୟ ବରାଦ



ମଞ୍ଜୁରୀ କଲେ। କାର୍ଯ୍ୟ ହେବ ବୋଲି ସେହି ସ୍ଥାନରେ ଫଳକ ଲଗାଗଲା କିନ୍ତୁ କିଛି ଦିନପରେ ଅନ୍ୟତ୍ର ଭାଗବତ ଟୁଙ୍ଗି ହୋଇଥିବା ଜାଣିବାକୁ ପାଇଲେ ୪ ନମ୍ବର ୱାର୍ଡବାସୀ।

ଘର ନିକଟରୁ ପ୍ରାୟ ତିନିଶହ ମିଟର ଦୂରରେ ଏହା ଥିବାରୁ ସେଠାକୁ ଯାଇ ଠାକୁର ଦର୍ଶନ ସହ ଭାଗବତ ପାଠ କରିବାରୁ ସେମାନେ ବଞ୍ଚିତ ରହିବେ ବୋଲି ପୂଜକ ସାଧୁଚରଣ ଦାସ,ଗ୍ରାମବାସୀ ଉପେନ୍ଦ୍ର ଦାସ, ଜଗବନ୍ଧୁ ଦାସ,ଅନ୍ତର୍ଯ୍ୟାମୀ ଦାସ, ପ୍ରଭାତ ଦାସ, ସନ୍ତୋଷ ଦାସ, ବଳରାମ ଦାସ,ମଧୁସୁଦନ ଦାସ, ଶଙ୍କର୍ଷଣ ପଲେଇ, ଗଗନ ବିହାରୀ ଦାସ, କଡି ଦାସ, ଚନ୍ଦ୍ରକାନ୍ତି ଦାସ, ପାର୍ବତୀ ଦାସ,ପେମା ଦାସ ପ୍ରମୁଖ କହିଛନ୍ତି ।

ଏନେଇ ବିଡ଼ିଓଙ୍କୁ ଅଭିଯୋଗ କରିଥିଲେ ବିଡ଼ିଓ ଆସିଲେ ନାହିଁ କି ତଦାରଖର କଲେନି କିନ୍ତୁ ୪ ନମ୍ବର ୱାର୍ଡ ବଦଳେ ୫ ୱାର୍ଡ କାର୍ଯ୍ୟ ଆରମ୍ଭ ହୋଇଥିବା ଅଭିଯୋଗ କରିଛନ୍ତି ଗ୍ରାମବାସୀ। ଅନ୍ୟପଟେ କିନ୍ତୁ ୪ ନମ୍ବର ୱାର୍ଡ ବାସୀ କହିଛନ୍ତି ଭାଗବତ ଟୁଙ୍ଗି ଏଇଠି ଥିଲା ଆମେ ଭିକ ମାଗି ଆଣି ଘର କରିବୁ କିନ୍ତୁ ଆମ ଠାକୁରଙ୍କୁ ସେଠି ଦେବୁନି ବୋଲି ସଫା ସଫା କହିଛନ୍ତି। ଏ ନେଇ ବିଡ଼ିଓ ଅବିନାଶ ବିଶ୍ୱଜିତ ସେଠୀଙ୍କୁ ପଚାରିବାରୁ ସେ କହିଛନ୍ତି ଯେ ଯେଉଁ ସ୍ଥାନରେ ଭାଗବତ ଟୁଙ୍ଗି ଅଛି ତାହା ବ୍ୟକ୍ତିଗତ ଜାଗା । ତେଣୁ ସେହି ସ୍ଥାନରୁ ଦୂରରେ ସ୍ଥାନରେ ଏହା ନିର୍ମାଣ କରାଯାଉଛି ।

## ସୁନାରୀପଡ଼ା ଗଣେଶ ପୂଜା କମିଟିର ପ୍ରସ୍ତୁତି ବୈଠକ

### ନୂତନ କର୍ମକର୍ତ୍ତା ଚୟନ ଓ ଭବ୍ୟ ଆୟୋଜନ ପାଇଁ ରୂପରେଖା ପ୍ରସ୍ତୁତ

ସୁନ୍ଦରଗଡ଼,୧୨।୭ (ସଂଚାର ବ୍ୟୁରୋ)ଃ ସୁନ୍ଦରଗଡ଼ ସହର ସ୍ଥିତ ସୁନାରୀପଡ଼ା ଗଣେଶ ପୂଜା କମିଟି ପକ୍ଷରୁ ଶନିବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ଗଣେଶ ପୂଜାକୁ ଅଧିକରୁ ଅଧିକ ସୁଚାରୁ, ଶୃଙ୍ଖଳିତ ଓ ଭବ୍ୟ ଭାବେ ଆୟୋଜନ କରିବା ସହ ପୂଜାର ସମସ୍ତ କାର୍ଯ୍ୟକ୍ରମକୁ ସଫଳ କରିବା ଲକ୍ଷ୍ୟରେ ବୈଠକରେ ବିସ୍ତୃତ ଭାବରେ ଆଲୋଚନା ହୋଇଥିଲା। ପୂଜା



ମଣ୍ଡପର ସାଜସଜ୍ଜା, ଆଲୋକସଜ୍ଜା, ସାଂସ୍କୃତିକ କାର୍ଯ୍ୟକ୍ରମ, ଭକ୍ତମାନଙ୍କ ସୁବିଧା, ସ୍ୱଚ୍ଛତା ବ୍ୟବସ୍ଥା, ସୁରକ୍ଷା ଓ ଶୃଙ୍ଖଳା ରକ୍ଷା ଭଳି ବିଭିନ୍ନ ପ୍ରସଙ୍ଗ ଉପରେ ସଦସ୍ୟମାନେ ମତାମତ ରଖିଥିଲେ।ଏହି ଅବସରରେ କମିଟିର ବାର୍ଷିକ କାର୍ଯ୍ୟକାଳ (୨୦୨୬- ୨୭) ପାଇଁ ସର୍ବସମ୍ମତିକ୍ରମେ ନୂତନ କର୍ମକର୍ତ୍ତାମାନଙ୍କୁ ଚୟନ କରାଯାଇଥିଲା। ଶ୍ରୀ ସୁବ୍ରତ କୁମାର ନାଏକ ସଭାପତି, ଶ୍ରୀ ସୁମିତ କୁମାର ନାଏକ ସମ୍ପାଦକ ଏବଂ ଶ୍ରୀ ସନ୍ଦୀପ ସାହୁ କୋଷାଧ୍ୟକ୍ଷ ଭାବେ ମନୋନୀତ ହୋଇଥିଲେ। ନବନିର୍ବାଚିତ କର୍ମକର୍ତ୍ତାମାନଙ୍କୁ ସଦସ୍ୟମାନେ ଶୁଭେଚ୍ଛା ଜଣାଇବା ସହ ଆଗାମୀ ପୂଜାକୁ ଆହୁରି ଆକର୍ଷଣୀୟ ଓ ସଫଳ କରିବା ପାଇଁ ସମସ୍ତଙ୍କ ସହଯୋଗ ରହିବ ବୋଲି ଆଶା ପ୍ରକାଶ କରିଥିଲେ।

ବୈଠକରେ ପୂଜା ଅବସରରେ ବିଭିନ୍ନ ସାଂସ୍କୃତିକ ପ୍ରତିଯୋଗିତା, ସାମାଜିକ ସଚେତନତା କାର୍ଯ୍ୟକ୍ରମ ଏବଂ ଯୁବପିଢ଼ିଙ୍କୁ ସାମାଜିକ କାର୍ଯ୍ୟରେ ସାମିଲ କରିବା ନେଇ ମଧ୍ୟ ଆଲୋଚନା ହୋଇଥିଲା।

## ରାଜକନିକାରେ ଶତାଧିକ ପରିବାର ବିଜେପିରେ ସାମିଲ



ରାଜକନିକା,୧୨।୭ (ସଂଚାର ବ୍ୟୁରୋ)ଃ ଭାରତୀୟ ଜନତା ପାର୍ଟି ରାଜକନିକା ସଦର ମଣ୍ଡଳ ତରଫରୁ ଆଜି ପୂର୍ବାହ୍ନରେ ସ୍ଥାନୀୟ କାଜଲ ମଣ୍ଡପ ଠାରେ ମହା ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ସଦର କନିକା ମଣ୍ଡଳ ଅନ୍ତର୍ଗତ ଜାଗୁଲାଇପଡା ପଞ୍ଚାୟତର ଶତାଧିକ ପରିବାର ଅନ୍ୟ ଦଳ ପରିତ୍ୟାଗ କରି ଭାରତୀୟ ଜନତା ପାର୍ଟିରେ ସାମିଲ ହୋଇଛନ୍ତି।

# ମାଲକାନଗିରିରେ ଜଳକ୍ରୀଡ଼ାର ଅପାର ସମ୍ଭାବନା

ମାଲକାନଗିରି,୧୨।୭ (ସଂଚାର ବ୍ୟୁରୋ)ଃ ଓଡ଼ିଶାର ପର୍ଯ୍ୟଟନ ମାନଚିତ୍ରରେ ମାଲକାନଗିରି ଜିଲ୍ଲା ଏକ ନୂତନ ଇତିହାସ ରଚନା କରିବାକୁ ଯାଉଛି। ରାଜ୍ୟ ସରକାରଙ୍କ ପର୍ଯ୍ୟଟନ ବିଭାଗ ଏବଂ ଭାରତ ସରକାରଙ୍କ ପର୍ଯ୍ୟଟନ ମନ୍ତ୍ରଣାଳୟ ଅଧୀନରେ ଥିବା ଗୋଆ ସ୍ଥିତ ପ୍ରସିଦ୍ଧ 'ରାଷ୍ଟ୍ରୀୟ ଜଳକ୍ରୀଡ଼ା ସଂସ୍ଥାନ' ର ମିଳିତ ସହଯୋଗରେ ଜିଲ୍ଲାରେ ଜଳଭିତ୍ତିକ ସାହସିକ ପର୍ଯ୍ୟଟନର ବ୍ୟାପକ ସମ୍ଭାବନାକୁ ନେଇ ଏକ ଉଚ୍ଚସ୍ତରୀୟ ବୈଷୟିକ ସର୍ବେକ୍ଷଣ ସଫଳତାର ସହ ସମ୍ପନ୍ନ ହୋଇଯାଇଛି।

ଚଳିତ ଜୁଲାଇ ୧୧ ଓ ୧୨ ତାରିଖରେ ଦୁଇ ଦିନ ଧରି ଚାଲିଥିବା ଏହି ସର୍ଭେରେ ଜିଲ୍ଲାର ପ୍ରମୁଖ ଜଳାଶୟଗୁଡ଼ିକର ଭୌଗୋଳିକ ସ୍ଥିତି, ଜଳର ପ୍ରବାହ ଏବଂ ସୁରକ୍ଷା ବ୍ୟବସ୍ଥାର ସୂକ୍ଷ୍ମ ଅନୁଧ୍ୟାନ କରାଯାଇଛି। ଜାମ୍ମୁର ପ୍ରମୁଖ



ଅତିଥି ବିଶେଷଜ୍ଞ ସଞ୍ଜୟ ସିଂ ସମ୍ବିଆଲ ଏବଂ ଚେନ୍ନାଇର ନ୍ୱିସ୍ ବୈଷୟିକ ଅଧିକାରୀ ଜଗଦୀଶ ଭି.ଙ୍କୁ ନେଇ ଗଠିତ ଏହି ୨ ଜଣିଆ ଉଚ୍ଚସ୍ତରୀୟ ଟିମ୍ ଜିଲ୍ଲାର ବିଭିନ୍ନ ପ୍ରସ୍ତାବିତ ସ୍ଥଳରେ ହ୍ୱାଇଟ୍-ୱାଟର୍ ରାଫ୍ଟିଂ, କାୟାକିଂ ଏବଂ କାନୋଇଂ ଭଳି ଜଳ-ଭିତ୍ତିକ ସାହସିକ ପର୍ଯ୍ୟଟନ କାର୍ଯ୍ୟକଳାପର ଭିତ୍ତିଭୂମି ଯାଞ୍ଚ କରିଛନ୍ତି।

ସର୍ଭେ କାର୍ଯ୍ୟ ଶେଷ କରିବା ପରେ କେନ୍ଦ୍ରୀୟ ବିଶେଷଜ୍ଞ ଦଳ ଜିଲ୍ଲାର ପ୍ରାକୃତିକ ସମ୍ପଦ ଏବଂ ଜଳକ୍ରୀଡ଼ାର ଭିତ୍ତିଭୂମିକୁ ନେଇ ଉଚ୍ଚ ପ୍ରଶଂସା କରିଛନ୍ତି। ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ଅତିଥି ବିଶେଷଜ୍ଞ ସଞ୍ଜୟ ସିଂ ସମ୍ବିଆଲ କହିଛନ୍ତି ଯେ, ମାଲକାନଗିରିର ଜଳାଶୟଗୁଡ଼ିକ କେବଳ ସୁନ୍ଦର ନୁହେଁ, ବରଂ ସାହସିକ ଜଳକ୍ରୀଡ଼ା ପାଇଁ ଏହା ଏକ ପ୍ରାକୃତିକ ଭେଟି। ସେହିପରି ନ୍ୱିସ୍ ଚେନ୍ନାଇର ବୈଷୟିକ ଅଧିକାରୀ ଜଗଦୀଶ କହିଛନ୍ତି ଯେ, ଚିତ୍ରକୋଣ୍ଡା ଜଳଭଣ୍ଡାର ଏବଂ ସିଲେରୁ ଭ୍ୟାଲିର ବିସ୍ତୀର୍ଣ୍ଣ ଜଳରାଶି 'କାୟାକିଂ' ଓ 'କାନୋଇଂ' ପାଇଁ ସର୍ବୋତ୍କୃଷ୍ଟ। ଏଠାକାର ଶାନ୍ତ ଅଥଚ ରୋମାଞ୍ଚକର ପରିବେଶ ପର୍ଯ୍ୟଟକମାନଙ୍କୁ ଆକୃଷ୍ଟ କରିବ ଏବଂ ଏଠାରେ ପରିବେଶର ସନ୍ତୁଳନ ରକ୍ଷା କରି ଏକ ସୁରକ୍ଷିତ ଏକୋ-ଟୁରିଜମ୍ ମଡେଲ୍ ପ୍ରସ୍ତୁତ କରାଯାଇପାରିବ ବୋଲି ସେ ମତବ୍ୟକ୍ତ କରିଛନ୍ତି।

ଏହି ପ୍ରସ୍ତାବିତ ଜଳକ୍ରୀଡ଼ା ପ୍ରକଳ୍ପଗୁଡ଼ିକ କାର୍ଯ୍ୟକାରୀ ହେଲେ ମାଲକାନଗିରି ଜିଲ୍ଲା ତଥା ସମଗ୍ର ଓଡ଼ିଶାର ପର୍ଯ୍ୟଟନ କ୍ଷେତ୍ରକୁ ଏକ ବଡ଼ ବୁଷ୍ଟର୍ ମିଳିବ। ଏହାଦ୍ୱାରା ମାଲକାନଗିରି ଜାତୀୟ ପର୍ଯ୍ୟଟନ ମାନଚିତ୍ରରେ ଏକ ପ୍ରମୁଖ ଆକର୍ଷଣ କେନ୍ଦ୍ର ପାଲଟିବା ସହ ଦେଶ ଓ ବିଦେଶର ସାହସିକ କ୍ରୀଡ଼ାପ୍ରେମୀଙ୍କୁ ଆକୃଷ୍ଟ କରିବ। ପର୍ଯ୍ୟଟନର ଏହି ବିକାଶ ଦ୍ୱାରା ସ୍ଥାନୀୟ ଯୁବକଯୁବତୀମାନେ ଗାଇଡ୍, ଲାଇଫ୍‌ଗାର୍ଡ ଓ ଆତିଥେୟତା କ୍ଷେତ୍ରରେ ବ୍ୟାପକ ନିଯୁକ୍ତି ସୁଯୋଗ ପାଇବେ।

ଏହାସହିତ ଜିଲ୍ଲାରେ ହୋଟେଲ, ପରିବହନ ଏବଂ ହସ୍ତଶିଳ୍ପ ବ୍ୟବସାୟ ବୃଦ୍ଧି ପାଇବା ସହ ସ୍ଥାନୀୟ ଅର୍ଥନୀତି ସୁଦୃଢ଼ ହେବ ଏବଂ ଏକ ବୈପ୍ଳବିକ ପରିବର୍ତ୍ତନ ଆସିବ ବୋଲି ଆଶା କରାଯାଉଛି।

SANCHAR
ସଂଚାର ସୋମବାର ୧୩ ଜୁଲାଇ ୨୦୨୬

# ସ୍ୱାସ୍ଥ୍ୟ




## କିଡ୍‌ନୀ ଖରାପର ଲକ୍ଷଣ ଆଖିତଳ କଳାପଡ଼ିବା



ଶରୀରରେ ପାଣି ଏବଂ ଇଲେକ୍ଟ୍ରୋଲାଇଟ୍ସ ଠାରୁ ଆରମ୍ଭ କରି ରକ୍ତଚାପ ପର୍ଯ୍ୟନ୍ତ ସବୁକିଛି ନିୟନ୍ତ୍ରଣ କରିବାରେ କିଡନୀ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ। ଏକ ଅସ୍ୱାସ୍ଥ୍ୟକର ଜୀବନଶୈଳୀ, ଖରାପ ଡାଏଟ୍, ମଧୁମେହ ଏବଂ ଉଚ୍ଚ ରକ୍ତଚାପ କିଡନୀ ସମସ୍ୟାର କାରଣ ହୋଇପାରେ। ଅନେକ ଅଧ୍ୟୟନରୁ ଜଣାପଡିଛି ଯେ କିଡନୀ ଖରାପ ହେବାର କିଛି ପ୍ରାରମ୍ଭିକ ଲକ୍ଷଣ ଆଖି ଚାରିପାଖରେ ଦେଖାଯାଇପାରେ। ଯଦି ଏହି ଲକ୍ଷଣ ଗୁଡ଼ିକୁ ପ୍ରାରମ୍ଭିକ ଭାବରେ ଚିହ୍ନଟ କରାଯାଏ, ତେବେ ଗମ୍ଭୀର କିଡନୀ ରୋଗକୁ ରୋକାଯାଇପାରିବ।

ଗବେଷଣା ଅନୁଯାୟୀ, ଆଖି ଫୁଲିବା କିଡନୀ ଫେଲ ହେବାର ଏକ ପ୍ରମୁଖ ପ୍ରାରମ୍ଭିକ ଲକ୍ଷଣ ହୋଇପାରେ। ଯେତେବେଳେ ଏହା ଠିକ୍ ଭାବରେ କାର୍ଯ୍ୟ କରେ ନାହିଁ, ସେତେବେଳେ ଏହା ଶରୀରରୁ ଅତିରିକ୍ତ ପାଣି ଏବଂ ସୋଡିୟମ୍ ବାହାର କରିପାରନ୍ତି ନାହିଁ। ଏହା ଶରୀରରେ ତରଳ ପଦାର୍ଥ ଜମା କରିଥାଏ, ଯାହା ଫୁଲା ଭାବରେ ପ୍ରକାଶିତ ହୁଏ, ବିଶେଷକରି ମୁହଁ ଏବଂ ଆଖି ଚାରିପାଖରେ। ଏହି ଫୁଲା ସକାଳେ ଅଧିକ ଦୃଶ୍ୟମାନ ହୁଏ ଏବଂ ଦିନ ବଢ଼ିବା ସହିତ କମିଥାଏ। ଆଖି ତଳେ କଳା ଦାଗ ପ୍ରାୟତଃ ନିଦ୍ରା ଅଭାବ କିମ୍ବା ଚାପ ସହିତ ଜଡିତ, କିନ୍ତୁ ଏହା କିଡନୀ ଫେଲ୍ୟୁୟରର ଏକ ଲକ୍ଷଣ ମଧ୍ୟ ହୋଇପାରେ। ଯେତେବେଳେ କିଡନୀ ରକ୍ତକୁ ଠିକ୍ ଭାବରେ ଫିଲ୍ଟର କରିନଥାଏ, ସେତେବେଳେ ଶରୀରରେ ବିଷାକ୍ତ ପଦାର୍ଥ ଜମା ହେବା ଆରମ୍ଭ ହୁଏ। ଏହି ବିଷାକ୍ତ ପଦାର୍ଥ ଚର୍ମର ରଙ୍ଗ ପରିବର୍ତ୍ତନ କରିପାରେ, ଯାହା ବିଶେଷକରି ଆଖି ଚାରିପାଖର ଚର୍ମରେ ସ୍ପଷ୍ଟ ଭାବରେ ଦେଖାଯାଏ।

କିଡନୀ ସମସ୍ୟା ଶରୀରରେ ପ୍ରୋଟିନ ଏବଂ ଅନ୍ୟାନ୍ୟ ପୋଷକ ତତ୍ତ୍ୱର ସନ୍ତୁଳନ ବିଗିଡି ଯାଏ। ଯାହା ଫଳରେ ଚର୍ମ ହଳଦିଆ ପଡ଼ିଯାଏ ଏବଂ ଆଖି ତଳେ କଳା ଦାଗ ସୃଷ୍ଟି ହୁଏ। କିଡନୀ ଫେଲ୍ୟୁଅର ଯୋଗୁଁ ଶରୀରରେ ବିଷାକ୍ତ ପଦାର୍ଥ ଜମା ହୋଇପାରେ, ଯାହା ଫଳରେ ଆଖିରେ ଜ୍ୱଳନ ଏବଂ ଲାଲ ପଡ଼ିଯାଏ। ଏହି ଲକ୍ଷଣ ବିଶେଷ ଭାବରେ ଦେଖାଯାଏ ଯେତେବେଳେ କିଡନୀ ରକ୍ତରେ ଇଲେକ୍ଟ୍ରୋଲାଇଟ୍ସର ସନ୍ତୁଳନ ବଜାୟ ରଖି ପାରେ ନାହିଁ। ଫେଲ୍ୟୁଅର ଯୋଗୁଁ ରକ୍ତରେ ଫସଫରସ୍ ପରିମାଣ ବୃଦ୍ଧି କରିପାରେ, ଯାହା ଫଳରେ ଚର୍ମରେ କୁଣ୍ଡେଇ ଏବଂ ଶୁଷ୍କତା ଦେଖାଯାଏ। ଏହି ସମସ୍ୟା ଆଖି ଚାରିପାଖ ଚର୍ମକୁ ମଧ୍ୟ ପ୍ରଭାବିତ କରେ।

ଏକ ଅଧ୍ୟୟନ ଅନୁଯାୟୀ, କିଡନୀ ସମସ୍ୟା ଥିବା ରୋଗୀଙ୍କ ଠାରେ, ବିଶେଷକରି ମୁହଁ ଏବଂ ଆଖି ଚାରିପାଖରେ କୁଣ୍ଡେଇ ଚର୍ମ ଏକ ସାଧାରଣ ଲକ୍ଷଣ। ଫେଲ୍ୟୁଅର ରକ୍ତରେ ଫସଫରସ୍ ପରିମାଣ ବୃଦ୍ଧି କରିପାରେ, ଯାହା ଫଳରେ ଚର୍ମରେ କୁଣ୍ଡେଇ ଏବଂ ଶୁଷ୍କତା ଦେଖାଯାଏ। ଏହି ସମସ୍ୟା ଆଖି ଚାରିପାଖ ଚର୍ମକୁ ମଧ୍ୟ ପ୍ରଭାବିତ କରେ। ନେଫ୍ରୋଲୋଜି ଜର୍ଣ୍ଣାଲରେ ପ୍ରକାଶିତ ଏକ ଅଧ୍ୟୟନ ଅନୁଯାୟୀ, ବୃକକ୍ ସମସ୍ୟା ଥିବା ରୋଗୀଙ୍କଠାରେ, ବିଶେଷକରି ମୁହଁ ଏବଂ ଆଖି ଚାରିପାଖରେ କୁଣ୍ଡେଇ ଚର୍ମ ଏକ ସାଧାରଣ ଲକ୍ଷଣ। କିଡନୀ ଫେଲ୍ୟୁଅର ହେଲେ ଉଚ୍ଚ ରକ୍ତଚାପ ହୋଇପାରେ। ଯାହା ଆଖିର ରକ୍ତବାହୀ ନଳୀକୁ ପ୍ରଭାବିତ କରିପାରେ। ଏହା ରେଟିନା ଫୁଲା କିମ୍ବା ଡାଏବେଟିକ୍ ରେଟିନୋପାଥି ଭଳି ସମସ୍ୟା ସୃଷ୍ଟି କରିପାରେ। ଯାହା ଦୃଷ୍ଟିକୁ ଝାପସା କରିପାରେ।

## ଏକ କପ୍ ହଳଦୀ ପାଣି ସ୍ୱାସ୍ଥ୍ୟ ପାଇଁ ହିତକର



ହଳଦୀରେ ରହିଛି ବହୁ ଔଷଧୀୟ ଗୁଣ, ଯାହା ଅନେକ ରୋଗରୁ ରକ୍ଷା କରିଥାଏ। ଯଦି ନିୟମିତ ସକାଳେ ଏକ କପ୍ ହଳଦୀ ପାଣି ପିଅନ୍ତି, ତେବେ ଶରୀରର ଅନେକ ସମସ୍ୟା ଆପେ ଆପେ ଦୂର ହୋଇଯାଇଥାଏ। ମଧୁମେହଠାରୁ ଆରମ୍ଭ କରି ତ୍ୱଚା ପର୍ଯ୍ୟନ୍ତ ସବୁ କ୍ଷେତ୍ରରେ ରହିଛି ଏହାର ସକାରାତ୍ମକ ପ୍ରଭାବ।ହଳଦୀରେ ଆଇରନ୍, କପର, ପ୍ରୋଟିନ୍, ଫାଇବର୍ ଓ ଭିଟାମିନ-ସି' ପରି ପୋଷକ ତତ୍ତ୍ୱ ରହିଛି। ନିୟମିତ ହଳଦୀ ପାଣି ପିଇବା ଦ୍ୱାରା ରକ୍ତରେ ଶର୍କରା ସ୍ତରକୁ ମଧ୍ୟ ନିୟନ୍ତ୍ରିତ ହୋଇଥାଏ। ପୋଷାକ ତତ୍ତ୍ୱରେ ଭରା ହଳଦୀ ପାଚନ ତନ୍ତ୍ର ପାଇଁ ଖୁବ୍ ଲାଭଦାୟକ। ଔଷଧୀୟ ଗୁଣରେ ଭରା ହଳଦୀ ଖାଦ୍ୟର ରଙ୍ଗ ଓ ସ୍ୱାଦକୁ ବଢାଇଥାଏ। ଏହି ମସଲାର ଉପଯୋଗ କେବଳ ଖାଦ୍ୟରେ ନୁହେଁ, ବରଂ ଅନେକ ଶାରୀରିକ ସମସ୍ୟାକୁ ସମାଧାନ କରିଥାଏ। ଆୟୁର୍ବେଦରେ ହଳଦୀ ଅନେକ ଔଷଧ ତିଆରି ପାଇଁ ବ୍ୟବହାର ହୋଇଥାଏ। ଏହି ମସଲାରେ ଆଇରନ୍, ପ୍ରୋଟିନ୍, ଫାଇବର, ଭିଟାମିନ୍-ସି' ଓ ଭିଟାମିନ୍-ଇ' ପରି ଅନେକ ପୋଷକ ତତ୍ତ୍ୱ ରହିଛି। ଯଦି ନିୟମିତ ଖାଲି ପେଟରେ ହଳଦୀ ପାଣି ପିଅନ୍ତି, ତେବେ ଶରୀରର ଅନେକ ସମସ୍ୟା ଦୂର ହୋଇଥାଏ। ଯେପରିକି

**ବଢ଼ାଏ ରୋଗ ପ୍ରତିରୋଧକ ଶକ୍ତିଃ** ହଳଦୀରେ ଆଣ୍ଟି-ଇନ୍‌ଫ୍ଲାମେଟୋରୀ ଗୁଣ ରହିଛି, ଯାହା ରୋଗ ପ୍ରତିରୋଧକ ଶକ୍ତି ବା ଇମ୍ୟୁନିଟି ସିଷ୍ଟମକୁ ମଜବୁତ କରିଥାଏ। ଫଳରେ ଅନେକ ପ୍ରକାରର ସଂକ୍ରମଣ ଓ ରୋଗରୁ ରକ୍ଷା କରିଥାଏ। ପ୍ରତିରୋଧକ ଶକ୍ତି ବଢାଇବା ପାଇଁ ନିୟମିତ ହଳଦୀ ପାଣି ପିଇବା ଉଚିତ୍।

**ପାଚନ ତନ୍ତ୍ର ସୁସ୍ଥ ରହେଃ** ପୋଷକ ତତ୍ତ୍ୱରେ ଭରା ହଳଦୀ ପାଚନ ତନ୍ତ୍ର ପାଇଁ ଖୁବ୍ ଗୁରୁତ୍ୱପୂର୍ଣ୍ଣ। ଏଥିରେ ଥିବା ଆଣ୍ଟି-ଇନ୍‌ଫ୍ଲାମେଟୋରୀ ଓ ଆଣ୍ଟି- ଅକ୍ସିଡାଣ୍ଟ ଗୁଣ ପାଚନ ତନ୍ତ୍ରକୁ ସୁଧାରିଥାଏ। ହଳଦୀ ପାଣି ପିଇବା ଦ୍ୱାରା ପେଟରେ ଥିବା ପ୍ରାୟ ସମସ୍ୟାର ସମାଧାନ ହୋଇଥାଏ।

**ହୃଦୟ ପାଇଁ ଲାଭଦାୟକଃ** ହଳଦୀରେ ଥିବା କରକ୍ୟୁମିନ୍ ହୃଦୟ ସ୍ୱାସ୍ଥ୍ୟକୁ ସୁଧାରି ଥାଏ। ସେହିପରି ଏଥିରେ ଥିବା ଆଣ୍ଟି ଅକ୍ସିଡାଣ୍ଟ ଗୁଣ ହୃଦୟ ରୋଗକୁ କମ୍ କରିବାରେ ସାହାଯ୍ୟ କରିଥାଏ। ନିୟମିତ ହଳଦୀ ପାଣି ପିଇବା ଦ୍ୱାରା ହୃଦୟ ଫିଟ୍ ରହିଥାଏ।

**ରକ୍ତରେ ଶର୍କରା ନିୟନ୍ତ୍ରିତ କରେଃ** ଯେଉଁ ଲୋକଙ୍କୁ ମଧୁମେହ ସମସ୍ୟା ରହିଥାଏ, ସେମାନଙ୍କ ପାଇଁ ହଳଦୀ ପାଣି ରାମବାଣ ପରି କାମ କରିଥାଏ। ଏହା ରକ୍ତରେ ଶର୍କରା ସ୍ତରକୁ ସାମାନ୍ୟ ରଖିଥାଏ। ଏଥିରେ ଥିବା କର୍‌କ୍ୟୁମିନ୍ ମଧୁମେହ ଆଶଙ୍କାକୁ କମ୍ କରିଥାଏ।

ତ୍ୱଚା ପାଇଁ ଗୁଣକାରୀଃ ହଳଦୀ ତ୍ୱଚାରେ ଚମ୍‌କ ଆଣିଥାଏ। ଏଥିରେ ଥିବା ଆଣ୍ଟି ଅକ୍ସିଡାଣ୍ଟ ଗୁଣ ବୟସକୁ ବାନ୍ଧି ରଖିବାରେ ସହଯୋଗ କରିଥାଏ। ନିୟମିତ ହଳଦୀ ପାଣି ପିଇବା ଦ୍ୱାରା ତ୍ୱଚାରେ ଚମ୍‌କ ଆସିବା ସହ ସୁସ୍ଥ ରହିଥାଏ।

## ଫୁସ୍‌ଫୁସ୍ କ୍ୟାନସର୍‌ର ପ୍ରଥମ ଲକ୍ଷଣ ଆଙ୍ଗୁଠି ଓ ନଖରେ ଦେଖାଯାଏ



ଫୁସଫୁସ କର୍କଟକୁ ବିଶ୍ୱର ସବୁଠାରୁ ମାରାତ୍ମକ କର୍କଟ ମଧ୍ୟରୁ ଗୋଟିଏ ବୋଲି ବିବେଚନା କରାଯାଏ, କାରଣ ଏହାର ପ୍ରାରମ୍ଭିକ ଲକ୍ଷଣଗୁଡ଼ିକ ପ୍ରାୟତଃ ହାଲୁକା ଏବଂ ପ୍ରାୟତଃ ଅଣଦେଖା କରାଯାଏ। ଏହାକୁ ସମୟ ମଧ୍ୟରେ ଚିହ୍ନଟ କରିବା କଷ୍ଟକର । ତେଣୁ ଛୋଟ ଛୋଟ ଲକ୍ଷଣଗୁଡ଼ିକ ପ୍ରତି ମଧ୍ୟ ଧ୍ୟାନ ଦେବା ଗୁରୁତ୍ୱପୂର୍ଣ୍ଣ। ଏହି ଲକ୍ଷଣଗୁଡ଼ିକ ମଧ୍ୟରୁ ଗୋଟିଏ ହେଉଛି ଆଙ୍ଗୁଠି କ୍ଲବ୍ ହେବା, ଆଙ୍ଗୁଠି ଏବଂ ନଖର ଆକୃତି ଏବଂ ଗଠନରେ ପରିବର୍ତ୍ତନ। ଯଦିଓ ଏହା ପ୍ରାରମ୍ଭିକ ପର୍ଯ୍ୟାୟରେ ସର୍ବଦା ଦୃଶ୍ୟମାନ ହୁଏ ନାହିଁ, ଏହାକୁ ବୁଝିବା ଆପଣଙ୍କ ଫୁସଫୁସ ସ୍ୱାସ୍ଥ୍ୟ ବିଷୟରେ ଗୁରୁତ୍ୱପୂର୍ଣ୍ଣ ସୂଚନା ପ୍ରଦାନ କରିପାରିବ।

ଆଙ୍ଗୁଠି କ୍ଲବିଂ, ଯାହାକୁ ଡିଜିଟାଲ୍ କ୍ଲବିଂ ମଧ୍ୟ କୁହାଯାଏ, ତାହା ହେଉଛି ଆଙ୍ଗୁଠିର ଅଗ୍ରଭାଗରେ ଫୁଲା ଏବଂ ନଖରେ ପରିବର୍ତ୍ତନ। ଏହା ଧୀରେ ଧୀରେ ବିକଶିତ ହୁଏ ଏବଂ ପ୍ରଥମେ ଚିହ୍ନଟ କରିବା ସହଜ ନ ହୋଇପାରେ । ପ୍ରାରମ୍ଭିକ ଅବସ୍ଥାରେ, ନଖ ଚାରିପାଖରେ ସାମାନ୍ୟ ଲାଲ କିମ୍ବା କୋମଳତା ଦେଖାଯାଇପାରେ, ଯେତେବେଳେ ଏହା ବଢ଼ିଥାଏ, ନଖଗୁଡ଼ିକ ଚକଚକିଆ ଏବଂ ଚାମଚ ଆକୃତିର ଦେଖାଯାଏ।

ଫୁସଫୁସ କର୍କଟ ରୋଗୀଙ୍କ ମଧ୍ୟରେ ଆଙ୍ଗୁଠି କ୍ଲବ୍ କରିବା ଏକ ସାଧାରଣ ଲକ୍ଷଣ, ଏବଂ ଗବେଷଣାରୁ ଜଣାପଡିଛି ଯେ ଏହା ପ୍ରାୟ ୮୦ ପ୍ରତିଶତ ରୋଗୀଙ୍କଠାରେ ଏହା ଦେଖାଯାଏ। ତଥାପି, ଏହା ପ୍ରାୟତଃ ରୋଗର ଉନ୍ନତ ପର୍ଯ୍ୟାୟରେ ଦେଖାଯାଏ। ଏହା ଶରୀରରେ ଅମ୍ଳଜାନର ଅଭାବ ଏବଂ ନୂତନ ରକ୍ତବାହୀ ନଳୀ ଗଠନକୁ ଉତ୍ସାହିତ କରୁଥିବା କିଛି ବୃଦ୍ଧି କାରକଗୁଡ଼ିକର ଉତ୍ପାଦନ ବୃଦ୍ଧି ହେତୁ ହୋଇଥାଏ ବୋଲି ବିଶ୍ୱାସ କରାଯାଏ। ଏହି ପ୍ରକ୍ରିୟା କର୍କଟ ଭଳି ରୋଗ ଦ୍ୱାରା ଆରମ୍ଭ ହୋଇପାରେ। ଯଦିଓ ଫୁସଫୁସ କର୍କଟ ସବୁଠାରୁ ସାଧାରଣ କାରଣ, ଆଙ୍ଗୁଠି କ୍ଲବିଂ ଅନ୍ୟାନ୍ୟ ରୋଗ ଯୋଗୁଁ ମଧ୍ୟ ହୋଇପାରେ । ଯେପରିକି ବ୍ରୋଙ୍କିଏକ୍ଟାସିସ୍ ଏବଂ ସିଷ୍ଟିକ୍ ଫାଇବ୍ରୋସିସ୍ ସମେତ ଦୀର୍ଘକାଳୀନ ଫୁସଫୁସ ସଂକ୍ରମଣ, ସିରୋସିସ୍ ଭଳି ଯକୃତ ରୋଗ ଏବଂ ଅନ୍ୟାନ୍ୟ କର୍କଟ ଯେପରିକି ଯକୃତ କର୍କଟ କିମ୍ବା ହଜକିନ୍ସ ଲିମ୍ଫୋମା, ଏବଂ ଏଚଆଇଭି, ହେପାଟାଇଟିସ୍ ବି ଏବଂ ସି ସମେତ ଭୂତାଣୁ ସଂକ୍ରମଣ। ଆଙ୍ଗୁଠି କ୍ଲବିଂ ପାଇଁ କୌଣସି ଉପଚାର ନାହିଁ। ସମାଧାନ ହେଉଛି ଏହାକୁ ସୃଷ୍ଟି କରୁଥିବା ଅନ୍ତର୍ନିହିତ ରୋଗକୁ ନିୟନ୍ତ୍ରଣ କରିବା। ଯଦି କାରଣ ଅସ୍ଥାୟୀ କିମ୍ବା ଚିକିତ୍ସାଯୋଗ୍ୟ, ତେବେ କ୍ଲବିଂ କମିଯାଇପାରେ। ତଥାପି, ଫୁସଫୁସ କର୍କଟ କିମ୍ବା ଅନ୍ୟାନ୍ୟ ଦୀର୍ଘସ୍ଥାୟୀ ରୋଗରେ, ଏହି ପରିବର୍ତ୍ତନ ସ୍ଥାୟୀ ହୋଇପାରେ। ଯଦି ଆପଣ ଆପଣଙ୍କ ନଖ କିମ୍ବା ଆଙ୍ଗୁଠିରେ କୌଣସି ପରିବର୍ତ୍ତନ ଲକ୍ଷ୍ୟ କରନ୍ତି, ତେବେ ଡାକ୍ତରଙ୍କୁ ଦେଖା କରିବାକୁ ନିଶ୍ଚିତ କରନ୍ତୁ। ଡାକ୍ତର ଆପଣଙ୍କ ନଖ ପରୀକ୍ଷା କରିବେ ଏବଂ ଆବଶ୍ୟକ ହେଲେ ରକ୍ତ ପରୀକ୍ଷା, ଏକ୍ସ-ରେ କିମ୍ବା ସିଟି ସ୍କାନ ଭଳି ପରୀକ୍ଷା କରିବାକୁ ନିର୍ଦ୍ଦେଶ ଦେଇପାରନ୍ତି। ଯଦି ଏହି ଲକ୍ଷଣଗୁଡ଼ିକ ଫୁସଫୁସ କର୍କଟ ଭଳି ଗମ୍ଭୀର ରୋଗ ସହିତ ଜଡିତ, ତେବେ ପ୍ରାରମ୍ଭିକ ରୋଗ ନିର୍ଣ୍ଣୟ ଏବଂ ଚିକିତ୍ସା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ।

## ଫୁସ୍‌ଫୁସ୍‌ରେ ପାଣି ଜମିଲେ ନିଃଶ୍ୱାସ ନେବାରେ କଷ୍ଟ ଓ ଥକ୍କା ଲାଗେ



ଆମ ଶରୀର ପାଇଁ ଫୁସ୍‌ଫୁସ୍ ସେତିକି ଜରୁରୀ ଯେପରି ଜୀବନ ପାଇଁ ଅମ୍ଳଜାନ। ଯେତେବେଳେ ଫୁସ୍‌ଫୁସ୍ ସୁସ୍ଥ ଥାଏ, ଶରୀର ଉର୍ଜାରେ ଭରପୁର ରହିଥାଏ। କିନ୍ତୁ ଯେତେବେଳେ ସମସ୍ୟା ସୃଷ୍ଟି ହୁଏ, ସେତେବେଳେ ସମ୍ପୂର୍ଣ୍ଣ ଶରୀର ପ୍ରଭାବିତ ହୁଏ। ତେଣୁ, ଆଜି ଆମେ ଆପଣଙ୍କୁ ଫୁସ୍‌ଫୁସ୍ ରେ ପାଣି ଭରିଯିବାର ଲକ୍ଷଣ ବିଷୟରେ କହିବୁ। ବିଶେଷଜ୍ଞମାନେ କହିଛନ୍ତି ଯେ, କେତେକ ସମୟରେ ଫୁସ୍‌ଫୁସ୍ ତରଳ ପଦାର୍ଥରେ ପୂର୍ଣ୍ଣ ହେବା ଆରମ୍ଭ କରେ, ଯାହାକୁ ଡାକ୍ତରୀ ଭାଷାରେ ପଲ୍‌ମୋନାରୀ ଏଡିମା କୁହାଯାଏ। ତୁରନ୍ତ ଚିକିତ୍ସା ନକଲେ ଏହି ଅବସ୍ଥା ଗମ୍ଭୀର ଏବଂ ଘାତକ ମଧ୍ୟ ହୋଇପାରେ। ତେଣୁ, ଏହାର ପ୍ରାରମ୍ଭିକ ଲକ୍ଷଣଗୁଡ଼ିକୁ ଚିହ୍ନିବା ଏବଂ ତୁରନ୍ତ ଡାକ୍ତରୀ ପରାମର୍ଶ ନେବା ଗୁରୁତ୍ୱପୂର୍ଣ୍ଣ। ନିଶ୍ୱାସ ନେବାରେ କଷ୍ଟ ଏବଂ ଥକ୍କା ଲାଗିବା, ବାରମ୍ବାର ତୀବ୍ର ଗତିରେ ନିଶ୍ୱାସ ନେବା ଏହାର ଲକ୍ଷଣଗୁଡ଼ିକ ଦେଖାଦେଇପାରେ। ଚାଲିବା କିମ୍ବା ସିଡ଼ି ଚଢ଼ିବା ସମୟରେ ଅତ୍ୟଧିକ ଥକାପଣ ଅନୁଭବ ହେବା, ଶୋଇବା ସମୟରେ ନିଶ୍ୱାସ ନେବାରେ କଷ୍ଟ ହେବା ଇତ୍ୟାଦି ଲକ୍ଷଣଗୁଡ଼ିକ ଫୁସ୍‌ଫୁସ୍ ରେ ତରଳ ପଦାର୍ଥ ଜମା ହେଉଥିବାର ସୂଚାଇପାରେ। ଫୁସ୍‌ଫୁସ୍ ରେ ତରଳ ପଦାର୍ଥ ଜମା ହେବା ଦ୍ୱାରା ରକ୍ତ ସଞ୍ଚାଳନ ବାଧାପ୍ରାପ୍ତ ହୁଏ, ଯାହା ଫଳରେ ପାଦ ଏବଂ ଗୋଡ଼ ଫୁଲିଯାଏ। ଲଗାତାର କାଶ ଏବଂ କଫ ଜମି ରହିବା ମଧ୍ୟ ଏହାର ଲକ୍ଷଣ ହୋଇପାରେ। ଯଦି ଆପଣ ବାରମ୍ବାର କାଶୁଛନ୍ତି ଏବଂ ଫେଣଯୁକ୍ତ କିମ୍ବା ଗୋଲାପୀ କଫ ବାହାରୁଛି, ତେବେ ଏହାକୁ ହାଲୁକା ଭାବରେ ନିଅନ୍ତୁ ନାହିଁ। ଫୁସ୍‌ଫୁସ୍‌ରେ ପଲ୍‌ମୋନାରୀ ଏଡିମାକୁ ଅଣଦେଖା କରିବା ବିପଦଜନକ ହୋଇପାରେ। ଯଦି ଆପଣ ନିଶ୍ୱାସ ନେବାରେ କଷ୍ଟ, ଗୋଡ଼ ଫୁଲିବା, ଲଗାତାର କାଶ ଏବଂ ନିଦରେ ଅସୁବିଧା ଭଳି ଲକ୍ଷଣ ଅନୁଭବ କରନ୍ତି, ତେବେ ତୁରନ୍ତ ଡାକ୍ତରଙ୍କ ସହିତ ପରାମର୍ଶ କରନ୍ତୁ। ଆମେ ଆମର ଫୁସ୍‌ଫୁସ୍ ସ୍ୱାସ୍ଥ୍ୟ ପ୍ରତି ସତର୍କ ରହିବା ଉଚିତ୍ ଏବଂ ନିୟମିତ ଭାବରେ ଆବଶ୍ୟକୀୟ ଯାଞ୍ଚ କରାଇବା ଉଚିତ।

## ରୋଗ ପ୍ରତିରୋଧକ ଶକ୍ତି ବଢ଼ାଉଥିବ ଖାଦ୍ୟ



**ଋତୁ ପରିବର୍ତ୍ତନ ହେବା ସହିତ, ଅନେକ ଲୋକ ଥଣ୍ଡା, ଫ୍ଲୁ, ଜ୍ୱର କିମ୍ବା ଗଳା ସଂକ୍ରମଣର ଶିକାର ହୁଅନ୍ତି। ଏହି ସଂକ୍ରମଣର ମୁଖ୍ୟ କାରଣ ହେଉଛି ଦୁର୍ବଳ ରୋଗ ପ୍ରତିରୋଧକ ଶକ୍ତି। ଯେତେବେଳେ ଶରୀରର ରୋଗ ପ୍ରତିରୋଧକ ଶକ୍ତି ଦୁର୍ବଳ ହୋଇଯାଏ, ଏହା ପରିବର୍ତ୍ତନଶୀଳ ତାପମାତ୍ରା ଏବଂ ସଂକ୍ରମଣ ସହିତ ପ୍ରଭାବଶାଳୀ ଭାବରେ ଲଢ଼ିପାରେ ନାହିଁ। ତେଣୁ, ଆପଣଙ୍କ ଖାଦ୍ୟରେ ଏପରି ଜିନିଷ ସାମିଲ କରନ୍ତୁ, ଯାହା ଆପଣଙ୍କ ଶରୀରକୁ ଭିତରୁ ଶକ୍ତିଶାଳୀ କରିବ ଏବଂ ଆପଣଙ୍କ ରୋଗ ପ୍ରତିରୋଧକ ଶକ୍ତିକୁ ବଢାଇବ।**

ବାଦାମଃ ବାଦାମରେ ହେଲ୍‌ଦି ଫ୍ୟାଟ୍ ଏବଂ ଭିଟାମିନ୍ ଇ ଭରପୂର ମାତ୍ରାରେ ରହିଥାଏ । ଯାହା କୋଷଗୁଡ଼ିକୁ କ୍ଷତିରୁ ରକ୍ଷା କରେ ଏବଂ ରୋଗ ପ୍ରତିରୋଧକ ଶକ୍ତିକୁ ଦୃଢ଼ କରେ। ତେଣୁ, ପରିବର୍ତ୍ତିତ ଋତୁରେ ପ୍ରତିଦିନ କିଛି ଭିଜା ବାଦାମ ଖାଇବା ଦ୍ୱାରା ପର୍ଯ୍ୟାପ୍ତ ଶକ୍ତି ମିଳିଥାଏ ଏବଂ ଥକାପଣ ଦୂର ହୁଏ।

ଅଁଳାଃ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଇଁ ଅଁଳାକୁ ସର୍ବୋତ୍ତମ ଫଳ ଭାବରେ ବିବେଚନା କରାଯାଏ। ଏଥିରେ ଭିଟାମିନ୍ ସି ଭରପୂର ମାତ୍ରାରେ ରହିଥାଏ । ଯାହା ଶରୀରରେ ଆଣ୍ଟିଅକ୍ସିଡାଣ୍ଟ ବୃଦ୍ଧି କରେ ଏବଂ ରୋଗ ପ୍ରତିରୋଧକ କୋଷଗୁଡ଼ିକୁ ସକ୍ରିୟ କରେ। ପ୍ରତିଦିନ ଗୋଟିଏ ଅଁଳା ଖାଇବା ଦ୍ୱାରା ଶରୀର ମଜବୁତ ହୁଏ ଏବଂ ପରିବର୍ତ୍ତିତ ଋତୁରେ ଥଣ୍ଡା ଏବଂ ଫ୍ଲୁ ଭଳି ସମସ୍ୟାକୁ ରୋକିବାରେ ସାହାଯ୍ୟ କରେ। ଆପଣ ଏହାକୁ ଜୁସ୍ କିମ୍ବା ଜାମ୍ ତିଆରି କରି ମଧ୍ୟ ସେବନ କରିପାରିବେ।

ହଳଦୀଃ ହଳଦୀରେ ଥିବା କରକ୍ୟୁମିନ୍ ଯୌଗିକରେ ଶକ୍ତିଶାଳୀ ଆଣ୍ଟି-ଇନ୍‌ଫ୍ଲାମେଟୋରୀ ଏବଂ ଆଣ୍ଟିବ୍ୟାକ୍ଟେରିଆଲ୍ ଗୁଣ ରହିଛି । ଯାହା ଶରୀରର ରୋଗ ପ୍ରତିରୋଧକ ଶକ୍ତିକୁ ବୃଦ୍ଧି କରେ। ଶୀତଦିନେ ପ୍ରତିଦିନ ରାତିରେ ହଳଦୀ କ୍ଷୀର ପିଇବା ବହୁତ ଲାଭଦାୟକ। ଏହା କେବଳ ଶରୀରକୁ ଭିତରୁ ଉଷ୍ମ ରଖେ ନାହିଁ ବରଂ ସଂକ୍ରମଣରୁ ମଧ୍ୟ ରକ୍ଷା କରେ।

କମଳାଃ ଶୀତ ଋତୁରେ କମଳାକୁ ଏକ ଅତ୍ୟାବଶ୍ୟକ ଫଳ ଭାବରେ ବିବେଚନା କରାଯାଏ। କମଳାରେ ଥିବା ଭିଟାମିନ୍ ସି ଶରୀରକୁ ସଂକ୍ରମଣରୁ ରକ୍ଷା କରେ ଏବଂ ଧଳା ରକ୍ତ କଣିକା ଉତ୍ପାଦନକୁ ବୃଦ୍ଧି କରେ। ପ୍ରତିଦିନ ଗୋଟିଏ କମଳା ଖାଇବା ଦ୍ୱାରା ଥଣ୍ଡା ଏବଂ ଫ୍ଲୁ ଭଳି ଋତୁକାଳୀନ ରୋଗରୁ ରକ୍ଷା ମିଳିଥାଏ ଏବଂ ଶରୀରକୁ ଶକ୍ତିଶାଳୀ ମିଳିଥାଏ।

ମଞ୍ଜି ଜାତୀୟ ଖାଦ୍ୟଃ ମଞ୍ଜି ଜାତୀୟ ଖାଦ୍ୟ ଯେପରିକି ବାଦାମ, ସୂର୍ଯ୍ୟମୁଖୀ ମଞ୍ଜି ଏବଂ କଖାରୁ ମଞ୍ଜିରେ ଜିଙ୍କ, ଓମେଗା-୩ ଫ୍ୟାଟି ଏସିଡ୍ ଏବଂ ଭିଟାମିନ୍ ଏ ଥାଏ । ଯାହା ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିବାରେ ସାହାଯ୍ୟ କରେ। ଏଗୁଡ଼ିକୁ ଆପଣଙ୍କ ଖାଦ୍ୟରେ ସାମିଲ କରିବା ଦ୍ୱାରା ଆପଣଙ୍କ ରୋଗ ପ୍ରତିରୋଧକ ଶକ୍ତି ସୁଦୃଢ଼ ହୋଇପାରିବ।

ଲେମ୍ବୁ ପାଣିଃ ବଦଳୁଥିବା ଋତୁ ସହିତ, ଆପଣ ଆପଣଙ୍କ ଖାଦ୍ୟରେ ଲେମ୍ବୁ ପାଣି ମଧ୍ୟ ସାମିଲ କରିପାରିବେ। ସକାଳେ ଉଷୁମ ଲେମ୍ବୁ ପାଣି ପିଇବା ଶରୀର ପାଇଁ ବହୁତ ଲାଭଦାୟକ ବୋଲି ବିବେଚନା କରାଯାଏ। ଏହା ଶରୀରକୁ ବିଷମୁକ୍ତ କରିଥାଏ ଏବଂ ପାଚନ ଶକ୍ତିକୁ ଉନ୍ନତ କରିଥାଏ। ଲେମ୍ବୁରେ ଥିବା ଭିଟାମିନ୍ ସି ମଧ୍ୟ ସଂକ୍ରମଣକୁ ରୋକିବାରେ ସାହାଯ୍ୟ କରେ ଏବଂ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରେ।

ନିଦ ଅଭାବ ରୋଗ ପ୍ରତିରୋଧକ ଶକ୍ତିକୁ ଦୁର୍ବଳ କରିଦିଏ, ତେଣୁ ବଦଳୁଥିବା ପାଗ ସହିତ ଦୈନିକ ୭ ରୁ ୮ ଘଣ୍ଟା ଶୋଇବା ଉଚିତ। ଯୋଗ ଏବଂ ଧ୍ୟାନ ଅଭ୍ୟାସ କରନ୍ତୁ । ଏହା ଚାପ ରୋଗ ପ୍ରତିରୋଧକ ଶକ୍ତି ଉପରେ ନକାରାତ୍ମକ ପ୍ରଭାବ ପକାଏ । ପ୍ରତିଦିନ ଟିକିଏ ଧ୍ୟାନ ଏବଂ ଯୋଗ କରିବା ଦ୍ୱାରା ମାନସିକ ଏବଂ ଶାରୀରିକ ସ୍ୱାସ୍ଥ୍ୟ ଉଭୟରେ ଉନ୍ନତି ଆସିପାରେ। ପରିବର୍ତ୍ତିତ ପାଗ ସହିତ ମଧ୍ୟ ଦିନସାରା ପାଣି ରହିବାକୁ ଚେଷ୍ଟା କରନ୍ତୁ। ଏହା ବିଷାକ୍ତ ପଦାର୍ଥ ବାହାର କରିବାରେ ସାହାଯ୍ୟ କରେ ଏବଂ ସଂକ୍ରମଣର ଆଶଙ୍କା ହ୍ରାସ କରେ।

# ପ୍ରଥମଥର ଅସ୍ତରଙ୍ଗରେ ଗଡ଼ିବ ମହାପ୍ରଭୁଙ୍କ ରଥ



### ୧୯୯୭ ସ୍ୱପ୍ନ ୨୦୨୬ରେ ସାକାର

### ମା' ମଙ୍ଗଳାଙ୍କ ଆଜ୍ଞାମାଳ ଓ ଭକ୍ତଙ୍କ ଅଶ୍ରୁରେ ସାକାର ହେଲା ପିଢ଼ି ପରେ ପିଢ଼ିର ସ୍ୱପ୍ନ

**କାକଟପୁର/ଅସ୍ତରଙ୍ଗ, ୧୨।୭ (ସଂଚାର ବ୍ୟୁରୋ):** ଏହା କେବଳ କାଠ, ଦଉଡି ଆଉ ରଙ୍ଗର ରଥ ନୁହେଁ। ଏହା ପୁରୀ ଜିଲ୍ଲା ଅସ୍ତରଙ୍ଗର ପ୍ରତିଟି ଘର ପ୍ରାର୍ଥନା, ପ୍ରତିଟି ମାଆର ମନସ୍କାମନା ଆଉ ୨୮ ବର୍ଷ ଧରି ଛାତିରେ ଜମି ରହିଥିବା ଅପେକ୍ଷାର ରଥ। ଚଳିତ ବର୍ଷ ପ୍ରଥମ ଥର ପାଇଁ "ରଥଯାତ୍ରା କମିଟି, ଅସ୍ତରଙ୍ଗ"ର ବ୍ୟବସ୍ଥାପନାରେ ବାଟୁଆ ଗାଦିରୁ ବାହାରି ଅସ୍ତରଙ୍ଗ ବଜାର ପରିକ୍ରମା କରି ଭଗବତୀ ମନ୍ଦିର ପାଖ ଅସ୍ଥାୟୀ ଗୁଣ୍ଡିଚାରେ ପହଞ୍ଚିବ ମହାପ୍ରଭୁ ଶ୍ରୀ ଜଗନ୍ନାଥ, ବଳଭଦ୍ର ଓ ଦେବୀ ସୁଭଦ୍ରା ଆଶୀର୍ବାଦ ରଥ।

ସଭାପତି ଧୃତିବାମନ ଛାଟୋଇ, ସମ୍ପାଦକ କୁଲୁ ଛାଟୋଇ ଓ କୋଷାଧ୍ୟକ୍ଷ ରାକେଶ ମହାନ୍ତିଙ୍କ ସମେତ କମିଟି ସମସ୍ତ ନେତୃତ୍ୱବୃନ୍ଦଙ୍କ ଦାୟିତ୍ୱ ରେ ମୁଖ୍ୟ କାରିଗର ବୃନ୍ଦାବନ ମହାରଣାଙ୍କ ତତ୍ତ୍ୱାବଧାନରେ ୨୧ ଫୁଟ ଉଚ୍ଚ, ୧୬ ଫୁଟ ଚଉଡା, ୮ଟି ଚକ ଓ ୬ଟି ଘୋଡା ବିଶିଷ୍ଟ ଏହି ରଥର ୮୦ପ୍ରତିଶତ କାମ ସରିସାରିଲାଣି।

ରଥଯାତ୍ରା ଦିନ ମଧ୍ୟାହ୍ନ ୧୨ ଘଟିକାରେ ପହଣ୍ଡି ଓ ଅପରାହ୍ନ ୨ ଘଟିକାରେ ରଥଟଣା ହେବ। ପରମ୍ପରା ଅନୁସାରେ ବାମଦେବ ସାହୁ କରିବେ ଛେରା ପହଁରା। ଘରେ ଘରେ ପଡିବ ତୋରଣ, ରାସ୍ତାରେ ରଙ୍ଗୋଲି। ସ୍ଥାନୀୟ ପ୍ରଶାସନ ମଧ୍ୟ ସମ୍ପୂର୍ଣ୍ଣ ସହଯୋଗ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି ।

କମିଟିର ଉପଦେଷ୍ଟା ତଥା ବରିଷ୍ଠ ଶିକ୍ଷାବିତ ରବୀନ୍ଦ୍ର ମହାନ୍ତି କହିଛନ୍ତି "୧୯୯୭ ମସିହା ଥିଲା। ଆମେ କିଛି ଯୁବକ ମିଶି ସଂକଳ୍ପ ନେଲୁ - ଅସ୍ତରଙ୍ଗରେ ରଥ ହେବ। ମା ମଙ୍ଗଳାଙ୍କ ପାଖକୁ ଗଲୁ, ଦଶହରା ଦିନ ଆଜ୍ଞାମାଳ ମାଗିଲୁ। ମା ଆମକୁ ଆଜ୍ଞା ଦେଲେ। ଖୁସିରେ ଝାରିଆ ଓ କନ୍ତ ପହରା ଚିହ୍ନଟ କଲୁ।

କିନ୍ତୁ ୧୯୯୯ ମସିହା ମହାବାତ୍ୟା ସବୁ ଧ୍ୱଂସ କରିଦେଲା। ଆମ ସ୍ୱପ୍ନ ସହ ସେହି ଗଛ ମଧ୍ୟ ଭାଙ୍ଗିଗଲା। ସେଦିନ ଲାଗିଲା ଆମ ଭକ୍ତିରେ କିଛି ତ୍ରୁଟି ରହିଗଲା। ୨୮ବର୍ଷ ଧରି ଛାତିରେ ପଥର ରଖିଲୁ। ପ୍ରତି ବର୍ଷ ରଥଯାତ୍ରା ଦିନ ପୁରୀ ଯାଇ ଠାକୁରଙ୍କୁ ଦେଖି ଆସୁଥିଲୁ ଆଉ ଭାବୁଥିଲୁ - ହେ ପ୍ରଭୁ କେବେ ତୁମେ ଆମ ଗାଁକୁ ଆସିବ?

ଚଳିତ ବର୍ଷ ପୁଣି ଠାକୁର ଡାକିଲେ। କିଛି ଯୁବକ ଆସି ପ୍ରସ୍ତାବ ଦେଲେ । ଆମେ ପୁଣି ଜଗନ୍ନାଥ ଓ ମା ମଙ୍ଗଳାଙ୍କ ପାଖରୁ ଆଜ୍ଞାମାଳ ଆଣିଲୁ। ସେଦିନ ବୁଝିଲୁ ଠାକୁର ଆମକୁ ପରୀକ୍ଷା କରୁଥିଲେ। ଆଜି ବାଟୁଆ ଗାଦି ନିକଟରେ ରଥ ତିଆରି ହେଉଥିବା ଦେଖି ମୋ ଆଖିରୁ ଲୁହ ଅଟକୁ ନାହିଁ। ଲାଗୁଛି ଏହି ୨୮ ବର୍ଷର ପ୍ରାର୍ଥନା ସବୁ ସଫଳ ହେଲା। ଏହା ଆମର ରଥ ନୁହେଁ, ଏହା ମା ମଙ୍ଗଳାଙ୍କ ରଥ। ଏହା ଅସ୍ତରଙ୍ଗର ପ୍ରତି ଘର ରଥ। ଯେଉଁ ଦିନ ରଥ ଗଡିବ ସେଦିନ ମୋର ମନେ ହେବ ଠାକୁର ସତରେ ଆମ ଘରକୁ ପାଦ ଦେଇଛନ୍ତି।

୨୮ବର୍ଷ ପରେ ଆସୁଥିବା ଏହି ରଥଯାତ୍ରା କେବଳ ଏକ ଉତ୍ସବ ନୁହେଁ, ଏହା ହେଉଛି ଅସ୍ତରଙ୍ଗର ବିଶ୍ୱାସର ବିଜୟ। ଆଜି ଅସ୍ତରଙ୍ଗ କେବଳ ଏକ ଗାଁ ନୁହେଁ। ଆଜି ଅସ୍ତରଙ୍ଗ ହେଉଛି ଶ୍ରୀକ୍ଷେତ୍ରର ଏକ ଅଂଶ।

## ବିଜେପିରେ ସାମିଲ ହେଲେ ପୌରାଧ୍ୟକ୍ଷଙ୍କ ସହ ୩ ବିଜେଡି କାଉନସିଲର



**ଯୋଡ଼ା, ୧୨।୭ (ସଂଚାର ବ୍ୟୁରୋ):** ଯୋଡ଼ା ପୌରପାଳିକାର ରାଜନୈତିକ ସମୀକରଣରେ ଏକ ବଡ଼ ପରିବର୍ତ୍ତନ ଦେଖାଦେଇଛି। ଯୋଡ଼ା ପୌରାଧ୍ୟକ୍ଷ ଜଗଦୀଶ ପ୍ରସାଦ ସାହୁଙ୍କ ସମେତ ବିଜୁ ଜନତା ଦଳ (ବିଜେଡି)ର ତିନିଜଣ କାଉନସିଲର ବରୁଣ ଆପଟ, ଲିଳିମଣି ମୁଣ୍ଡା ଓ ଶୁଭମ ନାଏକ ଏବଂ ସ୍ୱାଧୀନ କାଉନସିଲର ପ୍ରମୋଦ ବେହେରା ଆନୁଷ୍ଠାନିକ ଭାବେ ଭାରତୀୟ ଜନତା ପାର୍ଟି (ବିଜେପି)ରେ ସାମିଲ ହୋଇଛନ୍ତି। ଭୁବନେଶ୍ୱରସ୍ଥିତ ବିଜେପି ରାଜ୍ୟ କାର୍ଯ୍ୟାଳୟରେ ଆୟୋଜିତ ଏକ ମିଶ୍ରଣ ପର୍ବରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ରାଜ୍ୟ ସଭାପତି ମନମୋହନ ସାମଲ ଏବଂ ଅନ୍ୟାନ୍ୟ ବରିଷ୍ଠ ନେତୃବୃନ୍ଦଙ୍କ ଉପସ୍ଥିତିରେ ସେମାନେ ବିଜେପିରେ ଯୋଗ ଦେଇଥିଲେ। ନୂତନ ସଦସ୍ୟମାନଙ୍କୁ ଦଳୀୟ ଉତ୍ତରୀୟ ପିନ୍ଧାଇ ସ୍ୱାଗତ କରାଯାଇଥିଲା। ଏହି ଅବସରରେ ବିଜେପି ନେତୃତ୍ୱ କହିଥିଲେ ଯେ, ଯୋଡ଼ା ଅଞ୍ଚଳରେ ଦଳର ସଂଗଠନକୁ ଏହି ଯୋଗଦାନ ଆହୁରି ସୁଦୃଢ଼ କରିବ ଏବଂ ଆଗାମୀ ଦିନରେ ଦଳୀୟ କାର୍ଯ୍ୟକ୍ରମକୁ ନୂଆ ଗତି ମିଳିବ।

## ଗଚ୍ଛିତ ଥିବା ଛଅଶହ ଟ୍ରିପ୍ ବେଆଇନ୍ ମାଟି ଜବତ



**କେନ୍ଦ୍ରାପଡ଼ା,୧୨।୭(ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲା ଆଳି ତହସିଲ୍ ଅଂଚଳରେ ପ୍ରାୟ ଛଅଶହରୁ ଊର୍ଦ୍ଧ୍ୱ ଟ୍ରିପ୍ ମାଟି ଓ ଶହେରୁ ଊର୍ଦ୍ଧ୍ୱ ଟ୍ରିପ୍ ବାଲି ସହ ହାଇୱା ଜବତ କରାଯାଇଛି । କେନ୍ଦ୍ରାପଡା ଜିଲ୍ଲାରେ ବିଭିନ୍ନ ଅଂଚଳରେ ବେଆଇନ୍ ଭାବେ ମାଟି, ବାଲି ଚୋରା ବିକ୍ରି ହେଉଥିବାର ଉପଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ହେବାପରେ ଉପଜିଲ୍ଲାପାଳ ଅରୁଣ କୁମାର ନାୟକଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲାର ବିଭିନ୍ନ ସ୍ଥାନରେ ଚଢାଉ କରାଯାଇ ବେଆଇନ୍ ଭାବରେ ଗଚ୍ଛିତ ଥିବା ବାଲି, ମାଟି ଓ ହାଇୱା ଗାଡିକୁ ଜବତ କରାଯାଇଛି। ଆଳିରେ ଆଳି ତହସିଲଦାର ସୁମନ ଘୋଷଙ୍କ ତତ୍ତ୍ୱାବଧାନରେ ମଧୁବନ, ଜୁଆଣିଆ, ଡିମିରିପାଳ, ଗୋବିନ୍ଦପୁର ପ୍ରଭୃତି ଅଂଚଳରେ ଚଢାଉ କରି ଗଚ୍ଛିତ ଥିବା ୬୭ଟି ମାଟି, ବାଲି ଓ ହାଇୱାକୁ ଜବତ କରାଯାଇଛି । ସେହିପରି ପଟ୍ଟାମୁଣ୍ଡାଇରେ ୩ଟି ବାଲି ବୋଝେଇ ହାଇୱାକୁ ଜବତ କରିଥିବାବେଳେ ଗରଦପୁରଠାରେ ଗଚ୍ଛିତ ଥିବା ବାଲିକୁ ଜବତ କରାଯାଇଥିବା ଉପଜିଲ୍ଲାପାଳ ଶ୍ରୀ ନାୟକ ସୂଚନା ଦେଇଛନ୍ତି ।

# ରାଇଘରରେ ସାମ୍ବାଦିକ ପରିଚୟ ଦେଇ ଚାନ୍ଦା ଆଦାୟ ଅଭିଯୋଗ

### ପ୍ରକୃତ ସାମ୍ବାଦିକଙ୍କ ଛବି ଉପରେ ପଡୁଛି ପ୍ରଭାବ | ପ୍ରଶାସନିକ ତଦନ୍ତ ଦାବି

**ରାଇଘର, ୧୨।୭ (ସଂଚାର ବ୍ୟୁରୋ):** ନବରଙ୍ଗପୁର ଜିଲ୍ଲାର ରାଇଘର ବ୍ଲକରେ କିଛି ବ୍ୟକ୍ତି ସାମ୍ବାଦିକ ପରିଚୟ ଦେଇ ବିଭିନ୍ନ ବ୍ୟବସାୟୀ, ଦୋକାନୀ ଓ ସାଧାରଣ ଲୋକଙ୍କଠାରୁ ଚାନ୍ଦା ଆଦାୟ କରୁଥିବା ନେଇ ଅଭିଯୋଗ ସାମ୍ନାକୁ ଆସିଛି। ଏହି ଅଭିଯୋଗକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ବଢ଼ିଥିବାବେଳେ ସାଧାରଣ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଓ ଚିନ୍ତା ମଧ୍ୟ ପ୍ରକାଶ ପାଉଛି।

ସ୍ଥାନୀୟ ମହଲର କହିବା ଅନୁସାରେ, କିଛି ଅସାମାଜିକ ବ୍ୟକ୍ତି ନିଜକୁ ସାମ୍ବାଦିକ ବୋଲି ପରିଚୟ ଦେଇ ବିଭିନ୍ନ ସ୍ଥାନକୁ ଯାଇ ଲୋକଙ୍କୁ ଭୟଭୀତ କରିବା ସହ ଟଙ୍କା ଦେବା ପାଇଁ ଚାପ ସୃଷ୍ଟି କରୁଥିବା ଅଭିଯୋଗ ହେଉଛି। କେତେକ କ୍ଷେତ୍ରରେ ସେମାନେ ଖବର ପ୍ରକାଶ କରିବାର ଭୟ ଦେଖାଇ ଅର୍ଥ ଆଦାୟ କରିବାକୁ ଚେଷ୍ଟା କରୁଥିବା ନେଇ ମଧ୍ୟ ଚର୍ଚ୍ଚା ହେଉଛି। ତେବେ ଏହି ଅଭିଯୋଗଗୁଡ଼ିକର ସ୍ୱାଧୀନ ଭାବେ ପୁଷ୍ଟି ହୋଇନାହିଁ। ପ୍ରକୃତ ସାମ୍ବାଦିକମାନେ ସମାଜର ସମସ୍ୟାକୁ ଲୋକଲୋଚନକୁ ଆଣିବା ଓ ଜନସାଧାରଣଙ୍କ ସ୍ୱରକୁ ପ୍ରଶାସନ ପର୍ଯ୍ୟନ୍ତ ପହଞ୍ଚାଇବା ପାଇଁ କାମ କରୁଥିବାବେଳେ, କିଛି ଅସାଧୁ ବ୍ୟକ୍ତିଙ୍କ ଏପରି ଆଚରଣ ଯୋଗୁଁ ସମଗ୍ର ସାମ୍ବାଦିକ ସମାଜ ବଦନାମ ହେଉଥିବା ବୋଲି ଅନେକ ପ୍ରକୃତ ସାମ୍ବାଦିକ ମତ ପ୍ରକାଶ କରୁଛନ୍ତି।

ସ୍ଥାନୀୟ ବୁଦ୍ଧିଜୀବୀ ଓ ସାମାଜିକ କର୍ମୀମାନଙ୍କ କହିବା ଅନୁସାରେ, ଯେଉଁ ବ୍ୟକ୍ତି ପ୍ରକୃତରେ କୌଣସି ଗଣମାଧ୍ୟମ ସହିତ ଜଡ଼ିତ ନୁହନ୍ତି, ସେମାନେ ସାମ୍ବାଦିକ ପରିଚୟ ଦେଇ ସମାଜରେ ଭ୍ରମ ସୃଷ୍ଟି କରୁଛନ୍ତି। ସେମାନଙ୍କ ବିରୋଧରେ କଡ଼ା ଆଇନଗତ କାର୍ଯ୍ୟାନୁଷ୍ଠାନ ହେବା ଆବଶ୍ୟକ। ଏପରି ଘଟଣା ଉପରେ ଅଙ୍କୁଶ ନ ଲାଗିଲେ ସାଧାରଣ ଲୋକଙ୍କ ବିଶ୍ୱାସ ଗଣମାଧ୍ୟମ ଉପରୁ କମିଯିବାର ଆଶଙ୍କା ରହିଛି। ଅନେକ ସଚେତନ ନାଗରିକ ପ୍ରଶାସନଙ୍କୁ ଏହି ଘଟଣାର ନିରପେକ୍ଷ ତଦନ୍ତ କରିବା ସହିତ, ପ୍ରକୃତ ଦୋଷୀ ଚିହ୍ନଟ ହେଲେ ସେମାନଙ୍କ ବିରୋଧରେ ଆଇନ ଅନୁଯାୟୀ ଆବଶ୍ୟକ ପଦକ୍ଷେପ ନେବାକୁ ଦାବି କରିଛନ୍ତି।

## ସବୁଜ ହେବ ଭୂତମୁଣ୍ଡାଇ, ନେତାଜୀ ସ୍ପୋର୍ଟ୍ସ କ୍ଲବର ସଂକଳ୍ପ



**ପାରାଦ୍ୱୀପ, ୧୨।୭ (ସଂଚାର ବ୍ୟୁରୋ):** ପରିବେଶ ସବୁଜ ରକ୍ଷା ଏବଂ ସବୁଜ ଗ୍ରାମ ଗଠନ ଉଦ୍ଦେଶ୍ୟରେ ନେତାଜୀ ସ୍ପୋର୍ଟ୍ସ କ୍ଲବ, ଭୂତମୁଣ୍ଡାଇ ପକ୍ଷରୁ ଆଜି ଏକ ବୃହତ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କ୍ଲବର ଯୁବ ସଦସ୍ୟମାନେ ଗାଁର ବିଦ୍ୟାଳୟ ପରିସର, ଗ୍ରାମ୍ୟ ରାସ୍ତା ଦୁଇ ପାର୍ଶ୍ୱରେ ଏବଂ ସାର୍ବଜନୀନ ସ୍ଥାନରେ ମୋଟ ୮୦୦ରୁ ୧୦୦୦ ବୃକ୍ଷ ଚାରାରୋପଣ କରିଥିଲେ। ନିମ୍ବ, ବରଗଛ, ଅଶ୍ୱତ୍ଥ, କୃଷ୍ଣଚୂଡ଼ା ପ୍ରଭୃତି ବିଭିନ୍ନ ପ୍ରଜାତିର ଚାରା ଏଥିରେ ସ୍ଥାନ ପାଇଥିଲା।

ଏହି ଅବସରରେ କ୍ଲବର ସଭାପତି କହିଲେ, "ଖେଳ ସହିତ ସମାଜ ସେବା ଆମର ମୂଳ ମନ୍ତ୍ର। ଜଳବାୟୁ ପରିବର୍ତ୍ତନର ମୁକାବିଲା ପାଇଁ ଗଛ ଲଗାଇବା ସମୟର ଆବଶ୍ୟକତା। ଆମେ ପ୍ରତି ବର୍ଷ ଏହି ଅଭିଯାନ ଜାରି ରଖିବୁ।" ସମ୍ପାଦକ କହିଲେ ଯେ ରୋପଣ କରାଯାଇଥିବା ସମସ୍ତ ଚାରାର ଯତ୍ନ କ୍ଲବ ସଦସ୍ୟ ଏବଂ ଗ୍ରାମବାସୀଙ୍କ ସହଯୋଗରେ ନିଆଯିବ।

### ଏକ୍ସପାୟାର ଖାଦ୍ୟ କାରବାର ଘଟଣା

## ବାପା-ପୁଅକୁ କୋର୍ଟ ଚାଲାଣ



**ବାଲିପାଟଣା, ୧୨।୭ (ସଂଚାର ବ୍ୟୁରୋ):** ବାଲିପାଟଣା ଅଞ୍ଚଳରେ ଦୀର୍ଘ ଦିନ ଧରି ଚାଲିଥିବା ବହୁ ଚର୍ଚ୍ଚିତ ଏକ୍ସପାୟାର୍ଡ ବିସ୍କୁଟ କାରବାର ଘଟଣାରେ ପୁଲିସ ଆଜି ମୁଖ୍ୟ ଅଭିଯୁକ୍ତ କୃଷ୍ଣ ଚନ୍ଦ୍ର ସାହୁ ଏବଂ ତାଙ୍କ ପୁଅ ଲିଙ୍ଗରାଜ ସାହୁଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

ଦୀର୍ଘ ବର୍ଷ ଧରି ଅବଧି ସରିଯାଇଥିବା ଦାମୀ କମ୍ପାନୀର ବିସ୍କୁଟକୁ ପୁନଃ ପ୍ୟାକିଂ କରି ବଜାରରେ ବିକ୍ରି କରୁଥିବା ଏହି ରାକେଟ୍ ସମ୍ପର୍କରେ ସ୍ଥାନୀୟ ଲୋକେ ପୂର୍ବରୁ ସନ୍ଦେହ ପ୍ରକାଶ କରି ଆସୁଥିଲେ। ଗତ ଶନିବାର ସ୍ଥାନୀୟ ବାସିନ୍ଦାଙ୍କ ସତର୍କତା ଯୋଗୁଁ ଏହି ଅବୈଧ କାରବାର ପର୍ଦ୍ଦାଫାଶ ହୋଇଥିଲା। ଏହି ମାମଲାରେ ପୁଲିସ ଭାରତୀୟ ନ୍ୟାୟ ସଂହିତା (ବିଏନ୍ଏସ୍)ର ଧାରା ୩୧୮(୪),୨୭୫/୧୧୮/୩(୫)ସହ ଲିଗାଲ୍ ମାପ ବିଜ୍ଞାନ ଆଇନର ଧାରା ୩୬ ଏବଂ ଖାଦ୍ୟ ସୁରକ୍ଷା ଓ ମାନକ ଆଇନର ଧାରା ୫୦,୫୧,୫୨,୫୯ଓ ୬୩ ଦଫାରେ ମାମଲା ରୁଜୁ କରିଛି। ଏଥିମଧ୍ୟରେ ଅନ୍ତର୍ଭୁକ୍ତ। ତେବେ ୨୦୦୩ ମସିହାରୁ ଏଭଳି ମାରାତ୍ମକ କାରବାର ଚାଲିଥିବା ସତ୍ତ୍ୱେ ଖାଦ୍ୟ ସୁରକ୍ଷା ବିଭାଗର କାହିଁକି ନିଦ ଭାଙ୍ଗିଲାନି, ତାହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଜନଅସନ୍ତୋଷ ପ୍ରକାଶ ପାଇଛି।

## ନୀଳଗିରି ଥାନା ପକ୍ଷରୁ ମାସେ ଭିତରେ ୨୬ ମୋବାଇଲ ଉଦ୍ଧାର




**ନୀଳଗିରି, ୧୨।୭ (ସଂଚାର ବ୍ୟୁରୋ):** ନୀଳଗିରି ଥାନା ପକ୍ଷରୁ ମାସେ ଭିତରେ ୨୬ ମୋବାଇଲ ଉଦ୍ଧାର କରାଯାଇ ଥିବା ବେଳେ ଗତ ଜାନୁୟାରୀ ଠାରୁ ଅଦ୍ୟାବଧି ୭୮ମୋବାଇଲ ହଜିଥିବା ଓ ଚୋରି ହୋଇଥିବା ନେଇ ନୀଳଗିରି ଥାନା ଓ ସାଇବର ଥାନାରେ ଲିଖିତ ଅଭିଯୋଗ ହୋଇଥିଲା। ଏନେଇ ନୀଳଗିରି ଥାନା ଭାରପ୍ରାପ୍ତ ଅଧିକାରୀ ଗୋବର୍ଦ୍ଧନ ନାୟକ, ଏସଆଇ ନଳିନୀପ୍ରଭା ଜେନା, ସିସିଟିଏନଏସରୁ ଖଗେଶ୍ୱର ଜେନା ଓ ଥାନା ଷ୍ଟାଫଙ୍କୁ ନେଇ ଏକ ଟିମ ଗଠନ କରାଯାଇ ତଦନ୍ତ ଜାରି ରହିଥିଲା। ବାଲେଶ୍ୱର ଜିଲ୍ଲା ସୋର ଅଞ୍ଚଳ, ରେମୁଣା ଓ ନୀଳଗିରି, ମୟୂରଭଞ୍ଜ ଜିଲ୍ଲା ଖୁଣ୍ଟା ଅଞ୍ଚଳ ରେ ଉକ୍ତ ମୋବାଇଲ ଥିବା ନେଇ ମୋବାଇଲ ନମ୍ବର ଟ୍ରାକ ଦ୍ୱାରା ଜଣା ପଡିଥିଲା । ତେବେ ଏକ ମାସ ଭିତରେ ୨୬ ଗୋଟି ମୋବାଇଲ ଉଦ୍ଧାର କରିବାରେ ନୀଳଗିରି ଥାନା ସକ୍ଷମ ହୋଇଥିଲା। ଅବଶିଷ୍ଟ ଚୋରି ମୋବାଇଲ ଉଦ୍ଧାର ପାଇଁ ପୁଲିସ ପକ୍ଷରୁ ଅନୁସନ୍ଧାନ ଜାରି ରହିଥିବା ସୂଚନା ମିଳିଛି।

### 'ଦାଦନ ହଟିବ ମୟୂରଭଞ୍ଜ ହସିବ' ପ୍ରସଙ୍ଗ ନେଇ ମଶାଲ ଶୋଭାଯାତ୍ରା

# ଶିମିଳିପାଳ ବଞ୍ଚିଲେ ଆମେ ବଞ୍ଚିବା




**ବାରିପଦା, ୧୨।୭ (ସଂଚାର ବ୍ୟୁରୋ):** ରତ୍ନଗର୍ଭା ଶିମିଳିପାଳର ସମ୍ପୂର୍ଣ୍ଣ ସୁରକ୍ଷା ସହ ପର୍ଯ୍ୟଟନ ଶିଳ୍ପ ଓ ପ୍ରାକୃତିକ ସମ୍ପଦ ମାଧ୍ୟମରେ ମୟୂରଭଞ୍ଜବାସୀଙ୍କୁ ଆତ୍ମନିର୍ଭରଶୀଳ କରିବା ସହିତ ଜିଲ୍ଲାରୁ ଦାଦନ ସମସ୍ୟାର ଦୂରୀକରଣ କରାଯିବା ଲକ୍ଷ୍ୟ ନେଇ ଜିଲ୍ଲାବାସୀଙ୍କ ମଧ୍ୟରେ ଜନସଚେତନତା ସୃଷ୍ଟି କରି ସରକାରଙ୍କ ଅବଗତି ନିମନ୍ତେ "ଶିମିଳିପାଳ ବଞ୍ଚିଲେ ଆମେ ବଞ୍ଚିବା", "ଦାଦନ ହଟିବ ମୟୂରଭଞ୍ଜ ହସିବ" ସ୍ଲୋଗାନ ନେଇ ଭଞ୍ଜସେନା ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନାଙ୍କ ଆହ୍ୱାନ କ୍ରମେ ଗତ ମାସ ଜୁନ୍ ୧୭ ତାରିଖରୁ ଚଳିତ ମାସ ଜୁଲାଇ ୧୨ ତାରିଖ ପର୍ଯ୍ୟନ୍ତ ଜିଲ୍ଲା ତମାମ୍(ସମସ୍ତ ବ୍ଲକ୍/ମ୍ୟୁନିସିପାଲ୍ଟି/ଏନଏସି) ପର୍ଯ୍ୟାୟକ୍ରମେ ଜିଲ୍ଲାର ଏକ ମାତ୍ର ଅଗ୍ରଣୀ ତଥା ଅଣ ରାଜନୈତିକ ସଂଗଠନ ଭଞ୍ଜସେନା ପକ୍ଷରୁ ମୟୂରଭଞ୍ଜ ଜିଲ୍ଲାର ଅଧିଷ୍ଠାତ୍ରୀ ଦେବୀ ଖିଚିଂ ସ୍ଥିତ ମାଆ କିଚକେଶ୍ୱରୀ ଦେବୀ ଙ୍କର ପୀଠରୁ ମଶାଲ ଶୋଭାଯାତ୍ରା ଆରମ୍ଭ ହୋଇ ସାରିଥିବା ସ୍ଥଳେ , ଜିଲ୍ଲାର ସମସ୍ତ ଏରିଆରେ ମଶାଲ ଶୋଭାଯାତ୍ରା ସାରି ଚଳିତ ଜୁଲାଇ ମାସ ୧୨ ତାରିଖ ରବିବାର ଜିଲ୍ଲାର ସଦର ମହକୁମା ବାରିପଦା ଠାରେ ସମାପ୍ତ ହେବାର କାର୍ଯ୍ୟକ୍ରମ ରହିଥିଲା।

ସେହି ପରିପ୍ରେକ୍ଷୀରେ ଆଜି ସନ୍ଧ୍ୟା ସମୟରେ ମା' ଅମ୍ବିକା ମନ୍ଦିରରେ ପୂଜାର୍ଚ୍ଚନା ହୋଇ ଭଞ୍ଜସେନା ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନାଙ୍କର ଉପସ୍ଥିତିରେ ମନ୍ଦିର ସମ୍ମୁଖରୁ ଏକ ବିଶାଳ ମଶାଲ ଶୋଭାଯାତ୍ରା ଜିଲ୍ଲା ସଭାପତି ପିଣ୍ଟୁ ମାଇତିଙ୍କର ତତ୍ତ୍ୱାବଧାନରେ ଆରମ୍ଭ ହୋଇ ବଡ଼ଦାଣ୍ଡ - ଜଗନ୍ନାଥ ମନ୍ଦିର ଅତିକ୍ରମ କରି କେସି ସର୍କଲ ଠାରେ ସମାପ୍ତ ହୋଇଥିଲା ଏବଂ ଏହି ଶୋଭାଯାତ୍ରାରେ ଜିଲ୍ଲାର ପାଖାପାଖି ୫ ହଜାରରୁ ଅଧିକ ଯୁବ,ଛାତ୍ର ଓ ମହିଳା ସଂଗଠକ ସାମିଲ ଥିଲେ ବୋଲି ସଂଗଠନ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

## ହତ୍ୟା ଉଦ୍ୟମ ଘଟଣାରେ ୪ ଅଭିଯୁକ୍ତ ଗିରଫ, ମାରଣାସ୍ତ୍ର ଓ ସ୍କୁଟି ଜବତ



**ଛତ୍ରପୁର, ୧୨।୭ (ସଂଚାର ବ୍ୟୁରୋ):** ବେଗୁନିଆପଡ଼ା ଥାନା ପୁଲିସ ଦିନ ଦ୍ୱିପ୍ରହରରେ ଘଟିଥିବା ଏକ ସମ୍ବେଦନଶୀଳ ହତ୍ୟା ଉଦ୍ୟମ ମାମଲାର ପର୍ଦ୍ଦାଫାଶ କରି ସମସ୍ତ ୪ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ଘଟଣାରେ ବ୍ୟବହୃତ ୪ଟି ଧାରୁଆ ଛୁରୀ, ଏକ ସ୍କୁଟି (ନଂ. ଓଡି-୦୨ଡିଜେ-୬୦୧୯ ଓ ଅନ୍ୟ ଏକ ନମ୍ବରବିହୀନ ସ୍କୁଟିକୁ ପୁଲିସ ଜବତ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ରଞ୍ଜିତ କୁମାର ଗୌଡ଼ ଓରଫ ଗୁଡ୍ଡୁ (୩୦), ଅଜୟ ସେଠୀ ଓରଫ ପେଲୁ (୨୫), ଆକାଶ ପ୍ରଧା (୨୩) ଓ ଆକାଶ ପ୍ରଧାନ (୧୯)। ସମସ୍ତେ ବେଗୁନିଆପଡ଼ା ଅଞ୍ଚଳର ବାସିନ୍ଦା। ପୁଲିସ ସୂଚନା ଅନୁଯାୟୀ, ଗତ ୧୦ ତାରିଖରେ ବେଗୁନିଆପଡ଼ା ବସ୍‌ଷ୍ଟାଣ୍ଡ ନିକଟରେ କୃଷ୍ଣ ପ୍ରଧାନଙ୍କୁ ଚାରି ଅଭିଯୁକ୍ତ ପୂର୍ବ ଯୋଜନା ଅନୁସାରେ ଧାରୁଆ ଛୁରୀରେ ଆକ୍ରମଣ କରି ଗୁରୁତର ଆହତ କରିଥିଲେ। ତାଙ୍କୁ ବ୍ରହ୍ମପୁରସ୍ଥିତ ଏମ୍‌କେସିଜି ମେଡିକାଲ କଲେଜ ଓ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବା ବେଳେ ସେ ବର୍ତ୍ତମାନ ଚିକିତ୍ସାଧୀନ ଅଛନ୍ତି। ମାମଲାର ତଦନ୍ତ କରି ବେଗୁନିଆପଡ଼ା ପୁଲିସ ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ଘଟଣାରେ ବ୍ୟବହୃତ ମାରଣାସ୍ତ୍ର ଓ ଯାନବାହନ ଜବତ କରିଛି। ପରେ ସମସ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।

## ସ୍ତ୍ରୀକୁ କାଠଫାଳିଆରେ ପିଟି ମାରିଦେଲା ସ୍ୱାମୀ

**ନୀଳଗିରି, ୧୨।୭ (ସଂଚାର ବ୍ୟୁରୋ):** ସ୍ତ୍ରୀକୁ କାଠ ଫଳିଆରେ ପିଟି ପିଟି ମାରିଦେଇଛି ନରହନ୍ତା ସ୍ୱାମୀ। ଏଭଳି ଏକ ଅଭାବନୀୟ ଘଟଣା ଘଟିଛି ବାଲେଶ୍ୱର ଜିଲ୍ଲା ନୀଳଗିରି ଥାନା ଅଞ୍ଚଳରେ। ହସ୍ତଗତ ସୂଚନାରୁ ଜଣା ପଡ଼ିଛି ନୀଳଗିରି ଥାନା ତଥା ଅଯୋଧ୍ୟା ଫାଣ୍ଡି ଅଧିନ ଅଯୋଧ୍ୟା ପଞ୍ଚାୟତ ପ୍ରତାପପୁର ଗ୍ରାମର ନର ଓରଫ ରବି ସିଂ (୪୨) ଏବଂ ତାଙ୍କ ସ୍ତ୍ରୀ ସୁମତୀ ସିଂ(୩୮) ଗତ ୧୧ତାରିଖ ଶନିବାର ସନ୍ଧ୍ୟା ପ୍ରାୟ ୬ ଘଟିକା ସମୟରେ ଉଭୟ ନିଶାରେ ଚୁର ଥିଲେ। ପରେ କୌଣସି କାରଣକୁ ନେଇ ଉଭୟଙ୍କ ମଧ୍ୟରେ ବଚସା ହୋଇ ଉଗ୍ରରୂପ ନେଇଥିଲା। ଏଥିରେ ସ୍ୱାମୀ ରବି ହିତାହିତ୍ୟ ଜ୍ଞାନ ଭୁଲିଯାଇ ଏକ କାଠ ଫଳିଆରେ ସ୍ତ୍ରୀ ସୁମତୀକୁ ନିର୍ଘାତ ପିଟିଥିଲା। ତେବେ ଶରୀର ଓ ମୁଣ୍ଡରେ ଶକ୍ତ ଆଘାତ ଫଳରେ ସୁମତୀ ସେହିଠାରେ ସଂଜ୍ଞାହୀନ ହୋଇପଡ଼ିଥିଲେ। ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡୋଶୀଙ୍କ ସହାୟତରେ ୧୦୮ଆମ୍ବୁଲାନ୍ସ ଯୋଗେ ସୁମତୀଙ୍କୁ ପ୍ରଥମେ ନୀଳଗିରି ମେଡିକାଲକୁ ଅଣାଯାଇ ଆଶୁ ଚିକିତ୍ସା କରାଯାଇଥିଲା। ଅବସ୍ଥା ଉଦବେଗଜନକ ଥିବାରୁ ଡାକ୍ତର ତାଙ୍କୁ ରେମୁଣା ସ୍ଥିତ ଫକୀରମୋହନ ମେଡିକାଲ କଲେଜକୁ ପଠାଯାଇଥିଲା। ତେବେ ରାତ୍ରି ପ୍ରାୟ ୯.୩୦ମିନିଟ ସମୟରେ ଏକ ଘରୋଇ ଆମ୍ବୁଲାନ୍ସ ଯୋଗେ ମେଡିକାଲ ଯିବା ରାସ୍ତାରେ ସୁମତୀଙ୍କ ମୃତ୍ୟୁ ହୋଇଥିଲା । ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ନରହନ୍ତା ସ୍ୱାମୀକୁ ଗିରଫ କରିଥିବା ଜଣାପଡିଛି।

## ମା' ବାସନ୍ତୀ ଦୁର୍ଗାଙ୍କ ଜମିରେ ବେଆଇନ ଗୃହ ନିର୍ମାଣ ଉପରେ ରୋକ୍



**ଧାମନଗରରି, ୧୨।୭ (ସଂଚାର ବ୍ୟୁରୋ):** ଧାମନଗର ଏନଏସି ମଧ୍ୟସ୍ଥଳରେ ଥିବା ମା' ବାସନ୍ତୀ ଦୁର୍ଗାଙ୍କ ଜମିକୁ ନେଇ ସୃଷ୍ଟି ହୋଇଥିବା ବିବାଦ ନୂଆ ମୋଡ଼ ନେଇଛି। ବାସନ୍ତୀଦୁର୍ଗା ମନ୍ଦିର ପରିସରରେ ଚାଲିଥିବା ନିର୍ମାଣ କାର୍ଯ୍ୟ ବନ୍ଦ କରିବା ପାଇଁ ଭଦ୍ରକ ଉପ-ଜିଲ୍ଲାପାଳଙ୍କ କୋର୍ଟ ଏକ ଆଦେଶ ପ୍ରଦାନ କରିଛନ୍ତି। ସୂଚନା ଅନୁଯାୟୀ ଧାମନଗର ଏନଏସି ଅନ୍ତର୍ଗତ ଶ୍ୟାମପୁର ମୌଜାର ମା'ବାସନ୍ତୀ ଦୁର୍ଗାଙ୍କ ଜମିରେ ଚାଲିଥିବା ନିର୍ମାଣ କାର୍ଯ୍ୟକୁ ବନ୍ଦ କରିବା ସହ ଉକ୍ତ ସ୍ଥାନରେ ଶାନ୍ତି ଶୃଙ୍ଖଳା ବଜାୟ ରଖିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

ପ୍ରକାଶ ଥାଉକି ଧାମନଗର ସ୍ଥିତ ଶ୍ୟାମପୁର ମୌଜାର ଖାତା ନଂ ୯୮୪, ପ୍ଲଟ ନଂ ୨୬୮୨(ଏ ୦.୧୦ ଡେସିମିଲ) ଜମି ବାସନ୍ତୀ ଦୁର୍ଗା ଠାକୁରାଣୀ ବିଜେ ନିଜଗାଁ ନାମରେ ରହିଛି। ଏହି ଜମିରେ ବେଆଇନ ଭାବେ ନିର୍ମାଣ କାର୍ଯ୍ୟ ହେଉଥିବାରୁ ଉକ୍ତ ଜମିର ମାର୍ଫତଦାର ଉପଜିଲ୍ଲାପାଳଙ୍କ କୋର୍ଟରେ ଅଭିଯୋଗ କରିଥିଲେ। ତହସିଲଦାର ଏବଂ ଧାମନଗର ପୋଲିସର ତଦନ୍ତ ରିପୋର୍ଟକୁ ଭିତ୍ତି କରି ଭଦ୍ରକ ଉପ-ଜିଲ୍ଲାପାଳ ବିଏନଏସ -୨୦୨୩ର ଧାରା ୧୬୪ ଅନୁଯାୟୀ ଏହି ମାମଲାର ଶୁଣାଣି କରିଛନ୍ତି।ଉକ୍ତ ଜମିରେ ଚାଲିଥିବା ନିର୍ମାଣ କାର୍ଯ୍ୟକୁ ତୁରନ୍ତ ବନ୍ଦ କରିବା ପାଇଁ ଧାମନଗର ଆଇଆଇସିଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ପରବର୍ତ୍ତୀ ଆଦେଶ ପର୍ଯ୍ୟନ୍ତ ବିବାଦୀୟ ଜମିର ସ୍ଥିତିରେ କୌଣସି ପରିବର୍ତ୍ତନ କିମ୍ବା କ୍ଷତି କରିବାକୁ ଅପର ପକ୍ଷଙ୍କୁ ବାରଣ କରାଯାଇଛି। ଉକ୍ତ ନିର୍ଦ୍ଦେଶକୁ ଅପରପକ୍ଷ ନମାନି ଜୋର ଜବରଦସ୍ତ ଗୃହ କାର୍ଯ୍ୟ କରୁଥିବା ବେଳେ ଆଇଆଇସିଙ୍କ ନିର୍ଦ୍ଦେଶ କ୍ରମେ ଏସଆଇ ନାରାୟଣ ନାୟକ ସଦଳେବଳ ଘଟଣା ସ୍ଥଳରେ ପହଞ୍ଚି ନିର୍ମାଣ କାର୍ଯ୍ୟ ବନ୍ଦ କରିବା ସହ ଅନିରୁଦ୍ଧ ସାହୁଙ୍କୁ କୋର୍ଟ ନିର୍ଦ୍ଦେଶକୁ ସମ୍ମାନ ଜଣାଇ ଉକ୍ତ ଅଞ୍ଚଳରେ ଯେପରି କୌଣସି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ନହୁଏ ସେଥିପାଇଁ ଉଭୟଙ୍କୁ ତାଗିଦ କରିଛନ୍ତି।

### ଭାରତ ପେଟ୍ରୋଲିୟମର

## ଜନକଲ୍ୟାଣ କାର୍ଯ୍ୟକ୍ରମ

**କେନ୍ଦ୍ରାପଡ଼ା, ୧୨।୭ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ସହରରେ ଭାରତ ପେଟ୍ରୋଲିୟମ ପକ୍ଷରୁ କେତେକ ଜନକଲ୍ୟାଣ କାର୍ଯ୍ୟକ୍ରମ ପୂର୍ବତନ ବିଧାୟିକା ଡ. ସିପ୍ରା ମଲ୍ଲିକଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଯାଇଛି। ସଂପ୍ରତି ଚାଲୁ ରହିଥିବା ସ୍ୱଚ୍ଛତା କେନ୍ଦ୍ରାପଡା ସହରରେ ଭାରତ ପେଟ୍ରୋଲିୟମ ଏବଂ ଏହାର କେନ୍ଦ୍ରାପଡାସ୍ଥିତ ସମସ୍ତ ଭାରତ ପେଟ୍ରୋଲ ପମ୍ପର କର୍ମଚାରୀମାନଙ୍କ ଦ୍ୱାରା ଶ୍ରୀ ଶ୍ରୀ ବଳଦେବଜୀଉଙ୍କ ରଥଦାଣ୍ଡରେ ଏକ ସ୍ୱଚ୍ଛତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ କେନ୍ଦ୍ରାପଡାର ଜଗନ୍ନାଥ ଫିଲିଂଷ୍ଟେସନ, ଜୟଶ୍ରୀ ଫିଲିଂଷ୍ଟେସନ, ବିଜୟ ସର୍ଭିସଷ୍ଟେସନ, ଚଉଦକୁଳାଟର ଜୟ ଜଗନ୍ନାଥ ପେଟ୍ରୋଲପମ୍ପ, ପଟ୍ଟାମୁଣ୍ଡାଇର ସନ୍ତୋଷୀ ଫିଲିଂଷ୍ଟେସନ, ଚାନ୍ଦୋଳର ରୁଦ୍ରାଣୀ ଫିଲିଂଷ୍ଟେସନ ପ୍ରମୁଖର ସମସ୍ତ କର୍ମଚାରୀମାନେ ମିଶି ଶ୍ରୀବଳଦେବଜୀଉଙ୍କ ବଡଦାଣ୍ଡକୁ ସଫେଇ କରିବା ସହିତ ଜନସାଧାରଣଙ୍କୁ ଏଦିଗରେ ସଚେତନ କରାଇଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ରଘୁରାମ ଆର. ଆୟର ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ ।



## ସିଭିଲ ସୋସାଇଟିର ବାର୍ଷିକ ଅଧିବେଶନ



**ବେତନଟୀ, ୧୨।୭ (ସଂଚାର ବ୍ୟୁରୋ):** ବେତନଟୀର ଅଗ୍ରଗାମୀ ସମାଜସେବା ଅନୁଷ୍ଠାନ ସିଭିଲ ସୋସାଇଟି ୧୦ ବର୍ଷ ପୂରଣ ଅବକାଶରେ ବାର୍ଷିକ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି । ସଭାରେ ବିଭିନ୍ନ ଉନ୍ନୟନ ମୂଳକ ବିଗତ ଦିନର ଓ ଆଗାମୀ କାର୍ଯ୍ୟକ୍ରମ ସମ୍ବନ୍ଧରେ ବିସ୍ତୃତ ଆଲୋଚନା ସହ ପ୍ରସ୍ତାବ ଗ୍ରହଣ କରାଯାଇଛି । ସ୍ଥାନୀୟ ରେଳ ଷ୍ଟେସନ ନିକଟରେ ସଭାପତି ହରିଶ ଚନ୍ଦ୍ର ନନ୍ଦ ଗୋସ୍ୱାମୀ ସଭାରେ ଅଧ୍ୟକ୍ଷତା କରିଥିଲେ । ସାଧାରଣ ସଂପାଦକ ସଚ୍ଚିଦାନନ୍ଦ ମହାନ୍ତି ପୂର୍ବବୈଠକର ବିବରଣୀ ପାଠ ଓ ବିଭିନ୍ନ ପ୍ରସ୍ତାବମାନ ଆଗତ କରିଥିଲେ । ତନ୍ମଧ୍ୟରେ ଥାନା, ବ୍ଲକ୍, ତହସିଲ, ପୂର୍ତ୍ତ ବିଭାଗ ଭଳି ବିଭିନ୍ନ ଦପ୍ତରରେ କାର୍ଯ୍ୟ ନିମନ୍ତେ ସବ୍-କମିଟି ମାନ ଗଠନ କରାଯାଇଥିଲା । ଆୟବ୍ୟୟ ସମୀକ୍ଷା ସହ ନୂତନ ସଦସ୍ୟଗଣଙ୍କୁ ସ୍ୱାଗତ କରାଯାଇଥିଲା । ଗତବର୍ଷ ଠାରୁ ଏ ଯାବତ୍ ନୂତନ ସଦସ୍ୟ, ସଦସ୍ୟାଗଣଙ୍କୁ ଥାନା ମାଧ୍ୟମରେ ପରିଚୟ ପତ୍ର ବଣ୍ଟନର ନିଷ୍ପତ୍ତି ନିଆଗଲା । ଜନୈକ ଇନସୁରାନ୍ସ ଅଧିକାରୀ ସୁଧାଂଶୁ ଶେଖର ଜେନା ଓ ସୋନାଲୀ ଜେନା ସଭାରେ ଯୋଗ ଦେଇ ସମସ୍ତଙ୍କୁ ବିଭିନ୍ନ ବୀମା ଓ ଉପକାରୀତା ସମ୍ବନ୍ଧରେ ଉପସ୍ଥିତ ସଭ୍ୟମାନଙ୍କୁ ତାଲିମ ପ୍ରଦାନ କରିଥିଲେ । ବର୍ଷାଦିନ ପୂର୍ବରୁ ବେତନଟୀରେ ଡ୍ରେନ ସଫା ନ ହେବା, ଗତ ଅପ୍ରେଲ ୨୪ ତାରିଖ ସଂଘର ଧାରଣା ସ୍ଥଳରେ ଉପସ୍ଥିତ ରହି ବେତନଟୀ ଥାନା ଅଧିକାରୀ ଓ ବିଡିଓଙ୍କ ଦ୍ୱାରା ପ୍ରଦତ୍ତ ପ୍ରତିଶ୍ରୁତି ସତ୍ତ୍ୱେ ଚଣ୍ଡୀ ଛକରେ ସିସିଟିଭି ନ ଲାଗିବା ଏବଂ ହାଇମାଷ୍ଟ ଲାଇଟ୍ ସଜଡା ଯାଇ ନ ଥିବାରୁ ଅଗଷ୍ଟ ୧୫ ତାରିଖ ପରେ ଆବଶ୍ୟକ ହେଲେ, ପୁନଃ ଆନ୍ଦୋଳନର ନିଷ୍ପତ୍ତି ଗ୍ରହଣ କରାଯାଇଥିଲା ।

# ଚାରାରୋପଣ କାର୍ଯ୍ୟକ୍ରମରେ ଯୋଗଦେଲେ ଜିଲ୍ଲାପାଳ



**ପଟ୍ଟାମୁଣ୍ଡାଇ, ୧୨।୭ (ସଂଚାର ବ୍ୟୁରୋ):** ପଟ୍ଟାମୁଣ୍ଡାଇ ବ୍ଲକ ବଡମୋହନପୁର ପଂଚାୟତ ଅନ୍ତର୍ଗତ ନୀଳକଣ୍ଠପୁର ଗ୍ରାମରେ ତ୍ରିଭୁବନ ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ପରିବେଶ ସୁରକ୍ଷା ପାଇଁ ବ୍ୟାପକ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆଡ଼ଭୋକେଟ ରମଣୀ ରଞ୍ଜନ ରାଉତରାୟଙ୍କ ପୌରହିତ୍ୟରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ କେନ୍ଦ୍ରାପଡ଼ା ଜିଲ୍ଲାପାଳ ରଘୁରାମ ଆର ଆୟାର ମୁଖ୍ୟଅତିଥି ଭାବେ ଯୋଗ ଦେଇ କାର୍ଯ୍ୟକ୍ରମ ଉଦଘାଟନ କରିବା ସହିତ ପରିବେଶ ସୁରକ୍ଷା ପାଇଁ ବ୍ୟାପକ ବୃକ୍ଷରୋପଣ ଉପରେ ଗୁରୁତ୍ୱାରୋପ କରିଥିଲେ ।

ପଟ୍ଟାମୁଣ୍ଡାଇ ବ୍ଲକ ଉଦ୍ୟାନ ବିଭାଗ ଅଧିକାରୀ ସୌମ୍ୟ ରଞ୍ଜନ ସେଠୀ ମୁଖ୍ୟବକ୍ତା, ବରିଷ୍ଠ ଆଇନଜୀବୀ ସଞ୍ଜୟ କୁମାର ଜେନା,ନେଚର କ୍ଲବ ସମ୍ପାଦକ ବିରଜା ପତି ଜିଲ୍ଲା ଇକୋ କ୍ଲବ ସଂଯୋଜକ ଗୋପୀ ନାଥ ଦାଶ, ବଡ଼ମୋହନପୁର ସରପଞ୍ଚ ଯଶୋମତି ରାଉତ, ସାନଜରିଆ ସରପଞ୍ଚ ନିରାକାର ନାୟକ, ସମାଜସେବୀ ଧୀରେନ୍ଦ୍ର କୁମାର ଦାସ, ସମାଜସେବୀ ସତ୍ୟବ୍ରତ ସିଂହ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ବୃକ୍ଷର ଉପକାରିତା ବିଷୟରେ ଆଲୋକପାତ କରିଥିଲେ । ତ୍ରିଭୁବନ ସମ୍ପାଦକ କୁମର ବାଇ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ ।

## ଦୁଇ ବର୍ଷ ବିତିଲା, ପଞ୍ଚାୟତ ପୋଖରୀରୁ ହଟିଲାନି ଜବରଦଖଲ

**ମହାକାଳପଡ଼ା, ୧୨।୭ (ସଂଚାର ବ୍ୟୁରୋ):** ମହାକାଳପଡ଼ା ବ୍ଲକ ଅନ୍ତର୍ଗତ ବାରଡ଼ାଙ୍ଗ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ପଛପଟେ ଥିବା ପୋଖରୀକୁ ବ୍ଲକ ପ୍ରଶାସନ ପକ୍ଷରୁ ନିଲାମ କରାଯାଇଥିଲା। ଏହି ନିଲାମରେ ଲକ୍ଷ୍ମୀ ନାରାୟଣ ସ୍ୱୟଂ ସହାୟକ ଗୋଷ୍ଠୀ ସର୍ବାଧିକ ଡାକ ଦେଇ ପୋଖରୀର ନିଲାମ ଅଧିକାର ପାଇଥିଲେ। ହେଲେ ସେହି ପୋଖରୀରେ କେତେକ ବ୍ୟକ୍ତି ଜବରଦଖଲ କରିଥିବା ନେଇ ମହିଳାମାନେ ପ୍ରଶାସନିକ ଅଧିକାରୀ ଙ୍କୁ ଅବଗତ କରାଇଥିଲେ। ସେତେବେଳେ ସମ୍ପୃକ୍ତ ଅଧିକାରୀ ପଞ୍ଚାୟତ ପକ୍ଷରୁ ପୋଖରୀକୁ ସଫା କରି ମାପଚୁପ କରାଯାଇ ଗୋଷ୍ଠୀକୁ ହସ୍ତାନ୍ତର କରାଯିବ ବୋଲି ଆଶ୍ୱାସନ ଦେଇଥିଲେ। ହେଲେ ଦୁଇ ବର୍ଷ ବିତିଯାଇଥିଲେ ମଧ୍ୟ ପୋଖରୀ ସଫା କିମ୍ବା ଖନନ କାମ ହୋଇନଥିବାରୁ ଗୋଷ୍ଠୀର ମହିଳାମାନେ ମାଛ ଚାଷ କିମ୍ବା ଅନ୍ୟ କୌଣସି ଆୟ ମୂଳକ କାର୍ଯ୍ୟ ଆରମ୍ଭ କରିପାରିନଥିବା କହିଛନ୍ତି। ଏହାଫଳରେ ସେମାନେ ଆର୍ଥିକ କ୍ଷତି ସହିଥିବା ମଧ୍ୟ ଅଭିଯୋଗ କରିଛନ୍ତି। ଏନେଇ ସରପଞ୍ଚଙ୍କ ଠାରୁ ଆରମ୍ଭ କରି ବ୍ଲକର କନିଷ୍ଠ ଯନ୍ତ୍ରୀଙ୍କ ପର୍ଯ୍ୟନ୍ତ ବାରମ୍ବାର ଅଭିଯୋଗ କରାଯାଇଥିଲେ ମଧ୍ୟ କୌଣସି ସ୍ଥାୟୀ ସମାଧାନ ହୋଇନଥିବା ମହିଳାମାନେ କହିଛନ୍ତି।